ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୭/୨୦୨୦ (୧୬ ପୃଷ୍ଠା) | Bhubaneswar, Thursday, December 17/2020 | ★★★★★★
୪୭ଶ ଭାଗ ୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**ବିବାହ ବନ୍ଧନରେ ମନପ୍ରୀତ**
ବାନ୍ଧବୀ ଇଲି ସିଦ୍ଦିକିଙ୍କ ସହ ବୁଧବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ଭାରତୀୟ ହକି ଦଳର ଅଧିନାୟକ ମନପ୍ରୀତ ସିଂ। ୧୬

୧୪ **ଚର୍ଚ୍ଚାରେ ଈଶାଙ୍କ ବାଥ୍‌ରୁମ୍ ସେଲ୍‌ଫି**
ବଲିଉଡ୍ ଅଭିନେତ୍ରୀ ଈଶା ଗୁପ୍ତା ବାଥ୍‌ରୁମ୍‌ରେ ଥିବା ଏକ ମିରର୍ ସାମ୍ନାରେ ଗ୍ଲାମର୍ସ ଅନ୍ଦାଜ୍‌ରେ ସେଲ୍‌ଫି ଉଠାଇ ଶେୟାର କରିଛନ୍ତି।



# ଏସ୍‌ଆଇଟି ଦାଖଲ କଲା ଷ୍ଟାଟସ୍ ରିପୋର୍ଟ

**ପରୀ ହତ୍ୟା ମାମଲା**
ବଳାତ୍କାର ପରେ ହତ୍ୟା ଚର୍ଚ୍ଚା

କଟକ/ନୟାଗଡ଼ ଅଫିସ,୧୬।୧୨

ନୟାଗଡ଼ର ୫ବର୍ଷୀୟ ଶିଶୁକନ୍ୟା ପରୀ ଅପହରଣ ଓ ହତ୍ୟା ଘଟଣାରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍‌ଆଇଟି) ବୁଧବାର ହାଇକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛି। ଆଇପିଏସ୍ ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ଗଠିତ ଏସ୍‌ଆଇଟି ଏକ ବନ୍ଦ ଲଫାପାରେ ତଦନ୍ତ ରିପୋର୍ଟ ଦାଖଲ କରିଛନ୍ତି। ଉକ୍ତ ରିପୋର୍ଟରେ ପରୀକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଏବଂ ଏହାର ଅଭିଯୁକ୍ତ ନୟାଗଡ଼ ଜିଲା ଯଦୁପୁର ଗ୍ରାମର ବୋଲି ଏସ୍‌ଆଇଟି ଉଲ୍ଲେଖ କରିଥିବା ଅସମର୍ଥିତ ସୂତ୍ରରୁ ଜଣାପଡିଛି। ଏଥିସହ ଘଟଣାର ତଦନ୍ତ ଚାଲିଛି ଓ ତଦନ୍ତ ଶେଷ ହେବାକୁ ଅଧିକ ସମୟ ଦରକାର ବୋଲି ଏସ୍‌ଆଇଟି ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ପରୀ ହତ୍ୟାକାଣ୍ଡର ତଦନ୍ତ ତ୍ୱରାନ୍ୱିତ ହେଉ ନ ଥିବାରୁ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତଦନ୍ତକୁ ତ୍ୱରାନ୍ୱିତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବୁଧବାର ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ଓ ଡକ୍ଟର ଜଷ୍ଟିସ ବି. ଆର. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୪ରେ ହେବ।

ସୂଚନାଯୋଗ୍ୟ, ପରୀ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି କରି ହାଇକୋର୍ଟରେ ୨ଟି ଜନସ୍ୱାର୍ଥ ମାମଲା ☞ପୃଷ୍ଠା-୪

# ବର୍ଷକୁ ୪ଥର ଜେଇଇ ମେନ୍

ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

- ଆସନ୍ତା ବର୍ଷ ଫେବୃୟାରୀ ୨୩ରୁ ପରୀକ୍ଷା
- ୪ ପର୍ଯ୍ୟାୟ ପାଇଁ ଫି’ ଦାଖଲ ହେବ
- ଓଡ଼ିଆ ସମେତ ୧୩ ଭାଷାରେ ପରୀକ୍ଷା

ଇଞ୍ଜିନିୟରିଂ କଲେଜରେ ନାମଲେଖା ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ ମେନ୍-୨୦୨୧ କାର୍ଯ୍ୟସୂଚୀ ବୁଧବାର ଘୋଷଣା କରାଯାଇଛି। ଏଥିସହ ଆସନ୍ତା ବର୍ଷଠାରୁ ବର୍ଷକୁ ୪ଥର ଜେଇଇ ମେନ୍ ପରୀକ୍ଷା ଅନୁଷ୍ଠିତ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ସୂଚନା ଦେଇଛନ୍ତି। ପ୍ରତିବର୍ଷ ଫେବୃୟାରୀ, ମାର୍ଚ୍ଚ, ଏପ୍ରିଲ ଓ ମେ’ରେ ଜେଇଇ ମେନ୍ ଅନୁଷ୍ଠିତ ହେବ। ତେବେ ୨୦୨୧ରେ ହେବାକୁ ଥିବା ପ୍ରଥମ ପରୀକ୍ଷା ଫେବୃୟାରୀ ୨୩ରୁ ୨୬ ମଧ୍ୟରେ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ମାର୍ଚ୍ଚ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପଙ୍ଗପାଳ ବିପତ୍ତି ଓ ପ୍ରତିକାର

# କାଠଗଡ଼ାରେ ପିଏମ୍ କେୟାର୍ସ




PM CARES
Prime Minister's Citizen Assistance and Relief in Emergency Situations Fund

ପ୍ରାଇମ୍ ମିନିଷ୍ଟର୍ସ ସିଟିଜେନ୍ ଆସିଷ୍ଟାନ୍ସ ଆଣ୍ଡ ରିଲିଫ୍ ଫଣ୍ଡ ଇନ୍ ଏମର୍ଜେନ୍ସି ସିଚ୍ୟୁଏଶନ୍ସ ବା ଜରୁରୀ ସମୟରେ ପ୍ରଧାନମନ୍ତ୍ରୀଙ୍କ ନାଗରିକ ସହାୟତା ଓ ଉପଶମ ପାଣ୍ଠିକୁ ସଂକ୍ଷେପରେ ପିଏମ୍-କେୟାର୍ସ ଫଣ୍ଡ କୁହାଯାଏ। କୋଭିଡ୍-୧୯ ମହାମାରୀ ଭାରତକୁ ଆସିବା ପରେ ୨୦୨୦ ମାର୍ଚ୍ଚ ୨୮ରେ ଏହି ପାଣ୍ଠି ଗଠନ କରାଯାଇଥିଲା। କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ପିଏମ୍ କେୟାର୍ସ ଫଣ୍ଡ ଅର୍ଥ ବିନିଯୋଗ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଥିଲା। ତେବେ ଉକ୍ତ ପାଣ୍ଠିକୁ ଅର୍ଥ ଦାନ କରୁଥିବା ବ୍ୟକ୍ତି, କମ୍ପାନୀ ବା ସଂସ୍ଥାଗୁଡ଼ିକର ନାମ ପ୍ରକାଶ କରାଯାଉ ନାହିଁ। ଏପରି କି ଏହାର ହିସାବ ମଧ୍ୟ ବେସରକାରୀ ଭାବେ ଅଡିଟ୍ ବା ସମୀକ୍ଷା କରାଯିବା ନେଇ ବ୍ୟବସ୍ଥା ରହିଛି। ଏଥିଯୋଗୁ ପିଏମ୍-କେୟାର୍ସ ଫଣ୍ଡକୁ ଅର୍ଥ ଆଗମନ ଓ ତାକୁ ଖର୍ଚ୍ଚ କରିବାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ବୋଲି ସମାଲୋଚନା କରାଯାଇଥାଏ। ଅନ୍ୟପକ୍ଷେ କେନ୍ଦ୍ର ସରକାରଙ୍କ ଯୁକ୍ତି ହେଉଛି, ଏହା ଏକ ସରକାରୀ କର୍ତ୍ତୃପକ୍ଷ ନୁହେଁ। ତେଣୁ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ, ୨୦୦୫ ଅଧୀନରେ ପିଏମ୍-କେୟାର୍ସ ଆସୁନାହିଁ। ଏପରି ବାହାନା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଗଠିତ ଏହି ପାଣ୍ଠି ସମ୍ପର୍କରେ ତଥ୍ୟ ଦିଆଯାଉ ନ ଥିବାରୁ ବିରୋଧୀ ଦଳଗୁଡ଼ିକ ପିଏମ୍-କେୟାର୍ସକୁ ପ୍ରଶ୍ନ ଓ ସନ୍ଦେହର କାଠଗଡ଼ାରେ ଛିଡ଼ାକରାଇଛନ୍ତି। ସୁପ୍ରିମକୋର୍ଟ ସମେତ ବିଭିନ୍ନ ରାଜ୍ୟର ହାଇକୋର୍ଟଗୁଡ଼ିକରେ ଏହାର ସାମ୍ବିଧାନିକ ବୈଧତାକୁ ମଧ୍ୟ ଚ୍ୟାଲେଞ୍ଜ କରାଯାଇଛି। ଏଭଳି ସମୟରେ ଯେଉଁ ଦଲିଲ ବଳରେ ଟ୍ରଷ୍ଟ ଗଠନ କରାଯାଇଥିଲା, ସେନେଇ କେତେକ ତଥ୍ୟ ପଦାକୁ ଆସିଛି। ଉକ୍ତ ପାଣ୍ଠି ଉପରେ କେନ୍ଦ୍ର ଅଥବା କୌଣସି ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ ନାହିଁ ବୋଲି ଟ୍ରଷ୍ଟ ଡିଡ୍ ସ୍ପଷ୍ଟ କରିଛି।

- ଏହି ଫଣ୍ଡ ସରକାରୀ ନା ଘରୋଇ କେନ୍ଦ୍ରକୁ ଜଣାନାହିଁ
- ୧୬ ପୃଷ୍ଠା ସମ୍ବଳିତ ଟ୍ରଷ୍ଟ ଦଲିଲରୁ ପ୍ରଘଟ ହେଲା ତଥ୍ୟ

- ମାର୍ଚ୍ଚ ୨୭ରେ ପିଏମ୍-କେୟାର୍ସ ଫଣ୍ଡର ଟ୍ରଷ୍ଟ ପଞ୍ଜୀକରଣ କରାଯାଇଥିଲା। ଟ୍ରଷ୍ଟ ଡିଡ୍‌ରେ ଏହା ସରକାରଙ୍କ ଦ୍ୱାରା ପରିଚାଳିତ ପାଣ୍ଠି ନୁହେଁ ବୋଲି ଉଲ୍ଲେଖ ରହିଛି।
- ମାର୍ଚ୍ଚ ୨୮ରେ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଅଫିସ ମେମୋରେଣ୍ଡମ୍ ଜାରି କରିଥିଲା। ସେଥିରେ ପିଏମ୍-କେୟାର୍ସ ଫଣ୍ଡକୁ ସରକାର ଗଠନ କରିଥିବା ଏକ ପାଣ୍ଠି ଦର୍ଶାଯାଇଥିଲା।
- ବିବାଦ ଉଠିବା ପରେ ଏହି ପାଣ୍ଠି କମ୍ପାନୀ ଆଇନ ଦ୍ୱାରା ପରିଚାଳିତ ବୋଲି ମେ ୨୬ରେ ମନ୍ତ୍ରଣାଳୟ ପିଛିଲା ଭାବେ ଯୋଡ଼ିଛି।



5.3 All such Contributions shall be treated as forming part of the Trust Corpus or the Trust Income, as the case may be, being the subject matter of this Trust and shall, subject as aforesaid, be held by the Trustees upon the trusts with and subject to the same powers, provisions, agreements and declarations as those contained in this Deed and be applied accordingly in accordance with the applicable laws.

This trust is established only for the charitable purposes incorporated in these presents and for the noble causes enumerated herein. This Trust is not created by or under the Constitution of India or by any law made by the Parliament or by any State Legislature. This Trust is neither intended to be or is in fact owned, controlled or substantially financed by any Government or any instrumentality of the Government. There is no control of either the Central Government or any State Government/s, either direct or indirect, in functioning of the Trust in any manner whatsoever. The composition of the Board of Trustees consisting of holders of public office *ex officio* is merely for administrative convenience and for smooth succession to the trusteeship and is neither intended to be nor in fact result into any governmental control in the functioning of the Trust in any manner whatsoever.

The contributions made to the objects of the Trust as stipulated hereinabove or otherwise shall be accepted, held and applied by the Trust respecting the fiduciary relationship between the person/s or entity/ies making contributions and the Trust and the Trust shall fully respect and will not allow any invasion of the privacy of the contributor/s by divulging their names, addresses and/or other details and the details regarding their contributions to anyone except to the tax authorities while making the full and true disclosures which will be made to the tax authorities as and when required by such authorities or required under the relevant taxing statute.

- ଚିଦାମ୍ବରମଙ୍କ ପ୍ରଶ୍ନ ହେଉଛି, ଯଦି ସରକାରୀ ପାଣ୍ଠି ନୁହେଁ, ପ୍ରଧାନମନ୍ତ୍ରୀ କାହିଁକି ଟ୍ରଷ୍ଟର ଅଧ୍ୟକ୍ଷ ହୋଇଛନ୍ତି? ୩ ବରିଷ୍ଠ ମନ୍ତ୍ରୀଙ୍କୁ ଟ୍ରଷ୍ଟି ଭାବେ କିଏ ନିଯୁକ୍ତି ଦେଲା? ଯଦି ଘରୋଇ ପାଣ୍ଠି, ତେବେ କମ୍ପାନୀଗୁଡ଼ିକର ଦାନକୁ ସିଏସ୍‌ଆର୍ ଭାବେ କାହିଁକି ହିସାବକୁ ନିଆଯାଉଛି?

ନୂଆଦିଲ୍ଲୀ,୧୬।୧୨

କରୋନା ମୁକାବିଲା ଓ ଏଭଳି ମହାମାରୀ ସ୍ଥିତିରେ ସଙ୍କଟରୁ ମୁକ୍ତି ପାଇଁ ଗଠିତ ତଥା କର୍ପୋରେଟ୍ ଦାନରେ ପରିଚାଳିତ ପିଏମ୍-କେୟାର୍ସ ଫଣ୍ଡ ପ୍ରକୃତରେ ସରକାରୀ ନା ଘରୋଇ ପାଣ୍ଠି? ଏହି ପ୍ରଶ୍ନକୁ ନେଇ ବିତର୍କ ଜାରି ରହିଥିବାବେଳେ ଉକ୍ତ ପାଣ୍ଠିର ସ୍ୱଚ୍ଛତା ଓ କାର୍ଯ୍ୟକାରିତାକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଉଛନ୍ତି। ଯଦି ଏହା ସରକାରୀ ନୁହେଁ, ତେବେ ଏଥିରେ ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟର ୩ ବରିଷ୍ଠ ମନ୍ତ୍ରୀଙ୍କୁ କାହିଁକି ରଖାଯାଇଛି ବୋଲି ଅନେକେ ପ୍ରଶ୍ନ କରନ୍ତି। ଏହାକୁ ନେଇ ବିବାଦ ଥମୁ ନ ଥିବାବେଳେ କେତେକ ଜାତୀୟ ଗଣମାଧ୍ୟମ ସଂସ୍ଥା ଏହା ଉପରେ ପ୍ରଶ୍ନଚିହ୍ନ ଲଗାଇଛନ୍ତି। ଟ୍ରଷ୍ଟ ଦସ୍ତାବିଜର ଏକ ଧାରାରେ ପିଏମ୍ କେୟାର୍ସର ଘରୋଇ ଅସ୍ତିତ୍ୱ ସମ୍ପର୍କରେ ଉଲ୍ଲେଖ କରାଯାଇଥିବାବେଳେ ଏହାକୁ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ, ୨୦୦୫ ଉର୍ଦ୍ଧ୍ୱରେ କାହିଁକି ରଖାଯାଇଛି ବୋଲି ପ୍ରଶ୍ନ କରାଯାଇଛି।

ପିଏମ୍-କେୟାର୍ସ ଟ୍ରଷ୍ଟ ଦିଲ୍ଲୀର ରାଜସ୍ୱ ବିଭାଗରେ ପଞ୍ଜୀକରଣ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ କେୟାର୍ସର ଅଧ୍ୟକ୍ଷ ଥିବାବେଳେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏହି ଟ୍ରଷ୍ଟର ଟ୍ରଷ୍ଟି ରହିଛନ୍ତି। କିନ୍ତୁ ନିକଟରେ ଏହି ଫଣ୍ଡର ୱେବ୍‌ସାଇଟ୍‌ରେ ଟ୍ରଷ୍ଟ ଦଲିଲ ☞ପୃଷ୍ଠା-୪





# ୩ରୁ ଖୋଲିବ ଶ୍ରୀବଳଦେବଜୀଉ ମନ୍ଦିର

କେନ୍ଦ୍ରାପଡ଼ା ଅଫିସ,୧୬।୧୨

କେନ୍ଦ୍ରାପଡ଼ା ସହରର ଇଚ୍ଛାପୁରସ୍ଥିତ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉ ମନ୍ଦିର ଆସନ୍ତା ଜାନୁୟାରୀ ୩ରୁ ଖୋଲିବ। ଏ ନେଇ ଟ୍ରଷ୍ଟବୋର୍ଡ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ବୁଧବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ତଥା ଟ୍ରଷ୍ଟବୋର୍ଡର ଚେୟାରମ୍ୟାନ ଜ୍ୟୋତି ଶଙ୍କର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଶ୍ରଦ୍ଧାଳୁ ଓ ସେବାୟତମାନେ ସମସ୍ତ କୋଭିଡ କଟକଣା ମଧ୍ୟରେ ମନ୍ଦିର ପ୍ରବେଶ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, କରୋନା ସଂକ୍ରମଣ ପାଇଁ ମାର୍ଚ୍ଚ ୨୦ରୁ ଶ୍ରୀବଳଦେବଜୀଉଙ୍କ ମନ୍ଦିର ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ ରହିଛି। ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟି ବଳରାମ ସୁଆର, ଧୀରେନ ସାହୁ, ଯଯାତି କେଶରୀ ମହାନ୍ତି, ରଞ୍ଜନ କୁମାର ପୃଷ୍ଟି ପ୍ରମୁଖ ସାମିଲ ହୋଇଥିଲେ।

# ଅଧିଗୃହୀତ ଜମିରେ ଚାଷୀ ପଞ୍ଜୀକରଣ

ଶୁଭାଶିଷ ପାଢୀ
ସମ୍ବଲପୁର,୧୬।୧୨(ବ୍ୟୁରୋ)

- ଚାଷୀଙ୍କ ନାଁରେ ଅନିୟମିତତା ଅଭିଯୋଗ
- ଆବେଦନ କଲା ପରେ ଯାଞ୍ଚ ହେଉନି
- ବେପାରୀ ଉଠାଉଛନ୍ତି ଫାଇଦା

ଚଳିତ ଖରିଫ ଧାନ ସଂଗ୍ରହ ପାଇଁ ସମ୍ବଲପୁର ଜିଲାର ଅଣଜଳସେଚିତ ଯୁଯୁମୁରା, ଜମନକିରା, ବାମରା, କୁଚିଣ୍ଡା, ରେଙ୍ଗାଲି, ରେଢାଖୋଲ ଓ ନାକଟିଦେଉଳ ତହସିଲ ଅଞ୍ଚଳର ଚାଷୀ ପଞ୍ଜୀକରଣରେ ଅନିୟମିତତା ହୋଇଛି। ଏପରି କି ୧୯୮୨ରେ ସମ୍ବଲପୁର-ତାଳଚେର ରେଳପଥ ପାଇଁ ଅଧିଗୃହୀତ ଜମିକୁ ପଞ୍ଜୀକରଣ କରି ମଣ୍ଡିରେ ଧାନ ବିକ୍ରି କରାଯାଇଛି। ସେହିପରି ସମ୍ବଲପୁର-ଅନୁଗୋଳ ଏନ୍‌ଏଚ୍-୫୫, ସମ୍ବଲପୁର-ତିଲେଇବଣି ଏନ୍‌ଏଚ୍-୫୩ର ଦ୍ୱିତୀୟ ରେଲଲାଇନ୍ ନିର୍ମାଣ ପାଇଁ ଅଧିଗ୍ରହଣ ହୋଇଥିବା ଜମି ମଧ୍ୟ ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ହୋଇଛି। ଏଭଳି ଭାବେ ସମ୍ବଲପୁର ଜିଲାର ବିଭିନ୍ନ ତହସିଲ ଅଞ୍ଚଳରେ ଖରିଫ ଧାନ ସଂଗ୍ରହ ପାଇଁ ଗତବର୍ଷ ଅପେକ୍ଷା ଅଧିକ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ବିଶେଷ କରି ବେପାରୀମାନେ ସରକାରୀ ପ୍ରକଳ୍ପ ପାଇଁ ଅଧିଗୃହୀତ ଜମିରେ ନିଜକୁ ଭାଗଚାଷୀ ଦର୍ଶାଇ ନାମ ପଞ୍ଜୀକରଣ କରିଥିବା ଅଭିଯୋଗ ହୋଇଛି। ମିଳିଥିବା ରିପୋର୍ଟ ଅନୁସାରେ ସମ୍ବଲପୁର-ତାଳଚେର ରେଳପଥରେ ମୋଟ ୩୧୨୫ ଏକର ଜମି ଅଧିଗ୍ରହଣ ହୋଇଥିଲା। ଏବେ ଦ୍ୱିତୀୟ ରେଲଲାଇନ ବିଛା କାମ ପାଇଁ ୪୭ ଏକର ଜମି ଅଧିଗ୍ରହଣ ହେଉଛି। ସେହିପରି ସମ୍ବଲପୁର-ତିଲେଇବଣି ରାସ୍ତା ପାଇଁ ୨୯ ଗ୍ରାମର ୧୧୮.୯୭୦ ଏକର, ସମ୍ବଲପୁର ଅନୁଗୋଳ ରାସ୍ତା ପାଇଁ ୩୪୦.୨୮୦ ଏକର ଜମି ଅଧିଗ୍ରହଣ ହୋଇଛି।

ଅଧିଗ୍ରହଣ ହୋଇଥିବା ଜମି ପଡ଼ିଆରେ ଥିବା ଯୋଗୁ କେତେଜଣ ଚାଷୀ ଏହାର ଫାଇଦା ନେଉଛନ୍ତି। ଚାଷୀ ଅପେକ୍ଷା ଏଭଳି କାର୍ଡ ତିଆରି କରିବାରେ ବେପାରୀ ଓ ମିଲର୍ସମାନଙ୍କ ସମ୍ପୃକ୍ତି ରହିଛି। ବେପାରୀମାନେ ଭାଗଚାଷୀ ଦର୍ଶାଇ ପଞ୍ଜୀକରଣ କରୁଛନ୍ତି। ନିୟମ ଅନୁସାରେ ପତିତ, ☞ପୃଷ୍ଠା-୪



ଯୁଯୁମୁରା ତହସିଲ ଅଞ୍ଚଳରେ ପଞ୍ଜୀକରଣ ହୋଇଥିବା ଆଟ ଜମି।



ଧରିତ୍ରୀ
DHARITRI
ଗୁରୁବାର, ୧୭ ଡିସେମ୍ବର, ୨୦୨୦



ନାସା ପକ୍ଷରୁ ଚନ୍ଦ୍ର ଅଭିଯାନରେ ସାମିଲ ହୋଇଥିବା ଭାରତୀୟ ବଂଶୋଦ୍ଭବ ରାଜା ଜନ୍ ବୁରପୁତୁର ଚାରି ଅନ୍ୟ ଏକ ସ୍ପେସ୍ ମିଶନ ପାଇଁ ଚୟନ ହୋଇଛନ୍ତି। ନାସା ଓ ୟୁରୋପିଆନ ସ୍ପେସ୍ ଏଜେନ୍ସି (ଇଏସ୍ଏ) ପକ୍ଷରୁ ମନୋନୀତ ହୋଇଥିବା ୩ ମହାକାଶଚାରୀଙ୍କ ମଧ୍ୟରୁ ରାଜା ଚାରି ସ୍ପେସ୍ଏକ୍ସ କ୍ରିଉ-୩ ମିଶନରେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ(ଆଇଏସ୍ଏସ୍)କୁ ଯିବେ। ଆସନ୍ତା ବର୍ଷ ଏହି କାର୍ଯ୍ୟକ୍ରମ ରହିଥିବାବେଳେ ଏଥିପାଇଁ ସେ ବେଶ୍ ଉତ୍ସୁକ ଥିବା ଏକ ଟୁଇଟ୍‌ରେ କହିଛନ୍ତି।



## ସଂକ୍ଷେପରେ

### ରାମମନ୍ଦିର ହେବ ଭୂକମ୍ପ ନିରୋଧୀ

**ନୂଆଦିଲ୍ଲୀ, ୧୬।୧୨(ଆଇଏଏନ୍ଏସ୍):** ଅଯୋଧ୍ୟାରେ ନିର୍ମାଣାଧୀନ ରାମ ମନ୍ଦିର ଭୂକମ୍ପ ନିରୋଧୀ ହେବ। ଏହାକୁ ଏଭଳି ମଜଭୂତ ଭାବେ ନିର୍ମାଣ କରାଯିବ, ଯେପରି ସରଯୁ ନଦୀ ଦିଗ ପରିବର୍ତ୍ତନ କଲେ ମଧ କୌଣସି କ୍ଷତି ହେବନାହିଁ। ମନ୍ଦିର ଯେପରି ୧,୦୦୦ ବର୍ଷ ତିଷ୍ଠି ରହିବ ସେଥିପାଇଁ ଆଇଆଇଟି ଇଞ୍ଜିନିୟରଙ୍କ ସମେତ ସମସ୍ତ ବୈଷୟିକ ବିଶେଷଜ୍ଞଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ୍ ରାୟ୍ କହିଛନ୍ତି।

### ବସ୍-ଟ୍ୟାଙ୍କର ଧକ୍କାରେ ୮ ମୃତ

**ସମ୍ଭାଲ, ୧୬।୧୨:** ଉତ୍ତରପ୍ରଦେଶର ସମ୍ଭାଲ ଜିଲାରେ ବୁଧବାର ସକାଳେ ଏକ ବସ୍ ଓ ଗ୍ୟାସ୍ ଟ୍ୟାଙ୍କର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଧନାରି ଥାନା ଆଗ୍ରା-ମୋରଦାବାଦ୍ ରୋଡ୍‌ରେ ଘଟିଥିବା ଏହି ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆହୁରି ୨୧ ଜଣ ଗୁରୁତର ହୋଇଛନ୍ତି। ଜିଲା ପ୍ରଶାସନିକ ଅଧିକାରୀ ଓ ପୋଲିସ କର୍ମଚାରୀମାନେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘନ କୁହୁଡ଼ି ଯୋଗୁ ରାସ୍ତା ଠିକ୍ ଭାବେ ଦେଖା ନ ଯିବାରୁ ଦୁର୍ଘଟଣା ଘଟିଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାରେ ଶୋକ ବ୍ୟକ୍ତ କରିଛନ୍ତି।

### ସରକାରଙ୍କ ବାଧ୍ୟତାମୂଳକ ଅବସର ନିଷ୍ପତ୍ତି ଯଥାର୍ଥ

**ନୂଆଦିଲ୍ଲୀ, ୧୬।୧୨(ଆଇଏଏନ୍ଏସ୍):** ଗତବର୍ଷ ଟିକସ ପ୍ରଶାସନରୁ କେତେଜଣ ଅଯୋଗ୍ୟ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବା ଲାଗି ସରକାର ନେଇଥିବା ଦୃଢ଼ ପଦକ୍ଷେପ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସିଏଟି)ର ଅନୁମୋଦନ ଲାଭ କରିଛି। ଅଫିସରମାନଙ୍କ ବାଧ୍ୟତାମୂଳକ ଅବସର ପ୍ରଦାନ ନିଷ୍ପତ୍ତିକୁ ପୂର୍ବତନ ଆୟକର କମିଶନର ପ୍ରମୋଦ କୁମାର ବଜାଜ୍ ଚ୍ୟାଲେଞ୍ଜ କରିଥିବାବେଳେ ତାଙ୍କ ଆବେଦନକୁ ସିଏଟି ଖାରଜ କରିଦେଇଛନ୍ତି। ମୌଳିକ ନିୟମାବଳୀ ୫୬(ଜେ) ଅଧୀନରେ ବଜାଜ୍ ସମେତ ୮୫ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା। ଅଧ୍ୟକ୍ଷ ଜଷ୍ଟିସ୍ ଏଲ୍. ନରସିମ୍ହା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆରାଧନା ଜୋହରିଙ୍କୁ ନେଇ ଗଠିତ ସିଏଟିର ପ୍ରିନ୍ସପାଲ ବେଞ୍ଚ୍ ଭିଡିଓ କନ୍‌ଫରେନ୍ସ ଜରିଆରେ ରାୟ ଘୋଷଣା କରିଛନ୍ତି। ମୂଳ ଆବେଦନ ଓ ବିବିଧ ଆବେଦନପତ୍ରରେ ଶୁଣାଣିଯୋଗ୍ୟ କିଛି ନାହିଁ ବୋଲି ପ୍ରିନ୍ସପାଲ ବେଞ୍ଚ୍ କହିଛନ୍ତି।

### ଆତଙ୍କବାଦୀଙ୍କୁ ୭ ବର୍ଷ ଜେଲ୍

**ନୂଆଦିଲ୍ଲୀ, ୧୬।୧୨(ପି.ଟି.) :** ଦେଶରେ ଆତଙ୍କବାଦୀ କାର୍ଯ୍ୟ ପାଇଁ ଷଡ଼ଯନ୍ତ୍ର କରିଥିବା ଆଇଏସ୍ ସଂଗଠନର ଜଣେ ସଦସ୍ୟଙ୍କୁ ଦିଲ୍ଲୀର ଏକ ଅଦାଲତ ବୁଧବାର ୭ ବର୍ଷ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ସୁଦାନରୁ ବହିଷ୍କୃତ ହୋଇଥିବା ତାମିଲନାଡୁର ମହମ୍ମଦ ନାସେର ପାକିରଙ୍କୁ ୨୦୧୫ ଡିସେମ୍ବର ୧୧ରେ ଗିରଫ କରାଯାଇଥିଲା। ସେ ଆଇଏସ୍ ସଂଗଠନ ପକ୍ଷରୁ ଦେଶ ଭିତରେ ଓ ବିଦେଶରେ ଭାରତୀୟ ଓ ପ୍ରବାସୀଙ୍କୁ ନିଯୁକ୍ତି ଦେଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିବା ଏନ୍ଆଇଏ କୋର୍ଟଙ୍କୁ ଅବଗତ କରାଇଥିଲେ। ଜେରା ବେଳେ ନାସେରଙ୍କଠାରୁ ଆଇଏସ୍ ସଂଗଠନର କେତେଜଣ ସକ୍ରିୟ ସଦସ୍ୟଙ୍କ ନାଁ ଓ ମୋବାଇଲ ନମ୍ବର ମିଳିଥିଲା।

## ନିଆଁ ଲଗାଇଲେ ନିଆ



**ମୁମ୍ବାଇ, ୧୬।୧୨:** ବ୍ଲାକ କଲରର ବୋଲ୍ଡ ଡ୍ରେସ୍‌ରେ ନେକ୍‌ଲେସ୍ ଓ ଓଠରେ ଲାଲ୍ ଲିପ୍‌ଷ୍ଟିକ୍। ଟେଲିଭିଜନ ଅଭିନେତ୍ରୀ ନିଆ ଶର୍ମାଙ୍କ ଏଭଳି ଫଟୋ ଇଣ୍ଟରନେଟ୍‌ରେ ନିଆଁ ଲଗାଇ ଦେଇଛି। ହିନ୍ଦୀ ସିରିଏଲ ଜମାଇ, ନାଗିନ୍-୪ର ଏହି ଆକ୍ଟ୍ରେସ ଫଟୋକୁ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିବା ପରେ ଏହା ଭାଇରାଲ ହୋଇଛି। ବହୁ ସଂଖ୍ୟାରେ ଫଲୋଅର୍ସ ଏହାକୁ ପସନ୍ଦ କରିଛନ୍ତି। ଇଣ୍ଟରନେଟରେ ସେକ୍ସି ପୋଜର ଫଟୋ ଛାଡିବାରେ ମାହିର ନିଆ ଏଭଳି ଫଟୋର ଏକ ସିରିଜ ପୋଷ୍ଟ କରି ପ୍ରଶଂସକଙ୍କୁ ପାଗଳ କରିଛନ୍ତି। ନାଗିନ୍-୪କୁ ବର୍ଷେ ପୂରିବା ଅବସରରେ ଗତ ସୋମବାର ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟି ଥିଲା।

## ୪ ବିଲିୟନ ଡଲାର ଦାନ କଲେ ସ୍କଟ



**ୱାଶିଂଟନ୍, ୧୬।୧୨:** ଇ-କମର୍ସ କମ୍ପାନୀ ଆମାଜନ୍‌ର ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ପୂର୍ବତନ ପତ୍ନୀ ମାକ୍ କେନ୍‌ଜି ସ୍କଟ ରିଲିଫ୍ ଫଣ୍ଡ ସହ ଅନ୍ୟାନ୍ୟ ଜରୁରିକାଳୀନ ସହାୟତା ନିମନ୍ତେ ଗତ ୪ ମାସରେ ପ୍ରାୟ ୪ ବିଲିୟନ ଡଲାର ଦାନ କରିଛନ୍ତି। ଏକ ବ୍ଲଗ୍‌ରେ ସ୍କଟ କହିଛନ୍ତି, ମହାମାରୀ କରୋନା ଯୋଗୁ ବହୁ ସଂଖ୍ୟାରେ ଆମେରିକାବାସୀ ଏବେ ସଂଘର୍ଷରତ। ସେମାନଙ୍କୁ ସହାୟତା ନିମନ୍ତେ ୫୦ ରାଜ୍ୟରେ ଥିବା ୩୮୪ ସଙ୍ଗଠନକୁ ସେ ଅର୍ଥ ଦାନ କରିଛନ୍ତି। ଗତ ବର୍ଷ ସ୍କଟ ଜନସାଧାରଣଙ୍କ ସ୍ୱାସ୍ଥ୍ୟ, ପାଣିପାଗ ପରିବର୍ତ୍ତନ ସମ୍ବନ୍ଧୀୟ ସମସ୍ୟା, ତୃତୀୟ ଲିଙ୍ଗୀ ସମୁଦାୟର ଉନ୍ନତି ପାଇଁ ୧.୭ ବିଲିୟନ ଡଲାର ପ୍ରଦାନ କରିଥିବା କହିଥିଲେ।

# ବୁଝାମଣାରେ ସମାଧାନ ସମ୍ଭବ

**କେନ୍ଦ୍ରର ୩ କୃଷି ଆଇନ ହଟାଇବା ଦାବିରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ୨୧ ଦିନ ବିତିଛି। ଉଭୟ ପକ୍ଷ ନିଜ ନିଜ ଜିଦରେ ଅଟଳ ଥିବାରୁ ଅଚଳାବସ୍ଥା ଦୂର ହୋଇପାରୁ ନାହିଁ। ଇତିମଧ୍ୟରେ ଆନ୍ଦୋଳନରତ ୨୦ ଜଣ ଚାଷୀଙ୍କ ଜୀବନ ଯାଇଥିବାରୁ ସରକାରଙ୍କୁ ତୁରନ୍ତ ଏହି ବିବାଦୀୟ ଆଇନ ପ୍ରତ୍ୟାହାର କରିବାକୁ ପଡ଼ିବ ବୋଲି କୃଷକ ସଙ୍ଗଠନଗୁଡ଼ିକ ରଣହୁଙ୍କାର ଦେଇଛନ୍ତି। ସେପଟେ ସରକାର ଆଇନକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରିବାକୁ ପ୍ରସ୍ତୁତ ବୋଲି ସ୍ପଷ୍ଟ କରିଥିବାବେଳେ ସୁପ୍ରିମକୋର୍ଟ ବୁଝାମଣା ଜରିଆରେ ଅଚଳାବସ୍ଥା ଦୂର କରିବାକୁ ପରାମର୍ଶ ଦେଇଛନ୍ତି। ହେଲେ କମିଟି ଗଠନ କରି ନୁହେଁ, ବରଂ ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କଲେ ଯାଇ ସମାଧାନ ସମ୍ଭବ ବୋଲି କୃଷକ ସଙ୍ଗଠନଗୁଡ଼ିକ ଅଦାଲତଙ୍କ ପ୍ରସ୍ତାବକୁ ଖାରଜ କରିଦେଇଛନ୍ତି।**

**ନୂଆଦିଲ୍ଲୀ, ୧୬।୧୨(ପି.ଟି.)**



### ଦିଲ୍ଲୀ ସୀମାରୁ ଚାଷୀଙ୍କୁ ହଟାଇବା ଆବେଦନ

- କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ
- ସରକାର-କୃଷକ କମିଟି ଗଠନ ପ୍ରସ୍ତାବ

ଚାଷୀ ଆନ୍ଦୋଳନକୁ ନେଇ ଅଚଳାବସ୍ଥା ଲାଗିରହିଥିବାବେଳେ ଏହା ଖୁବ୍‌ଶୀଘ୍ର ଜାତୀୟ ପ୍ରସଙ୍ଗରେ ପରିଣତ ହେବାକୁ ଯାଉଛି। ବୁଝାମଣା ମାଧ୍ୟମରେ ଏହାର ଜରୁରୀ ସମାଧାନ ହୋଇପାରିବ ବୋଲି ସୁପ୍ରିମକୋର୍ଟ ଅନୁଭବ କରିଛନ୍ତି। ଏଥିପାଇଁ ସାରା ଦେଶରୁ କୃଷକ ସଂଗଠନ, ସରକାରୀ ପ୍ରତିନିଧି ଓ ଅନ୍ୟ ଅଂଶୀଦାରମାନଙ୍କୁ ନେଇ ଏକ କମିଟି ଗଠନ କରିବାକୁ ସର୍ବୋଚ୍ଚ ଅଦାଲତ ବୁଧବାର ପ୍ରସ୍ତାବ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଗୁରୁବାରକୁ ଧାର୍ଯ୍ୟ ହୋଇଛି।

ନୂତନ କୃଷି ଆଇନ ବିରୋଧରେ ଚାଷୀ ସଂଗଠନଗୁଡ଼ିକ ଦିଲ୍ଲୀ ସୀମାବର୍ତ୍ତୀ ବିଭିନ୍ନ ରାସ୍ତାକୁ ଦୀର୍ଘଦିନ ହେଲା ଅବରୋଧ କରି ଆନ୍ଦୋଳନ ଚଳାଇଥିବାରୁ ଅନ୍ୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆନ୍ଦୋଳନରେ ହଜାର ହଜାର ଚାଷୀ ଏକାଠି ହେଉଥିବାରୁ କୋଭିଡ୍ ମହାମାରୀ ବ୍ୟାପିବାରେ ଏହା ସହାୟକ ହେଉଛି। ତେଣୁ ସେମାନଙ୍କୁ ତୁରନ୍ତ ହଟାଇବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଲାଗି ସର୍ବୋଚ୍ଚ ଅଦାଲତରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ବୁଧବାର ସୁପ୍ରିମକୋର୍ଟ ଉକ୍ତ ପିଟିଶନଗୁଡ଼ିକର ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟନଙ୍କ ଖଣ୍ଡପୀଠ କେନ୍ଦ୍ର ସମେତ ଦିଲ୍ଲୀ, ହରିୟାଣା ଓ ପଞ୍ଜାବ ସରକାରଙ୍କଠାରୁ ଜବାବ ଚାହିଁଛନ୍ତି।

> **ଖୁବ୍‌ଶୀଘ୍ର ବାଟ ଫିଟିବ**
>
> କେନ୍ଦ୍ର ସରକାର କୃଷି ଆଇନକୁ ନେଇ ଚାଷୀଙ୍କ ସହ ଆଲୋଚନା ପାଇଁ ୨୪ ଘଣ୍ଟା ପ୍ରସ୍ତୁତ। କିନ୍ତୁ କଂଗ୍ରେସ ଓ ବାମପନ୍ଥୀ ଦଳଗୁଡ଼ିକ ମୋଦି ସରକାରଙ୍କ ଛବି ଖରାପ କରିବା ପାଇଁ ଅଡ଼ି ବସିଛନ୍ତି। ଏହା ସତ୍ତ୍ୱେ ଅଚଳାବସ୍ଥା ଦୂର କରିବା ଲାଗି ଉଦ୍ୟମ ଜାରି ରହିଛି। ଖୁବ୍‌ଶୀଘ୍ର ସମାଧାନର ବାଟ ଫିଟିବ ବୋଲି ସରକାର ଆଶାବାଦୀ।
>
> **-ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷିମନ୍ତ୍ରୀ**

ଶୀତକାଳୀନ ଅବକାଶ ଆରମ୍ଭ ହେବାକୁ ଥିବାରୁ ଗୁରୁବାର ସୁଦ୍ଧା ଜବାବ ଦାଖଲ କରିବାକୁ ସେମାନଙ୍କୁ କୁହାଯାଇଛି।

ଶାହିନ୍‌ବାଗ ରାୟର ଉଦାହରଣ ଦେଇ ରାସ୍ତା ଅବରୋଧକୁ ବେଆଇନ ଘୋଷଣା କରିବାକୁ ଜଣେ ଆବେଦନକାରୀ କୋର୍ଟଙ୍କୁ ଅନୁରୋଧ କରିଥିଲେ। ୩ ସପ୍ତାହ ହେଲା ହଜାର ହଜାର କୃଷକ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଛନ୍ତି। କୃଷକ ନେତାମାନଙ୍କ ସହ ସରକାରଙ୍କର ୫ ପର୍ଯ୍ୟାୟ ଆଲୋଚନା ବିଫଳ ହେଲାଣି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଧ୍ୟ ଚାଷୀନେତାମାନଙ୍କ ସହ ବୈଠକ କରିଥିଲେ। ତେବେ ଆଇନ ପ୍ରତ୍ୟାହାର ଦାବିରେ ଚାଷୀମାନେ ଅଡ଼ିବସିଛନ୍ତି। କୃଷକ ନେତାମାନଙ୍କ ସହ କେନ୍ଦ୍ରର ବୁଝାମଣା କାମ କରୁନାହିଁ । ଅଚଳାବସ୍ଥା ଦୂର ଲାଗି କୃଷକ ଓ ସରକାରୀ ପ୍ରତିନିଧିମାନଙ୍କୁ ନେଇ ଏକ କମିଟି ଗଠନ ଲାଗି ଖଣ୍ଡପୀଠ ପରାମର୍ଶ ଦେଇଥିଲେ।

ବୁଝାମଣା ପାଇଁ ସରକାର ପ୍ରସ୍ତୁତ ଥିବା କୋର୍ଟଙ୍କୁ ଜଣାଇଥିଲେ। ଚାଷୀମାନେ କୌଣସି କଥା ଶୁଣିବାକୁ ରାଜି ନୁହନ୍ତି। ଆନ୍ଦୋଳନରୁ ଅନ୍ୟମାନେ ଫାଇଦା ନେବାକୁ ଉଦ୍ୟମ କରୁଛନ୍ତି ଓ କୃଷକ ଆନ୍ଦୋଳନକୁ ଉସୁକାଉଛନ୍ତି ବୋଲି ସରକାର ଅଦାଲତଙ୍କୁ ଜଣାଇଥିଲେ। କୃଷକଙ୍କ ବିରୋଧରେ କିଛି କରାଯିବ ନାହିଁ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ଚାଷୀମାନେ ପ୍ରଭାବିତ ହୋଇସାରିଥିବାବେଳେ ଏପରି କହିବାର ଅର୍ଥ କ'ଣ ବୋଲି ପ୍ରଧାନ ବିଚାରପତି ପ୍ରଶ୍ନ କରିଥିଲେ। କୃଷକ ସଂଗଠନଗୁଡ଼ିକୁ କ'ଣ ପାଇଁ ପକ୍ଷ କରାଯାଉନାହିଁ। ସେମାନଙ୍କୁ ନ ଶୁଣି ଆମେ କିପରି ରାୟ ଦେବୁ ବୋଲି ଜଷ୍ଟିସ୍ ବୋବ୍‌ଡେ କହିବା ସହ ଆବେଦନକାରୀଙ୍କୁ କୃଷକ ସଂଗଠନଗୁଡ଼ିକର ନାଁ ଦେବା ପାଇଁ ସଲିସିଟର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ପ୍ରସ୍ତାବକୁ ଅଗ୍ରାହ୍ୟ କଲେ ଚାଷୀ

କୃଷକ ଓ ସରକାରୀ ପ୍ରତିନିଧିଙ୍କୁ ନେଇ ନୂତନ କମିଟି ଗଢ଼ିବା ପାଇଁ ସୁପ୍ରିମକୋର୍ଟ ପରାମର୍ଶ ଦେଇଥିବାବେଳେ ଏହା ଦ୍ୱାରା ଅଚଳାବସ୍ଥାର ସମାଧାନ ହୋଇଯିବ ନାହିଁ ବୋଲି କୃଷକ ନେତାମାନେ କହିଛନ୍ତି। ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର ହେବା ଆବଶ୍ୟକ। ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ସରକାର ଏଭଳି କମିଟି ଗଢ଼ିବା ଆବଶ୍ୟକ ଥିଲା ବୋଲି ସେମାନେ ମତ ଦେଇଛନ୍ତି। ଏଭଳି କମିଟି ଗଠନ ପାଇଁ ସରକାର ନିକଟରେ ଦେଇଥିବା ପ୍ରସ୍ତାବକୁ ଚାଷୀ ସଂଗଠନ ପ୍ରତ୍ୟାଖ୍ୟାନ କରିଦେଇଥିବା ରାଷ୍ଟ୍ରୀୟ କିଷାନ ମଜଦୁର ସଭାର ନେତା ଅଭିମନ୍ୟୁ କୋହର କହିଛନ୍ତି।

### ନିଜ ଗୁଳିରେ ଟଳିଲେ ଶିଖ୍ ପୂଜକ

**ନୂଆଦିଲ୍ଲୀ, ୧୬।୧୨**

**ଆତ୍ମହତ୍ୟା କରି ପ୍ରତିବାଦ**

କୃଷି ଆଇନକୁ ବିରୋଧ କରି ଦିଲ୍ଲୀର ସିଂଘୁ ସୀମାରେ ଆନ୍ଦୋଳନରତ ଚାଷୀଙ୍କ ସଂଘର୍ଷ ଓ ଦୁର୍ଦ୍ଦଶାରେ ମର୍ମାହତ ହୋଇ ଜଣେ ଶିଖ୍ ପୂଜକ ବୁଧବାର ଆତ୍ମହତ୍ୟା କରିଛନ୍ତି। ମୃତକ ହରିୟାଣାର ଜଣେ ଧର୍ମପ୍ରଚାରକ ବାବା ରାମ ସିଂ(୬୫) ବୋଲି ଜଣାପଡିଛି। କେନ୍ଦ୍ର ସରକାର ଚାଷୀଙ୍କ ସମସ୍ୟା ସମାଧାନ କରୁ ନ ଥିବା ଏବଂ ସେମାନଙ୍କ ପ୍ରତି ଅନ୍ୟାୟ କରୁଥିବାରୁ ଏହାର ପ୍ରତିବାଦ ସ୍ୱରୂପ ସେ ଆତ୍ମହତ୍ୟା କରିଥିବା ଏକ ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ କରିଛନ୍ତି। ତାଙ୍କ ନିକଟରୁ ଜବତ ଏହି ନୋଟ୍‌ରେ ଆହୁରି ଲେଖା ଯାଇଛି, ନିଜ ଅଧିକାର ପାଇଁ ଚାଷୀମାନେ ଏଭଳି ଲଢୁଥିବାବେଳେ ସରକାର କିଛି କରୁ ନ ଥିବା ତାଙ୍କୁ ଦୁଃଖ ଦେଇଛି। ତାଙ୍କ ଆତ୍ମହତ୍ୟା ସରକାରଙ୍କ ଦମନ ନୀତି ବିରୋଧରେ ସ୍ୱର ବୋଲି ଉଲ୍ଲେଖ ରହିଛି।





ଜମ୍ମୁ-କଶ୍ମୀରରେ ବୁଧବାର ସପ୍ତମ ପର୍ଯ୍ୟାୟ ଜିଲା ବିକାଶ ପରିଷଦ ନିର୍ବାଚନ ସରିଛି। ଅନ୍ତର୍ଜାତୀୟ ସୀମା ସଂଲଗ୍ନ ସୁଚେତାଗଡ଼ରେ ମତଦାନ ପୂର୍ବରୁ ଭୋଟରଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଛି।

## ବିଧାୟକ ପଦରୁ ଶୁଭେନ୍ଦୁଙ୍କ ଇସ୍ତଫା



**ନୂଆଦିଲ୍ଲୀ, ୧୬।୧୨**

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଶୁଭେନ୍ଦୁ ଅଧିକାରୀ ବୁଧବାର ପଶ୍ଚିମବଙ୍ଗ ବିଧାନସଭାରୁ ଇସ୍ତଫା ଦେଇଛନ୍ତି। ସେ ଭାଜପାରେ ଯୋଗଦେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପୂର୍ବରୁ ସେ ମମତା ବାନାର୍ଜୀଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ଏଥିସହିତ ସେ ହୁଗ୍‌ଲି ନଦୀବନ୍ଧ କମିଶନର ଅଧ୍ୟକ୍ଷ ପଦ ମଧ୍ୟ ଛାଡ଼ିଥିଲେ।

## କ୍ୟାପିଟଲ୍ ବିଲ୍ଡିଂ ବାହାରେ ଶପଥ ନେବେ ବାଇଡେନ୍

**ୱାଶିଂଟନ, ୧୬।୧୨**



ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଉପରାଷ୍ଟ୍ରପତି କମଲା ହାରିସ୍ ଜାନୁୟାରୀ ୨୦ରେ ପଦ ଓ ଗୋପନୀୟତାର ଶପଥ ପାଠ କରିବେ। କୋଭିଡ୍-୧୯ କଟକଣା ସହ ଶପଥ ଗ୍ରହଣ ଉତ୍ସବକୁ ଐତିହାସିକ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ଆମେରିକା କ୍ୟାପିଟଲ୍ ବିଲ୍ଡିଂ ବାହାରେ ବାଇଡେନ୍ ଓ ହାରିସ୍ ଶପଥ ନେବେ ବୋଲି ସେମାନଙ୍କ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଶପଥ ଗ୍ରହଣ ଉତ୍ସବରେ ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯୋଗଦେବେ କି ନାହିଁ ଜଣାପଡ଼ିନାହିଁ। କୋଭିଡ୍ ଟିକାକରଣ ଆରମ୍ଭ ହୋଇଥିଲେ ହେଁ ସର୍ବସାଧାରଣଙ୍କୁ ମିଳିବାକୁ ଆଉ କିଛିମାସ ସମୟ ଲାଗିବ। ସେଥିପାଇଁ ଶପଥ ଗ୍ରହଣ ଉତ୍ସବଠାରୁ ଦୂରେଇ ରହିବାକୁ ସମର୍ଥକମାନଙ୍କୁ ଅନୁରୋଧ କରାଯାଇଛି। କୋଭିଡ୍ କଟକଣା ପାଇଁ ଉତ୍ସବକୁ ସୀମିତ କରାଯିବ।

### କେରଳ ପଞ୍ଚାୟତ ଓ ଜିଲା ପରିଷଦ ନିର୍ବାଚନ

## ଶାସକ ଏଲ୍‌ଡିଏଫ୍ ବିଜୟୀ

**ଥିରୁଭାନନ୍ତପୁରମ୍, ୧୬।୧୨**

କେରଳ ପଞ୍ଚାୟତ ଓ ଜିଲା ପରିଷଦ ନିର୍ବାଚନରେ ଶାସକ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ବହୁ ଆଗରେ ରହି ବଡ଼ ବିଜୟ ହାସଲ କରିବାକୁ ଯାଉଛି। ଆସନ୍ତା ବର୍ଷ ସେଠାରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ତା' ପୂର୍ବରୁ ପଞ୍ଚାୟତ ଓ ପୌର ନିର୍ବାଚନକୁ ସବୁ ଦଳ ବଡ଼ ପରୀକ୍ଷା ଭାବେ ଧରିନେଇଥିଲେ। ଶାସକ ଦଳ ବିରୋଧରେ ଦୁର୍ନୀତି ଅଭିଯୋଗ ସତ୍ତ୍ୱେ ଏହା ଅଧିକାଂଶ ଗ୍ରାମ ପଞ୍ଚାୟତ ଓ ଜିଲା ପରିଷଦ ହାତେଇବାରେ ସଫଳ ହୋଇଛି। ୯୪୫ ଗ୍ରାମ ପଞ୍ଚାୟତ ମଧ୍ୟରୁ ଏଲ୍‌ଡିଏଫ୍ ୫୨୦ଟିରେ ଆଗୁଆ ରହିଥିବାବେଳେ ବିରୋଧୀ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍) ୩୭୧ଟିରେ ଆଗରେ ରହିଛି। ସେହିପରି ୧୪ ଜିଲା ପରିଷଦରୁ ଏଲ୍‌ଡିଏଫ୍ ୧୦ଟି ଜିତିଥିବାବେଳେ ୧୫୨ ବ୍ଲକ ପଞ୍ଚାୟତ ମଧ୍ୟରୁ ୧୦୮ଟିରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ୟୁଡିଏଫ୍ ୪ଟି ଜିଲା ପରିଷଦରେ ଆଗରେ ଥିବାବେଳେ ୮୬ ମ୍ୟୁନିସିପାଲିଟି ମଧ୍ୟରୁ ୪୫ଟିରେ ଆଗରେ ରହିଛି। ଶାସକ ଏଲ୍‌ଡିଏଫ ୩୫ଟିରେ ଆଗରେ ଥିବା ଜଣାପଡିଛି। ଥିରୁଭାନନ୍ତପୁରମ୍ ଦଖଲ କରିବାକୁ ଆଶା ରଖିଥିବା ଭାଜପା ଏଥିରେ ବିଫଳ ହୋଇଛି। ଏଠାରେ ତ୍ରିମୁଖୀ ପ୍ରତିଯୋଗିତା ହୋଇଥିବାବେଳେ ଭାଜପା କଂଗ୍ରେସକୁ ତୃତୀୟ ସ୍ଥାନକୁ ପଠାଇଦେଇଛି। ୧୦୦ ୱାର୍ଡ ବିଶିଷ୍ଟ ଥିରୁଭାନନ୍ତପୁରମ୍ କର୍ପୋରେଶନରେ ଏଲ୍‌ଡିଏଫ୍‌କୁ ୫୧ ମିଳିଥିବାବେଳେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ୩୪ ୱାର୍ଡ ମିଳିଛି। ୟୁଡିଏଫ୍ ତୃତୀୟ ସ୍ଥାନରେ ରହିଛି। କେରଳରେ ୯୪୧ ଗ୍ରାମ ପଞ୍ଚାୟତ, ୧୫୨ ବ୍ଲକ୍ ପଞ୍ଚାୟତ, ୧୪ ଜିଲା ପରିଷଦ , ୮୬ ପୌରପରିଷଦ ଏବଂ ୬ କର୍ପୋରେଶନ ପାଇଁ ତିନି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

> **ଗୋଟିଏ ଭୋଟରେ ହାରିଲେ କଂଗ୍ରେସ ପ୍ରାର୍ଥୀ**
>
> **କୋଚି, ୧୬।୧୨**
>
> କେରଳ ପୌର ନିର୍ବାଚନରେ କଂଗ୍ରେସର ମେୟର ପ୍ରାର୍ଥୀ ଏନ୍. ବେଣୁଗୋପାଳ ଭାଜପା ପ୍ରାର୍ଥୀଙ୍କଠାରୁ ଗୋଟିଏ ଭୋଟରେ ହାରିଯାଇଛନ୍ତି। ଏଥିପାଇଁ ସେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍‌କୁ ଦାୟୀ କରିଛନ୍ତି। ସେ କୋଚି ପୌର ନିଗମର ନର୍ଥ ଆଇଲାଣ୍ଡରୁ ପ୍ରାର୍ଥୀ ହୋଇଥିଲେ।

### ମାନବ ବିକାଶ ସୂଚକାଙ୍କ

## ୧୩୧ତମ ସ୍ଥାନକୁ ଖସିଲା ଭାରତ

**ନୂଆଦିଲ୍ଲୀ, ୧୬।୧୨**

ଜାତିସଂଘର ମାନବ ବିକାଶ ସୂଚକାଙ୍କରେ ଭାରତ ଗୋଟିଏ ସ୍ଥାନ ତଳକୁ ଖସି ୧୩୧ରେ ରହିଛି। ମୋଟ ୧୮୯ଟି ଦେଶକୁ ନେଇ ଏହି ସୂଚକାଙ୍କ ପ୍ରସ୍ତୁତ କରାଯାଇଛି। ୨୦୧୮ରେ ଭାରତ ୧୩୦ତମ ସ୍ଥାନରେ ଥିଲା। ଦେଶର ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନ ଧାରଣ ମାନକୁ ନେଇ ମାନବ ବିକାଶ ସୂଚକାଙ୍କ ପ୍ରସ୍ତୁତ ହୋଇଥାଏ।

ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଅନୁଯାୟୀ ଜନ୍ମ ସମୟରେ ଭାରତୀୟଙ୍କ ଆୟୁଷ ୬୯.୭ ବର୍ଷ ଆକଳନ କରାଯାଇଛି, ଯାହା ପଡୋଶୀ ବାଂଲାଦେଶଠାରୁ କମ୍। ବାଂଲାଦେଶରେ ହାରାହାରି ଆୟୁଷ ୭୨.୬ ବର୍ଷ।



୨୦୧୯ରେ ଭାରତର ଏଚ୍‌ଡିଆଇ ମୂଲ୍ୟ ୦.୬୪୫ ରହିଛି, ଯାହାକି ମଧ୍ୟମ ବିକାଶ ବର୍ଗରେ ଯାଉଛି। ସୂଚକାଙ୍କ ଶୀର୍ଷରେ ନରୱେ ଥିବାବେଳେ ଏହା ପଛକୁ ଆୟର୍ଲାଣ୍ଡ, ସ୍ୱିଜରଲାଣ୍ଡ, ହଂକଂ ଓ ଆଇସ୍‌ଲାଣ୍ଡ ରହିଛନ୍ତି। ରିପୋର୍ଟ ଅନୁଯାୟୀ ଭାରତ, କାମ୍ବୋଡିଆ, ଥାଇଲାଣ୍ଡର ଶିଶୁ ଅଧିକ କୁପୋଷଣର ଶିକାର ହୋଇଥାନ୍ତି। ଭାରତରେ ପୁଅ ଅପେକ୍ଷା ଝିଅଙ୍କୁ ମାଆବାପା ଅବହେଳା କରୁଥିବାରୁ ସେମାନଙ୍କଠାରେ ଅଧିକ କୁପୋଷଣ ଦେଖାଯାଇଥାଏ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ୍ୟ ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ।

ରିପୋର୍ଟ ଅନୁଯାୟୀ କ୍ରୟଶକ୍ତି ସମାନତା ଆଧାରରେ ଭାରତରେ ମୁଣ୍ଡପିଛା ଆୟ ୨୦୧୮ରେ ୬,୮୨୯ ଡଲାର ଥିଲାବେଳେ ୨୦୧୯ରେ ୬,୬୮୧ ଡଲାରକୁ ହ୍ରାସ ପାଇଛି। ଆର୍ଥିକ ନିରାପତ୍ତା ଓ ଜମି ମାଲିକାନା ମହିଳାମାନଙ୍କ ସୁରକ୍ଷାକୁ ବଢ଼ାଇବା ସହ ଲିଙ୍ଗଗତ ହିଂସା ହ୍ରାସ କରିଥାଏ ବୋଲି ରିପୋର୍ଟରେ କୁହାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭,୪୦,୩୪,୭୬୯ | ୧୬,୪୬,୭୦୫ | ୫,୨୦,୨୫,୫୨୩ |
| ଭାରତ | ୯୯,୩୩,୯୯୭ | ୧,୪୪,୧୪୪ | ୯୪,୫୬,୪୫୨ |
| ଓଡ଼ିଶା | ୩,୨୪,୭୯୬ | ୧୮୨୦(+୫୩) | ୩,୨୦,୨୦୮ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପୃଥ୍ୱୀ-୨ର ରାତ୍ରକାଳୀନ ପରୀକ୍ଷା



ବାଲେଶର ଅଫିସ, ୧୬।୧୨: ବାଲେଶ୍ୱର ଜିଲା ଚାନ୍ଦିପୁର ସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଙ୍ଗଠନ (ଡିଆରଡିଓ) ଅଧୀନସ୍ଥ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ର ୩ନଂ. ଲଞ୍ଚ ପ୍ୟାଡ୍‌ରୁ ବୁଧବାର ସନ୍ଧ୍ୟା ୭ଟା ୫ରେ ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଛି। ଭୂ-ପୃଷ୍ଠରୁ ଭୂ-ପୃଷ୍ଠକୁ ଲକ୍ଷ୍ୟଭେଦ କରିପାରୁଥିବା ୨ଟି ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ ମିଶାଇଲ ପୃଥ୍ୱୀ-୨ର ୫ମ ଥର ପାଇଁ ରାତ୍ରକାଳୀନ ବ୍ୟବହାରିକ ପରୀକ୍ଷା କରାଯାଇଛି। ପ୍ରଥମେ ଉତ୍କ୍ଷେପଣ ହୋଇଥିବା କ୍ଷେପଣାସ୍ତ୍ର ଗତି କରୁଥିବାବେଳେ ଦ୍ୱିତୀୟ କ୍ଷେପଣାସ୍ତ୍ର ଗତିପଥ ବାହାରକୁ ଚାଲି ଯାଇଥିଲା । ଫଳରେ ଲକ୍ଷ୍ୟଚ୍ୟୁତ ହୋଇଥିବା ଦ୍ୱିତୀୟ ମିଶାଇଲକୁ ସେହି ସ୍ଥାନରେ ଧ୍ୱଂସ କରି ଦିଆଯାଇଥିବା କୁହାଯାଉଛି । ହେଲେ ଏନେଇ ପ୍ରତିରକ୍ଷା ବିଭାଗ କିମ୍ବା ଆଇଟିଆର ତରଫରୁ କେଣସି ସୂଚନା ଦିଆଯାଇ ନାହିଁ । ନଷ୍ଟ ହୋଇଯାଇଥିବା ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ଧ୍ୱଂସାବଶେଷ ବର୍ଦ୍ଧନପୁର ଅଞ୍ଚଳର ଲୁଣିପାଣି ଗ୍ରାମ ପଡିଆ, ପୋଖରୀ ଓ ରାସ୍ତାରେ ପଡିଥିବା ସ୍ଥାନୀୟ ଲୋକେ କହିଛନ୍ତି । ତେବେ କ୍ଷେପଣାସ୍ତ୍ର ପରୀକ୍ଷାର ତ୍ରୁଟିକୁ ନେଇ ରାଡ଼ାରରୁ ମିଳିଥିବା ତଥ୍ୟକୁ ବୈଜ୍ଞାନିକମାନେ ସମୀକ୍ଷା କରୁଥିବା ସୂଚନା ମିଳିଛି।

# ଶିଳ୍ପ ଗଡ଼ରେ ଭୋକ



**ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ତଥା ଦାନଗଦି ଓ ସୁକିନ୍ଦା ବ୍ଲକରେ ଶିଳ୍ପ ଗଢ଼ିଉଠିଲେ ବିକାଶର ନୂତନ ଧାରା ସୃଷ୍ଟି ହେବ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ହେବ। ପାଠପଢ଼ୁଆ ଯୁବତୀ ଯୁବକମାନେ କର୍ମସଂସ୍ଥାନ ପାଇ ଆତ୍ମନିର୍ଭରଶୀଳ ହେବେ। ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନର ବ୍ୟାପକ ବ୍ୟବସ୍ଥା ହେବ। ଏହି ଆଶାରେ ଲୋକେ ନିଜ ଘରଡିହ, ଚାଷଜମି ଛାଡ଼ି ଦେଇଥିଲେ। ସେହି ଜମିରେ ପ୍ରାୟ ୩୦ ବର୍ଷ ଭିତରେ ସିମେଣ୍ଟ, ଷ୍ଟିଲ୍ ଭଳି ଅନେକ ଶିଳ୍ପ ଗଢ଼ିଉଠିଛି। ହେଲେ ଲୋକଙ୍କୁ ଶିଳ୍ପର ପ୍ରଦୂଷଣ, ପ୍ରତାରଣା, ଷଡ଼ଯନ୍ତ୍ର ଛଡ଼ା କିଛି ମିଳିପାରୁନାହିଁ। ସରକାର ସୁନେଲି ସ୍ୱପ୍ନ ଦେଖାଇ ଶିଳ୍ପ ପାଇଁ ଲୋକଙ୍କଠାରୁ ଜମି ଅଧିଗ୍ରହଣ କରିବା ପରେ ନିଜ ଦାୟିତ୍ୱ ଶେଷ କରିଛନ୍ତି। ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଦୁର୍ଦ୍ଦଶା ଓ ଅଭିଯୋଗକୁ ଅଣଦେଖା କରି ଶିଳ୍ପପତିଙ୍କ ସ୍ୱାର୍ଥ ଜଗି ଚାଲିଛନ୍ତି। ଜନପ୍ରତିନିଧିମାନେ ପୂର୍ବରୁ ନିଜ ଫାଇଦା ପାଇଁ, ଏବେ ନିର୍ଦ୍ଦିଷ୍ଟ ଭୟରେ ଚୁପ୍। ଏସବୁର କୁପରିଣାମ ଦେଖିବାକୁ ମିଳୁଛି ଶିଳ୍ପଗଡ଼ରେ। ଏହା ଏବେ ପାଲଟିଛି ଭୋକର ଭୂଖଣ୍ଡ। ଦାନଗଦି ବ୍ଲକ ମନୋହରପୁର ଗ୍ରାମର ବେଣୁଧର ଦଳାଇଙ୍କ ପରିବାରର ଦୁର୍ଦ୍ଦଶା ଏହାକୁ ପ୍ରମାଣିତ କରୁଛି।**

**ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.),୧୬।୧୨**

ସୁକିନ୍ଦା ବ୍ଲକର ଅତି ଅନୁନ୍ନତ ଅଞ୍ଚଳ ନଗଡ଼ାର ବାସିନ୍ଦା ଅତିଶୟ ଅପପୁଷ୍ଟିର ଶିକାର ହେବା ଘଟଣାକୁ ନେଇ ଓଡ଼ିଶା କିଛି ବର୍ଷ ତଳେ ସାରା ବିଶ୍ୱରେ ନିନ୍ଦିତ ହୋଇଥିଲା। ହେଲେ ଅପପୁଷ୍ଟିର ଭୂଖଣ୍ଡ କେବଳ ନଗଡ଼ାରେ ସୀମିତ ରହିନାହିଁ, ବରଂ ମନୋହରପୁର ଭଳି ଯାଜପୁର ଜିଲାର ଶତାଧିକ ଗ୍ରାମରେ ଦେଖିବାକୁ ମିଳୁଛି ଭୋକ ଓ ଦୁର୍ଦ୍ଦଶାର ଚିତ୍ର। ଛତୁ ଫୁଟିଲା ଭଳି ଶିଳ୍ପ, କାରଖାନା ଗଢ଼ିଉଠିଲେ ମଧ୍ୟ କ୍ଷୁଧା କମିପାରୁନାହିଁ। କେବଳ ସେତିକି ନୁହେଁ, ଉତ୍କଟ ବାୟୁ ଓ ଜଳ ପ୍ରଦୂଷଣ ଯୋଗୁ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ କଳିଙ୍ଗନଗର ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଲେଣି।

ଶିଳ୍ପ ଦ୍ୱାରା ପାରିପାର୍ଶ୍ୱିକ ଉନ୍ନୟନ ତ ଦୂରର କଥା ଯାଜପୁର ଜିଲାର ଅଧିକାଂଶ ଶିଳ୍ପାନୁଷ୍ଠାନ ସେମାନଙ୍କ ଅତି ଗୁରୁତ୍ୱପୂର୍ଣ୍ଣ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍)କୁ ଭୁଲି ଯାଇଛନ୍ତି। କାଁ ଭାଁ କେତେକ କମ୍ପାନୀକୁ ବାଦ୍ ଦେଲେ ଅଧିକାଂଶ ସଂସ୍ଥା ସିଏସ୍‌ଆରକୁ ହେୟଜ୍ଞାନ କରି ସରକାରଙ୍କୁ ଠକିବାରେ ଲାଗିଛନ୍ତି। ୨୦୧୮ ଜୁଲାଇ ୧ରେ ବିଧାନସଭା ଗୃହ କମିଟିର ସଦସ୍ୟମାନେ କଳିଙ୍ଗନଗର ଗସ୍ତ କରି ଶିଳ୍ପ କାରଖାନାର ଦୟାର ପାତ୍ର ନ ହୋଇ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ତାହା ବି ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ। ଏହାବାଦ୍ ଦାନଗଦି ଓ ସୁକିନ୍ଦା ଡାକ୍ତରଖାନାର ସର୍ବାଙ୍ଗୀନ ଉନ୍ନତି ପାଇଁ ଶିଳ୍ପ କମ୍ପାନୀକୁ ଦାୟିତ୍ୱ ଦିଆଯିବ ବୋଲି ପ୍ରସ୍ତାବ ଦିଆଯାଇଥିଲା। ଡୁବୁରୀସ୍ଥିତ ମେଡିକାରେ ମାଗଣାରେ ଚିକିତ୍ସା କରାଯିବ ବୋଲି କମିଟି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସାରଙ୍ଗପୁର ଓ ତ୍ରିଜଙ୍ଗା ଗ୍ରାମରେ ତୁରନ୍ତ ଜଳଯୋଗାଣ, ସ୍କୁଲ ମରାମତି, ପୋଖରୀ ନିର୍ମାଣ ଆଦି ଜନହିତକର କାର୍ଯ୍ୟ ଜିଲା ପ୍ରଶାସନ କରିବ ବୋଲି ସେମାନେ ସୂଚନା ଦେଇଥିଲେ। ହେଲେ ଏହିସବୁ ପ୍ରତିଶ୍ରୁତି ପାଣିର ଗାର ହୋଇଛି। ଉପଯୁକ୍ତ ସ୍ୱାସ୍ଥ୍ୟସେବା ଆରମ୍ଭରୁ ଶିଳ୍ପାଞ୍ଚଳର ଦାନଗଦି ବ୍ଲକ ମନୋହରପୁରର ଗ୍ରାମର ବେଣୁଧର ଦଳାଇଙ୍କ ପରିବାର ପୁଷ୍ଟିହୀନତାର ଶିକାର ହୋଇଛନ୍ତି। ବେଣୁଧର ପେସାରେ ଗାଡ଼ି ଡ୍ରାଇଭର। ସ୍ତ୍ରୀ ମିନତି(୩୦), ଝିଅ ସୁକାନ୍ତି(୮), ପୁଅ ରୋହିତ(୫), ୩ ମାସର ଶିଶୁକନ୍ୟା ସହ ସେ ଭଙ୍ଗାଘରେ ପାଲ ପକାଇ ରହୁଛନ୍ତି। ମିନତି ଓ ପିଲାମାନଙ୍କ ଦେହରେ ଘା' ସୃଷ୍ଟି ହୋଇଛି। ସେମାନଙ୍କ ଓଜନ ଚିନ୍ତାଜନକ ଭାବେ କମ୍ ରହିଛି। ମିନତି ଓ ତାଙ୍କ ୩ ପିଲାଙ୍କୁ ଦାନଗଦି ରାଷ୍ଟ୍ରୀୟ ବାଲ ସୁରକ୍ଷା କାର୍ଯ୍ୟକ୍ରମର ଫାର୍ମାସିଷ୍ଟ ମନୋଜ ପୃଷ୍ଟି ଓ ଆଶା କର୍ମୀ କବିତା ପାଇକ ବୁଧବାର ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ଏମାନଙ୍କୁ ପୁଷ୍ଟି ସାଧନ କେନ୍ଦ୍ରରେ ରଖାଯାଇଛି। ଓଜନ କମ୍ ଥିବାରୁ ୧୫ ଦିନ ପର୍ଯ୍ୟନ୍ତ ଚିକିତ୍ସା କରାଯିବ ଏବଂ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଲା ପରେ ସେମାନଙ୍କୁ ଘରେ ଛଡ଼ାଯିବ ବୋଲି ଡାକ୍ତର ସନ୍ତୋଷ କୁମାର ପୃଷ୍ଟି କହିଛନ୍ତି। ଖବରପାଇ ଦାନଗଦି ବିଡିଓ, ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା ପ୍ରମୁଖ ଅପପୁଷ୍ଟିର ଶିକାର ପରିବାରବର୍ଗଙ୍କୁ ଭେଟିବା ସହ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି।



ପୁଷ୍ଟି ସାଧନ କେନ୍ଦ୍ରରେ ବେଣୁଧରଙ୍କ ପରିବାର।

ଯୁବ ସମାଜସେବୀ ରାଜେଶ କୁମାର ରାଉତ ଓ ବିଶ୍ୱଜିତ ମାଝି କୁହନ୍ତି, ଏହି ପରିବାରବର୍ଗଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିନାହିଁ। କେବଳ ବେଣୁଧରଙ୍କ ପରିବାର ନୁହେଁ, ମନୋହରପୁର ଓ ଆଖପାଖ ଗ୍ରାମରେ ୧୦୦ରୁ ଊର୍ଦ୍ଧ୍ୱ ଗର୍ଭବତୀ, ପ୍ରସୂତି ଏବଂ ୫ ବର୍ଷରୁ କମ୍ ପିଲା ଅପପୁଷ୍ଟିର ଶିକାର ହୋଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ଛତୁଆ ବଣ୍ଟନ କାର୍ଯ୍ୟକ୍ରମ ଏଠାରେ ପ୍ରହସନ ପାଲଟିଛି। ଶିଳ୍ପସଂସ୍ଥାଗୁଡ଼ିକର ସିଏସ୍‌ଆର୍ ଯୋଜନା ମଧ୍ୟ ଏଠାରେ କାର୍ଯ୍ୟକାରୀ ହେଉନାହିଁ। ଏହି ପରିବାରର ଦୁଃଖ ଦୁର୍ଦ୍ଦଶା ଦେଖିଲେ ଏଠାରେ ଶିଳ୍ପାୟନର ଆବଶ୍ୟକତା ନାହିଁ ବୋଲି କୁହାଯାଇପାରେ। କମ୍ପାନୀର ସ୍ୱାର୍ଥ ପାଇଁ ସମର୍ପିତ ପ୍ରଶାସନ ଆଦିବାସୀ ଅଞ୍ଚଳର ଉନ୍ନୟନ କଥା ବି ଭୁଲିଯାଇଛି। ଫଳରେ ଶିଳ୍ପାଞ୍ଚଳ କଳିଙ୍ଗନଗରର ମୌଳିକ ସୁବିଧା ଯେଉଁ ତିମିରକୁ ସେହି ତିମିରରେ ରହିଯାଇଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ସରକାରଙ୍କ ଅନେକ ଯୋଜନା ସେଠାରେ କାର୍ଯ୍ୟକାରୀ ହେଉଛି। ଦାନଗଦି ବିଡିଓଙ୍କ ସହ ଆଲୋଚନା କରି ସେହି ପରିବାରବର୍ଗଙ୍କ ପାଇଁ ଯୋଜନା ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ।

# ଜେଲ ଫେରିଲେ ଆକାଶ, ପ୍ରଦୀପଙ୍କୁ ମାରାଥନ ଜେରା

**ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)**

ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶଙ୍କ ୫ ଦିନିଆ ରିମାଣ୍ଡ ଅବଧି ମଙ୍ଗଳବାର ଶେଷ ହୋଇଛି। ବୁଧବାର କ୍ରାଇମବ୍ରାଞ୍ଚ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିବା ପରେ ଝାରପଡାସ୍ଥିତ ସ୍ୱତନ୍ତ୍ର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଟାଟା ମୋଟର୍ସ ନାଁରେ ନିଯୁକ୍ତି ଜାଲିଆତି ଓ ଠକେଇ ମାମଲାରେ ସେ ଜେଲ ଯାଇଥିବାବେଳେ ରିମାଣ୍ଡ ସମୟରେ ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଏହି ମାମଲା ସହ ବେଆଇନ ଅର୍ଥ କାରବାର ଘଟଣାରେ ଗିରଫ ହୋଇ ଜେଲ ଯାଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ କ୍ରାଇମବ୍ରାଞ୍ଚ ମଙ୍ଗଳବାରଠାରୁ ୨ଦିନିଆ ରିମାଣ୍ଡରେ ଆଣି ଜେରା କରୁଛି। ଟାଟା କମ୍ପାନୀରେ ଚାକିରି ନାଁରେ ଠକେଇ ସହ ଅନ୍ୟ ବେଆଇନ ଅର୍ଥ କାରବାରକୁ ନେଇ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁର ଏକ ସ୍ୱତନ୍ତ୍ର ଟିମ୍ ପ୍ରଦୀପଙ୍କୁ ଦ୍ୱିତୀୟ ଦିନରେ ମାରାଥନ ଜେରା କରିଛି। ଠକେଇର ଶିକାର ଯୁବତୀଯୁବକ ଦେଇଥିବା ବୟାନ ଆଧାରରେ ତଥ୍ୟ ହାସଲ ପାଇଁ ଉଦ୍ୟମ କରୁଛି କ୍ରାଇମବ୍ରାଞ୍ଚ। ମଙ୍ଗଳବାର ମଧ୍ୟ ଏ ସଂକ୍ରାନ୍ତରେ ପ୍ରଦୀପ ଓ ଆକାଶଙ୍କୁ ମୁହାଁମୁହିଁ ଜେରା କରାଯାଇଥିଲା। ଉଭୟଙ୍କଠାରୁ ମିଳିଥିବା ସୂଚନାକୁ ଆଧାର କରି କ୍ରାଇମବ୍ରାଞ୍ଚର ଏକ ସ୍ୱତନ୍ତ୍ର ଟିମ୍ ବ୍ରହ୍ମପୁରରେ ତଦନ୍ତକୁ ତ୍ୱରାନ୍ୱିତ କରିଛି।



ଆକାଶ ପାଠକଙ୍କୁ ଜେଲକୁ ନିଆଯାଉଛି।

# ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ଜୟରାମ

**ଘଣ୍ଟାପଡା,୧୬।୧୨ (ଡି.ଏନ୍.ଏ)**

ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁର ୩୦ ବର୍ଷୀୟ ଯୁବ ଗବେଷକ ଜୟରାମ ରଣା। ଜୈବ ରାସାୟନିକ ଗବେଷକ ରଣା ବିଶ୍ୱର ସର୍ବବୃହତ୍ ସାରୁପତ୍ର ପ୍ରଦର୍ଶନ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ସୂଚନା ଅନୁସାରେ, ସେ ଏକଦା ନିଜ ଜିଲାର ପାହାଡ ଅଞ୍ଚଳରେ ଭ୍ରମଣ କରିବା ସମୟରେ ଏକ ସାରୁ ପୁଆ ପାଇଥିଲେ। ସେ ସାରୁକୁ ଆଣି ନିଜ ଘର କୂଅ ପାଖରେ ଲଗାଇ ବିଶେଷ ଚାଷ ପଦ୍ଧତି ଆପଣାଇ ଥିଲେ। ଏଥିସହ ଜୈବ ରାସାୟନିକ ଖତ ପ୍ରୟୋଗ କରି ସର୍ବବୃହତ୍ ସାରୁ ପତ୍ର ପ୍ରସ୍ତୁତ କରିବାରେ ସଫଳ ହୋଇଥିଲେ। ଏହି ସାରୁପତ୍ରର ଆକାର ୨୫ ଇଞ୍ଚ ଲମ୍ବ ଏବଂ ୨୯ ଇଞ୍ଚ ଚଉଡା ହୋଇଥିଲା। ଏହି ଆକାରକୁ ନେଇ ଗବେଷକ ରଣା ବିଶ୍ୱ ରେକର୍ଡ ପାଇଁ ଆବେଦନ କରିଥିଲେ। ତିନି ମାସ ପରେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ ତରଫରୁ ତଦନ୍ତ ହୋଇ ସମସ୍ତ ତଥ୍ୟ ଠିକ୍ ଥିବାରୁ ରଣାଙ୍କ ଆବେଦନକୁ ଗ୍ରହଣ କରାଯାଇଥିଲା। ଗବେଷକ ରଣା ବୌଦ୍ଧ ଜିଲାର ପ୍ରଥମ ବ୍ୟକ୍ତି ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ର ଅଧିକାରୀ ହୋଇ ପାରିଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ମିଳିବାରେ ଲାଗିଛି। ଏହି ଗବେଷକଙ୍କ ହେଲ୍‌ଥ ସାଇନ୍ସ ରିସର୍ଚ୍ଚ ଫାଉଣ୍ଡେଶନ ନାମକ ଏକ ନିଜସ୍ୱ ଲ୍ୟାବ ମଧ୍ୟ ଅଛି। ସେଥିରେ ସେ ଚିଫ୍ ଡାଇରେକ୍ଟର ଅଛନ୍ତି। ତାଙ୍କ ଲ୍ୟାବ୍ ସରକାରୀ ଲ୍ୟାବ୍ ସହ ମିଶି କାମ କରିବା ପାଇଁ ସବୁଜ ସଙ୍କେତ ମିଳିସାରିଛି। ସେ ବିଭିନ୍ନ ଫର୍ମୁଲା ଉପରେ ଗବେଷଣା କରୁଛନ୍ତି।



ପ୍ରମାଣପତ୍ର ସହ ଜୟରାମ।

# ୬ ଗାଡ଼ି ପୋଡ଼ିଲେ ମାଓବାଦୀ

**ମାଲକାନଗିରି,୧୬।୧୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ପୁଣି ଲାଲବାହିନୀର ବର୍ବରତା ଦେଖିବାକୁ ମିଳିଛି। ବିଜାପୁର ଜିଲା ଫରସେଗଡ ଥାନା ଅନ୍ତର୍ଗତ ଆଲବାଡା ଗ୍ରାମରେ ରାସ୍ତା କାମରେ ନିୟୋଜିତ ୬ଟି ଗାଡିକୁ ମାଓବାଦୀମାନେ ମଙ୍ଗଳବାର ରାତିରେ ନିଆଁ ଲଗାଇ ପୋଡ଼ିଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ସୂଚନା ଦେଇଥିଲେ। ବର୍ତ୍ତମାନ ସୁଦ୍ଧା କୌଣସି ତଦନ୍ତ ଆରମ୍ଭ ହୋଇନି ବୋଲି ବିଜାପୁର ଏସ୍‌ପି କମଳଲୋଚନ କଶ୍ୟପ କହିଛନ୍ତି।




# ନକଲି ଗୁଟ୍‌ଖା କାରଖାନା ଠାବ





ନକଲି ଗୁଟ୍‌ଖା ଜବତ କରାଯାଉଛି।

**ମାଲିକଙ୍କ ସମେତ ୨ ଗିରଫ**

- ୩ ଲକ୍ଷ ଟଙ୍କାର ସାମଗ୍ରୀ ଜବତ
- ବିନା ଲାଇସେନ୍ସରେ ଚାଲିଥିଲା କାରବାର

**କଟକ ଅଫିସ, ୧୬।୧୨**

କଟକରେ ପୁଣି ଏକ ନକଲି କାରଖାନା ଠାବ ହୋଇଛି। ବୁଧବାର ପୋଲିସ ଜଗତପୁର ତଳବଣିଆସ୍ଥିତ ନକଲି ଗୁଟ୍‌ଖା କାରଖାନା ଉପରେ ଚଢ଼ାଉ କରି ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ନକଲି ସାମଗ୍ରୀ ଜବତ କରିଛି। ଯାହାର ମୂଲ୍ୟ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏ ନେଇ ଜଗତପୁର ଥାନାରେ କେସ୍ ନଂ. ୫୨୭/୨୦୨୦ ରୁଜୁ ହୋଇଛି। ଏହି ଘଟଣାରେ କମ୍ପାନୀ ମାଲିକ ଏସ୍. ଏ. ଜମିର ଏବଂ ପାର୍ଥ ମାନ୍ନା ନାମକ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ପୋଲିସ ଖୋଜିବା ସହ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, କଟକ କମିଶନରେଟ୍ ପୋଲିସ ଓ ଜଗତପୁର ପୋଲିସ ମିଳିତ ଭାବେ ଉକ୍ତ କମ୍ପାନୀରେ ଚଢ଼ାଉ କରିଥିଲା। ସେଠାରୁ ବିପୁଳ ପରିମାଣର ପ୍ୟାକିଙ୍ଗ୍ ସାମଗ୍ରୀ ଓ କଞ୍ଚାମାଲ ଜବତ କରାଯାଇଛି। ସିଗ୍ମା, ଗୋକୁଲ, କ୍ରିଷ୍ଣା, ମୋଦି, ରକେଟ ଆଦି ବ୍ରାଣ୍ଡର ନକଲି ଗୁଟ୍‌ଖା ଓ ଖଇନି ତିଆରି କରାଯାଉଥିଲା। ଖୋର୍ଦ୍ଧାରୁ ଜମିର ଓ କୋଲକାତାରୁ ପାର୍ଥ ଆସି ମିଳିମିଶି ୪ମାସ ହେଲା ଏହି କାରବାର ଚଳାଇଥିଲେ। ବିନା ଲାଇସେନ୍ସରେ ଉକ୍ତ କମ୍ପାନୀ ଚାଲିଥିବାବେଳେ ପ୍ୟାକେଟ ଉପରେ ମ୍ୟାନୁଫାକ୍‌ଚରିଂ ଓ ଏକ୍ସପାଏରି ତାରିଖ, ବ୍ୟାଚ୍ ନମ୍ବର ଉଲ୍ଲେଖ ରହୁ ନ ଥିଲା। କଟକ ଜିଲାରେ ଏଭଳି ନକଲି ସାମଗ୍ରୀ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ବିରୋଧରେ ଚଢାଉ ଜାରି ରହିବ ବୋଲି ପୋଲିସ କହିଛି। ଉଲ୍ଲେଖଥାଉ କି, ସେପ୍ଟେମ୍ବର ୧୩ରେ ରାଣୀହାଟ ଅଞ୍ଚଳରେ ଏକ ନକଲି ପୂଜା ସାମଗ୍ରୀ କମ୍ପାନୀ, ୧୪ରେ ଚୌଦ୍ୱାର ୱାର୍ଡ ନଂ. ୯ରେ ନକଲି ଘିଅ ଓ ସସ୍ କାରଖାନା, ୨୬ ତାରିଖରେ ଜଗତପୁର ଆଇ.ବି. ରୋଡ୍‌ଠାରେ ନକଲି ସସ୍ କାରଖାନା ଠାବ ହୋଇଥିଲା। ସେହିପରି ନଭେମ୍ବର ୧୪ରେ କଟକ ଅଞ୍ଚଳରେ ଏକ ନକଲି ମସଲା ଓ ୨୬ରେ ନକଲି ଘିଅ କାରଖାନା ଉପରେ ଚଢ଼ାଉ କରାଯାଇଥିଲା। ବାରମ୍ବାର କଟକ ସହର ଓ ଆଖପାଖ ଅଞ୍ଚଳରେ ବିଭିନ୍ନ ନକଲି ଖାଦ୍ୟ ସାମଗ୍ରୀ, ପାନମସଲା ତଥା ଗୁଟ୍‌ଖା କମ୍ପାନୀକୁ ପୋଲିସ ଠାବ କରୁଛି। ତଥାପି ଦିନକୁ ଦିନ ଏହି ତାଲିକା ଲମ୍ବା ହେବାରେ ଲାଗିଛି।

OFFICE OF THE PRINCIPAL
**INSTITUTE OF MANAGEMENT & INFORMATION TECHNOLOGY, CUTTACK**
(A Constituent College of BPUT, Govt. of Odisha)
Gaurav Palace, Matha Sahi, Tulasipur, Cuttack - 753008, Ph : 0671-2506711
No.1135, Dt.16.12.2020

**NOTICE FOR SPOT ADMISSION - 2020**
**For the remaining vacant seats in MBA, MCA, M.Tech (CSE) and M.Tech (IT)**

Spot Counseling for the remaining vacant seats in MBA, MCA, M.Tech (CSE) and M.Tech (IT) shall be conducted as per the schedule below.

| Date of Spot Counseling | Time of reporting & registration | Time of display of merit list | Time of spot admission |
|---|---|---|---|
| 19th and 21st Dec - 2020 | 10.00 AM to 1.00 PM | 3.00 PM | 3.00 PM - 5.00 PM |

Eligibility :-
1. Candidates who have not participated in earlier rounds of OJEE Counseling / who have withdrawn from the OJEE Counseling process.
2. Candidates who have participated in OJEE Counseling process but not got allotment of seats / allotted a seat but not considered further due to any reason.
3. Candidates having Final Allotment Letter but did not report at the allotted institution.
4. Candidates having valid rank in CAT/MAT/XAT/ATMA and CMAT are also allowed for admission in MBA program against the vacant seats as per guidelines of OJEE Counseling Brochure 2020.
5. **The state Government has allowed the professional institutions of the State to admit students in MBA course in Spot Round of Counseling process on the basis of marks secured in the qualifying UG Exam. However the OJEE Rank holders will get priority in admission.**
6. For further details of the Admission process, visit our website : **www.imit.ac.in** or contact Dr.S.K.Jayasingh, Mo-9861016676,7978049366

PRINCIPAL

**ଆଜିର ମନ୍ତବ୍ୟ**

"ସରକାର ଚାହିଁଲେ ୫ ମିନିଟରେ ଚାଷୀ ଆନ୍ଦୋଳନର ସମାଧାନ ହୋଇପାରିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହସ୍ତକ୍ଷେପ କରିବା ଆବଶ୍ୟକ।
–ସଞ୍ଜୟ ରାଉତ୍, ଶିବସେନା ଏମ୍‌ପି

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ


ସ୍ମୃତିରେଖା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମଧ୍ୟପ୍ରଦେଶ ମୁଖ୍ୟ ବିଚାରପତି ହେବେ ମହମ୍ମଦ ରଫିକ୍

## ■ ୪ ମୁଖ୍ୟ ବିଚାରପତିଙ୍କ ବଦଳି ■ ୫ ବିଚାରପତିଙ୍କ ପଦୋନ୍ନତି ସୁପାରିସ

**ନୂଆଦିଲ୍ଲୀ, ୧୬।୧୨(ପି.ଟି.)**

ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ କଲେଜିୟମ୍ ବିଭିନ୍ନ ହାଇକୋର୍ଟର ୪ ମୁଖ୍ୟ ବିଚାରପତିଙ୍କୁ ବଦଳି ପାଇଁ ସୁପାରିସ କରିଛନ୍ତି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍‌ଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟକୁ ବଦଳି ପାଇଁ ସୁପାରିସ କରାଯାଇଥିବାବେଳେ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଜେ.କେ. ମାହେଶ୍ୱରୀଙ୍କୁ ସିକ୍କିମ୍ ହାଇକୋର୍ଟ, ସିକ୍କିମ୍‌ର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏ.କେ. ଗୋସ୍ୱାମୀଙ୍କୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ମୁଖ୍ୟବିଚାରପତି ଓ ତେଲଙ୍ଗାନା ହାଇକୋର୍ଟ ମୁଖ୍ୟ ବିଚାରପତି ଆର୍.ଏସ୍.ଚୌହାନ୍‌ଙ୍କୁ ଉତ୍ତରାଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ବଦଳି ନିମନ୍ତେ ସୁପାରିସ କରାଯାଇଛି।

ସେହିପରି କଲେଜିୟମ ୫ଜଣ ବିଚାରପତିଙ୍କୁ ବିଭିନ୍ନ ହାଇକୋର୍ଟର ମୁଖ୍ୟ ବିଚାରପତିଭାବେ ପଦୋନ୍ନତି ଦେବାକୁ ସୁପାରିସ୍ କରିଛନ୍ତି। ପଞ୍ଜାବ ଓ ହରିୟାଣା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧରଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦେବା କଲେଜିୟମ ସୁପାରିସ କରିଛି। ସେହିପରି ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ହିମା କୋହଲିଙ୍କୁ ତେଲେଙ୍ଗାନା ହାଇକୋର୍ଟ ମୁଖ୍ୟ ବିଚାରପତି, କୋଲକାତା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୀବ ବାନାର୍ଜୀଙ୍କୁ ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ମିଳିଛି। ଏହା ବ୍ୟତୀତ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ପଙ୍କଜ ମିଠଲଙ୍କୁ ଜମ୍ମୁ–କଶ୍ମୀର ଏବଂ ଉତ୍ତରାଖଣ୍ଡ ହାଇକୋର୍ଟ ବିଚାରପତି ସୁଧାଂଶୁ ଧୁଲିଆଙ୍କୁ ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ପ୍ରସ୍ତାବକୁ କଲେଜିୟମ ଅନୁମୋଦନ କରିଛି। ସୁପ୍ରିମକୋର୍ଟଙ୍କ କଲେଜିୟମରେ ସିଜେଆଇଙ୍କ ବ୍ୟତୀତ ଜଷ୍ଟିସ୍ ଏନ୍.ଭି. ରମାନ୍ନା, ଆର୍.ଏଫ୍. ନରିମାନ, ୟୁ.ୟୁ. ଲଳିତ ଏବଂ ଏ.ଏମ୍. ଖନ୍‌ୱିଲ୍‌କର ସଦସ୍ୟ ଅଛନ୍ତି।

# ଯୋଗ୍ୟ ହିତାଧିକାରୀଙ୍କୁ ପିଏମ୍‌ଏୱାଇରେ ଅନ୍ତର୍ଭୁକ୍ତ କରାଯାଉ

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା–ଗ୍ରାମୀଣ (ପିଏମ୍‌ଏୱାଇ–ଜି)ରେ ରାଜ୍ୟର ଯୋଗ୍ୟ ହିତାଧିକାରୀଙ୍କୁ ବାସଗୃହ ଯୋଗାଇଦେବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି, ଜିଓ ଟ୍ୟାଗ୍ ଏବଂ ଆଧାର ସଂଯୋଗ କରି ଫନୀ ପ୍ରଭାବିତ ୧୪ ଜିଲାରେ ୭.୮୭ ଲକ୍ଷ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ପିଏମ୍‌ଏୱାଇ–ଜିର ସ୍ଥାୟୀ ୱେଟିଂ ତାଲିକାରେ ଅନ୍ତର୍ଭୁକ୍ତ କରିବା ସହ ସେମାନଙ୍କ ପାଇଁ ଏହି ଯୋଜନାରେ ସ୍ୱତନ୍ତ୍ର ପକ୍କାଘର ଯୋଗାଇବା ଉପରେ ବିଚାର କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଉକ୍ତ ପକ୍କାଘର କେବଳ ଫନୀ ପ୍ରଭାବିତ ପରିବାରଙ୍କୁ ଆଶ୍ୱସ୍ତି ଦେବ ନାହିଁ ବରଂ ବାତ୍ୟାପ୍ରବଣ ଅଞ୍ଚଳରେ ଗ୍ରାମାଞ୍ଚଳ ପରିବାରକୁ ସୁରକ୍ଷିତ ଘର ଯୋଗାଇବାରେ ସହାୟତା କରିବ। ଏହାଛଡ଼ା ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାର ୧୬ଟି ଅଣ ଫନୀ ଜିଲାର ସ୍ଥାୟୀ ୱେଟିଂ ତାଲିକାରୁ ବାଦ୍ ପଡିଥିବା ୬.୦୭ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିଛନ୍ତି। ସମସ୍ତଙ୍କୁ ସୁରକ୍ଷିତ ଘର ଦେବାକୁ ଆବାସ ପ୍ଲସ୍ ମୋବାଇଲ ଆପ୍ ୱିଣ୍ଡୋରୁ ଜିଓ ଟ୍ୟାଗ୍ ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟକୁ ପରାମର୍ଶ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

**ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି**
**ଫନୀ ପ୍ରଭାବିତ ଅଞ୍ଚଳର ୭.୮୭ ଲକ୍ଷର ତାଲିକା ଦେଲେ**

## ପ୍ରଥମ ପୃଷ୍ଠାରୁ...

### କାଠଗଡ଼ାରେ...

ସାର୍ବଜନୀନ କରାଯାଇଥିଲା। ଉକ୍ତ ଦଲିଲ ଅନୁସାରେ ଏହା ଏକ ସରକାରୀ ଟ୍ରଷ୍ଟ ନୁହେଁ। ଡିଡ୍‌ର ପଏଣ୍ଟ ୫.୩ କହୁଛି ଯେ, ଉକ୍ତ ଟ୍ରଷ୍ଟର କାର୍ଯ୍ୟକାରିତା ଉପରେ କେନ୍ଦ୍ର ସରକାର କିମ୍ବା କୌଣସି ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ନିୟନ୍ତ୍ରଣ ନାହିଁ। ୨୦୦୦ ମାର୍ଚ୍ଚ ୨୭ରେ ଏହା ପଞ୍ଜୀକୃତ ହୋଇଥିବାବେଳେ ଦିନକ ପରେ ଅର୍ଥାତ୍ ୨୮ ତାରିଖରେ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଏକ ମେମୋରେଣ୍ଡମ୍ ଜାରି କରିଥିଲା। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ରୂପେ ଉଭୟ ଘରୋଇ ଓ ସରକାରୀ କମ୍ପାନୀଗୁଡ଼ିକ ଦେଉଥିବା ଦାନ ଗ୍ରହଣ କରିବା ପାଇଁ ପିଏମ୍–କେୟାର୍ସ ଯୋଗ୍ୟ ବୋଲି ଏଥିରେ ଦର୍ଶାଯାଇଥିଲା। କମ୍ପାନୀ ଆକ୍ଟ କର୍ପୋରେଟ୍ ଦାନ ଗ୍ରହଣ କରିବାର ଯୋଗ୍ୟତାକୁ ଏଭଳି ଭାଷାରେ ନିରୂପଣ କରେ। "ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ଫଣ୍ଡ କିମ୍ବା କେନ୍ଦ୍ର ଅଥବା ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଅନ୍ୟ କୌଣସି ପାଣ୍ଠିକୁ ସାମାଜିକ–ଅର୍ଥନୈତିକ ବିକାଶ ଏବଂ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଉପଜାତି (ଏସ୍‌ସି/ଏସ୍‌ଟି), ଅନ୍ୟ ପଛୁଆ ବର୍ଗ (ଓବିସି), ସଂଖ୍ୟାଲଘୁ ଓ ମହିଳାଙ୍କ କଲ୍ୟାଣ ପାଇଁ ରିଲିଫ୍ ଓ ଅର୍ଥ ଯୋଗାଯାଇ ପାରିବ।"

ଆର୍‌ଟିଆଇ ଜରିଆରେ ସୂଚନା ଅଧିକାର କର୍ମୀ ଅଞ୍ଜଳି ଭରଦ୍ୱାଜ ପାଇଥିବା ଦସ୍ତାବିଜରୁ ଜଣାପଡ଼ିଛି ଯେ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ମାର୍ଚ୍ଚ ୨୮ରେ ଜାରି କରିଥିବା ଅଫିସ୍ ମେମୋରେଣ୍ଡମ୍‌ରେ ପିଏମ୍–କେୟାର୍ସକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗଠନ କରାଯାଇଥିବା ଏକ ପାଣ୍ଠି ବୋଲି ଦର୍ଶାଯାଇଥିଲା। କିନ୍ତୁ ଏହାର ଦିନକ ପୂର୍ବରୁ ପଞ୍ଜୀକୃତ ଟ୍ରଷ୍ଟ ଡିଡ୍‌ରେ ଏହାକୁ ସରକାରଙ୍କ ଦ୍ୱାରା ପରିଚାଳିତ ପାଣ୍ଠି ନୁହେଁ ବୋଲି କୁହାଯାଇଥିଲା। ଏହି ଦୃଷ୍ଟିରୁ ଶିଳ୍ପ ସଂସ୍ଥାଗୁଡ଼ିକରୁ ଦାନ ଗ୍ରହଣ କରିବା ନେଇ ପିଏମ୍–କେୟାର୍ସର ଯୋଗ୍ୟତା ନ ଥିଲା। ଏହି ବିରୋଧାଭାସ ପ୍ରାୟ ୨ ମାସ ଧରି ଜାରି ରହିଥିଲା। ମେ ୨୬ ତାରିଖରେ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ପିଏମ୍–କେୟାର୍ସ ଫଣ୍ଡକୁ ମାର୍ଚ୍ଚ ୨୮ରୁ ପିଛିଲା ଭାବେ କମ୍ପାନୀ ଆଇନ ଦ୍ୱାରା ପରିଚାଳିତ ବୋଲି ଉଲ୍ଲେଖ କଲା। ଅଗଷ୍ଟ ୨୦ରେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ ଟୁଇଟ୍ କରି ପ୍ରଶ୍ନ କରିଥିଲେ ଯେ, ଯଦି ଏହି ଫଣ୍ଡ ଘରୋଇ ଭାବେ ପ୍ରତିଷ୍ଠିତ ଏକ ପାଣ୍ଠି ତେବେ ଦାନ ଅର୍ଥକୁ ସିଏସ୍‌ଆର୍ ନାମରେ କାହିଁକି ହିସାବ କରାଯାଉଛି? ଇତିମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ କେତେକ ଗଣମାଧ୍ୟମ ସଂସ୍ଥା ଆର୍‌ଟିଆଇ ଆଇନ ବଳରେ ଉକ୍ତ ଟ୍ରଷ୍ଟ ଡିଡ୍‌ର ନକଲ ମାଗିଥିଲେ। ତେବେ ପିଏମ୍–କେୟାର୍ସ ଫଣ୍ଡ ଏକ ସରକାରୀ ପାଣ୍ଠି ନୁହେଁ ବୋଲି ଦର୍ଶାଇ ପିଏମ୍‌ଓ ସେମାନଙ୍କ ଆବେଦନଗୁଡ଼ିକୁ ଖାରଜ କରି ଦେଇଥିଲା। ସେପ୍ଟେମ୍ବରରେ ସାର୍ବଜନୀନ କରାଯାଇଥିବା ଆକାଉଣ୍ଟ ଷ୍ଟେଟ୍‌ମେଣ୍ଟ ଅନୁସାରେ ପିଏମ୍–କେୟାର୍ସ ଫଣ୍ଡ ଗଠନ ହେବାର ୫ ଦିନ ମଧ୍ୟରେ ଏହାକୁ ୩,୦୭୬.୬୨ କୋଟି ଟଙ୍କା ମିଳିଥିଲା।

### ବର୍ଷକୁ ୪ଥର...

୧୫ରୁ ୧୮, ତୃତୀୟ ପର୍ଯ୍ୟାୟ ଏପ୍ରିଲ ୨୭ରୁ ୩୦ ଏବଂ ଚତୁର୍ଥ ପର୍ଯ୍ୟାୟ ପରୀକ୍ଷା ମେ' ୨୪ରୁ ୨୮ ମଧ୍ୟରେ ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀଙ୍କୁ ସମସ୍ତ ୪ଟି ପର୍ଯ୍ୟାୟ ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ନିଜ ଇଚ୍ଛାରେ ଯେକୌଣସି ପର୍ଯ୍ୟାୟରେ ପ୍ରବେଶିକା ପରୀକ୍ଷା ଦେଇପାରିବେ। ଯଦି କୌଣସି ଛାତ୍ରୀଛାତ୍ର ଗୋଟିଏ ପର୍ଯ୍ୟାୟରେ ଭଲ କରିପାରି ନ ଥିବେ, ଅନ୍ୟ ପର୍ଯ୍ୟାୟରେ ପରୀକ୍ଷା ଦେଇପାରିବେ। ଏକାଧିକ ପର୍ଯ୍ୟାୟରେ ପରୀକ୍ଷା ଦେଇଥିଲେ ସର୍ବାଧିକ ସ୍କୋର୍ ପର୍ଯ୍ୟାୟକୁ ର୍‍ୟାଙ୍କିଙ୍ଗ୍ ପାଇଁ ଗ୍ରହଣ କରାଯିବ। ପରୀକ୍ଷାର୍ଥୀମାନେ ଆସନ୍ତା ଡିସେମ୍ବର ୧୬ରୁ ୨୦୨୧ ଜାନୁଆରୀ ୧୬ ମଧ୍ୟରେ ଆବେଦନ କରିପାରିବେ। ଜାନୁଆରୀ ୧୭ ମଧ୍ୟରେ ୪ ପର୍ଯ୍ୟାୟ ପାଇଁ ପରୀକ୍ଷା ଫି' ଦେବାକୁ ପଡ଼ିବ। ପ୍ରଶ୍ନପତ୍ରରେ ୯୦ଟି ପ୍ରଶ୍ନ ରହିବ ଓ ପରୀକ୍ଷାର୍ଥୀମାନେ ୭୫ଟିର ଉତ୍ତର ଦେବେ ବୋଲି ଏନ୍‌ଟିଏ ନିଷ୍ପତ୍ତି ନେଇଛି। ଜେଇଇ ମେନ୍ ୧୩ଟି ଭାଷାରେ ଅନୁଷ୍ଠିତ ହେବ। ସେଗୁଡ଼ିକ ହେଲା ଇଂଲିଶ, ହିନ୍ଦୀ, ଓଡ଼ିଆ, ବଙ୍ଗଳା, ଗୁଜରାଟୀ, ଅସମିଆ, କନ୍ନଡ଼, ମରାଠୀ, ପଞ୍ଜାବୀ, ତାମିଲ, ତେଲୁଗୁ, ଉର୍ଦ୍ଦୁ ଓ ମାଲୟାଲମ। ପରୀକ୍ଷା ଦୁଇଟି ସିଫ୍ଟରେ ସକାଳ ୯ଟାରୁ ଅପରାହ୍ନ ୧୨ଟା ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହେବ। ପରୀକ୍ଷା ଶେଷ ହେବାର ୫ଦିନ ପରେ ପରୀକ୍ଷା ଫଳ ପ୍ରକାଶ ପାଇବ। ଛାତ୍ରୀଛାତ୍ରମାନେ jeemain.nta.nic.in ୱେବ୍‌ସାଇଟ୍‌ରୁ ଅଧିକ ତଥ୍ୟ ପାଇପାରିବେ ବୋଲି ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି।

### ଅଧିଗୃହୀତ ଜମିରେ...

ଆଟ, ପଥର ଚଟାଣ, ଘରବାରି, ଖଳାବାରି ପ୍ରଭୃତି କିସମରେ ପଞ୍ଜୀକରଣ ହୋଇପାରିବ ନାହିଁ। ହେଲେ ଉକ୍ତ କିସମ ଜମିରେ ମଧ୍ୟ ପଞ୍ଜୀକରଣ ହୋଇଛି। ଆଟ, ନିର୍ମାଣ ହେଉଥିବା ଘର, ଶାଗୁଆନ ବଣକୁ ଚାଷ ହେଉଥିବା ଦର୍ଶାଯାଉଛି। ଚାଷୀ ଚୁକ୍ତିନାମା ସ୍ୱାକ୍ଷର କରି ସମବାୟ ସମିତିରେ ଆବେଦନ କରିଥାଏ। ଏହା ପରେ ସ୍ଥାନୀୟ ରାଜସ୍ୱ ବିଭାଗ ପକ୍ଷରୁ ଜମିର ପରିମାଣ ଓ କିସମକୁ ନେଇ ଯାଞ୍ଚ କରାଯାଏ। ଯୋଗାଣ ବିଭାଗ ପକ୍ଷରୁ ଶେଷ ପର୍ଯ୍ୟାୟ ଯାଞ୍ଚ ପରେ ପଞ୍ଜୀକରଣ ହୋଇ ଧାନ ବିକ୍ରି ପାଇଁ ଟୋକନ ଦିଆଯାଏ। ହେଲେ ରାଜସ୍ୱ ବିଭାଗରେ କର୍ମଚାରୀ ଅଭାବ ଥିବାରୁ ସେମାନେ ଠିକ୍ ଭାବେ ଯାଞ୍ଚ କରୁନାହାନ୍ତି। ଭୂଲେଖ ସାଇଟ୍‌ରେ ଯାହା ଉଲ୍ଲେଖ ରହୁଛି ତାହାକୁ ମଞ୍ଜୁରୀ କରିଦେଉଛନ୍ତି। ଏବେ ଜିଲାରେ କାର୍ଡ ବିକ୍ରି ର୍‍ୟାକେଟ କାମ କରୁଛି। ସେମାନେ ଧାନ କ୍ରୟ ଏଜେନ୍ସି (ସମବାୟ ସମିତି)କୁ ହାତ କରି ଫଲ୍ସ ଏଣ୍ଟ୍ରି କରୁଛନ୍ତି। ଧାନ ଗାଡିଗୁଡିକରେ କମ ପରିମାଣ ଆସିଲେ ଅଧିକ ଦେଖାଉଛନ୍ତି। ଫଲ୍ସ ଏଣ୍ଟ୍ରି କରିବା ପାଇଁ କୁଇଣ୍ଟାଲ ପିଛା ୮୦ରୁ ୧୦୦ ଟଙ୍କା ଦିଆଯାଉଥିବା ଅଭିଯୋଗ ହେଉଛି। ଯାଞ୍ଚ କଲେ ବଡଧରଣର ଦୁର୍ନୀତି ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଛି।

ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ନିର୍ଦ୍ଦିଷ୍ଟ କୌଣସି ଚାଷୀ ଉପରେ ଅଭିଯୋଗ ଆସିଲେ ତଦନ୍ତ କରାଯିବ। ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକ କହନ୍ତି, ଚାଷୀମାନେ ଆବେଦନ କରିବା ପରେ ଯାଞ୍ଚ ପାଇଁ ରାଜସ୍ୱ ବିଭାଗକୁ ପଠାଯାଇଥାଏ, ପରେ ପଞ୍ଜୀକରଣ ହୋଇଥାଏ। ଯଦି ଏଭଳି ଅଭିଯୋଗ ଆସେ ତା'ହେଲେ ତଦନ୍ତ କରାଯିବ। ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ଚାଷୀମାନେ ମଧ୍ୟ ସ୍ୱଚ୍ଛତା ଚାହୁଁଛନ୍ତି। ଏଭଳି ଘଟଣାକୁ ବିରୋଧ କରୁଛୁ। ହେଲେ ୨ମାସ ପୂର୍ବରୁ ପଞ୍ଜୀକରଣ ପାଇଁ ଆବେଦନ କରାଯାଉଥିବାରୁ ପ୍ରଶାସନ ପାଖରେ ବହୁତ ସମୟ ରହୁଛି। ତେଣୁ ଏହି ସମୟରେ ସେମାନେ ଯାଞ୍ଚ କରନ୍ତୁ। ଅନ୍ୟପଟେ ଚଳିତବର୍ଷ ଯାଞ୍ଚ ପ୍ରକ୍ରିୟା ବିଳମ୍ବ ହେବାରୁ ବଡ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେଭଳି ନ ହେବା ଆବଶ୍ୟକ।

### ଏସ୍‌ଆଇଟି ଦାଖଲ...

ଦାଏର ହୋଇଥିଲା। ଗୋଟିଏ ମାମଲା ଆଇନଜୀବୀ ପଦ୍ମାଳୟା ମହାପାତ୍ର କରିଥିବାବେଳେ ଅନ୍ୟଟି ଭାରତୀୟ ବିକାଶ ପରିଷଦ ରୁଜୁ କରିଥିଲା। ଆଇନଜୀବୀ ମହାପାତ୍ରଙ୍କ ପକ୍ଷରୁ ଦାଏର ଆବେଦନରେ ଦର୍ଶାଯାଇଥିଲା ଯେ, ପରୀ ନିଖୋଜ ହେବାର କିଛିଦିନ ପରେ ତାଙ୍କର କିଛି ଖଣ୍ଡ ହାଡ଼ ଜବତ କରାଯାଇଥିଲା। ରାଜନୈତିକ ଚାପରେ ପୋଲିସ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛି। ପୋଲିସ ଚାପରେ ରହିଛି। ଏହି ଘଟଣାର ତଦନ୍ତକୁ ନିଜେ ହାଇକୋର୍ଟ ତଦାରଖ କରନ୍ତୁ। ନଚେତ୍ ସିବିଆଇ ଅଥବା ଅନ୍ୟ ସ୍ୱାଧୀନ ଏଜେନ୍ସିକୁ ତଦନ୍ତ ଭାର ହସ୍ତାନ୍ତର କରାଯିବା ସହ ପୀଡ଼ିତା ପରିବାରକୁ ସୁରକ୍ଷା ଦେବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ଅନୁରୋଧ କରିଥିଲେ। ସେହିଭଳି ଭାରତୀୟ ବିକାଶ ପରିଷଦ ପକ୍ଷରୁ ଆଗତ ମାମଲାରେ ଦର୍ଶାଯାଇଛି ପୋଲିସ ଉପରେ ଆଉ ଆସ୍ଥା ନାହିଁ। ଘଟଣାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ପରୀ ମା'ବାପାଙ୍କୁ ୨୫ ଲକ୍ଷ ଟଙ୍କା ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦିଆଯାଉବୋଲି ପ୍ରାର୍ଥନା କରାଯାଇଛି। ଅଦାଲତ ଉଭୟ ଆବେଦନର ଏକତ୍ର ଶୁଣାଣି କରୁଛନ୍ତି। ଏହି ମାମଲା ଅତି ସମ୍ବେଦନଶୀଳ ହୋଇଥିବା ସତ୍ତ୍ୱେ ଘଟଣାର ୫ମାସ ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଥିଲା। ଏନେଇ ଗତ ମାସ ୨୪ ତାରିଖରେ ପରୀର ବାପା ଅଶୋକ ସାହୁ ଓ ମା' ସୌଦାମିନି ଝିଅ ପାଇଁ ନ୍ୟାୟ ଦାବିରେ ବିଧାନସଭା ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏପରି କି ଘଟଣାର ଅଭିଯୁକ୍ତ ବାବୁଲି ନାୟକ ମନ୍ତ୍ରୀ ଅରୁଣ ସାହୁଙ୍କ ଘନିଷ୍ଠ ସହଯୋଗୀ ହୋଇଥିବାରୁ ପୋଲିସ ତାଙ୍କୁ ଜାଣିଶୁଣି ଗିରଫ କରୁନାହିଁ ବୋଲି ଅଭିଯୋଗ କରିଥିଲେ। ଏହାପରେ ବିରୋଧୀ ଭାଜପା ଓ କଂଗ୍ରେସ ସମେତ ବିଭିନ୍ନ ମହଲରୁ ସମାଲୋଚନା କରିବା ସହ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏହାପରେ ସରକାର ଘଟଣାର ତ୍ୱରିତ ତଦନ୍ତ ସହ ଅଭିଯୁକ୍ତଙ୍କୁ ଗିରଫ ନିମନ୍ତେ ଏସ୍‌ଆଇଟି ଗଠନ କରିଥିଲେ।

**ତଦନ୍ତର ଦିଗ ବଦଳାଉଛି ଏସ୍‌ଆଇଟି**

ପରୀର ବାପା ଅଶୋକ ସାହୁଙ୍କ କହିବା ହେଲା ଏସ୍‌ଆଇଟି ତଦନ୍ତର ଦିଗ ବଦଳାଉଛି। ମନଗଢ଼ା କାହାଣୀ କହି ସମୟ ଗଡ଼ାଉଛି। ଝିଅକୁ ହତ୍ୟା କରାଯିବା ଆମେ ଜାଣିଛୁ। ତାର କିଡ୍‌ନୀ, ଆଖି ବିକ୍ରି ପାଇଁ ହତ୍ୟା କରାଯାଇଛି। ବାବୁଲି ନାୟକ ଓ ତାଙ୍କ ପୁଅ କାହ୍ନୁ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଛନ୍ତି। ବାପପୁଅଙ୍କୁ ଘଣ୍ଟ ଘୋଡ଼ାଇବାକୁ ଏସ୍‌ଆଇଟି ଏପରି ରିପୋର୍ଟ ଦେଇଛି। ଯଦି ବଳାତ୍କାର ହୋଇଛି ତେବେ ଆମକୁ ବ୍ୟବଚ୍ଛେଦ ରିପୋର୍ଟ କାହିଁକି ପୋଲିସ ଦେଇ ନ ଥିଲା। ମରିଯିବୁ ପଛେ ହତ୍ୟାକାରୀଙ୍କୁ ଛାଡ଼ିବୁ ନାହିଁ। ମନ୍ତ୍ରୀ ଅରୁଣ ସାହୁ ଇସ୍ତଫା ଦିଅନ୍ତୁ। ପରୀ ହତ୍ୟାର ସିବିଆଇ ତଦନ୍ତ କରାଯାଉ ବୋଲି ସେ କହିଛନ୍ତି। ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନ କୁହନ୍ତି, ପରୀକୁ ଯଦି ବଳାତ୍କାର ପରେ ହତ୍ୟା କରାଯାଇଛି ତେବେ ବ୍ୟବଚ୍ଛେଦ ରିପୋର୍ଟ ପୋଲିସ କାହିଁକି ସାର୍ବଜନୀନ କରି ନ ଥିଲା। ଡଗ୍ ସ୍କ୍ୱାଡ୍ ୩ ଥର ମୃତଦେହ ଜବତ ସ୍ଥାନକୁ ଯାଇଛି, ହେଲେ ହତ୍ୟାକାରୀଙ୍କୁ କାହିଁକି ଚିହ୍ନଟ କରି ପାରିଲା ନାହିଁ। ଜଣେ କଲେଜ ଛାତ୍ରଙ୍କୁ ଧମକ ଚମକ ପରେ ଫସାଇ ଦେବାକୁ ଉଦ୍ୟମ ଚାଲିଥିବା ଜଣାପଡୁଛି। ସରକାରଙ୍କ ମୁଣ୍ଡରୁ ଦୋଷ ହଟାଇବା ଓ ମନ୍ତ୍ରୀଙ୍କ ସିଟ୍‌କୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଗଳ୍ପ ରଚନା କରାଯାଉଛି ବୋଲି ସେ କହିଛନ୍ତି।

# ଗାଁ ଦାଣ୍ଡରୁ ଶିଶୁ ନିଖୋଜ

**ଢେଙ୍କାନାଳ ଅଫିସ, ୧୬।୧୨:** ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଖଙ୍କିରା ଗ୍ରାମର ଜଣେ ଶିଶୁପୁତ୍ର ବୁଧବାର ଅପରାହ୍ନରୁ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଚନ୍ଦନ ସାହୁଙ୍କ ୩ବର୍ଷର ପୁଅ କାଳିଆ। ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। କାଳିଆ ଅପରାହ୍ନରେ ଗାଁ ଦାଣ୍ଡରେ ଖେଳୁଥିଲେ। ହଠାତ୍ ସେ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିପାରିନାହିଁ।


# classifieds Everyday
0674-2580101, 2549302




## SALE

ଭୁବନେଶ୍ୱର ଗଙ୍ଗପଡ଼ା, ମଦନପୁରରେ ଘରବାରି ଲେଆଉଟ୍ ଆପ୍ରୋଭାଲ ସହିତ ବାସୋପଯୋଗୀ ଜାଗା ମିଳୁଅଛି। 7735922768. D-70120

Immediate registration & possession with demarcated boundary wall 30'wide road, plot for sale @650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. 8917528470, 7008328766. D-19150

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70119

100ଫୁଟିଆ ପିଚୁରୋଡ୍‌କୁ ଲାଗି ବାରଙ୍ଗ ପାଖରେ commercial ୯ ଗୁଣ୍ଠ ଜାଗା ତୁରନ୍ତ ବିକ୍ରିହେବ। ଗୁଣ୍ଠ–୬,୫୦,୦୦୦/– direct Owner. 9437033320. D-70124

## PURCHASE

Land requires for plotting project in around Bhubaneswar, 9937816565, 9937568585. D-70123

## GENERAL

## SALE

1. Fully furnished Flat No. B-506, 5th Floor Gymkhana Palm Height near Sum Hospital, Bhubaneswar, Front South Facing Flat, 1911sqft. 3BHK attached 3Bath. 2. Verna Vehicle (Vehicle No. -OD02AX7761) Registered on 31.08.2018. 3. Micra Vehicle (Vehicle No.-OR02BV1467) Registered on 21.01.2012. Contact No-9873669329, 9437028801. D-19207




Newly open Saikrupa Panchakarma and Spa. Contact: 8984068077. D-19124

Refreshing your mind & body with best therapy at Lotus Spa. 8018234866 D-69592

Get refreshment body massage by expert therapist contact for 7205084157. D-70058

Swarna SPA newly open positively health benefits with expert therapist. 9556978408. D-70059

Rejuvenate and Ayurvedic full body massage by smart therapist. 9348123330. D-70060

Revitalize your self with our ayurvedic massage and refreshment, Call: 7381239385. D-70055

Experience full body massage with expert therapists. Call: 7377048581. D-70056

Newly open full body massage Ladies and Gents. 9337349409. D-69593

## F FORM LOST

F form issued by HCCBPL, Andhra, Telengana, Assam for HCCBPL Odisha misplaced/ untraceable. If found, inform Hindustan Coca-Cola Beverages Private Limited, Khurda - 752055, Odisha. Forms: C142347, 142355, 142523, 142530, 142637, 142643, 142647, 142816-20. FA/AP 2641556, 2641154, 2834119, 2769195, 2651127, 2769120-21, 2651133, 2651131, 2821717, 2691090, 2691093, 2691103, 2691101-2, 2691094. D-19251

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସର୍ବସାଧାରଣ ନୋଟିସ



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଶ୍ରୀ ଶିବ ସାହୁ, ପିତା: ୰କୈଳାଶ ସାହୁ, ଗାଇଗୋଠ ସାହି, ବ୍ରହ୍ମପୁର, ଥାନା: ବଡ଼ବଜାର, ଜିଲ୍ଲା: ଗଞ୍ଜାମ ଗତ ୭ ବର୍ଷ ହେବ ଘରୁ କେଉଁଆଡ଼େ ଚାଲିଯାଇଛି, ଆଜି ପର୍ଯ୍ୟନ୍ତ ତା'ର ପତ୍ତା ମିଳୁନାହିଁ। ଏଥି ସମ୍ବନ୍ଧେ ଗତ ତା୧୭।୦୬।୨୦୧୯ରିଖରେ ମାନନୀୟ ଭାରପ୍ରାପ୍ତ ଅଧିକାରୀ, ବଡ଼ବଜାରଙ୍କୁ ଏକ ମିସିଙ୍ଗ୍ ରିପୋର୍ଟ ଦାଖଲ ହୋଇଥିଲା। ଯାହାର କି ବଡ଼ବଜାର ଷ୍ଟେସନ ଡାଇରି SDE ନଂ. ୨୦ ରହିଅଛି। ଆଇନ ଅନୁଯାୟୀ ଯେହେତୁ କି ଉକ୍ତ ଶିବ ସାହୁ ଗତ ୭ ବର୍ଷ ହେବ ନିଖୋଜ ଅଛନ୍ତି।

ବ୍ରହ୍ମପୁର ସ୍ୱା./– ଶଙ୍କର ସାହୁ
ତା: ୧୩।୧୨।୨୦୨୦ ଧ–୧୯୨୪୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/–ରେ। ରଙ୍ଗୀନ ଟ.୪୨୦/–ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ:** ଆଜି କର୍ମସ୍ଥଚନ୍ଦ୍ର ଗୁରୁଶୌରୀ ସଂଯୋଗରୁ ଯାହା ଚାହୁଁଛନ୍ତି ତାହା ଅବଶ୍ୟ ପାଇବେ। ବହୁତ ଦିନରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗି ପାରନ୍ତି। ମାତ୍ର ନିର୍ମାଣାଧୀନ କାର୍ଯ୍ୟ କେତେକ ଆକସ୍ମିକ ସମସ୍ୟା କାରଣରୁ ସ୍ଥଗିତ ରହିପାରେ।

**ବୃଷ:** ରାଶିକୁ ତିନୋଟି ଗ୍ରହ ଦେଖୁଥିବାରୁ ଯାହା ପାଇଁ କଷ୍ଟ ସ୍ୱୀକାର କରି ସାହାଯ୍ୟ କରିଥିଲେ ସେ ଆପଣଙ୍କୁ ବିରୋଧ କରିବ। ଅପରିଚିତ ଲୋକଙ୍କ ସହ ସମ୍ପର୍କ ରଖିବା କାରଣରୁ ଘର ଲୋକେ ବିରକ୍ତ ହେବେ। କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ମାତ୍ ଦେବେ। ସଙ୍ଗୀତ କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ:** ମଙ୍ଗଳ ଦଶମସ୍ଥ ଯୋଗୁ ସ୍ୱାର୍ଥସାଧନ ଆଶାରେ ସହକର୍ମୀ ସମସ୍ୟା ସୃଷ୍ଟି କରିପାରନ୍ତି। ସମ୍ପର୍କୀୟଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ରକରି କଳହ ଘଟିପାରେ। ବିନା କାରଣରେ ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେବେ। ପରିବାରରେ ପୁରୁଣା କଥା ଆଲୋଚନା ହିଁ କଳହର କାରଣ ହେବ।

**କର୍କଟ:** ନିଜେ ଅସୁବିଧାରେ ରହି ବନ୍ଧୁଙ୍କୁ ସାହାଯ୍ୟ କରିବେ। ବୃହସ୍ପତି ଶନି ଯୁକ୍ତ ହେତୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ବନ୍ଧୁ ଅଭିମାନଭରା କଥା କହି ଆପଣ ତାହାଙ୍କୁ ସାହାଯ୍ୟ କରି ନ ଥିବାରୁ ଦୁଃଖ କରିପାରନ୍ତି। ଯେଉଁ ଜିନିଷଟି କିଣିବା ପାଇଁ ଆପଣଙ୍କ ଇଚ୍ଛା ନାହିଁ, ତାହା କିଣିବା ସକାଶେ ବାଧ ହୋଇପାରନ୍ତି।

**ସିଂହ:** ପାରିବାରିକ ସମସ୍ୟା ବଢ଼ିଯିବାରୁ ମାନସିକ ଅସ୍ଥିରତା ଦେଖାଦେବ। ମଧ୍ୟାହ୍ନରେ ବନ୍ଧୁଙ୍କ ସାକ୍ଷାତରୁ ଉପକୃତ ହୋଇପାରନ୍ତି। ମାତ୍ରାଧିକ ଭ୍ରମଣ ଓ କାମ ଚାପ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତିସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ମହିଳାଙ୍କର ଯାତ୍ରା ଓ ଭ୍ରମଣରେ କିଛି ଅସୁବିଧା ହେବନି।

**କନ୍ୟା:** କାମଗୁଡ଼ିକ ଆଜି ବିଳମ୍ବରେ ସମ୍ପନ୍ନ ହେବାରୁ ନିଜକୁ ହିଁ ଦୋଷୀ ମଣିବେ। ଅନ୍ୟର କଥାରେ ପ୍ରଭାବିତ ହୋଇ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବ୍ୟବସାୟ,ପରିବହନ, ମାଲିମକଦ୍ଦମାରେ ଉନ୍ନତି କରିବେ। ମହିଳାଙ୍କର ରୁଗ୍ଣ ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବ।

**ତୁଳା:** ଯେତେ ସହଜରେ କାମ ହାସଲ କରିବାକୁ ଭାବୁଛନ୍ତି, ବାସ୍ତବ କ୍ଷେତ୍ରରେ ତାହା ସହଜସାଧ୍ୟ ହୋଇ ନ ପାରେ। ସ୍ୱାତୀର କେତେକ ଦୀର୍ଘମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହିବ ନାହିଁ। ବ୍ୟବସାୟ ଓ ପରିବହନ ସମସ୍ୟା ସମାଧାନ ହେବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ବିଛା:** ସମୟ ଭଲ ନଥିଲେ ମଧ୍ୟ ବିଭିନ୍ନ କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାହିତ୍ୟ, ସଙ୍ଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜିବେ। ନିର୍ମାଣ କ୍ଷେତ୍ରରେ ପୂରା ଦମ୍‌ରେ କାମ କରିବାକୁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତୁ ନାହିଁ, ନହୁବା ପରେ ଚିନ୍ତା କରିବାକୁ ପଡ଼ିବ।

**ଧନୁ:** କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ଘଟିବ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ମାଙ୍ଗଳିକ କାମର ପ୍ରସ୍ତୁତି କରି ବିଚଳିତବୋଧ କରିପାରନ୍ତି। ବିବାଦୀୟ ଘଟଣାରେ ନୀରବ ରହିଯିବା ଭଲ। ମହିଳାମାନେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ନିଜ ନିଜ ଭିତରେ ଟଣାଓଟରା ଲାଗିପାରନ୍ତି।

**ମକର:** ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ କାମ ହାସଲ କରିବେ। ସଭାସମିତି, କଳା, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କର ଭୁଲ୍ ବୁଝାମଣା ଯୋଗୁ ପରିବାରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ:** ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ। କେତେକ କ୍ଷେତ୍ରରେ ଜାଣିଶୁଣି ନୀରବ ରହିବାକୁ ବାଧ ହୋଇପାରନ୍ତି। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ମହିଳାମାନେ ଶତ୍ରୁତା ସୃଷ୍ଟି ହେବା ଭଳି କାମ କଲେ ଅପଦସ୍ଥ ହେବେ।

**ମୀନ:** ପାରିବାରିକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ ହେବେ। ବ୍ୟସ୍ତତା ପରିହାର କରି ପାଖ ବନ୍ଧୁ ଦ୍ୱାରା କାମ ହାସଲ ପାଇଁ ପ୍ରଯତ୍ନ କରିବା ଭଲ। ପ୍ରତ୍ୟୁଷ ଯାତ୍ରା, ବ୍ୟବସାୟ ଓ ବନ୍ଧୁ ସମ୍ପର୍କରେ ଆଶାଜନକ ଫଳ ପାଇପାରନ୍ତି। ମହିଳାମାନେ ବନ୍ଧୁମିଳନରୁ ସାମୟିକ ଭାବରେ ଦୁଃଖ କେତେକାଂଶରେ ଭୁଲିଯିବେ।

ଆଜି ମାର୍ଗଶିର ଶୁକ୍ଳ ତୃତୀୟା ଗୁରୁବାର, ମାଣବସା ଗୁରୁବାର ତୃତୀୟ ପାଳି, ଡିସେମ୍ବର ୧୭ ତାରିଖ ଗୁରୁବାର, ରାଶି ନକ୍ଷତ୍ର–ଉତ୍ତରାଷାଢ଼ା/ମକର, ସିଂହ ରାଶିର ଘାତଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୮ ଗତେ ଘ.୦୭।୪୫ ମଧ୍ୟେ, ଘ.୦୧।୩୧ ଗତେ ଘ.୦୨।୫୭ ମଧ୍ୟେ, ସନ୍ଧ୍ୟା ଘ.୦୫।୫୯ ଗତେ ଘ.୦୯।୩୧ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୧।୦୩ ଗତେ ଘ୦୨।୨୫ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଟ୍ରେନ୍ ଉପରେ ସେଲ୍ଫି ନେବାବେଳେ ଜଳିଗଲେ ଛାତ୍ର

ପାରଳାଖେମୁଣ୍ଡି,୧୬।୧୨(ଡି.ଏନ୍.ଏ.): ଟ୍ରେନ୍ ଉପରେ ଚଢି ସେଲ୍ଫି ନେଉଥିବାବେଳେ ହାଇଭୋଲ୍ଟେଜ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳି ଯାଇଛନ୍ତି ଜଣେ ନବମ ଶ୍ରେଣୀ ଛାତ୍ର। ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା ପାରଳାଖେମୁଣ୍ଡି ଷ୍ଟେଶନ୍‌ରେ। ମୃତକ ହେଲେ ସି. ଏଚ୍. ସୁରିୟା କୁମାର (୧୫)। ପ୍ରକାଶ ଯେ, ସୁରିୟା ବୁଧବାର ସନ୍ଧ୍ୟାରେ କେତେଜଣ ସାଙ୍ଗଙ୍କ ସହ ପାରଳାଖେମୁଣ୍ଡି ରେଲଷ୍ଟେଶନ ବୁଲିବାକୁ ଯାଇଥିଲେ। ସେଠାରେ ବହୁଦିନ ଧରି ରହିଥିବା ଏକ ଟ୍ରେନ୍ ଉପରେ ଚଢି ସୁରିୟା ସେଲ୍ଫି ନେବାବେଳେ ଉପରେ ଯାଇଥିବା ୩୩କେଭି ବିଦ୍ୟୁତ୍ ଲାଇନ୍ ସଂସ୍ପର୍ଶରେ ଆସି ଜଳି ଯାଇଥିଲେ। ପାଖରେ ଥିବା ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ ମଧ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇ ନ ଥିବାରୁ ମୃତଦେହ ଉଦ୍ଧାର କରିପାରିନାହାନ୍ତି। ପାରଳାଖେମୁଣ୍ଡି ପୋଲିସ ଓ ରେଲ୍‌ୱେ ବିଦ୍ୟୁତ୍ ଲାଇନ୍ ମେଣ୍ଟେନାନ୍ସ ଟିମ୍ ଘଟଣା ସ୍ଥଳରେ ପହଞ୍ଚିଛି। ସୁରିୟା ଟ୍ରେନ୍ ଉପରେ ଚଢି ସେଲ୍ଫି ନେବାବେଳେ ଏପରି ଅଘଟଣ ଘଟିଥିବା ତାଙ୍କ ସାଙ୍ଗମାନେ କହିଛନ୍ତି।

### ପୁରୀ ମରୀଚିକୋଟ ଛକରେ ବୋମାମାଡ଼

ପୁରୀ ଅଫିସ,୧୬।୧୨: ପୁରୀ ସହରସ୍ଥ ମରିଚିକୋଟ ଛକରେ ବୁଧବାର ସକାଳ ପ୍ରାୟ ୬ଟାରେ ବୋମାମାଡ଼ ହୋଇଛି। ଏକ ଲସି ଦୋକାନ ଉପରକୁ ବୋମା ମାଡ଼ କରାଯାଇଛି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। କିଏ ଓ କାହିଁକି ବୋମା ମାଡ଼ କରିଛି ଏବଂ କାହା ଇଙ୍ଗିତରେ ଏହି ଘଟଣା ଘଟିଛି ସେନେଇ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ତେବେ ବଟି ଆଦାୟ କରୁଥିବା ଅସାମାଜିକ ଗୋଷ୍ଠୀଙ୍କ ଉପରେ ଅଞ୍ଚଳବାସୀଙ୍କ ସନ୍ଦେହ ଘନୀଭୂତ ହୋଇଛି। ବଟି ଆଦାୟକୁ ନେଇ ବୋମାମାଡ଼ ହୋଇଥିବା ସନ୍ଦେହ ପ୍ରକାଶ ପାଇଛି। କେତେଜଣ ଦୋକାନୀ ବଟି ଦେବାକୁ ମନା କରିବା ପରେ ଅସାମାଜିକ ଗୋଷ୍ଠୀ ସେମାନଙ୍କୁ ଭୟଭୀତ କରାଇବା ଉଦ୍ଦେଶ୍ୟରେ ଏହି କାଣ୍ଡ କରିଥାଇପାରନ୍ତି ବୋଲି ଆଲୋଚନା ହେଉଛି। ବୋମା ମାଡ଼ ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ଖବର ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ପୋଲିସ ପାଖରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲା।

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍‌ଓ-ସିକେପି-ଏଚ୍‌କିପ୍-୨୦-୧, ତାରିଖ ୧୪।୧୨।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଓପି), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ୭୩୦ ଦିନ ଅବଧି ପାଇଁ ସିକେପି ଡିଭିଜନର ଆର୍‌ଓୟୁ, ଟାଟା, ସିକେପି, ଏସ୍‌ଏନ୍‌ୱାଇ ଓ ଡିପିଏସ୍‌ଠାରେ କ୍ରିଉ ଓ ଗାର୍ଡ ଲବିର ହାଉସ୍‌କିପିଂ । **ଟେଣ୍ଡର ମୂଲ୍ୟ:** ₹୬୬,୯୫,୦୭୧.୬୦। **ଇଏମ୍‌ଡି:** ₹୧,୩୩,୯୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ₹୫୦୦୦/- । **ଇ-ଟେଣ୍ଡର ଖୋଲିବାର ସ୍ଥାନ:** ସିନିୟର ଡିଇଇ (ଓପି)/ସିକେପି, ଦକ୍ଷିଣ ପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୧।୦୧।୨୦୨୧ରିଖ ୧୫.୦୦ ଘଟିକାରେ। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୨୧।୦୧।୨୦୨୧ରିଖ ୧୫.୩୦ ଘଟିକାରେ । ଇ-ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **(PR-432)**

# ୨୦୫୦ ସୁଦ୍ଧା ନିଶ୍ଚିହ୍ନ ହେବ ଭିତରକନିକା ହେନ୍ତାଳବଣ

**କେନ୍ଦ୍ରାପଡ଼ା ଅଫିସ/ରାଜନଗର, ୧୬।୧୨(ଡି.ଏନ୍.ଏ.)**

ବ୍ରାହ୍ମଣୀ ଓ ଖରସ୍ରୋତାର ମଧୁର ଜଳ ପରିମାଣ କମୁଛି। ମୌସୁମୀ ସମୟରେ ଭିତରକନିକାର ହେନ୍ତାଳ ବଣ ପାଇଁ ୭୦ ପ୍ରତିଶତ ଜଳ ଆବଶ୍ୟକ ଥିବା ବେଳେ ଏବେ ୪୦ ପ୍ରତିଶତ ରହିଛି। ସେହିପରି ଅଣମୌସୁମୀ ସମୟ ଜାତୀୟଉଦ୍ୟାନର ସମସ୍ୟାକୁ ଅଧିକ ଜଟିଳ କରିଛି। ଏହି ସମୟରେ ମାତ୍ର ୧୫ ପ୍ରତିଶତ ପାଣି ଭିତରକନିକାର ହେନ୍ତାଳବଣ ପାଉଛି। ଏପରି ଧାରା ଆଗକୁ ଜାରି ରହିଲେ ୨୦୫୦ ସୁଦ୍ଧା ଏହି ଜାତୀୟ ଉଦ୍ୟାନ ଶ୍ରୀହୀନ ହେବ। ଏପରି କି ଜିଲା ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ହରାଇବ। ଭିତରକନିକା ରାମସାର ସାଇଟ ସମନ୍ୱିତ ପରିଚାଳନାରେ ଜଳ ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳାରେ ବିଶେଷଜ୍ଞମାନେ ଏପରି ମତ ଦେଇଛନ୍ତି।

ଭିତରକନିକା ହେନ୍ତାଳ ବଣ ପରିଚାଳନା ପାଇଁ ଆୟୋଜିତ ଏହି କର୍ମଶାଳା ରାଜନଗର ବ୍ଲକ ଗୁପ୍ତିଠାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଗବେଷକ ବୈଜ୍ଞାନିକ ଡ. ଗୁରୁଦୀପ ରସ୍ତୋଗୀ



କହିଥିଲେ, ଭିତରକନିକା ଲୁଣାଜଙ୍ଗଲ ଜୈବ ବିବିଧତାରେ ସୀମିତ ନୁହେଁ। ଆଦ୍ରଭୂମିର ଉପକାରିତା ମଣିଷ ସମାଜ ପାଇଁ ସାମ୍ପ୍ରତିକ ସମୟରେ ଜରୁରୀ ହୋଇପଡିଛି। ଏହି ଅବସରରେ ବୃତ୍ତଚିତ୍ର ମାଧ୍ୟମରେ ଏହି ଅଞ୍ଚଳକୁ ଆସୁଥିବା ମଧୁର ଜଳର ହ୍ରାସ ସମ୍ପର୍କରେ ବିସ୍ତୃତ ବିବରଣୀ ସେ ଉପସ୍ଥାପିତ କରିଥିଲେ। ଶିଳ୍ପରେ ନଦୀପାଣିର ଉପଯୋଗିତା, ରାଷ୍ଟ୍ରାୟତ୍ତ କମ୍ପାନୀର ଜଳ ଶୋଷଣ, ନଦୀ ଶଯ୍ୟାର ଉନ୍ନତୀକରଣ ନ ହେବା, ନଦୀପଥରେ ଜବରଦଖଲ ଆଦି ଜଳସ୍ରୋତର ହ୍ରାସର କାରଣ ବୋଲି ଦର୍ଶାଇବା ସହ ଏନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ମଧୁରଜଳର ଦ୍ରୁତ ହ୍ରାସ ଦ୍ୱାରା ଭିତରକନିକାର ହେନ୍ତାଳ ବଣ ସମେତ ବନ୍ୟଜନ୍ତୁ ଓ ପଶୁପକ୍ଷୀଙ୍କ ପାଇଁ ବିପଦ ସୃଷ୍ଟି ହୋଇଥିବା ବୈଜ୍ଞାନିକ ରସ୍ତୋଗୀ ସାଧାରଣରେ ସତର୍କ କରାଇଥିଲେ। ଏହି କର୍ମଶାଳାରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହକାରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଖୁସୱନ୍ତ ସିଂହ କହିଥିଲେ, ରାଜ୍ୟରେ ଥିବା ଭିତରକନିକା ଓ ଚିଲିକା ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ କାରଣରୁ ଖ୍ୟାତି ଅର୍ଜନ କରିଛି। ଏଠାରେ ଥିବା ପରିବେଶ ବନ୍ୟ ଜୀବଜନ୍ତୁଙ୍କ ସହିତ ସାମୁଦ୍ରିକ ପ୍ରାଣୀ ପାଇଁ ଉପଯୁକ୍ତ। ବିଦେଶାଗତ ପକ୍ଷୀଙ୍କ କଳରବ, ଗହୀରମଥାର ବିରଳ ଅଲିଭ ରିଡଲେଙ୍କ ପ୍ରଜନନ ସ୍ଥଳ, ଲୁଣା କୁମ୍ଭୀର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ତେବେ ଲୁଣା ପାଣି ସହିତ ଆନୁପାତିକ ଭାବେ ମିଶୁଥିବା ମଧୁର ଜଳ ଏବେ ହେନ୍ତାଳବଣ ଓ ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। ହେନ୍ତାଳ ବଣ ସୁରକ୍ଷାରେ ତଟବର୍ତ୍ତୀ ଜିଲା ସୁନାମିରୁ ରକ୍ଷା ପାଇବ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଭିତରକନିକା ପ୍ରତି ଚିଙ୍ଗୁଡି ଘେରିର ବିପଦ ସମ୍ପର୍କରେ ଜିଲା ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ର ଉଲ୍ଲେଖ କରିଥିଲେ। ସେହିପରି ରାଜକନିକା ବ୍ଲକ ବରୁଣାଡିହାଠାରେ ଖରସ୍ରୋତା ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପକୁ ପରିବେଶବିତ୍ ଶ୍ରୀକାନ୍ତ ନାୟକ ବିରୋଧ କରିବା ସହିତ ପରିବେଶବିତ୍ ବିରଜା ପ୍ରସାଦ ପତି, ବିଜୟ କବି, ବୁଦ୍ଧିଜୀବୀ ଭାସ୍କର ରାଉତରାୟ ପ୍ରମୁଖ ଇକୋ ସେନସେଟିଭ ଜୋନର ସୁରକ୍ଷା ପାଇଁ ମାଷ୍ଟର ପ୍ଲାନର ଆବଶ୍ୟକତା ସମ୍ପର୍କରେ ମତ ଦେଇଥିଲେ। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ରାଜନଗର ବନ ବିଭାଗ ଓ ଦିଲୀସ୍ଥିତ ଜିଇଜେଡ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ଅଧ୍ୟକ୍ଷତା କରି ଭିତରକନିକାର ଜୈବ ବିବିଧତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କର୍ମଶାଳାକୁ ରାଜନଗର ବନବିଭାଗର ପ୍ରମୁଖ ଅଧିକାରୀମାନେ ପରିଚାଳନା କରିଥିଲେ।

**ଜଳପ୍ରବାହ କର୍ମଶାଳା**

- ଅଣମୌସୁମୀରେ ମିଳୁଛି ୧୫ ପ୍ରତିଶତ ମଧୁର ଜଳ
- ଇକୋ ସେନ୍‌ସେଟିଭ ଜୋନ୍‌ର ମାଷ୍ଟର ପ୍ଲାନ ଜରୁରୀ

# ହିଞ୍ଜିଳି ସିଭିଲ ଜଜ୍‌କୋର୍ଟ କୋଠା ଉଦ୍‌ଘାଟିତ

**ଭୁବନେଶ୍ୱର,(ବ୍ୟୁରୋ)/ହିଞ୍ଜିଳିକାଟୁ (ଡି.ଏନ୍.ଏ.)୧୬।୧୨**

ସାମ୍ବିଧାନିକ ଲକ୍ଷ୍ୟ ପୂରଣ କରିବା ସହିତ ନାଗରିକମାନଙ୍କୁ ନ୍ୟାୟ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ନ୍ୟାୟଗତ ଅଧିକାର ହେଉଛି ମୌଳିକ ଅଧିକାର। ରାଜ୍ୟରେ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଦୃଢ କରିବା ନେଇ ରାଜ୍ୟ ସରକାର ଦୃଢ ସଂକଳ୍ପବଦ୍ଧ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ହିଞ୍ଜିଳିକାଟୁଠାରେ ନୂତନ ସିଭିଲ ଜଜ୍‌କୋର୍ଟ କୋଠାକୁ ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ରାଜ୍ୟ ସରକାର ବାଣିଜ୍ୟିକ ବିବାଦ ସମାଧାନ କରିବାକୁ ୪ଟି ନୂତନ କୋର୍ଟ ସ୍ଥାପନ କରିଛନ୍ତି। ଏଥିସହିତ ରାଜ୍ୟରେ ନିକଟରେ କେବଳ ମହିଳାମାନଙ୍କ ବିରୋଧରେ ହେଉଥିବା ନିର୍ଯ୍ୟାତନା ମାମଲାର ବିଚାର ପାଇଁ ୪୫ଟି କୋର୍ଟ ସ୍ଥାପନ କରାଯାଇଛି। ନ୍ୟାୟିକ ବ୍ୟବସ୍ଥା ଭିତ୍ତିଭୂମି ଆବଶ୍ୟକତା ପୂରଣ କରିବା ସକାଶେ ହାଇକୋର୍ଟ ସହିତ ରାଜ୍ୟ ସରକାର ଘନିଷ୍ଠତାର ସହ କାର୍ଯ୍ୟ କରୁଛନ୍ତି। ଏଥିସହିତ ଆଇନଜୀବୀମାନଙ୍କ ସ୍ୱାର୍ଥ ପାଇଁ ମଧ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟ ସରକାର ନିକଟରେ ଓଡିଶା ଆଡଭୋକେଟ କଲ୍ୟାଣ ପାଣ୍ଠି ରାଶିକୁ ୩ କୋଟିରୁ ୫ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହାଛଡା ଆଇନଜୀବୀମାନଙ୍କୁ ସହାୟତା ଦେବା ପାଇଁ ରାଜ୍ୟ ସରକାର ଓଡିଶା ଆଡଭୋକେଟ କଲ୍ୟାଣ ପାଣ୍ଠି ଆଇନ-୧୯୮୭କୁ ସଂଶୋଧନ କରିବାକୁ ପଦକ୍ଷେପ ନେଉଛନ୍ତି। ଏହି ନୂତନ କୋଠା ଲୋକମାନଙ୍କର ଅଭିଳାଷକୁ ପୂରଣ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ସରକାର ହିଞ୍ଜିଳିକାଟୁଠାରେ ନୂତନ କୋର୍ଟ ସ୍ଥାପନ ପାଇଁ ଜମି ଯୋଗାଇ ଦେଇଥିବାରୁ ହାଇକୋର୍ଟ ମୁଖ୍ୟ ବିଚାରପତି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଉକ୍ତ କୋଠା ଚମତ୍କାର ଓ ଆକର୍ଷଣୀୟ ହୋଇଥିବା ବେଳେ ଏହାର ସମସ୍ତ ଭିତ୍ତିଭୂମି ଲୋକମାନଙ୍କୁ ନ୍ୟାୟ ସୁବିଧା ଯୋଗାଇବାରେ ସହାୟକ ହୋଇପାରିବ ବୋଲି ମୁଖ୍ୟ ବିଚାରପତି କହିଛନ୍ତି। ତ୍ୱରିତ ନ୍ୟାୟ ପ୍ରଦାନ ନ୍ୟାୟ ବ୍ୟବସ୍ଥା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୋଭିଡ ମହାମାରୀ ସତ୍ତ୍ୱେ ଓଡିଶାର କୋର୍ଟଗୁଡିକ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ପ୍ରତିଶ୍ରୁତିବଦ୍ଧ। ୨୦୨୦ ଡିସେମ୍ବର ୧୪ ସୁଦ୍ଧା ଓଡିଶା ହାଇକୋର୍ଟ ପ୍ରାୟ ୪୦ ହଜାର ମାମଲାର ଫଇସଲା କରିବାରେ ସକ୍ଷମ ହୋଇ ପାରିଛି ବୋଲି ମୁଖ୍ୟ ବିଚାରପତି ରଫିକ୍ କହିଛନ୍ତି।

ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ନୂତନ ବିଚାରାଳୟ ଲୋକମାନଙ୍କୁ ଦ୍ୱାରଦ୍ୱାରରେ ନ୍ୟାୟ ପହଞ୍ଚାଇବାରେ ସହାୟକ ହୋଇ ପାରିବ ବୋଲି କହିଛନ୍ତି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସ୍ୱାଗତ ଭାଷଣ ଦେଇଥିବା ବେଳେ ହିଞ୍ଜିଳିକାଟୁ ଓକିଲ ସଂଘ ସଭାପତି ଦ୍ୱିତୀକୃଷ୍ଣ ସାବତ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତି, ଆସିକା ଏମ୍‌ପି ପ୍ରମିଳା ବିଶୋୟୀ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ,ହିଞ୍ଜିଳିକାଟୁ କୋର୍ଟ ବିଚାରପତି ରାଜଶ୍ରୀ ପଟ୍ଟନାୟକ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଗୃହ ବିଭାଗ ସଚିବ ସଞ୍ଜୀବ ଚୋପ୍ରା ଏବଂ ବିଧି ବିଭାଗ ସଚିବ ଶଶିକାନ୍ତ ମିଶ୍ର ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଯୋଗ ଦେଇଥିଲେ।




ହିଞ୍ଜିଳିକାଟୁଠାରେ ନୂତନ ସିଭିଲ ଜଜ୍‌କୋର୍ଟ କୋଠାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରୁଛନ୍ତି। ନିକଟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

### ଡିବିରି ନିଆଁରେ ଜଳିଗଲେ ଛାତ୍ରୀ

**ଭାପୁର,୧୬।୧୨(ଡି.ଏନ.ଏ.)**

ରାତିରେ ଗାଁରେ ବିଦ୍ୟୁତ୍ ସରବରାହ ବନ୍ଦ ଥିଲା । ଘରେ ଡିବିରି ଜଳାଇ ଶୋଇଥିଲେ ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀ। ହେଲେ ଡିବିରର ନିଆଁ ମଶାରୀରେ ଲାଗିଥିଲା । ସେଥିରେ ପୋଡି ହୋଇ ସମ୍ପୃକ୍ତ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତ ଛାତ୍ରୀ ହେଲେ ନୟାଗଡ ଜିଲା ଫତେଗଡ ଥାନା ପାର୍ବତୀପୁର ଗ୍ରାମ ଆଦିବାସୀ ସାହିର ନରେନ୍ଦ୍ର ନାଏକଙ୍କ ଝିଅ ବର୍ଷା (୧୦) । ବର୍ଷାଙ୍କୁ ଉଦ୍ଧାର କରିବାକୁ ଯାଇ ତାଙ୍କ ଜେଜେବାପା ଚୌଧୁରୀ ନାଏକ ଆହତ ହୋଇଛନ୍ତି। ବର୍ଷାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଖୋର୍ଦ୍ଧା, ଭୁବନେଶ୍ୱର ଏମ୍ସ୍ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ହେଲେ ଭୋର ୪ଟାରେ ବର୍ଷାଙ୍କ କଟକରେ ମୃତ୍ୟୁ ଘଟିଥିଲା।

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଗୁରୁଜନ, ମା' ମାଉସୀ, ବଡ଼ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ।
Shri Koduru Narayan Rao
MLA
Parlakhemundi

# କଲେଜ ଛାତ୍ରୀଙ୍କୁ ଅପହରଣ

**ଯାଜପୁର ଅଫିସ,୧୬।୧୨**

- ୧୦ ଦିନ ପରେ ବି ଟେର ପାଉନି ପୋଲିସ
- ଅଭିଯୁକ୍ତଙ୍କ ବାପା ଗିରଫ
- ଜୀବନ ପ୍ରତି ବିପଦ ଥିବା ଫୋନ ଯୋଗେ ମା'ଙ୍କୁ ଜଣାଇଲେ ଛାତ୍ରୀ

ଯାଜପୁର ଜିଲା ଧର୍ମଶାଳା ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଛି। ମାତ୍ର ଅପହରଣର ୧୦ ଦିନ ପରେ ବି ପୋଲିସ ତାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇନାହିଁ। ଛାତ୍ରୀ ଜଣଙ୍କ ଅପହରଣକାରୀଙ୍କ କବଳରୁ ଉଦ୍ଧାର କରିବାକୁ ନିଜ ମା'ଙ୍କୁ ୩ ଦିନ ତଳେ ଫୋନ ଯୋଗେ ଆକୁଳ ନିବେଦନ କରିଛନ୍ତି। ଏବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ଛାତ୍ରୀଙ୍କ ବାପା ଯାଜପୁର ଏସ୍‌ପିଙ୍କ ନିକଟରେ ଗତ ୬ ତାରିଖରେ ଲିଖିତ ଅଭିଯୋଗ କରିଥିଲେ ହେଁ ଏଯାଏ କୌଣସି ସୁଫଳ ମିଳି ପାରିନାହିଁ। ତେବେ ବୁଧବାର ଧର୍ମଶାଳା ଥାନା ପୋଲିସ ଅପହରଣକାରୀଙ୍କ ବାପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହେପାଜତକୁ ପଠାଇ ଦିଆଯାଇଛି। ଛାତ୍ରୀଙ୍କ ଅପହରଣରେ ଆପରାଧିକ ଷଡ଼ଯନ୍ତ୍ର କରିଥିବା ଏବଂ ଅପହୃତାଙ୍କ ପିତାମାତାଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ଗତ ୫ ତାରିଖରେ ଯୁବତୀ ଜଣକ ନିଜର ମାଇଗ୍ରେଶନ ସାର୍ଟିଫିକେଟ ପାଇଁ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଯାଇଥିଲେ। ସେଠାରୁ ଫେରିବା ସମୟରେ ତାଙ୍କୁ କେତେଜଣ ଦୁର୍ବୃତ୍ତ ଅପହରଣ କରି ନେଇଥିଲେ। ପୋଲିସରେ ଜଣାଇଲେ ତାଙ୍କୁ ଏବଂ ତାଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରି ଦେବାର ଧମକ ଦେଇଥିଲେ। ଏହାବାଦ ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ତାଙ୍କ ସହିତ ବଳପୂର୍ବକ ବିବାହ କରିବାକୁ ଅପହରଣକାରୀ ଉଦ୍ୟମ କରୁଛନ୍ତି। ଏପରି କି ତାଙ୍କ ଉପରେ ଗୁଣିଗାରେଡ଼ି କରି ମାନସିକ ଶୋଷଣ କରୁଥିବା ଛାତ୍ରୀ ତାଙ୍କ ମା'ଙ୍କୁ ଜଣାଇଛନ୍ତି। ଛାତ୍ରୀଙ୍କ ବାପା ଥାନାରେ ଦେଇଥିବା ଅଭିଯୋଗରେ ଏହା ଦର୍ଶାଇଛନ୍ତି। ଝିଅର ଜୀବନ ପ୍ରତି ବିପଦ ଥିଲେ ବି ପୋଲିସ ତାଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଛି। ତେଣୁ ଝିଅକୁ ଉଦ୍ଧାର ନିମନ୍ତେ ପ୍ରାର୍ଥନା କରି ତାଙ୍କ ବାପା ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିବା ଜଣାପଡିଛି।

### କରୋନା: ୪୦୭ ଆକ୍ରାନ୍ତ ଚିହ୍ନଟ, ୫ ମୃତ

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ):** ରାଜ୍ୟରେ ଗତ କିଛିଦିନ ହେବ ଆକ୍ରାନ୍ତଙ୍କ ସଂଖ୍ୟା ୪୦୦ ତଳକୁ ରହୁଥିବାବେଳେ ଗତ ୨୪ଘଣ୍ଟାରେ ଆଉ ୪୦୭ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୩,୨୪,୭୯୬କୁ ବୃଦ୍ଧି ପାଇଛି। ଅପରପକ୍ଷରେ ଆଉ ୫ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ବାଲେଶ୍ୱର, ଅନୁଗୋଳ, ବଲାଙ୍ଗୀର, କଟକ ଓ ସୁନ୍ଦରଗଡ଼ରେ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇଲେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୮୨୦ରେ ପହଞ୍ଚିଛି। ସେପଟେ ଆଉ ୩୫୮ ଆକ୍ରାନ୍ତ କରୋନାରୁ ସୁସ୍ଥ ହେବା ପରେ ଆରୋଗ୍ୟ ସଂଖ୍ୟା ୩,୨୦,୨୦୮କୁ ଛୁଇଁଛି।

ekta UNITY IS STRENGTH
ଆଦିବାସୀଙ୍କ ସଂସ୍କୃତି, ପାରମ୍ପରିକ ଚାଷ ଓ ଚାଷୀର ବିକାଶ ପଥରେ
ଏକତା, କୋରାପୁଟ
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ଅଗଣିତ ପାଠକ ତଥା ଶୁଭେଚ୍ଛୁଙ୍କୁ ଶୁଭକାମନା ଜଣାଉଛୁ
ଜଗନ୍ନାଥ ମିଶ୍ର
ସମ୍ପାଦକ, ଏକତା, କୋରାପୁଟ

ପ୍ରଗତି, କୋରାପୁଟ
pragatikoraput@gmail.com
http://www.pragatikoraput.org/
ସତ୍ୟ ଓ ନିରପେକ୍ଷ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ କୋରାପୁଟ ଜିଲ୍ଲାର ସମସ୍ତ ଚାଷୀ ଭାଇଭଉଣୀମାନଙ୍କୁ ଅଭିନନ୍ଦନ ସହ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ ।
ପ୍ରଭାକର ଅଧିକାରୀ
ସମ୍ପାଦକ, ପ୍ରଗତି, କୋରାପୁଟ

ଦୈନିକ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଅଛି ।
ମେଗା ପାନୀୟ ଜଳ ପ୍ରକଳ୍ପ * ଦ୍ୱୀପାଞ୍ଚଳରେ ଆଦର୍ଶ ବିଦ୍ୟାଳୟ * ନିଶ୍ଚିନ୍ତକୋଇଲି ହାଟକୁ ଅତ୍ୟାଧୁନିକ ହାଟର ପରିକଳ୍ପନା * ଅସୁରେଶ୍ୱର ଗ୍ରୀଡ୍ ସ୍ଥାପନ * ସମସ୍ତ ବୃଦ୍ଧା ବୃଦ୍ଧଙ୍କୁ ପେନ୍‌ସନ ଯୋଜନା * ଗାଁ ରାସ୍ତାର ବିକାଶ ।
ପ୍ରଗତି ପଥେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି
ସବିତା ଓଝା, ଅଧକ୍ଷା
ସବିତା ମହାନ୍ତି, ଉପାଧକ୍ଷା
ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି, ନିଶ୍ଚିନ୍ତକୋଇଲି

ଧରିତ୍ରୀ
DHARITRI
ଗୁରୁବାର, ୧୭ ଡିସେମ୍ବର, ୨୦୨୦

❝ କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ



# ପଙ୍ଗପାଳ ବିପତ୍ତି ଓ ପ୍ରତିକାର



ମାନେକା ଗାନ୍ଧୀ

ପଙ୍ଗପାଳ (ଲୁକଷ୍ଟ) ପଲ ପଲ ହୋଇ ଉଡ଼ି ଦୂର ସ୍ଥାନକୁ ଯାଇଥାନ୍ତି, ଏମିତି କି ଅନେକ ଦେଶ ପାର କରିଯାଆନ୍ତି। ଯିବା ବାଟରେ ସେମାନେ ଶସ୍ୟର ପତ୍ର,ଫୁଲ,ଫଳ,ମଞ୍ଜି,ଗଛର ଛାଲ ଆଦି ଖାଇଯାଆନ୍ତି। ବହୁସଂଖ୍ୟାରେ ଗଛ ଉପରେ ବସି ତାହାକୁ ନଷ୍ଟ କରିଦିଅନ୍ତି। ମୁଖ୍ୟତଃ ୪ ପ୍ରକାର ପଙ୍ଗପାଳ ଯଥା- ଡେର୍ଜଟ ଲୁକଷ୍ଟ,ମାଇଗ୍ରେଟୋରୀ ଲୁକଷ୍ଟ,ବମ୍ବେ ଲୁକଷ୍ଟ ଏବଂ ଟ୍ରି ଲୁକଷ୍ଟ ଦେଖାଯାନ୍ତି। ଡେର୍ଜଟ ଲୁକଷ୍ଟ ବିଶ୍ୱର ସବୁଠୁ କ୍ଷତିକାରକ। ଗୋଟିଏ ଦିନରେ ବୟସ୍କ ପଙ୍ଗପାଳ ଦଳ ୧୫୦ କି.ମି.ଯାଏ ଉଡ଼ି ଯାଇପାରନ୍ତି ଓ ଦିନକୁ ସେମାନଙ୍କ ଓଜନ ପାଖାପାଖି ଖାଦ୍ୟ ଖାଇଥାନ୍ତି। ଗତ ବର୍ଷ ଇରାନ ଏବଂ ୟେମେନରେ ପ୍ରବଳ ବର୍ଷା ଯୋଗୁ ଲକ୍ଷ ଲକ୍ଷ ପଙ୍ଗପାଳ ଜନ୍ମ ହୋଇ ଏହି ଦେଶଗୁଡ଼ିକରୁ ସାଉଦି ଆରବ ଦେଇ ଫେବୃୟାରୀରେ ପୂର୍ବ ପାକିସ୍ତାନରେ ପହଞ୍ଚିଥିଲେ। ସେଠାରେ କପା, ମକା ଓ ଗହମ ନଷ୍ଟ କରିଦେଲେ। ଏହି ବିଧ୍ୱଂସକ ପଲଙ୍କୁ ଆୟତ୍ତ କରିବା ଏତେ କଷ୍ଟ ଥିଲା ଯେ, ପାକିସ୍ତାନ ଜାତୀୟ ଏମର୍ଜେନ୍ସି ଘୋଷଣା କରିଥିଲା। ପରେ ସେଠାରୁ ପଙ୍ଗପାଳ ଭାରତର ଗୁଜରାଟ, ରାଜସ୍ଥାନ ଏବଂ ପଞ୍ଜାବରେ ପହଞ୍ଚିଗଲେ। ଠିକ୍ ଏହି ସମୟରେ ବି ପୂର୍ବ ଆଫ୍ରିକାରେ ଏମାନେ ନଷ୍ଟ କରିବାରେ ଲାଗିଯାଇଥିଲେ। କେନିଆରେ ଜାନୁୟାରୀରେ ୩୬୦ ବିଲିୟନ ସଂଖ୍ୟକ ପଙ୍ଗପାଳ ଦଳ ୨,୪୦୦ ବର୍ଗ କି.ମି. ବ୍ୟାପି ରହିଥିଲେ। ଏମାନଙ୍କର ଦିନକର ଖାଦ୍ୟ ୮୫ ମିଲିୟନ ଲୋକଙ୍କ ଖାଦ୍ୟ ସହ ସମାନ । ପଙ୍ଗପାଳ ବିପର୍ଯ୍ୟୟ ଯୋଗୁ ସୋମାଲିଆ ମଧ୍ୟ ଜାତୀୟ ଏମର୍ଜେନ୍ସି ଘୋଷଣା କରିଥିଲା। ଇଥିଓପିଆ, କେନିଆ ଏବଂ ସୋମାଲିଆରେ ପଙ୍ଗପାଳ ଆକ୍ରମଣ ମାନବିକ ସଙ୍କଟ ଆଣିପାରେ ବୋଲି ଜାତିସଂଘ ସତର୍କ କରିଦେଇଥିଲା। ପଙ୍ଗପାଳ ଦ୍ୱାରା ୧୪ଟି ଦେଶ କ୍ଷତିଗ୍ରସ୍ତ ହୋଇଥିଲେ। କେନିଆରେ ଏମାନଙ୍କ ଆକ୍ରମଣ ୭୦ ବର୍ଷ ଇତିହାସରେ ସବୁଠୁ ଖରାପ ବୋଲି ଜାତିସଂଘର ଫୁଡ୍ ଆଣ୍ଡ୍ ଏଗ୍ରିକଲଚର ଅର୍ଗାନାଇଜେଶନ (ଏଫ୍ଏଓ) ପ୍ରକାଶ କରିଛି। ୨୦୨୧ରେ ଏହା ଆହୁରି ସାଂଘାତିକ ହେବ ଏବଂ ଅନୁମାନ କରାଯାଉଛି ଆଗକୁ ପ୍ରତିବର୍ଷ ଏମିତି ଜାରି ରହିବ ।

ଛୋଟ ଇଟାଲୀୟ ଦ୍ୱୀପ ସାର୍ଡିନିଆ ତା'ର ୬୦ ବର୍ଷ ଇତିହାସରେ ସବୁଠୁ ଅଧିକ ବିପର୍ଯ୍ୟର ସମ୍ମୁଖୀନ ହୋଇଆସିଛି। ୨୦୧୯-୨୦ର ସମସ୍ତ ଶସ୍ୟ ପ୍ରାୟ ନଷ୍ଟ ହୋଇଯାଇଛି। ୨୦୧୮ର ଅସାମୟିକ ବର୍ଷା ହିଁ ଏହାର କାରଣ। ଲାଟିନ ଆମେରିକାର ବଲିଭିଆ ମଧ୍ୟ ଏମର୍ଜେନ୍ସି ଘୋଷଣା କରିଛି। ଭାରତରେ ପଙ୍ଗପାଳ ଆକ୍ରମଣ ୨୦୧୯ର ମଧ୍ୟଭାଗରେ ଆରମ୍ଭ ହୋଇଥିଲା। ସେମାନଙ୍କୁ ନିୟନ୍ତ୍ରଣକୁ ଆଣିଲୁ ବୋଲି ଆମେ ଦାବି କରୁଥିଲେ ମଧ୍ୟ ହଜାର ହଜାର ଏକର (କେବଳ ରାଜସ୍ଥାନରେ ୩,୬୦,୦୦୦ ଏକରରୁ ଊର୍ଦ୍ଧ୍ୱ)ରେ ଫସଲ ନଷ୍ଟ ହୋଇଥିଲା। ପୁଣି ଡିସେମ୍ବରରୁ ଫେବୃୟାରୀ ମଧ୍ୟରେ ଏମାନେ ମାଡି ଆସିଲେ ଓ ଯାହା କ୍ଷତି କଲେ ତାହା ପୂର୍ବରୁ କେବେ ବି ହୋଇ ନ ଥିଲା। ଭାରତରେ ମୌସୁମୀ ବର୍ଷା ପଙ୍ଗପାଳକୁ ବଂଶବୃଦ୍ଧି କରିବା ଲାଗି ଉପଯୋଗୀ ପରିବେଶ ଯୋଗାଇଦିଏ। ଗୋଟିଏ ପଙ୍ଗପାଳ ଆର୍ଦ୍ର ମାଟିରେ ୧୫୦ଟି ଅଣ୍ଡା ଦେଇଥାଏ। ଆଗାମୀ ଜୁନ୍‌ରେ ପୁଣି ମୌସୁମୀ ପ୍ରବାହ ଆରମ୍ଭ ହୋଇଗଲେ ଅଣ୍ଡାରୁ ଅତ୍ୟଧିକ ଛୁଆ ଫୁଟିବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଗୋଟିଏ ଦିନରେ ଏକ ମିଲିୟନ ପଙ୍ଗପାଳ ୩୫,୦୦୦ ଲୋକଙ୍କ ଖାଦ୍ୟ ଖାଇ ପାରନ୍ତି। ଚାରଣଭୂମିକୁ ନଷ୍ଟ କଲେ ପାଶୁମାନେ ମଧ୍ୟ ଭୋକିଲା ରହନ୍ତି। ପଶୁପାଳନ ଉପରେ ନିର୍ଭରଶୀଳ ଲୋକମାନେ ଭୟଙ୍କର ଭାବେ ପ୍ରଭାବିତ ହୁଅନ୍ତି। ମାତ୍ର କେଇ ଘଣ୍ଟାରେ ପରିବା ଓ ଶସ୍ୟ କ୍ଷେତ ମରୁଭୂମି ପାଲଟିଯାଏ। ଗ୍ଲୋବାଲ ୱାର୍ମିଂ ପ୍ରଭାବରୁ ଶୁଷ୍କାଞ୍ଚଳ କୁହାଯାଉଥିବା କେନିଆ,ଇଥିଓପିଆ ଏବଂ ସୋମାଲିଆରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏଠାକାର ଆର୍ଦ୍ର ଭୂମି ଡେର୍ଜଟ ପଙ୍ଗପାଳ ବଂଶବୃଦ୍ଧି ପାଇଁ ଉପଯୋଗୀ ହୋଇଯାଇଛି। ବର୍ଷା ଯୋଗୁ ମଧ୍ୟ ଅଧିକ ଫସଲ ହେଉଛି ଓ ତାହା ସେମାନଙ୍କୁ ଆହାର ଯୋଗାଉଛି।

ପଙ୍ଗପାଳ ଯେତେବେଳେ ଭାରତକୁ ଆସନ୍ତି ସେତେବେଳେ ସେମାନଙ୍କ ପ୍ରାଦୁର୍ଭାବରୁ ମୁକ୍ତି ପାଇବା ଲାଗି କୌଣସି ବୈଜ୍ଞାନିକ କାମ କରୁଛନ୍ତି କି? ବିପର୍ଯ୍ୟୟକୁ ଆୟତ୍ତ ନ କଲେ ଶହ ଶହ କୋଟି ଟଙ୍କା କ୍ଷତି ହେବା ସହ ଖାଦ୍ୟାଭାବ ଅଞ୍ଚଳଗୁଡ଼ିକରେ ଅନାହାର ବଢ଼ିବ । ପଙ୍ଗପାଳ ବିପତ୍ତି ବିରୋଧରେ କିଏ ଲଢ଼ିବ ତାହା ହିଁ ଆଜିର ପ୍ରଶ୍ନ। ସେମାନଙ୍କୁ ନିଆଁ ହୁଳାରେ କି ଛୋଟ ପ୍ଲେନ୍‌ରୁ କୀଟନାଶକ ସ୍ପ୍ରେ କରି ମାରିଦେବା କିମ୍ବା ବାସନ ବାଡେଇ ବିଦା କରିପାରିବା କି? ମୋ ମତରେ ଏହା କେବେ ବି ସମ୍ଭବ ନୁହେଁ। ଏହି ଉପାୟରେ ତୁମେ ହୁଏତ ପଙ୍ଗପାଳଙ୍କୁ ତଡିଦେଇପାର, କିନ୍ତୁ ଶସ୍ୟ ବିଷାକ୍ତ ହୋଇଯିବ। ଏମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଭାରତ ସରକାର ଅର୍ଗାନୋଫସ୍‌ଫେଟ କେମିକାଲ ସ୍ପ୍ରେ କରୁଛନ୍ତି। ପଙ୍ଗପାଳ ମରିଯିବାର ବହୁଦିନ ପରେ ଏହା ଲୋକମାନଙ୍କ ମୃତ୍ୟୁର କାରଣ ହୋଇଚାଲିବ। ଭାରତର ପ୍ରତ୍ୟେକ ରାଜ୍ୟରେ କୃଷି ମନ୍ତ୍ରଣାଳୟରେ ପଙ୍ଗପାଳ ବିଭାଗ ରହିଛି। କିନ୍ତୁ ୧୯୯୩ରେ ଘଟିଥିବା ପଙ୍ଗପାଳ ଆକ୍ରମଣ ପରଠାରୁ ଏହି ବିଭାଗ ପୂରା ନିଷ୍କ୍ରିୟ ହୋଇଯାଇଛି। ଏହି ବିଭାଗର ଅଧିକାରୀମାନେ ୨୫ ବର୍ଷ ହେବ କ'ଣ କରିଛନ୍ତି। ପଙ୍ଗପାଳର ସମ୍ଭାବ୍ୟ ଆକ୍ରମଣ ଉପରେ ଚର୍ଚ୍ଚା କରିବା ପାଇଁ କେବଳ ବିଦେଶ ଯିବା ବ୍ୟତୀତ କିଛି ବି କରିପାରିନାହାନ୍ତି। ବାସ୍ତବରେ ପଙ୍ଗପାଳ ବିପର୍ଯ୍ୟୟ ଘଟାଇଲାବେଳେ ଏମାନେ କ'ଣ କଲେ? ଏବେ ପଙ୍ଗପାଳ ଦାଉରୁ ଦେଶକୁ ରକ୍ଷା କରିବା ଲାଗି କିଛି ସମ୍ବେଦନଶୀଳ ପଦ୍ଧତି ଆପଣାଇବାକୁ ପଡିବ।

ପୁଣି ପଙ୍ଗପାଳ ଆସିଲେ ସରକାର ବା କୃଷକ କ'ଣ କରିପାରିବେ ତା'ଉପରେ ଦୁଇଟି ସମାଧାନର ପନ୍ଥା ବିଷୟରେ କହିଛନ୍ତି ପଦ୍ମଶ୍ରୀ ଚିନ୍ତଲା ଭେଙ୍କଟ ରେଡ୍ଡୀ। ତେଲଙ୍ଗନାର ଏହି ଜୈବକୃଷକ ଅଳସୀ ତେଲ,ଖାଇବାସୋଡା କିମ୍ବା ସୋଡିୟମ ବାଇକାର୍ବୋନେଟ ଏବଂ ରସୁଣ,ଜିରା ଓ କମଳା ରସ ମିଶ୍ରଣକୁ ପ୍ରୟୋଗ କରିବାକୁ କହିଛନ୍ତି। ଏହି ମିଶ୍ରଣର କୌଣସି ପାର୍ଶ୍ୱପ୍ରତିକ୍ରିୟା ନାହିଁ। ଦ୍ୱିତୀୟରେ ଭୂପୃଷ୍ଠର ୪ ଫୁଟ ତଳୁ ୩୦-୪୦ କେଜି ମାଟି ଆଣି ତାହାକୁ ୨୦୦ ଲିଟର ପାଣିରେ ଗୋଳି ୧୦ରୁ୨୦ ମିନିଟ ଯାଏ ରଖ। ପରେ ସେହି ଦ୍ରବଣକୁ ଛାଣିବା ପରେ ପାଣିକୁ ଶସ୍ୟ ଉପରେ ସ୍ପ୍ରେ କର। ଏହାଦ୍ୱାରା ପଙ୍ଗପାଳ କୌଣସି ଶସ୍ୟକୁ ଖାଇପାରିବେ ନାହିଁ। ରେଡ୍ଡୀଙ୍କ ଦୁଇଟି ପଦ୍ଧତି ବ୍ୟତୀତ ଆଉ କିଛି ପଦ୍ଧତି ମଧ୍ୟ ରହିଛି। ସେଗୁଡିକ ହେଲା, ତୃତୀୟରେ ଅଷ୍ଟ୍ରେଲିଆର ପଙ୍ଗପାଳ ବିପର୍ଯ୍ୟୟ କମିଶନର ନିର୍ଦ୍ଦେଶକ କ୍ରିସ୍ ଆଡ୍ରିଆନ୍‌ସେନ ପ୍ରାକୃତିକ ଉପାୟରେ ହେଉଥିବା ଫଙ୍ଗସ ବା କବକର ଏକ ପ୍ରକାର ଜୈବିକ ତତ୍ତ୍ୱ ସମ୍ପର୍କରେ ୧୯୭୬ରେ ପ୍ରକାଶ କରିଥିଲେ। ଏହା ମେଟାର୍ହିଜିୟମ ଫଙ୍ଗସର ବୀଜାଣୁ ଉପରେ ଆଧାରିତ। ଥରେ ପଙ୍ଗପାଳଙ୍କ ଉପରେ ଏହାକୁ ସ୍ପ୍ରେ କଲେ ସେମାନେ ଆଉ ଶସ୍ୟ ଖାଇପାରନ୍ତି ନାହିଁ କି ବଂଶ ବୃଦ୍ଧି କରିପାରନ୍ତିନାହିଁ। ବର୍ଲିନସ୍ଥିତ ଇଣ୍ଟରନ୍ୟାଶନାଲ ଇନଷ୍ଟିଚ୍ୟୁଟ ଫର୍ ଟ୍ରପିକାଲ ଏଗ୍ରିକଲଚର୍‌ର ବାୟୋଲୋଜିକାଲ କଣ୍ଟ୍ରୋଲ ସେଣ୍ଟର ଦ୍ୱାରା ଫଙ୍ଗସରୁ ଏକ ଜୈବ କୀଟନାଶକ ପ୍ରସ୍ତୁତ କରାଯାଇଛି। ଏହା ପଙ୍ଗପାଳଙ୍କ ଆଭ୍ୟନ୍ତରୀଣ ଟିସ୍ୟୁକୁ ନଷ୍ଟ କରିପାରେ। ଅନ୍ୟ ଜୀବ ଉପରେ ଏହି ଫଙ୍ଗସର କୌଣସି ପ୍ରଭାବ ନାହିଁ। ଚତୁର୍ଥରେ ପଙ୍ଗପାଳ ସବୁଜ ରଙ୍ଗ ପ୍ରତି ଆକର୍ଷିତ ହୋଇଥାନ୍ତି। ତେବେ ଶସ୍ୟକୁ ଅନ୍ୟ ରଙ୍ଗର ଜାଲରେ ଘୋଡାଇ ଦେଲେ କ୍ଷୁଦ୍ର ଚାଷୀମାନେ ସେମାନଙ୍କ କବଳରୁ ରକ୍ଷା ପାଇପାରିବେ । ପଞ୍ଚମରେ ନାଇରୋବିସ୍ଥିତ ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଇନ୍‌ସେକ୍ଟ ଫିଜିଓଲୋଜି ଆଣ୍ଡ୍ ଇକୋଲୋଜି(ଆଇସିଆଇପିଇ) ଏକ ସ୍ୱତନ୍ତ୍ର ରାସାୟନିକ ପ୍ରସ୍ତୁତ କରିଛି ଯାହା ପଙ୍ଗପାଳ ବିରୋଧରେ ବ୍ୟବହାର କରାଯାଇପାରିବ। ଷଷ୍ଠରେ ଫ୍ରିଥଜୋଫ୍ ଭୋସଙ୍କ ନେତୃତ୍ୱରେ ଜର୍ମାନୀ ଗବେଷକମାନେ ପଙ୍ଗପାଳଙ୍କୁ ଭୟଭୀତ କରିବା ପାଇଁ ଏକ ଇଲେକ୍ଟ୍ରିକାଲ ଗ୍ରୀଡ ପ୍ରସ୍ତୁତ କରିଛନ୍ତି। ଜଣେ ଚାଷୀ ଚାହିଁଲେ ଏହାକୁ ଜମିରେ ଲଗାଇପାରିବେ। ସପ୍ତମରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏମାନଙ୍କ ଅଣ୍ଡାକୁ ଠାବ କରି ମାଟିକୁ ହଳ କରି,ମହିଦେଇ ତାହାକୁ ନଷ୍ଟ କରିବା। ବତକ ରଖିଲେ ଏମାନଙ୍କୁ ନିୟନ୍ତ୍ରଣ କରିପାରିବେ। ଗୋଟିଏ ବତକ ଦିନକୁ ୨୦୦ରୁ ଅଧିକ ପଙ୍ଗପାଳ ଖାଇଥାନ୍ତି।

ଆମେ ପଙ୍ଗପାଳ ସମ୍ପର୍କରେ ଠିକ୍ ସମୟରେ ଭଲଭାବେ ସୂଚନା ପାଇଲେ ଏହା ଉପରେ ପଦକ୍ଷେପ ନେବା ସମ୍ଭବ ହେବ। ଏମାନେ ଆସୁଥିବା ବାଟରେ ୫୦ ଫୁଟ ଉଚ୍ଚତାରେ ଟ୍ରାପଗୁଡ଼ିକୁ ଲଗାଇ କିମ୍ବା ଏରୋପ୍ଲେନ ଦ୍ୱାରା ପଙ୍ଗପାଳ ଦଳକୁ ଭାଙ୍ଗିଦିଆଯାଇପାରିବ। ଜଳବାୟୁ ପରିବର୍ତ୍ତନ ପଙ୍ଗପାଳ ବଂଶବୃଦ୍ଧିକୁ ସୁହାଉଥିଲେ ମଧ୍ୟ ଆମ ସରକାରରେ କେହି ଜଣେ ବି ଏହା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଗୋପାଳନ ଦ୍ୱାରା ମିଥେନ ନିର୍ଗମନ ବୃଦ୍ଧିପାଇଛି। କାର୍ବନ ମନକ୍ସାଇଡଠାରୁ ମିଥେନ ୨୪ଗୁଣ ବେଶି ମାରାତ୍ମକ। ଏଣୁ ଗ୍ରୀନ୍‌ହାଉସ ଗ୍ୟାସ ନିର୍ଗମନ କମ୍ ନ କଲେ ଲୁପ୍ରବାହ,ମରୁଡ଼ି, ବାତ୍ୟା ଏବଂ ବନ୍ୟା ଆହୁରି ତୀବ୍ର ହେବ। ପରିବେଶ ଆହୁରି ବିଗିଡ଼ି ଯିବ। ପଙ୍ଗପାଳ ପଲ ପଲ ହୋଇ ପୁଣି ମାଡିଆସିବେ।

Email: gandhim@nic.in

# ସ୍ୱାସ୍ଥ୍ୟ ଓ ଜନଜୀବନ



ଡ. କିଶୋର ମହାନ୍ତି

ଉପନିଷଦ କହେ-''ସର୍ବେ ଭବନ୍ତୁ ସୁଖୀନଃ ସର୍ବେସନ୍ତୁ ନିରାମୟ''ସମସ୍ତେ ସୁଖରେ ରୁହନ୍ତୁ ସମସ୍ତେ ନୀରୋଗ ରୁହନ୍ତୁ। ମହାତ୍ମା ଗାନ୍ଧୀଙ୍କର ଉକ୍ତି ଥିଲା -ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ଧନ। ସୁନା ଓ ରୁପାଠାରୁ ଏହା ଅଧିକ ମୂଲ୍ୟବାନ। ବୁଦ୍ଧଦେବ କହିଛନ୍ତି - ଶରୀରର ସୁସ୍ଥତା ସମସ୍ତଙ୍କର କାମ୍ୟ ହେବା ଉଚିତ। ଅନ୍ୟଥା ଆମେ ମନକୁ ସୁସ୍ଥ ରଖିପାରିବା ନାହିଁ। ଆମର ତଥାକଥିତ ରୋଗ ଓ ତା'ର ଉପଚାର ପ୍ରଣାଳୀ ସହ ଆଦୌ ସମ୍ପର୍କ ନ ଥାଏ। କିନ୍ତୁ ଏକଥା ସତ୍ୟ ପ୍ରତ୍ୟେକ ବ୍ୟକ୍ତି ତା'ର ସଞ୍ଜମ, ଶିକ୍ଷା, ଆହାର ବିହାରରେ ସୁସ୍ଥତା ଆଚରଣ କରିବା ଓ ନିଜ ପ୍ରତି ନିଜେ ଯତ୍ନବାନ ହେବା ତା'ର ପରମ କର୍ତ୍ତବ୍ୟ ହେବା ଉଚିତ।

ଚିକିତ୍ସାବିତ୍ ସୁଶ୍ରୁତଙ୍କୁ ଭାରତୀୟ ଶଲ୍ୟ ଚିକିତ୍ସାର ଜନକ ବୋଲି କହନ୍ତି। ଭାରତରେ ମହତ୍ତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ନୀତି ହେଲା ଯୋଗ, ଧ୍ୟାନ ଏବଂ ଆୟୁର୍ବେଦ ପଦ୍ଧତି । ଦକ୍ଷିଣ ପୂର୍ବ ଇଣ୍ଡୋନେସିଆ ଓ ଜାପାନ ସହିତ ସମ୍ପୂର୍ଣ୍ଣ ଏସିଆରେ ଭାରତୀୟ ଚିକିତ୍ସା ପଦ୍ଧତିର ପ୍ରସାର ପ୍ରଚାର ଲାଭ କରିଥିଲା। ଆଜିକାଲି ରୋଗ ଉପରେ ଆମେ ଅଧିକ ଗୁରୁତ୍ୱ ଦେଉନାହୁଁ। ଅର୍ଥନୀତିରେ ନୋବେଲ ବିଜେତା ଅମର୍ତ୍ତ୍ୟ ସେନ୍‌ଙ୍କ ମତରେ ସ୍ୱାସ୍ଥ୍ୟ ଏକ ସାମାଜିକ ବସ୍ତୁ। ଗୋଟିଏ ବ୍ୟକ୍ତିର ପୂର୍ଣ୍ଣ ସୁସ୍ଥତା ହିଁ ସେ ସମାଜରେ ସକ୍ରିୟ ଭାଗନେବା ପାଇଁ ଯୋଗ୍ୟ ବୋଲି କୁହାଯାଏ। ଆମର ବୈଦିକ ଗ୍ରନ୍ଥରେ ସ୍ୱାସ୍ଥ୍ୟକୁ ଉଚ୍ଚରେ ରଖାଯାଇଛି। ଧନ ଐଶ୍ୱର୍ଯ୍ୟଠାରୁ ସୁଖ ପ୍ରାପ୍ତି ପାଇଁ ଶରୀରକୁ ସୁସ୍ଥ ରଖିବା ଏକାନ୍ତ ବିଧେୟ। ଏଣୁ କୁହାଯାଇଛି - ''ଆରୋଗ୍ୟମ୍ ପରମଂ ଭାର ସ୍ୱାସ୍ଥ୍ୟ ୟଂ ସର୍ବାର୍ଥ ସାଧନମ୍''। ନୀରୋଗ ହେବା ପରମ ସୌଭାଗ୍ୟ । ସୁସ୍ଥ ଥିଲେ ସର୍ବ କାର୍ଯ୍ୟ ସିଦ୍ଧି ହୁଏ। ମଣିଷ ଜୀବନରେ ଏକାଂଶ ହେଉଛି ସ୍ୱାସ୍ଥ୍ୟବାନ ବ୍ୟକ୍ତି ଭାବରେ ସମାଜରେ ଚଳ ପ୍ରଚଳ କରିବା। ସୁସ୍ଥ ପରିବେଶଟିଏ ପ୍ରତିଟି ମାନବର ଅତି ଆବଶ୍ୟକ।

ଡବ୍ଲ୍ୟୁ.ଏଚ୍.ଓ (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ) କହିବାନୁସାରେ ଭାରତରେ ପ୍ରାୟତଃ କୋଳରେ ଥିବା ଶିଶୁ ଠୁ ପାଞ୍ଚବର୍ଷର ପିଲାମାନଙ୍କର ମୃତ୍ୟୁର ହିସାବକୁ ନେଲେ ନବଜାତ ଶିଶୁଙ୍କର ଏହା ୫୩ଶତାଂଶ ଥିଲା ବେଳେ ନିମୋନିଆରେ ୧୫ଶତାଂଶ ଓ କୁପୋଷଣ ଯୋଗୁ ୧୨ ଶତାଂଶ ଏବଂ ଅନ୍ୟ କାରଣ ଯୋଗୁ ମୃତ୍ୟୁ ହାର ୧୪ଶତାଂଶ ରହିଛି। ପ୍ରସବକାଳୀନ ସୁବିଧାସୁଯୋଗ ଅଭାବରୁ ୪୬ଶତାଂଶ, ଶ୍ୱାସ ସଂକ୍ରମଣ ଜନିତ ୨୨ ଶତାଂଶ, ପୁଷ୍ଟିହୀନତା ପାଇଁ ୧୦ଶତାଂଶ, ଅନ୍ୟ ସଂକ୍ରମଣ ପାଇଁ ୮ ଶତାଂଶ ଓ ଅନ୍ୟାନ୍ୟ ପାଇଁ ୩୧ଶତାଂଶ ରହିଛି। ଭାରତରେ ସର୍ବକାଳୀନ ସ୍ୱାସ୍ଥ୍ୟ ସେବାର ଘୋର ଅଭାବ ରହିଛି। ହାତଗଣତିରେ ସରକାରୀ ଡାକ୍ତରଖାନା ଓ ଗ୍ରାମାଞ୍ଚଳରେ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହାର ସଂଖ୍ୟା କମ୍। ସେଥିରେ ପୁଣି ଡାକ୍ତରଙ୍କ ସଂଖ୍ୟା ନିରାଶଜନକ। ଭାରତରେ ସ୍ୱାସ୍ଥ୍ୟ ସେବା ପାଇଁ ବଜେଟ୍ ଖୁବ୍ ସ୍ୱଳ୍ପ। ଏଠାରେ ରୋଗୀ ଓ ଡାକ୍ତରଙ୍କ ସମ୍ବନ୍ଧ ମଧ୍ୟ ଜଟିଳ। କେତେକ ଜାଗାରେ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଡାକ୍ତରଙ୍କ ଉପରେ ଆକ୍ରମଣ କରିବାର ଦୃଷ୍ଟାନ୍ତ ରହିଛି ।

ଭାରତ ସରକାର ୨୦୨୫ ସୁଦ୍ଧା ଯକ୍ଷ୍ମାରୋଗ ଉତ୍ଥୁଳନ ପାଇଁ ଲକ୍ଷ୍ୟ ରଖିଛନ୍ତି। ଏଣୁ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଉପରକୁ ଉଠାଇବା ପାଇଁ ଦେଶରେ ରାଷ୍ଟ୍ରୀୟ ଆୟୁଷ ମିଶନ କାର୍ଯ୍ୟକାରୀ ହେଉଛି। ଗ୍ରାମାଞ୍ଚଳରେ କମ୍ ଖର୍ଚ୍ଚରେ ପ୍ରାଥମିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ବାଂଲାଦେଶ, ଥାଇଲାଣ୍ଡ, ରୁଆଣ୍ଡାକୁ ଏକ ଏକ ମଡେଲ ଭାବରେ ନିଆଯାଇଛି। ସେହିପରି ଭାରତରେ କେରଳ,ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟ ସ୍ୱାସ୍ଥ୍ୟସେବା ଦିଗରେ ଗୋଟେ ଗୋଟେ ମଡେଲ ହୋଇଛନ୍ତି। ଓଡ଼ିଶାରେ ଇ-ହେଲ୍‌ଥ କେୟାର ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା ଭାବେ କାର୍ଯ୍ୟକରୁଛି । ଏହାର ଶୁଭାରମ୍ଭ ୨୦୦୯ରେ ହୋଇଥିଲା। ଓଡ଼ିଶା ଟେଲିମେଡିସିନ୍ ଦ୍ୱାରା ୧୨୭ଟିରୁ ଊର୍ଦ୍ଧ୍ୱ ଟେଲି ମେଡିସିନ୍ କେନ୍ଦ୍ର ପ୍ରତିଷ୍ଠା ହୋଇଛି ଓ ୯୦୦ ଟେଲିମେଡିସିନ୍ ଟେକ୍‌ନିସିଆନ୍‌ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି।

ସ୍ୱାସ୍ଥ୍ୟସେବା ଦିଗରେ ଆଶା କର୍ମୀମାନଙ୍କର ଅବଦାନ ବେଶ ପ୍ରଶଂସନୀୟ, ବିଶେଷ କରି ଏହି କରୋନା ମହାମାରୀରେ। ଭାରତ ସମେତ ସମଗ୍ର ବିଶ୍ୱ ଏବେ ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ଯଦିଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପାଇଁ ସରକାର ଚେଷ୍ଟା ଅବ୍ୟାହତ ରଖିଛନ୍ତି। କିନ୍ତୁ ସାଧାରଣ ଜନତା ଚିକିତ୍ସା ବ୍ୟବସ୍ଥା ପ୍ରତି ଅଧିକ ଯତ୍ନବାନ ନୁହନ୍ତି। ଜିଲା ସ୍ତରୀୟ, ସବ୍‌ଡିଭିଜନ୍ ସ୍ତରୀୟ ଏପରି କି ବଡ଼ ବଡ଼ ହସ୍ପିଟାଲର ପରିବେଶ ଅପରିଷ୍କାର ହେଉଛି। ହସ୍ପିଟାଲମାନଙ୍କରେ ଅତ୍ୟାଧୁନିକ ଚିକିତ୍ସା ସରଞ୍ଜାମ ରଖିବା ପ୍ରତି ଅଧିକ ଧ୍ୟାନ ଦେଉନାହାନ୍ତି। କିଛି କିଛି ବ୍ୟକ୍ତିଙ୍କ ଖାମଖିଆଲ ମନୋଭାବ ଯୋଗୁ ଠିକ୍ ସମୟରେ ରୋଗୀକୁ ଡାକ୍ତରଖାନା ଯାଏ ଆଣିବାରେ ବିଳମ୍ବ ହେଉଛି। ରେଡିଓ, ଟିଭି, ଖବରକାଗଜ ତଥା ସୋସିଆଲ ମିଡିଆରେ ସ୍ୱାସ୍ଥ୍ୟ ସଚେତନତା ସନ୍ଦେଶ ପ୍ରଦାନ କରାଯାଉଛି ଏବଂ ଲୋକମାନେ ଏ ଦିଗରେ ଅଧିକ ସଚେତନ ହେବା ଦରକାର। ପଥପ୍ରାନ୍ତର ନାଟକ, ପାଲା, ଦାସକାଠିଆ, ଘୋଡ଼ାନାଚ ପ୍ରଭୃତି ଲୋକନୃତ୍ୟରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସନ୍ଦେଶ ପ୍ରଦାନ କରାଯାଉଛି। ଏତେ କଥା ପରେ ମଧ୍ୟ ଆମର ସାଧାରଣ ଜନତା ନିଜର ସ୍ୱାସ୍ଥ୍ୟ ପ୍ରତି ଆଦୌ ସଚେତନ ନୁହନ୍ତି ।

ମୋ: ୯୪୩୭୭୨୮୪୭୫

## ଏଇ ଭାରତରେ

ଅନ୍ୟ ଦୁଃଖରେ ଦୁଃଖୀହେବା, ସମବେଦନା ଜଣାଇବା ମଣିଷପଣିଆର ପରିଚୟ। ଏମିତି ଭାବ ପ୍ରକାଶ କରିଛନ୍ତି ପୁଣେ ଜିଲା ହଡପ୍ସରର ମଞ୍ଜ୍ରି ଅଞ୍ଚଳର ବାସିନ୍ଦା। ସେମାନେ ତାଙ୍କ ଅଞ୍ଚରେ ରହୁଥିବା ଜଣେ ରିକ୍ସାଚାଳକଙ୍କର ଦୁଃଖ ଦୂର କରିବା ସହ ତାଙ୍କୁ ଋଣମୁକ୍ତ ବି କରିଛନ୍ତି । ରିକ୍ସାଚାଳକଙ୍କ ମାତାପିତାଙ୍କୁ ମଧ୍ୟ ଭିକ୍ଷାବୃତ୍ତିରୁ ବି ମୁକାଳିପାରିଛନ୍ତି। ମଞ୍ଜ୍ରିରେ ରହୁଥିବା ରିକ୍ସାଚାଳକ ଶିବାଜୀ କାମ୍ବଲି ଅଟୋରିକ୍ସା ଋଣରେ ଆଣିଥିଲେ। କରୋନା ମହାମାରୀରେ ଲକ୍‌ଡାଉନ ଯୋଗୁ ରୋଜଗାର କମିଲା ଓ ଋଣ ବୋଝ ବଢ଼ିଗଲା। ତିନୋଟି ପିଲା, ସ୍ତ୍ରୀ ସହ ମାତାପିତାଙ୍କୁ ଚଳାଇବା କଷ୍ଟକର ହେବାରୁ ମାତାପିତା ଭିକ୍ଷା ମାଗିବା ଲାଗି କହିବାରୁ ଶିବାଜୀ ବାଧ୍ୟବାଧକତାରେ ତାଙ୍କ ଘର ନିକଟରୁ ୩୦ କି.ମି. ଦୂର ଅଲାଣ୍ଡି ତୀର୍ଥସ୍ଥଳରେ ତାଙ୍କୁ ଛାଡି ଦେଇଥିଲେ। ସେଠାରେ ବହୁ ବ୍ୟକ୍ତି ଖାଦ୍ୟ ଦାନ କରୁଥିବାରୁ ସେଠାରୁ ପରିବାର ପାଇଁ ଖାଦ୍ୟ ଯୋଗାଡ଼ କରିପାରିବେ ବୋଲି ତାଙ୍କର ବିଶ୍ୱାସ ରହିଥିଲା। କିନ୍ତୁ ମାତାପିତାଙ୍କୁ ସେଠାରେ ଛାଡିବା ସମ୍ପର୍କରେ ସ୍ଥାନୀୟ ଲୋକମାନେ ଜାଣିପାରି ତା'ର ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଶେୟାର କରିଥିଲେ। ପରେ ଶିବାଜୀ ଯେଉଁ ରିକ୍ସା ସଂଘରେ ଥିଲେ ତାକୁ ଏ ସମ୍ପର୍କରେ ଜଣାଇଥିଲେ। ଏହି ସଂଘର ସଭାପତି ଓ ଶିବାଜୀ ବାସ କରୁଥିବା ଅଞ୍ଚଳର ବାସିନ୍ଦାମାନେ ତାଙ୍କୁ ଆର୍ଥିକ ସହାଯ୍ୟ ଦେଇ ଋଣମୁକ୍ତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଡିସେମ୍ବର ୧୯୯୫

- ଦକ୍ଷିଣ ପୂର୍ବ ଏସିଆ ଅଞ୍ଚଳକୁ ସମ୍ପୂର୍ଣ୍ଣ ଅଣୁଅସ୍ତ୍ର ମୁକ୍ତ କରିବା ପାଇଁ 'ଏସିଆନ' ଦ୍ୱାରା ଅଣୁଅସ୍ତ୍ର ନିଷେଧ ଚୁକ୍ତି ସ୍ୱାକ୍ଷରିତ।
- ସୁସାହିତ୍ୟିକ ନନ୍ଦିନୀ ଶତପଥୀ ଓ ବିଶିଷ୍ଟ ପ୍ରାବନ୍ଧି ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କ ସମେତ ୩୬ ଜଣ ବିଶିଷ୍ଟ ସାହିତ୍ୟିକଙ୍କୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଁ ମନୋନୀତ କରାଯାଇଛି।
- ତାଳଚେର ଖଣି ଅଞ୍ଚଳରେ ୪ଟି ନୂଆ ଖାଦାନ ଖୋଲିବାକୁ କେନ୍ଦ୍ରୀୟ ଅନୁମୋଦନ।

## su | do | ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 7 | 9 | | | | | | | | | D | | 0 | |
| | | | | | | | C | 4 | | 0 | 1 | | 7 | E |
| | D | | 5 | E | | | | | 8 | | | 6 | | |
| C | | | | | | | 0 | | | | A | | | 2 |
| 8 | 0 | | | | | | | | | | E | | | 3 |
| | | D | 1 | | | | | | | | | 3 | | 4 |
| | | | | | | | 5 | 3 | 1 | D | | 2 | C | |
| 4 | | 5 | 0 | | | 7 | 1 | | 2 | 9 | | | B | 6 |
| 6 | | A | | | 5 | | B | D | | | | | | |
| | 3 | | | | 8 | | 4 | 0 | | | | | E | |
| 3 | | 7 | | | E | | A | | 5 | | C | | | |
| | 6 | | B | | | | | | | | 0 | A | | |
| | 5 | 8 | 9 | | | | E | | | | | 4 | | C |
| 1 | C | | | 7 | 2 | | | | | | 4 | B | | 0 |
| | | | C | 6 | | | 3 | | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | E | 7 | 3 | 6 | 9 | 8 | 0 | C | D | 5 | A | 1 | 2 | B |
| 5 | 0 | 3 | 8 | 4 | B | 2 | D | E | 7 | 6 | 1 | 9 | C | A |
| D | A | 9 | E | C | 5 | 6 | 1 | 3 | 0 | B | 2 | 4 | 8 | 7 |
| 2 | C | 1 | 7 | 0 | D | B | 9 | A | 8 | 3 | 4 | E | 6 | 5 |
| 6 | B | 8 | 2 | 1 | A | 5 | 7 | 4 | C | E | 9 | 0 | D | 3 |
| 9 | 7 | C | B | 8 | 4 | 3 | 2 | D | 1 | 0 | 5 | A | E | 6 |
| B | 4 | D | A | 9 | 0 | 7 | E | 1 | 6 | C | 3 | 2 | 5 | 8 |
| 3 | 6 | 0 | 1 | E | C | A | 8 | 5 | 2 | 4 | 7 | B | 9 | D |
| E | 1 | 2 | 5 | D | 3 | 0 | 6 | B | 9 | A | 8 | C | 7 | 4 |
| A | 8 | 5 | 6 | 2 | 7 | C | 4 | 9 | E | D | B | 3 | 1 | 0 |
| 8 | 2 | A | C | 5 | E | 9 | B | 6 | 4 | 7 | 0 | D | 3 | 1 |
| C | D | E | 0 | B | 1 | 4 | 3 | 7 | 5 | 9 | 6 | 8 | A | 2 |
| 7 | 9 | B | 4 | A | 8 | D | 5 | 2 | 3 | 1 | E | 6 | 0 | C |
| 1 | 5 | 6 | D | 3 | 2 | E | A | 0 | B | 8 | C | 7 | 4 | 9 |
| 0 | 3 | 4 | 9 | 7 | 6 | 1 | C | 8 | A | 2 | D | 5 | B | E |

ଗତକାଲିର ଉତ୍ତର

# ଛେପ ନିୟମକୁ ଫୁ



ମାନସ ରଞ୍ଜନ ବିଶ୍ୱାଳ

ମହାମାରୀ କରୋନା ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରତ୍ୟେକ ରାଜ୍ୟ ସରକାରଙ୍କୁ ତମାଖୁ ସେବନ ଉପରେ ପ୍ରତିବନ୍ଧକ ଲଗାଇବା ସହ ବିକ୍ରେତା ଏବଂ ସେବନକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବା ସହ ସର୍ବସାଧାରଣ ଜାଗାରେ ଛେପ ପକାଇଲେ ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ । ତମାଖୁ କେବଳ ଏ ମହାମାରୀ କରୋନା କାହିଁକି ବରଂ ଅନେକ ଦୁରାରୋଗ୍ୟ ବ୍ୟାଧିର କାରଣ ସାଜିଛି । କମଳମତି ଛୋଟ ଛୋଟ ପିଲାମାନେ ମଧ୍ୟ ଆଜି ବିଭିନ୍ନ ପ୍ରକାର ଗୁଟ୍‌ଖା ସେବନ କରୁଥିବାର ସାଧାରଣରେ ଦେଖିବାକୁ ମିଳୁଛି। ଆମ ରାଜ୍ୟର ଏମିତି ଏକ ବଜାରଠାରୁ ଗାଁ, ପଡାଗାଁ, ସାହି, ବସ୍ତି ନାହିଁ ଯେଉଁଠି ଗୁଟ୍‌ଖା ଏବଂ ମାରାତ୍ମକ ମସଲାଯୁକ୍ତ ପାନ ମିଳୁନାହିଁ। ସରକାରଙ୍କ ଉପରୋକ୍ତ ତମାଖୁ ଆଇନକୁ ସତେ ଯେମିତି ତମାଖୁ ବିତରକ ଏବଂ ସେବନକାରୀ ଛେପ ପକାଇ ଥୁ କରି ଦେଇଛନ୍ତି। କିଛିଦିନ ତଳେ ଲକ୍‌ଡାଇନ ଶଟ୍‌ଡାଉନର କଠୋର ନିୟମରେ ଦୋକାନ ବଜାର ବନ୍ଦ ହେଲା ସିନା ଲୁଚାଛପାରେ ଚିହ୍ନା ପରିଚିତ ଦେଖି ନାଗୁଆ ମାସିକିଆ ଖାତାଧାରୀ ଗରାଖମାନଙ୍କ ପାଇଁ ଦୋକାନୀ ଆଗତାଲା ପଛମେଲା ନ୍ୟାୟରେ ତମାଖୁଯୁକ୍ତ ପାନ ଓ ଗୁଟ୍‌ଖା ବିତରଣ କଲେ। ଏତେ କଠୋର ନିୟମ ଚଢାଉ, ଯାଞ୍ଚ, ମାଡ, ଜରିମାନା ସତ୍ତ୍ୱେ ଏ ବେପାର କିନ୍ତୁ ଆଗ ଅପେକ୍ଷା ବନ୍ଦକୁ ଆଳକରି ଡବଲ ଦାମରେ ଘୋ ଘୋରେ ଚାଲିଲା।

ଭାରତ ସରକାରଙ୍କ ନିୟମକୁ ରାଜ୍ୟ ସରକାର ଅନୁପାଳନ କରିବା ପାଇଁ ଆଉପାଦେ ଆଗକୁ ଯାଇ ଜିଲାପାଳଙ୍କଠାରୁ ଅନ୍ୟାନ୍ୟ ଉଚ୍ଚଅଧିକାରୀ ଛେପ ଜଗିବେ ବୋଲି ଘୋଷଣା କରିବା ସହିତ ପୋଲିସ ପ୍ରଶାସନ କୌଣସି ଲୋକ ସର୍ବସାଧାରଣ ଜାଗାରେ ଛେପ ପକାଇଲେ ଜରିମାନା ଆଦାୟ କରିବାକୁ ଜରୁରୀ ଘୋଷଣାନାମା ଜାରି କଲେ। ହେଲେ କାର୍ଯ୍ୟକାରିତା ଏବଂ ଉତ୍ତର -ଦାୟିତ୍ୱବୋଧ ପ୍ରକାଶ ପାଇଲା ନାହିଁ। ୨୦୧୩ ଆରମ୍ଭରେ ତମାଖୁ ବା ନିକୋଟିନ୍‌ଯୁକ୍ତ ଗୁଟ୍‌ଖା/ପାନମସଲାର ଉତ୍ପାଦନ, ଗଚ୍ଛିତକରଣ, ବିତରଣ ଏବଂ ଖାଉଟି ଦୋକାନରେ ବିକ୍ରି ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଥିଲେ ସରକାର। ଜିଲା ସ୍ତରରେ ସ୍କ୍ୱାଡ, ସ୍ୱତନ୍ତ୍ର ସେଲ୍ ଚଢାଉ ଜୋରଦାର ଜିଲାର ଅବକାରୀ ଅଧିକାରୀ, ଆରକ୍ଷୀ ଅଧିକାରୀଙ୍କ ଉପରେ କାର୍ଯ୍ୟାନ୍ୱୟନର ସ୍ୱତନ୍ତ୍ର ଅନୁଶାସନ, ଉତ୍ତରଦାୟିତ୍ୱ ଇତ୍ୟାଦି ଇତ୍ୟାଦି ସେତେବେଳେ ଘୋଷଣା ମଧ୍ୟ କରାଯାଇଥିଲେ। କନ୍ତୁ ଗୁଟ୍‌ଖା ପାନମସଲାର କୃତ୍ରିମ ଅଭାବ ସୃଷ୍ଟି କରି ଦୁଇଟଙ୍କାର ଜିନିଷ ପାଞ୍ଚ ଟଙ୍କା ଓ ପାଞ୍ଚଟଙ୍କାର ଜିନିଷକୁ ଦଶ ଟଙ୍କାରେ ବିକ୍ରି କଲେ କେହି କିଛି ଜାଣିପାରିଲେ ନାହିଁ। ଯୁଆଡେ ଆଖି ବୁଲାଇବ ସିଆଡେ ନୂଆ ରୂପରେ ଗୁଟ୍‌ଖାର ମାଳ ଦୃଶ୍ୟମାନ ହେବ। ପୂରା ଖୁଲମ୍‌ଖୁଲା ବେପାର। ଏ ନିଷେଧାଦେଶ କେବଳ ସରକାର ଫାଇଲ ଭିତରେ ବନ୍ଦ ହୋଇଯାଇଛି ବୋଧେ, କାରଣ ଯେଉଁମାନେ ତମାଖୁଯୁକ୍ତ ଗୁଟ୍‌ଖା ପାନମସଲାରେ ଅଭ୍ୟସ୍ତ ସେମାନେ ତ ଚିରାଚରିତ ଢଙ୍ଗରେ ପୂର୍ବଭଳି ଯେଉଁଠିନାହିଁ ସେଠି ଗୁଟ୍‌ଖା ଜରିଚିରି ମୁହଁକୁ ଉପର କରି ଖାଉଛନ୍ତି ତ ଆଉ କିଏ କିଏ ପାନର ଅଗରୁ ଟିକିଏ ଛିଡ଼ାଇ ଦେଇ ପାଟିରେ ଝୁଲିଆ ବଳଦ ପରି ପାକୁଳି କରୁଛନ୍ତି। ଆଉ କେହି କେହି ଗୁଟ୍‌ଖାକୁ ହାତରେ ଢାଳି ଖାଇବା ପରେ ହାତକୁ ଫୁ କରି ହାତରେ ଲାଗିଥିବା ଚୂନଯୁକ୍ତ ଦ୍ରବ୍ୟକୁ ଉଡାଇବା ଭଳି ସରକାରଙ୍କ ନିୟମକୁ ଫୁ କରି ଦେଉଛନ୍ତି। ବିଗତ ଦିନର ସେହି ନିଷେଧାଦେଶ ପରବର୍ତ୍ତୀ ଅବସ୍ଥାରେ ବେପାର ପାଇଁ ଫ୍ୟାକ୍ଟ୍ରି ବସାଇଥିବା ମାଲିକମାନେ ଅତି ଚତୁରତା ସହ ସରକାରୀ ନିଷେଧାଦେଶକୁ ଚୂନ ଲଗାଇବା ପାଇଁ ଗୁଆ-ଚୂନ-ମଧୁରି, ଅଲଗା ଏବଂ ତମାଖୁ ଅଲଗା କରି ଦୁଟି ପ୍ୟାକେଟରେ ଗୁଟ୍‌ଖା ବଜାରକୁ ଛାଡ଼ିଲେ। ଆଗ ଅପେକ୍ଷା ଏମିତି କରିବା ଦ୍ୱାରା ସମ୍ପୂର୍ଣ୍ଣ ଫ୍ରୀରେ ବ୍ୟାପକ ଭାବରେ ବେପାର ଆସର ଜମିଲା। ଆଗ ଅପେକ୍ଷା ଦାମ୍ ବି ବଢିଲା। ସେବନ କରୁଥିବା ଲୋକଟି ସିନା ଶୋଷିତ ହେଲା କିନ୍ତୁ ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ସମ ପରିମାଣର ଲାଭାଂଶ ବୃଦ୍ଧିରେ ମାଲାମାଲ ହୋଇ ଖୁସିରେ ବେପାର କଲେ।

ଜଣେ ବରିଷ୍ଠ ବଜାର ବିଶେଷଜ୍ଞଙ୍କ ମତରେ ୨୦୧୨ ଶେଷ ବେଳକୁ ଓଡିଶାରେ ପ୍ରାୟ ୧୩୦୦ରୁ ୧୪୦୦ କୋଟି ଟଙ୍କାର ତମାଖୁଯୁକ୍ତ ଗୁଟ୍‌ଖା ପାନମସଲା ବଜାର ପ୍ରବେଶ କରିଥିଲା। ଆଉ ଏହି ପରିମାଣର ତମାଖୁ ବେପାରରୁ ସରକାର ପାଖାପାଖି ତିନିଶହ କୋଟି ରାଜସ୍ୱ ପାଇଥିବା ଅନୁମାନ କରାଯାଏ। କାରଣ ଗୁଟ୍‌ଖା ପାନମସଲା ପରି ତମାଖୁଯୁକ୍ତ ବେପାରରୁ ସରକାରଙ୍କ ଟିକସ ପରିମାଣ ଟିକେ ଅଧିକା। ହେଲେ ନିଷେଧାଦେଶ ପରେ ଆଇନତଃ ଆଉ ତମାଖୁଯୁକ୍ତ ଗୁଟ୍‌ଖା ସମ୍ପୂର୍ଣ୍ଣ ବନ୍ଦ। ଆଉ ଆଜି ଯେଉଁ ଗୁଟ୍‌ଖା ମିଳୁଛି ତାହା ଗୁଟ୍‌ଖା ନୁହେଁ, ବରଂ ପାନମସଲା। ଏହା ଶହେ ଶହେ ବୁଦ୍ଧିମାନର ଖେଳ। ଗୁଟ୍‌ଖା ଉପରେ ପୂର୍ବରୁ ନିର୍ଦ୍ଧାରିତ ଟିକସ ଥିଲା ୨୫ ଭାଟ ଏବଂ ୬୦ ଏକ୍‌ସାଇଜ ଡ୍ୟୁଟି, ତନଖିଫାଟକ ଶୁଳ୍କ ଏବଂ ବିକ୍ରିକର। ଏବେ ଗୁଟ୍‌ଖାର ନାମକରଣରେ ପରିବର୍ତ୍ତନ ଆସିବା ପରେ ଏକ୍‌ସାଇଜ ଡ୍ୟୁଟି ବାବଦ ୬୦ଭାଗ ଟିକସରୁ ସମ୍ପୂର୍ଣ୍ଣ ମୁକ୍ତି। କାରଣ ଏଥିରେ ନା ଅଛି ତମାଖୁ ନା ଏହା ଗୁଟ୍‌ଖା,ଏବେ ତ ଏହା ସମ୍ପୂର୍ଣ୍ଣ ଆଇନସିଦ୍ଧ ପାନ ମସଲା। ଏହା କୁଆଡେ ଏକ୍‌ସାଇଜର ପରିସରଭୁକ୍ତ ନୁହେଁ। ଏକ ସୁପରିକଳ୍ପିତ ଢଙ୍ଗରେ ମାରିନେଲେ ମହାପାତ୍ରେ ଚାହିଁଥାରେ ଜଳକା ନ୍ୟାୟରେ ସମସ୍ତେ ଚୁପ। ଗୁଟ୍‌ଖା ଏବେ ପାନ ମସଲା ଭାବରେ ବଜାରରେ ଉପଲବ୍ଧ। ସାଧାରଣରେ ଯାହା ଏବେ ପ୍ରତ୍ୟେକ ପାନ ଚା ଜଳଖିଆ ଦୋକାନର ସମ୍ମୁଖ ଭାଗରେ ଦୃଶ୍ୟମାନ।

ସରକାର ଏବେ ଅନ୍ୟ ନିଶାଦ୍ରବ୍ୟ ଉପରେ ଯେତିକି ତତ୍ପର ହୋଇଛନ୍ତି ଯଦି ତାହାର ଶତକଡା ୫୦ ଭାଗ ନଜର ଗୁଟ୍‌ଖା ନିଷିଦ୍ଧ ଉପରେ ଦିଅନ୍ତେ ତେବେ ଅନାୟାସରେ ଏହା ବନ୍ଦ ହୋଇପାରନ୍ତା। ଗୁଟ୍‌ଖା ପାନଖିଆଳିମାନେ ମଧ୍ୟ ସଚେତନ ହେବାର ବେଳ ଆସିଛି। କାରଣ ପାଞ୍ଚ ଦଶ ଟଙ୍କାର ପାନ ଗୁଟ୍‌ଖା ପାଇଁ ପଞ୍ଚଶହ ଟଙ୍କା ଜରିମାନା ଦେବାକୁ ପଡିପାରେ। ଏହିସବୁ ମାରାତ୍ମକ ଦ୍ରବ୍ୟ ସେବନ କରି ନିଜର, ନିଜ ପରିବାରର ଭବିଷ୍ୟତ ଅନ୍ଧକାର ଆଡକୁ ନେଉଥିବା ବେଳେ ଅନେକ ଅର୍ଥ ବିଶ୍ରାନ୍ଧ ହେଉଛି। ଏହି ବଦ ଅଭ୍ୟାସ ପାଇଁ କରୋନା ସମୟରେ ସର୍ବସାଧାରଣ ସ୍ଥାନରେ ଛେପ ପକାଇ କାହାର ଜୀବନ ପାଇଁ କାହିଁକି ବିପଦ ସାଜିବା। ଯୁଆଡେ ଯାଉଛେ ସିଆଡେ ସୁନ୍ଦର କାନ୍ଥବାଡକୁ ଛିଟଛେପରେ ବିବର୍ଣ୍ଣ କରିପକାଇଉଛେ । ଏହାକୁ ସେବନ କରି ନିଜେ ତ ରୋଗ କିଣୁଥିଲେ ଏବେ ଆଉ କାହାର ରୋଗର କାରଣ ସାଜିବା । ଗୋଟିଏ କଥା ବୁଝିହେଉନାହିଁ ତମାଖୁଯୁକ୍ତ ଦ୍ରବ୍ୟ ଯଦି ମାନବ ସମାଜର ଏଭଳି କ୍ଷତି ଘଟାଉଛି ତେବେ ସରକାର 'ମୂଳୁମାରିଲେ ଯିବ ସରି' ନୀତି କାହିଁକି ଗ୍ରହଣ କରୁନାହାନ୍ତି। ତମାଖୁଯୁକ୍ତ ଦ୍ରବ୍ୟ ପ୍ରସ୍ତୁତକାରୀଙ୍କ ବିରୋଧରେ କଠୋରରୁ ଅତି କଠୋର ଦଣ୍ଡବିଧାନ ସହିତ ଯଦି ଫ୍ୟାକ୍ଟ୍ରି ସିଜ୍ କରିବା, ଷ୍ଟକିଷ୍ଟ, ହୋଲସେଲରଠାରୁ ତଳସ୍ତର ବିକ୍ରେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସଚେତନ କରାଇବା ସହ ଅମାନିଆ ହେଲେ ଦଣ୍ଡିତ କରାଯାଇପାରନ୍ତା ତେବେ ନିଶ୍ଚୟ ଏଭଳି ଏକ ସାଇଲେଣ୍ଟ କିଲର ବଜାରରୁ ଦୂରେଇ ଯାଆନ୍ତା। କେବଳ ଏହି ମହାମାରୀ କରୋନା ପାଇଁ ଛେପକୁ ଗୁରୁତ୍ୱ ଦେଇ କରୋନା ବିଜୟ ପରେ ଏହାକୁ ଅଣଦେଖା କରିବା ଉଚିତ ନୁହେଁ। ଛେପ ରୋକିବାରେ ଜରିମାନା/ଦଣ୍ଡାଦେଶ ସୀମିତ ନ ରହି ବାଉଁଶ ଥିବ ଯେ ବଇଁଶୀ ବାଜିବ ନୀତି ଅବଲମ୍ବନ କରାଯାଉ। ଆଉ ଏହା ଯଦି ସମ୍ଭବ ହୁଏ ତେବେ ଆମେ ସମସ୍ତେ ଗର୍ବରେ କହିପାରିବା ଆମ ରାଜ୍ୟ ଆଜି ଏକ ମାରାତ୍ମକ ସାଇଲେଣ୍ଟ କିଲରକୁ ସମୂଳେ ଧ୍ୱଂସକରି ଏବେ ସର୍ବସାଧାରଣ ସୁନ୍ଦର ଜାଗାଠାରୁ ନିଜ କାନ୍ଥବାଡ ଝରକା କବାଟ ଅଗଣା ପର୍ଯ୍ୟନ୍ତ ଛିଟଛେପ ମୁକ୍ତ ଓଡ଼ିଶାରେ ପରିଣତ ହୋଇଛି।

ଭୁବନପୁର, ଗଡମଧୁପୁର, ଧର୍ମଶାଳା,
ଯାଜପୁର, ମୋ:୮୧୪୪୧୧୮୯୦୭

## ପାଠକ ଶ୍ରେଷ୍ଠ ବିଚାରକ

### ସମୁଦ୍ର ସ୍ନାନ ସୂଚନା ଲେଖାଯାଉ

ମହାଶୟ,

ଏଇ ନିକଟରେ ପୁରୀ ସମୁଦ୍ର (ମହୋଦଧି)ରେ ଗାଧୋଇବା ବେଳେ ଦୁଇଜଣ ଯୁବକ ସମୁଦ୍ର ଭିତରକୁ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ଏହା ନୂଆ କଥା ନୁହେଁ। ପ୍ରତ୍ୟେକ ବର୍ଷ କିଛି ନା କିଛି ଲୋକ ସମୁଦ୍ରରେ ସ୍ନାନ କଲାବେଳେ ଭାସିଯାଇ ପ୍ରାଣତ୍ୟାଗ କରନ୍ତି। ପୁରୀ ସମୁଦ୍ରରେ ଅଣ୍ଡର୍‌କରେଣ୍ଟ ସ୍ରୋତ ପ୍ରବାହିତ ହୋଇଥାଏ। ସେହି କରେଣ୍ଟ ସ୍ରୋତର ସଂସ୍ପର୍ଶରେ ଆସି ଲୋକ ସମୁଦ୍ରକୁ ଭାସିଯାଆନ୍ତି। ସାଧାରଣତଃ ସ୍ୱର୍ଗଦ୍ୱାରଠୁ ଦିଗ୍‌ବାରିଣୀ ଖୁଣ୍ଟ ପର୍ଯ୍ୟନ୍ତ ସମୁଦ୍ରରେ ଲୋକେ ଗାଧୋଇଥାଆନ୍ତି। ଓଡ଼ିଶା ତଥା ଓଡ଼ିଶା ବାହାରୁ ଆସୁଥିବା ପର୍ଯ୍ୟଟକମାନେ ସମୁଦ୍ରର ଅଣ୍ଡର୍‌କରେଣ୍ଟ ସ୍ରୋତ ସମ୍ପର୍କରେ ଅନଭିଜ୍ଞ। ତେଣୁ ବେଳାଭୂମିରେ ବଡ଼ବଡ଼ ସାଇନବୋର୍ଡ ଲଗାଇ ସେଥିରେ ସମୁଦ୍ର ସ୍ନାନ ସମ୍ପର୍କିତ ସୂଚନା ପର୍ଯ୍ୟଟକଙ୍କ ଅବଗତି ନିମନ୍ତେ ଲେଖାଯାଉ। ଯାହାଫଳରେ ଅଘଟଣକୁ ରୋକାଯାଇପାରିବ ଓ ଅକାଳ ମୃତ୍ୟୁରୁ ପର୍ଯ୍ୟଟକ ବର୍ତ୍ତି ପାରିବେ।

-କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ଯାଏ ଯେହୁ ବିସ୍ମୃତି ତଳେ
ଫେରିଆସେ ପୁଣି ହୋଇ ନୂଆ
ତୋଟାତଳ କୁଡ଼ିଆରୁ ଏଇ
କି ଶବଦ କାନେ ଆସେ ଡେଇଁ
କିଏ ଡାକେ କୁଆଁ କୁଆଁ କୁଆ
ପୁରାତନ ଫେରେ ହୋଇ ନୂଆ। -(ପୌଷ-ମଳୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ବିଦ୍ୟୁତ ଶକ୍ତି କ୍ଷେତ୍ରରେ ଭାରତ-ଆମେରିକା ବୁଝାମଣାକୁ ମଞ୍ଜୁରୀ

ବିଜୁଳି ଶକ୍ତି କ୍ଷେତ୍ରରେ ପାରସ୍ପରିକ ସ୍ୱାର୍ଥ ଜଡିତ ବିଷୟରେ ତଥ୍ୟ ଆଦାନ ପ୍ରଦାନ କରିବା ପାଇଁ ଭାରତ ଆମେରିକା ମଧ୍ୟରେ ସ୍ୱାକ୍ଷରିତ ହେବାକୁ ଥିବା ବୁଝାମଣାପତ୍ରକୁ ବୁଧବାର କ୍ୟାବିନେଟ ବୈଠକରେ ମଞ୍ଜୁରୀ ମିଳିଛି। ଭାରତର କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ(ସିଇଆର୍‌ସି) ଏବଂ ଆମେରିକାର ଫେଡରାଲ ଏନର୍ଜି ରେଗୁଲେଟରି କମିଶନ(ଏଏଫ୍‌ଇଆର୍‌ସି) ସହ ବୁଝାମଣାପତ୍ର ସ୍ୱାକ୍ଷର କରିବା ପାଇଁ ପ୍ରସ୍ତାବ ରହିଥିଲା।

### ସଂକ୍ଷେପରେ

## ୬.୩% ବଢ଼ିଲା ବିମାନ ଇନ୍ଧନ

ନୂଆଦିଲ୍ଲୀ,୧୬।୧୨: ଆଭିଏଶନ ଟର୍ବାଇନ ଫୁଏଲ (ଏଟିଏଫ୍) ବା ବିମାନ ଇନ୍ଧନ ୬.୩% ବୃଦ୍ଧି ଘଟିଛି। ଏହା କିଲୋଲିଟର ପିଛା ୨୯୪୧.୫ ଟଙ୍କା ବଢ଼ିବାରୁ ନୂଆଦିଲ୍ଲୀରେ ଦର ୪୯,୧୬୧ ଟଙ୍କାକୁ ବୃଦ୍ଧିପାଇଛି। ଚଳିତ ବର୍ଷ ଦ୍ୱିତୀୟ ଥର ଲାଗି ଏଟିଏଫ୍ ମୂଲ୍ୟରେ ବୃଦ୍ଧି ଘଟିଛି। ଡିସେମ୍ବର ପହିଲାରେ ଏହାର ଦର ୭.୧%(୩୨୮) ଟଙ୍କା ବୃଦ୍ଧି ପାଇଥିଲା। ଏଲ୍‌ପିଜି ଭଳି ଏଟିଏଫ୍ ମୂଲ୍ୟ ପ୍ରତିମାସ ପହିଲା ଏବଂ ୧୬ ତାରିଖରେ ପରିବର୍ତ୍ତିତ ହୋଇଥାଏ। ଅନ୍ତର୍ଜାତୀୟ ବଜାରର ତୈଳ ଦର ଏବଂ ବିଦେଶୀ ମୁଦ୍ରା ବିନିମୟକୁ ବିଚାର କରି ଏଭଳି ଇନ୍ଧନ ଦର ଧାର୍ଯ୍ୟ କରାଯାଇଥାଏ। ସେହିଭଳି ଏଲ୍‌ପିଜି ସିଲିଣ୍ଡର ପିଛା ଦର ୫୦ ଟଙ୍କା ବଢ଼ିଛି। ଏହା ପୂର୍ବରୁ ଡିସେମ୍ବରରେ ମଧ୍ୟ ଦର ୫୦ ଟଙ୍କା ବୃଦ୍ଧି ଘଟିଥିଲା।

## ଆରମ୍ଭ ହେବ ବ୍ରାଣ୍ଡ୍ ଇଣ୍ଡିଆ ମିଶନ

ନୂଆଦିଲ୍ଲୀ,୧୬।୧୨: ଆଗାମୀ ଦିନରେ ବ୍ରାଣ୍ଡ ଇଣ୍ଡିଆ ମିଶନ ଆରମ୍ଭ କରିବା ଲାଗି ସରକାର ପ୍ରକ୍ରିୟା ଜୋର୍‌ଦାର କରିଛନ୍ତି। ଦେଶରେ ଉତ୍ପାଦନ ହେଉଥିବା ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟଗୁଡିକୁ ପ୍ରୋତ୍ସାହନ ଯୋଗାଇଦେବା ଲାଗି ସରକାର ଏଭଳି ପଦକ୍ଷେପ ହାତକୁ ନେବେ। ଆମେରିକା, ସୁଇଜରଲାଣ୍ଡ, ଜର୍ମାନୀ ଏବଂ ଫ୍ରାନ୍ସ ଭଳି ଦେଶରେ ଏଭଳି ନୀତି ଏବେ କାର୍ଯ୍ୟକାରୀ ହେଉଛି। ଏହାକୁ ଧ୍ୟାନରେ ରଖି ସରକାର ଭାରତରେ ମଧ୍ୟ ସମାନ ପ୍ରକାର ପଦକ୍ଷେପ ହାତକୁ ନେବା ଲାଗି ସରକାର ଯୋଜନା ରଖିଛନ୍ତି। କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ତତ୍ତ୍ୱାବଧାନରେ ଏହାକୁ ରୂପରେଖ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏ ନେଇ କ୍ୱାଲିଟି କାଉନସିଲ ଅଫ୍ ଇଣ୍ଡିଆ ଏବଂ ଅନ୍ୟ ଏଜେନ୍ସିଗୁଡିକ ସହ ଆଲୋଚନା କରାଯିବ ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି।

## ବିପିସିଏଲ୍ ଏସ୍‌ବିଆଇ ଅକ୍ଟେନ କାର୍ଡ

ଭୁବନେଶ୍ୱର,୧୬।୧୨: ଏସ୍‌ବିଆଇ କାର୍ଡ ଏବଂ ଭାରତର ଦ୍ୱିତୀୟ ସର୍ବବୃହତ୍ ପେଟ୍ରୋଲିୟମ କମ୍ପାନୀ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ ମଙ୍ଗଳବାର ବିପିସିଏଲ୍-ଏସ୍‌ବିଆଇ କାର୍ଡ ଅକ୍ଟେନ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛନ୍ତି। ଇନ୍ଧନ ବାବଦରେ ଅଧିକ ଅର୍ଥ ଖର୍ଚ୍ଚ କରୁଥିବା ବିତ୍ତଶାଳୀ ବର୍ଗର ଗ୍ରାହକଙ୍କୁ ସର୍ବାଧିକ ସଞ୍ଚୟ ପ୍ରଦାନ କରିବାକୁ ଏହି କାର୍ଡ ଡିଜାଇନ କରାଯାଇଛି। ବିପିସିଏଲ୍ ଇନ୍ଧନ,ମାକ୍ ଲୁବ୍ରିକାଣ୍ଟ, ଭାରତ ଗ୍ୟାସ୍ (ଏଲ୍‌ପିଜି)ରେ ଖର୍ଚ୍ଚ ଉପରେ (କେବଳ ୱେବ୍‌ସାଇଟ ଓ ଆପ୍) ଏବଂ ବିପିସିଏଲ୍ ଇନ୍ ଆଣ୍ଡ ଆଉଟ କନ୍‌ଭେନିଏନ୍ସ ଷ୍ଟୋରରେ କରୁଥିବା ଖର୍ଚ୍ଚ ପାଇଁ ଏହି ବିପିସିଏଲ୍ ଏସ୍‌ବିଆଇ କାର୍ଡ ଅକ୍ଟେନ ୨୫ର ଗୁଣିତକ ରିୱାର୍ଡ ପ୍ରଦାନ କରୁଛି। ବିପିସିଏଲ୍ ଫୁଏଲ ଷ୍ଟେଶନଗୁଡିକରେ ଇନ୍ଧନ ଓ ଲୁବ୍ରିକାଣ୍ଟରେ କରାଯାଉଥିବା ଖର୍ଚ୍ଚ ଉପରେ ଏହି କାର୍ଡ ୭.୨୫% ମୂଲ୍ୟ ଫେରସ୍ତ ଦେଉଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# ଚାଇନା ଟେଲିକମ୍ ଯନ୍ତ୍ରାଂଶ ଉପରେ କଟକଣା ଲାଗିପାରେ

ନୂଆଦିଲ୍ଲୀ,୧୬।୧୨

ଗଲ୍‌ୱାନ ଘାଟିରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଭାରତ ଚାଇନା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଏହି ଦିଗରେ ସରକାର ପୁଣି ଥରେ ନୂଆ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଯାଉଛନ୍ତି। ଚଳିତ ଥର ଟେଲିକମ୍ ଯନ୍ତ୍ରାଂଶ ଆମଦାନୀ ଉପରେ ସରକାର ନଜର ରଖିଛନ୍ତି। ଭାରତକୁ ଟେଲିକମ ଯନ୍ତ୍ରାଂଶ ଯୋଗାଉଥିବା ଦେଶଗୁଡିକର ଏକ ତାଲିକା ସରକାର ପ୍ରସ୍ତୁତ କରିବେ। କେବଳ ବିଶ୍ୱସ୍ତ ଭେଣ୍ଡରଙ୍କଠାରୁ ଏଭଳି ଯନ୍ତ୍ରାଂଶ କ୍ରୟ କରାଯିବାକୁ ସରକାର ଯୋଜନା ରଖିଥିବା ଜଣାପଡିଛି। ଏହା ହେଲେ ସରକାର ଚାଇନାରୁ ଆସୁଥିବା ଟେଲିକମ୍ ଯନ୍ତ୍ରାଂଶକୁ ଆମଦାନୀକୁ କମାଇବା ଦିଗରେ ପଦକ୍ଷେପ ନେଇପାରନ୍ତି ବୋଲି କୁହାଯାଉଛି।

ଟେଲିକମ୍ କ୍ଷେତ୍ର ଲାଗି ଜାତୀୟ ସୁରକ୍ଷା ମାର୍ଗଦର୍ଶିକାକୁ ନିରାପତ୍ତା ସଂକ୍ରାନ୍ତ କ୍ୟାବିନେଟ କମିଟି ମଞ୍ଜୁରୀ ପ୍ରଦାନ କରିଛି। ଯୋଗାଣ ଚେନ୍‌ରେ ନିରାପତ୍ତାକୁ ବ୍ୟବସ୍ଥିତ କରିବା ଲାଗି ସରକାର ବିଶ୍ୱସ୍ତ ସୂତ୍ରରୁ ଟେଲିକମ୍ ଯନ୍ତ୍ରାଂଶ କ୍ରୟ କରିବାକୁ ପଦକ୍ଷେପ ନେବେ। ଦେଶ ମଧ୍ୟକୁ ଉନ୍ନତ ପ୍ରଡକ୍ଟ ଆସିଲେ ଏହା ଟେଲିକମ୍ ସେବା ଯୋଗାଣକାରୀଙ୍କ ଲାଗି ଲାଭକାରୀ ହୋଇପାରିବ ବୋଲି କେନ୍ଦ୍ର ଟେଲିକମ ମନ୍ତ୍ରୀ ରବିଶଙ୍କର ପ୍ରସାଦ ସୂଚନା ଦେଇଛନ୍ତି। ନୂଆ ପଦକ୍ଷେପ ମୁତାବକ କେବଳ ବିଶ୍ୱସ୍ତ ସୂତ୍ରରୁ ହିଁ କମ୍ପାନୀଗୁଡିକ ଟେଲିକମ୍ ଯନ୍ତ୍ରାଂଶ କ୍ରୟ କରିବାକୁ ଅନୁମତି ଲାଭ କରିବେ।

ଦେଶର ଟେଲିକମ୍ ନେଟ୍‌ୱର୍କରେ କେଉଁ କମ୍ପାନୀଗୁଡିକର ଯନ୍ତ୍ରାଂଶ ଲାଗିବ ସେ ନେଇ ଏକ ତାଲିକା ସରକାର ପ୍ରସ୍ତୁତ କରିବେ। ଜାତୀୟ ନିରାପତ୍ତା ଉପପରାମର୍ଶଦାତାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପ୍ରଡକ୍ଟ ଏବଂ ସୋର୍ସକୁ ମଞ୍ଜୁରୀ ଦେବ। ଏହି କମିଟିରେ ବିଭିନ୍ନ ବିଭାଗ, ମନ୍ତ୍ରଣାଳୟର ପ୍ରତିନିଧିଙ୍କ ସମେତ ସ୍ୱାଧୀନ ଏବଂ ଶିଳ୍ପର କ୍ଷେତ୍ର ପ୍ରତିନିଧି ସଦସ୍ୟ ରହିବେ। ଏହି କମିଟିକୁ ଟେଲିକମ୍ ସଂକ୍ରାନ୍ତ ଜାତୀୟ ନିରାପତ୍ତା କମିଟି କୁହାଯିବ ବୋଲି ପ୍ରସାଦ କହିଛନ୍ତି। ସୂଚନାଯୋଗ୍ୟ, ସରକାର ଚାଇନା ମୋବାଇଲ ଆପ୍ଲିକେଶନ ଉପରେ କଟକଣା ଲଗାଇବା ସହ ଏଗୁଡିକୁ ଭାରତରୁ ବ୍ୟାନ୍ କରିଛନ୍ତି।



## ପରବର୍ତ୍ତୀ ପର୍ଯ୍ୟାୟ ସ୍ପେକ୍ଟ୍ରମ ନିଲାମକୁ ମଞ୍ଜୁରୀ




ନୂଆଦିଲ୍ଲୀ,୧୬।୧୨

ପରବର୍ତ୍ତୀ ପର୍ଯ୍ୟାୟ ସ୍ପେକ୍ଟ୍ରମ ନିଲାମକୁ କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁର ପ୍ରଦାନ କରିଛି। କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ଏ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଟେଲିକମ୍ ବିଭାଗ ଅଧୀନ ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା ଡିଜିଟାଲ କମ୍ୟୁନିକେଶନ କମିଶନ ଚଳିତ ବର୍ଷ ମେ ମାସରେ ସ୍ପେକ୍ଟ୍ରମ ନିଲାମ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ପରେ ଏହି ପ୍ରସ୍ତାବ କ୍ୟାବିନେଟ ମଞ୍ଜୁରୀ ଲାଗି ପଠାଯାଇଥିଲା। ଆଗାମୀ ଦିନରେ ଟେଲିକମ ବିଭାଗ ସ୍ପେକ୍ଟ୍ରମ ନିଲାମ ସଂକ୍ରାନ୍ତ ନୋଟିସ ଜାରି କରିବ। ୫.୨୨ ଲକ୍ଷ କୋଟି ଟଙ୍କାର ଏୟାରୱେଭକୁ ସରକାର ନିଲାମ କରିବେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ୩.୯୨ ଲକ୍ଷ କୋଟି ଟଙ୍କାର ସ୍ପେକ୍ଟ୍ରମ ବ୍ୟବହାର ନ ହୋଇ ବିଭାଗ ନିକଟରେ ପଡି ରହିଛି।

## ଇଣ୍ଡିଆନ ବ୍ୟାଙ୍କରୁ ଠକେଇ କରିଛି ଆଇଏଫ୍‌ଆଇଏନ୍

ଚେନ୍ନାଇ,୧୬।୧୨

ରାଷ୍ଟ୍ରାୟତ୍ତ ଇଣ୍ଡିଆନ ବ୍ୟାଙ୍କ ଆଇଏଲ୍ ଆଣ୍ଡ ଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ (ଆଇଏଫ୍‌ଆଇଏନ୍) ଆକାଉଣ୍ଟରେ ଠକେଇ ନେଇ ଘୋଷଣା କରିଛି। ଏହି କମ୍ପାନୀର ଆକାଉଣ୍ଟ ବର୍ତ୍ତମାନ ଏନ୍‌ପିଏ ଘୋଷଣା କରାଯାଇଛି। ଏହା ଉପରେ ୪୦୮ କୋଟି ଟଙ୍କା ବକେୟା ରହିଛି। ରିଜର୍ଭ ବ୍ୟାଙ୍କର ନିୟମାବଳୀ ଅନୁସାରେ ଏହା ଏହାକୁ ଇଣ୍ଡିଆନ ବ୍ୟାଙ୍କ ରିପୋର୍ଟ କରିଛି। ଆଲ୍ଲାହାବାଦ ବ୍ୟାଙ୍କ ସହ ମିଶ୍ରଣ ହେବା ଆଗରୁ ଚଳିତ ବର୍ଷ ମାର୍ଚ୍ଚରେ ଏହି ବ୍ୟାଙ୍କ ମୋଟ ଏନ୍‌ପିଏ ୧୪,୧୫୦ କୋଟି ଟଙ୍କା ରହିଥିଲା। ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ଏହା ୩୬,୧୯୭ କୋଟି ଟଙ୍କା ଛୁଇଁଛି। ଆଇଏଲ୍ ଆଣ୍ଡ ଏଫ୍‌ଏସ୍ ସଙ୍କଟ ସାମ୍ନା କରିବା ଯୋଗୁ ଏହାର ବିଭିନ୍ନ ଗ୍ରୁପ କମ୍ପାନୀ ଋଣ ପଇଠ କରିବାକୁ ସକ୍ଷମ ହୋଇ ନ ଥିଲା। ୨୦୧୮ରେ ଏହା ନଗଦ ସଙ୍କଟ ସାମ୍ନା କରିବା ପରେ ସରକାରଙ୍କ ନଜରକୁ ଆସିଥିଲା। ଦେବାଳିଆ ହୋଇଯାଇଥିବା ଏହି କମ୍ପାନୀର ରିଜୋଲ୍ୟୁଶନ ଲାଗି ବର୍ତ୍ତମାନ ପ୍ରକ୍ରିୟା ଜାରି ରହିଛି।

## ହାଜିରା-ଘୋଘା ଜଳପଥ ବ୍ୟବହାର କଲା ହୋଣ୍ଡା

HONDA

ନୂଆଦିଲ୍ଲୀ,୧୬।୧୨

ହୋଣ୍ଡା ଟୁହୁଇଲର୍ସ ଇଣ୍ଡିଗୋ ସିୱେଇ ପ୍ରାଇଭେଟ ଲିମିଟେଡ୍ ସହ ମିଳିତ ହୋଇ ନୂତନ ଭାବେ ଶୁଭାରମ୍ଭ ହୋଇଥିବା ହାଜିରା-ଘୋଘା ଜଳପଥକୁ ବ୍ୟବହାର କରିଛି। ଦେଶର ପ୍ରଥମ ଅଟୋମୋବାଇଲ କମ୍ପାନୀ ଯେ କି ଗୁଜରାଟର ହାଜିରା(ସୁରଟ)ରୁ ଘୋଗା (ଭାବନଗର) ଜଳପଥ ଜରିଆରେ କାରବାର ସହ ରାଜସ୍ୱ ବୃଦ୍ଧି ପାଇଁ ଏହି ଯୋଜନାକୁ ଆପଣାଇଛି। ଗତ ୮ ନଭେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏହି ଜଳପଥ ଉଦ୍‌ଘାଟିତ ହୋଇଥିଲା। ହୋଣ୍ଡା ଟୁ-ହୁଇଲର୍ସ ତା'ର କର୍ଣ୍ଣାଟକର ନରସାପୁରା କାରଖାନାରୁ ଗୁଜରାଟର ସୌରାଷ୍ଟ୍ର ଅଞ୍ଚଳରେ ରହିଥିବା ଭେରାଭାଲକୁ ଗାଡି ପଠାଇବା ଲାଗି ହାଜିରା-ଘୋଘା ରୋପାକ୍ସ ଫେରି ସେବାକୁ ବ୍ୟବହାର କରିଛି। ଏହି ରୁଟ୍ ବ୍ୟବହାର ଦ୍ୱାରା ଗାଡି ପଠାଇବା ଲାଗି ସମୟ ଏବଂ ଦୂରତାରେ ହ୍ରାସ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ (ସେଲ୍ସ ଆଣ୍ଡ ମାର୍କେଟିଂ) ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, କମ୍ପାନୀ ସବୁବେଳେ ନୂଆ କରିବାର ଆଶା ସହ ଲୋକଙ୍କ ସୁବିଧା ପାଇଁ ନୂଆ ଜ୍ଞାନକୌଶଳ ଓ ଉନ୍ନତୀକରଣକୁ ଗୁରୁତ୍ୱ ଦେଇ ଆସିଛି। ସେହିଭଳି ପରିବେଶ ଉପଯୋଗୀ ଓ ବାଣିଜ୍ୟିକ କାରବାରକୁ ଆଖି ଆଗରେ ରଖି ଏହିଭଳି ଯୋଜନା କରାଯାଉଛି ବୋଲି ସେ ମତ ଦେଇଥିଲେ।

## ଚିନି ରପ୍ତାନି ସବ୍‌ସିଡିକୁ ଅନୁମୋଦନ

ନୂଆଦିଲ୍ଲୀ,୧୬।୧୨



କେନ୍ଦ୍ର ସରକାର ବୁଧବାର ୩,୫୦୦ କୋଟି ଟଙ୍କାର ଚିନି ରପ୍ତାନି ସବ୍‌ସିଡିକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଚିନି ମିଲ୍‌ଗୁଡିକୁ ଏହି ସବ୍‌ସିଡି ପ୍ରଦାନ କରାଯିବାର ଯୋଜନା ରଖାଯାଇଛି। ୨୦୨୦-୨୧ ମାର୍କେଟିଂ ବର୍ଷରେ ଚିନି ମିଲ୍‌ଗୁଡିକ ୬୦ ଲକ୍ଷ ଟନ୍ ଚିନି ରପ୍ତାନି କରିବାକୁ ସକ୍ଷମ ହୋଇଛନ୍ତି। ମିଲ୍ ଏଭଳି ସବ୍‌ସିଡି ଲାଭ କଲେ ଆଖୁଚାଷୀଙ୍କ ବକେୟା ପରିଶୋଧ କରିବାକୁ ସକ୍ଷମ ହେବେ। ଏହି ସବ୍‌ସିଡି ରାଶି କୃଷକଙ୍କୁ ପଠାଯିବା ନେଇ ବ୍ୟବସ୍ଥା କରାଯାଇଥିବା କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ନିଷ୍ପତ୍ତି ଦ୍ୱାରା ୫ କୋଟି କୃଷକ ଲାଭବାନ ହୋଇପାରିବେ। ସୂଚନାଯୋଗ୍ୟ, ସାରା ଦେଶରେ ୨୬୦ ଲକ୍ଷ ଟନ୍ ଚିନିର ଚାହିଦା ରହିଛି। ମାତ୍ର ୩୧୦ ଲକ୍ଷ ଟନ୍ ଚିନି ଉତ୍ପାଦନ ହୋଇଥିବା ରେକର୍ଡ କରାଯାଇଛି। ଗତ ମାର୍କେଟିଂ ବର୍ଷରେ ସରକାର ୧୦,୪୪୮ କୋଟି ସବ୍‌ସିଡି ପ୍ରଦାନ କରିଛନ୍ତି। ଏହାଦ୍ୱାରା ରାଜକୋଷକୁ ୬,୨୬୮ କୋଟି ଟଙ୍କାର ବୋଝ ପଡିଛି।

# ଅଟୋ ଶିଳ୍ପରେ ଚାକିରି ହରାଇଛନ୍ତି ୩.୪୫ ଲକ୍ଷ

ନୂଆଦିଲ୍ଲୀ,୧୬।୧୨



କରୋନା ମହାମାରୀକୁ ରୋକିବା ଲାଗି ସରକାର ସାରା ଦେଶରେ ଲକ୍‌ଡାଉନ ଘୋଷଣା କରିଥିଲେ। ଏହାଦ୍ୱାରା ଦେଶର ଅଟୋମୋବାଇଲ ଶିଳ୍ପରେ ୩.୪୫ ଲକ୍ଷ ନିଯୁକ୍ତି ହରାଇଛନ୍ତି। ସେହିଭଳି ଲକ୍‌ଡାଉନରେ ଅଟୋ କମ୍ପାନୀଗୁଡିକର ଦୈନିକ କ୍ଷତି ୨୩୦୦ କୋଟି ଟଙ୍କା ରହିଥିବା ପାର୍ଲାମେଣ୍ଟ କମିଟି ରିପୋର୍ଟରୁ ସାମ୍ନାକୁ ଆସିଛି। ସଂସଦୀୟ କମିଟି ଏହି ରିପୋର୍ଟକୁ ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁଙ୍କୁ ପ୍ରଦାନ କରିଛି। ତେଲଙ୍ଗାନା ରାଷ୍ଟ୍ର ସମିତି(ଟିଆର୍‌ଏସ୍) ଏମ୍‌ପି କେଶବ ରାଓଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ ହୋଇଥିଲା। ଅଟୋମୋବାଇଲ ଶିଳ୍ପରେ ସୁଧାର ଆଣିବା ଲାଗି କମିଟି କେତେକ ପ୍ରସ୍ତାବ ରଖିଛି। ଜମି ଏବଂ ଶ୍ରମ ଆଇନ ସଂଶୋଧନ ଭଳି ପ୍ରସ୍ତାବ ଏହା ମଧ୍ୟରେ ସାମିଲ ହୋଇଛି। ଚାହିଦା ଏବଂ କମ୍ପାନୀଗୁଡିକର ଗାଡି ବିକ୍ରି କମିବା ଯୋଗୁ ଓରିଜିନାଲ ଇକ୍ୱିପମେଣ୍ଟ ନିର୍ମାତା(ଓଇଏମ୍)ଗୁଡିକ ୧୮ରୁ ୨୦% ଉତ୍ପାଦନ ହ୍ରାସ କରିଥିଲେ। ଏହି କାରଣ ଯୋଗୁ ଅନେକଙ୍କୁ ଚାକିରି ହରାଇବାକୁ ପଡିଲା ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

ଅଟୋମୋବାଇଲ ଶିଳ୍ପ ବର୍ତ୍ତମାନ ମଧ୍ୟ ପ୍ରଭାବିତ ହୋଇ ରହିଛି। ସମସ୍ୟା ଯୋଗୁ ୨୮୬ ଅଟୋମୋବାଇଲ ଡିଲରଶିପ ବନ୍ଦ ହୋଇଯାଇଛି। ଅଟୋ ସେକ୍ଟରର ଉତ୍ପାଦନ କମିବା ଯୋଗୁ ଅଟୋ ଯନ୍ତ୍ରାଂଶ ଶିଳ୍ପ ଉପରେ ଏହାର ପ୍ରଭାବ ପଡିଛି। ଅଟୋ ପାର୍ଟସ ପ୍ରସ୍ତୁତ କରୁଥିବା ଏମ୍‌ଏସ୍‌ଏମ୍‌ଇ ସଙ୍କଟ ମଧ୍ୟକୁ ଚାଲିଯାଇଛନ୍ତି। ଉତ୍ପାଦନ କମିବା ଯୋଗୁ କମ୍ପାନୀଙ୍କୁ ଦୈନିକ ୨୩୦୦ କୋଟି କ୍ଷତି ସହିବାକୁ ପଡିଥିବା ରିପୋର୍ଟରେ ପ୍ରକାଶ ପାଇଛି। ଆଗାମୀ ୨ ବର୍ଷ ଯାଏ ଅଟୋମୋବାଇଲ ଶିଳ୍ପ ପ୍ରଭାବିତ ହୋଇ ରହିବା ନେଇ ଅନୁମାନ କରାଯାଇଛି। ଫଳରେ ଏହି କ୍ଷେତ୍ର ଭାଲ୍ୟୁ ଚେନ୍ ଉପଯୋଗ କ୍ଷମତା କମିବ। ଏହାବାଦ କ୍ୟାପେକ୍ସ ନିବେଶ କମିବ। ସେହିଭଳି ଦେବାଳିଆ ଘଟଣା ବଢ଼ିବା ସହ ନିଯୁକ୍ତି ହ୍ରାସ ଧାରା ଜାରି ରହିବ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ଅଟୋ ଶିଳ୍ପର ଚାହିଦା ବଢାଇବା ଲାଗି ଜିଏସ୍‌ଟି କମାଇବା ଏବଂ ଋଣ ପ୍ରଦାନରେ ବିଭିନ୍ନ କୋହଳ ନୀତି ଆପଣାଇବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

**ଲକ୍‌ଡାଉନରେ ଦୈନିକ ୨୩ ଶହ କୋଟି କ୍ଷତି**

## ସି.ଭି. ରମଣ ଛାତ୍ରଙ୍କ ସଫଳତା

ଭୁବନେଶ୍ୱର,୧୬।୧୨

ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ତୃତୀୟ ବର୍ଷ ଇଲେକ୍‌ଟ୍ରୋନିକ୍ସ ବିଭାଗ ଛାତ୍ର ଶୁଭମ ଭଟ୍ଟ ଓ କମ୍ପ୍ୟୁଟର ବିଭାଗର ଛାତ୍ର ଶିବାଶିଷ ରଥ ଗ୍ରାଫିକ ଡିଜାଇନ ଟେକ୍ନୋଲୋଜି ସ୍କିଲ୍‌ରେ 'ମେଡାଲିୟନ ଫର୍ ଏକ୍ସେଲେନ୍ସି' ହାସଲକରି ଭାରତକୁ ଗୌରବାନ୍ୱିତ କରିଛନ୍ତି। ବିଶ୍ୱ ଦକ୍ଷତା ପ୍ରତିଯୋଗିତା ରୁଷିଆ ଆନୁକୂଲ୍ୟରେ ନିକଟରେ ଅନ୍ତର୍ଜାତୀୟ ବିଶ୍ୱ ଦକ୍ଷତା ଲିଗ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୪୫ଟି ବିଭାଗରେ ୩୧ଟି ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୭୩୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଭାରତରୁ ୭୦ ଜଣ ପ୍ରତିଯୋଗୀ ଏବଂ ବିଶେଷଜ୍ଞ ଏହି ଚାମ୍ପିୟନଶିପରେ ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗିତା ଭର୍ଚୁଆଲ ମାଧ୍ୟମରେ ହୋଇଥିଲା। ଏହି ସଫଳତା ଲାଗି ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ ଏବଂ କୁଳପତି ପ୍ରଫେସର ବିଏସ୍ ସତ୍ୟନାରାୟଣ ପ୍ରତିଯୋଗୀ ଏବଂ ଶିକ୍ଷକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟରେ 4G, 5G ଟାୱାର ଲଗାନ୍ତୁ ।
ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲ୍ୟାପଟପ୍ ।
ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

ବନ୍ଧକ ଋଣ
MANAPPURAM ASSET FINANCE LIMITED
ଶାଖା: ଡିଷ୍ଟିକ୍ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
9776581168
9583218642
8598094365

Bansal Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ, ଦୋକାନ, ଘର ଉପରେ 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
89011-10748
94337-13945

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍ ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
A To Z Problem Solution
7503449786
8800979262

ତାନ୍ତ୍ରିକ ଶକ୍ତିର ବାଦଶାହା
ବାବା ମୟୂର ସାହା
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ ବିଜ୍ଞାପନ ସମ୍ପର୍କରେ ପାଠକ ନିଜେ ଯାଞ୍ଚ କରି ଆଗକୁ ବଢ଼ନ୍ତୁ। ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ରୁପେ କାର୍ଡରେ ଅଫ୍‌ଲାଇନ ପେମେଣ୍ଟ

ନୂଆଦିଲ୍ଲୀ,୧୬।୧୨

ରୁପେ କାର୍ଡଧାରୀଙ୍କ ଲାଗି ଖୁସି ଖବର। ଏବେ ବିନା ଇଣ୍ଟରନେଟରେ ମଧ୍ୟ ଲୋକମାନେ ଏହି କାର୍ଡ ଦ୍ୱାରା ପେମେଣ୍ଟ କରିବାର ସୁବିଧା ପାଇପାରିବେ। ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) କହିଛି, ରୁପେ କଣ୍ଟାକ୍ଟଲେସ କାର୍ଡରେ ଅଫ୍‌ଲାଇନ ପେମେଣ୍ଟ ଲାଗି ନୂଆ ଫିଚର ଯୋଡାଯିବାକୁ ନିଷ୍ପତ୍ତି ହୋଇଛି। ଏହାକୁ ବର୍ତ୍ତମାନ ପାଇଲଟ ଭିତ୍ତିରେ ଆରମ୍ଭ କରାଯାଇଛି। ଟ୍ରାଞ୍ଜାକଶନ ଲାଗି ପଏଣ୍ଟ ଅଫ୍ ସେଲ(ପିଓଏସ୍) ରହିବା ଜରୁରୀ ବୋଲି ଏହା ସ୍ପଷ୍ଟ କରିଛି। ରିଲୋଡେବଲ ରୁପେ ଏନ୍‌ସିଏମ୍‌ସି କାର୍ଡ ସହିତ ଲୋକଙ୍କୁ ନେଣଦେଣ କରିବା ସହଜ ହେବ। କାରଣ ନେଟ୍‌ୱର୍କ ମନ୍ଥର ରହିଥିଲେ ମଧ୍ୟ ସହଜ ଏବଂ ଦ୍ରୁତ ଭାବେ ଟ୍ରାଞ୍ଜାକଶନ କରାଯାଇ ପାରିବ। ଏହି ଫିଚର କାର୍ଡ ଧାରକଙ୍କ ଲାଗି ବହୁତ ଖାସ୍ ହେବ ବୋଲି ରିଟେଲ ପେମେଣ୍ଟ ନେଟ୍‌ୱର୍କ ପକ୍ଷରୁ ଆଶା କରାଯାଇଛି। ଏଥିରେ ମେଟ୍ରୋ ଟିକେଟ, ବସ୍ ଟିକେଟ ଏବଂ କ୍ୟାବ ଟିକେଟ ଭଳି ପେମେଣ୍ଟକୁ ମଧ୍ୟ ସାମିଲ କରାଯାଇଛି। ଏହା ସାଧାରଣ ନେଣଦେଣ ଠାରୁ ବହୁ ଦ୍ରୁତ ଭାବେ କାମ କରିଥାଏ ବୋଲି କୁହାଯାଉଛି। ଏନ୍‌ପିସିଆଇ ମୁଖ୍ୟ ନଳିନୀ ବଂଶଲ କହିଛନ୍ତି, ଏଭଳି ସୁବିଧା କ୍ୟାଶଲେସ ଅର୍ଥ ବ୍ୟବସ୍ଥାକୁ ଆଗକୁ ନେବାରେ ସହାୟତା କରିବ। ଏହି ସେବାକୁ ରିଜର୍ଭ ବ୍ୟାଙ୍କ କିଛି ଦିନ ଆଗରୁ ମଞ୍ଜୁରୀ ପ୍ରଦାନ କରିଥିଲା। କେବଳ କ୍ଷୁଦ୍ର ନେଣଦେଣ ଲାଗି ଏହା ଉପଲବ୍ଧ ହେବ। ଏହା ଅନ୍‌ଲାଇନ ପେମେଣ୍ଟ ମୋଡ୍‌ଠାରୁ ଭିନ୍ନ।

## ୪୦୩ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

ନୂଆଦିଲ୍ଲୀ,୧୬।୧୨



ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ବୁଧବାର ଭଲ କାରବାର କରିବାକୁ ସକ୍ଷମ ହୋଇଛି। କୋଭିଡ୍ ଭାକ୍ସିନ ଆସିବାକୁ ଥିବାରୁ ନିବେଶକଙ୍କ ମନୋଭାବ ଦୃଢ ରହିଛି। ଫଳରେ ସେନ୍‌ସେକ୍ସ ୪୦୩ ପଏଣ୍ଟ ଉଚ୍ଚରେ ରହିଛି। ସୂଚକାଙ୍କ ୦.୮୭% ଉର୍ଦ୍ଧ୍ୱରେ ରହିବା ଯୋଗୁ ୪୬,୬୬୬ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ନିଫ୍ଟି) କାରବାର ୧୧୫ ପଏଣ୍ଟ ବା ୦.୮୫% ଉର୍ଦ୍ଧ୍ୱରେ ରହିବା ଯୋଗୁ ୧୩,୬୮୩ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ୩୦ ଶେୟାର ବିଶିଷ୍ଟ ସୂଚକାଙ୍କ ଦିନମଧ୍ୟରେ ୪୬,୭୦୫ ପଏଣ୍ଟ ସ୍ତର ଛୁଇଁଥିଲା। ସେହିଭଳି ନିଫ୍ଟି ମଧ୍ୟ ୧୩,୭୦୦ ସ୍ତରରେ ରହିଥିଲା। ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ରେକର୍ଡ ସ୍ତରର କାରବାର ହୋଇଛି। ଭାରତୀୟ ଶେୟାର ବଜାରରେ ବିଦେଶୀ ସଂସ୍ଥାଗତ ନିବେଶକ ମାନେ ନିବେଶ ବଢାଇଛନ୍ତି। ସେନ୍‌ସେକ୍ସରେ ଭଲ କାରବାର ହାସଲ କରିଥିବା କମ୍ପାନୀ ମଧ୍ୟରେ ଓଏନ୍‌ଜିସି, ଭାରତୀ ଏୟାରଟେଲ, ଏଚ୍‌ଡିଏଫ୍‌ସି, ଟାଇଟାନ, ଏସିଆନ ପେଣ୍ଟସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ ଟିସିଏସ୍ ରହିଛି। ଏହି କମ୍ପାନୀଗୁଡିକର ଶେୟାର କାରବାର ପ୍ରାୟ ୩.୧୧% ବଢିଛି। ସେହିଭଳି ନିଫ୍ଟିରେ ରିଅଲିଟି କାରବାର ୫.୧୪% ବଢିଛି।


OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE
(District Programme Management Unit, NHM)
E-mail: dpmubal@gmail.com

TENDER CALL NOTICE

Advt. No.18710/Cvil/NHM, Bls. of 2020-21 Date16.12.2020

1. The Chief District Medical & Public Health Officer Cum District Mission Director, Balasore on behalf of the Governor of Odisha invites sealed tenders (percentage rate) in conformity with the DTCN are invited from the 'D' & 'C' Class Contractors registered with State Govt. and Contractors of equivalent grade/class registered with Central Govt. MES/ Railways for Execution of Civil, PH & Sanitary & Internal Electrification Works for Total 40 Nos. of works from Rs.6.00 lakhs to Rs.7.00 lakhs per unit under Zilla Swasthya Samiti, Balasore. The tender documents (DTCN & BOQ) and Detailed list of works mentioned, Annexture A can be obtained from District NIC Website (www.balasore.nic.in) from Dated: 17.12.2020 to 24.12.2020 till 5 P.M.
2. The tender documents (DTCN & BOQ.) duly signed by the contractors should be accompained with the self attested photo copy of Valid Registration Certificate (Contractor Licence), valid GST clearance certificate and PAN Card with requisite EMD amounts specified against each work in shape of NSC/ POTD/KVP/POSB/Fixed Deposit duly pledged infavour of Chief District Medical & Public Health Officer, Balasore. The tender must be accompanied with AFFIDAVIT regarding authentication of Documents and Credentials.
3. The tender documents (DTCN & BOQ.) should be accompanied with requisite tender paper cost in shape of Bank Demand Draft drawn in favour of ZSS NON NRHM, Balasore, payable at Balasore from any Nationalised Bank. The cost of the tender paper mentioned against the each works.
4. The sale tender paper will be received upto date 28.12.2020 till 5 P.M. and addressed to The Chief District Medical & Public Health Officer, Balasore through Speed Post/Registered Post/Courier only. The tender must be subscribed name of the work on top of the sealed envelope.
5. The tenders are scheduled to be opened on Dt.29.12.2020 at 11.30 A.M. at the Office of Cheif District Medical & Public Health Officer, Balasore in presence of the tenderers or their authorised representatives. No adjustment of tender per cost (Non refundable) and EMD will be entertained in any manner.
6. The detailed terms and conditioned list of works (DTCN and BOQ) can be downloaded at District NIC Website (www.balasore.nic.in).
7. The incomplete bid in any form liable for rejection. The undersigned reserve the right to cancel the tender without assigning any reason thereof.

Sd./- Chief District Medical & Public Health Officer
BALASORE

## ନାବାଳିକା ଉଦ୍ଧାର, ଯୁବକ ଗିରଫ

**ଭୁବନେଶ୍ୱର,(ବ୍ୟୁରୋ):** ଭୁବନେଶ୍ୱରରୁ ଅପହୃତ ଜଣେ ନାବାଳିକାଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ବାଲେଶ୍ୱରରୁ ଉଦ୍ଧାର କରିଛି। ଅପହରଣ ଅଭିଯୋଗରେ ପ୍ରେମିକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନାଞ୍ଚଳରେ ରହୁଥିବା ଜଳେଶ୍ୱରର ସଞ୍ଜିତ ବେହେରା। ଏ ନେଇ ପୋଲିସ ନଂ.୧୭୮/୨୦ରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି। ସଞ୍ଜିତ୍ ରହୁଥିବା ଅଞ୍ଚଳରେ ଉକ୍ତ ନାବାଳିକା ପରିବାର ସହ ରୁହନ୍ତି। କିଛିଦିନ ହେବ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ିଉଠିଥିଲା। ଗତ ଦୁଇଦିନ ତଳେ ସଞ୍ଜିତ ଉକ୍ତ ନାବାଳିକାଙ୍କୁ କାର୍‌ରେ ବସାଇ ବାଲେଶ୍ୱର ନେଇଯାଇଥିଲେ।

## ସଂକ୍ଷେପରେ

### ପୁରୁଣା ଜଗନ୍ନାଥ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଉଦ୍‌ଘାଟିତ

**ବାଲିଅନ୍ତା,୧୬।୧୨(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକର ଭୁବନପୁର ଗ୍ରାମଠାରୁ ବଇଁଚୁଆ ନଦୀ ଛକ ପର୍ଯ୍ୟନ୍ତ ସଂଯୋଗ କରୁଥିବା ପୁରୁଣା ଜଗନ୍ନାଥ ସଡ଼କର ନୂତନ ପ୍ରଶସ୍ତୀକରଣ କାର୍ଯ୍ୟର ଉଦ୍‌ଘାଟନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭୁବନପୁର ଗ୍ରାମ ନିକଟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ ଏହି ନୂତନ ରାସ୍ତାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ଭାଗ୍ୟଲକ୍ଷ୍ମୀ ମିଶ୍ର, ସଭ୍ୟ ଅମରେନ୍ଦ୍ର ପଟ୍ଟନାୟକ, ସମିତିସଭ୍ୟ ଦେବଶ୍ରୀ ବେହେରା, ସରପଞ୍ଚ ମୁରଲୀଧର ସାହୁ, ଜୟଶ୍ରୀ ନାୟକ, ରଶ୍ମିତା ପାତ୍ର, ରଶ୍ମିତା ସାହୁ, ବିଜେଡି ନେତା କୁଶ ପାତ୍ର, ଦିଲୀପ ସାହୁ ପ୍ରମୁଖ ସାମିଲ ଥିଲେ।

### ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ):** ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ପରେ ଧୋକା ଦେବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳର ମୁନା ପଲେଇ(୩୧)। ଏନେଇ ପୋଲିସ ତାଙ୍କ ବିରୋଧରେ ୮୭/୨୦୨୦ରେ ଏକ ମାମଲା ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ମଞ୍ଚେଶ୍ୱର ଅଞ୍ଚଳରେ ଥିବା ଏକ ୱାଟର ପ୍ୟୁରିଫାୟର କମ୍ପାନୀରେ ଉଭୟ ଚାକିରି କରିଥିବାବେଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ମୁନା ସମ୍ପୃକ୍ତ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ମୁନା ଦୂରେଇ ଯିବା ସହ ଅନ୍ୟଜଣଙ୍କୁ ବିବାହ କରିଥିବା ଜାଣିବା ପରେ ଯୁବତୀ ଜଣକ ତାଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ କହିଥିଲେ। କିଛି ସୁଫଳ ନ ମିଳିବାରୁ ଥାନାରେ ଦ୍ୱାରସ୍ଥ ହୋଇଥିଲେ।

### ଧାନ ଅମଳ ମେଶିନ ତଳେ ଚାପିହୋଇ ଯୁବକ ମୃତ

**ତିଗିରିଆ, ୧୬।୧୨ (ଡି.ଏନ.ଏ.):** ତିଗିରିଆ ଥାନା ଅନ୍ତର୍ଗତ ଅଚଳକୋଟ ଗାଁରେ ବୁଧବାର ଅପରାହ୍ନରେ ଧାନ ଅମଳ ମେଶିନ ଓଲଟି ପଡିବାରୁ ଚାପି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗହୀରରୁ ଧାନ ଅମଳ ସାରି ଟ୍ରାକ୍ଟରରେ ଲାଗି ଥିବା ମେଶିନ ଫେରୁଥିଲା। ଏକ ଜମି ହିଡ ଉଠିବା ବେଳେ ଟ୍ରାକ୍ଟର ପଛରେ ଲାଗି ଥିବା ଧାନ ଅମଳ ମେଶିନ ଓଲଟି ପଡ଼ିଥିଲା। ଫଳରେ ବୈରାଗୀ ବେହେରାଙ୍କ ପୁଅ ବିକାଶ (୧୮) ମେଶିନ ପଡିଯାଇଥିଲେ। ଘଟଣାସ୍ଥଳରେ ବିକାଶଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ପହଞ୍ଚି ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଛି। ଖବର ଲେଖା ହେବା ସୁଦ୍ଧା ମୃତକ ପରିବାର ପକ୍ଷରୁ ଥାନାରେ ଲିଖିତ ଭାବେ ଅଭିଯୋଗ କରାଯାଇ ନ ଥିବା ଆଇଆଇସି ଭୁଜବଳ କହିଛନ୍ତି।

### ବ୍ଲକରେ ଅନିୟମିତତା ଅଭିଯୋଗର ତଦନ୍ତ

**କଟକସଦର,୧୬।୧୨(ଡି.ଏନ୍.ଏ.):** ରାଜ୍ୟ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ୍ରମେ କଟକ ସଦର ବ୍ଲକରେ ଚାଲିଥିବା ଅନିୟମିତତାର ତଦନ୍ତ ଆରମ୍ଭ ହୋଇଛି। କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ପ୍ରଣୟ କୁମାର ଜେନା ବୁଧବାର ବ୍ଲକ କାର୍ଯ୍ୟାଳୟକୁ ଆସି ୧୦ଟି ଅଭିଯୋଗ ସମ୍ପର୍କରେ ବିଡିଓଙ୍କ ସମେତ ଅନ୍ୟ କର୍ମଚାରୀଙ୍କଠାରୁ ତଥ୍ୟ ସଂଗ୍ରହ କରିବା ସହ ପଚରାଉଚରା କରି ଫେରିଛନ୍ତି। ସରକାରୀ ନିୟମକୁ ଉଲ୍ଲଂଘନ କରି ବିଲ୍ ପୈଠ କରିବା, ତହସିଲଦାରଙ୍କଠାରୁ ସରକାରୀ ଜମିରେ ସ୍ଥାୟୀ ନିର୍ମାଣ ପାଇଁ ଅନୁମତି ଆଣିବା, ପ୍ରତି କାର୍ଯ୍ୟର ବିଲ ପୈଠ ବେଳେ ୨ପ୍ରତିଶତ ଅର୍ଥ ସ୍ଥଗିତ ରଖିବା ଭଳି ଅଭିଯୋଗ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ହୋଇଥିଲା। ଏହାର ତଦନ୍ତ କରି ରିପୋର୍ଟ ଦେବା ପାଇଁ ରାଜ୍ୟ ସରକାର ପତ୍ର ସଂଖ୍ୟା ୯୯୯୦/୧୮/୬/୨୦ରେ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୬ମାସ ପରେ ତଦନ୍ତ ଆରମ୍ଭ କରାଯାଉଥିବାରୁ ଏହାର ଫଳାଫଳ କ'ଣ ହେବ, ତାକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି।

# ଖୁଲମଖୁଲା ନିଶା ବେପାର

## ରାଜଧାନୀ ଶୋଇଯିବା ପରେ...

- ରେଳ ଷ୍ଟେଶନ ପାର୍ଶ୍ୱ ବସ୍ତି ପାଲଟିଛି ଆଡ୍ଡାସ୍ଥଳ
- ବାହାରୁ ଆସୁଛି ଅର୍ଡର, ଘରୁ ବାହାରୁଛି ମଦ, ବ୍ରାଉନସୁଗାର
- ସବୁ ଜାଣି ଚେଇଁ ଶୋଉଛି ସ୍ଥାନୀୟ ପୋଲିସ

ଓମ୍‌କାର ମିଶ୍ର
ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ଉପରୁ ପଡୁଛି ଦିନଭଳି ଚକ୍‌ଚକ୍ ଆଲୁଅ। ଛକ ମଝିରେ ପଡ଼ିଛି ଚେୟାର। ଚେୟାର ଉପରୁ ଆସୁଛି ଇଙ୍ଗିତ। ତା'ପରେ ଜମୁଛି ବେପାର। ସାରା ରାଜଧାନୀ ଶୋଇଯିବା ପରେ ରାତିରେ ଏମିତି ଜମୁଛି ନିଶା କାରବାର। ଆଡ୍ଡାସ୍ଥଳ ପାଲଟିଛି ଭୁବନେଶ୍ୱର ରେଳ ଷ୍ଟେଶନର ପଛପାର୍ଶ୍ୱ ଫାଟକ ଅଞ୍ଚଳ। ରାତି ଯେତିକି ବଢୁଛି ବେପାର ସେତିକି ଜମୁଛି। କିଏ ମଦ ବୋତଲକୁ ହାତରେ ଧରି ତ ପୁଣି କିଏ ପୁଣି କାଗଜପୁଡ଼ିଆକୁ ପକେଟରେ ଗୁଞ୍ଜି ପଳାଉଛି। ପାଟ୍ରୋଲିଂରେ ପୋଲିସ ବି ଆସୁଛି। କେତେବେଳେ ନ ଜାଣିବା ପରି ଗାଡି ବୁଲାଇ ପଳାଉଛି ତ ଆଉ କେତେବେଳେ ଚେୟାର ନିକଟରେ ଅଟକି ପୁଣି ଚାଲିଯାଉଛି। ଏମିତି ଖୁଲମ୍‌ଖୁଲା ନିଶା କାରବାର ଚାଲୁଥିଲେ ମଧ୍ୟ କମିଶନରେଟ ପୋଲିସ ପଦକ୍ଷେପ ବଦଳରେ ଚୁପ୍ ରହୁଥିବାରୁ ନାନା ପ୍ରଶ୍ନ ଉଠୁଛି।

କେବଳ ରେଳ ଷ୍ଟେଶନ ନୁହେଁ, ସହରର ଏମିତି ଶହଶହ ସ୍ଥାନରେ ଖୁଲମଖୁଲା ବ୍ରାଉନସୁଗାର, ଗଞ୍ଜେଇ, ମଦ ଆଦି ନିଶା ବେପାର ଚାଲୁଛି। ନିଶା ପାଇଁ ସହରରେ ଅପରାଧ ବି ବଢୁଛି। ଆଇନଶୃଙ୍ଖଳା ବିଗିଡି ଯାଉଛି। ଦୁର୍ଘଟଣା ଘଟୁଛି। ଫଳରେ କମିଶନରେଟ ପୋଲିସ ଅଞ୍ଚଳରେ ରହି ବି ଭୟ, ଆଶଙ୍କା ଓ ଆତଙ୍କ ଭିତରେ ସହରବାସୀଙ୍କ ଜୀବନ ବିତୁଛି। ରାତି ୧୧ଟା ପରେ ଜରୁରୀ କାମରେ ସାଧାରଣ ଲୋକେ ବାହାରିଲେ ଜୀବନକୁ ପାଣି ଛଡ଼ାଇ ଯିବାକୁ ପଡୁଛି। ଫେରିବା କଥା ଦଶଥର ଭାବିବାକୁ ପଡୁଛି। ଲୁଟ୍, ଛିନ୍‌ତାଇ, ଚୋରି, ଆକ୍ରମଣ ନିତିଦିନିଆ ହୋଇଯାଇଛି। ହେଲେ ଏସବୁର ମୂଳ କାରଣ ନିଶା କାରବାରକୁ କମିଶନରେଟ୍ ପୋଲିସ ରୋକିପାରୁନି। ସ୍ଥାନୀୟ ବାସିନ୍ଦା ରାକେଶ ପ୍ରଧାନ କୁହନ୍ତି, ନିଶାକାରବାର ଯୋଗୁ ଅସାମାଜିକଙ୍କ ରାଜୁତି ଚାଲୁଛି। ଅଧିକାଂଶ ସମୟରେ ସେମାନେ ନିଶାରେ ରହି ବିଳମ୍ବିତ ରାତି ଯାଏ ଉତ୍ପାତ କରୁଛନ୍ତି। ରାତିରେ ଘରୁ ବାହାରିବାକୁ ଭୟ ଲାଗୁଛି।




### ରେଳଷ୍ଟେଶନ ଅଞ୍ଚଳ ହଟ୍‌ସ୍ପଟ୍

ରେଳ ଷ୍ଟେଶନର ୬ନମ୍ବର ପ୍ଲାଟ୍‌ଫର୍ମକୁ ଲାଗି ରହିଥିବା ବସ୍ତିରେ ମଦ ସହିତ ଗଞ୍ଜେଇ, ବ୍ରାଉନ୍‌ସୁଗାର ବେଧଡ଼କ ଭାବେ ଚାଲିଛି। ସହରର ସମସ୍ତ ମଦ କାଉଣ୍ଟର ଓ ବାର ବନ୍ଦ ହେବା ପରେ ଏଠାରେ ଆରମ୍ଭ ହୋଇଯାଉଛି ରେଗୁଲାର ବେପାର। ରାସ୍ତା ସାଇଡ୍‌ରେ ଚେୟାର ପକାଇ ନିଶା ବେପାରିମାନେ ବେପାର ଚଳାଉଛନ୍ତି। ରେଳ ଷ୍ଟେଶନ ଓ ପ୍ଲାଟ୍‌ଫର୍ମକୁ ପ୍ରବେଶ କଟକଣା ରହିଥିଲେ ମଧ୍ୟ ସେମାନେ ଗଳାବାଟରେ ପଶି ଆସି ବେପାର କରୁଛନ୍ତି। ଆଉ କେତେକ ନିୟମିତ ଭିଆଇପି ଗ୍ରାହକ ସିଧା ଆଡ୍ଡାସ୍ଥଳରେ କାର୍ ଲଗାଇ ମଦ, ବ୍ରାଉନସୁଗାର ଆଦି ନେଇଥାନ୍ତି। ପୁରୁଣା ଗରାଖଙ୍କ ସହ କୋଡ୍ ୱାର୍ଡ ଓ ନୂଆ ଲୋକଙ୍କୁ ଦେଖିଲେ ବିଭିନ୍ନ କଥା ପଚାରି ପରଖିବା ପରେ ଅତି ଚତୁରତାର ସହ କାରବାର କରିଥାନ୍ତି। ଏମାନଙ୍କ ଗୋଷ୍ଠୀରେ ଅଧିକାଂଶ ନାବାଳକ ଥିବାବେଳେ କେତେଜଣ ମହିଳା ମଧ୍ୟ ସାମିଲ୍ ଅଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି, ପିସିଆର ଭ୍ୟାନ୍ କେତେବେଳେ କେତେଥର ରାଉଣ୍ଡ ମାରିଯିବ, ଗାଡ଼ିରେ ବାବୁ କି କର୍ମଚାରୀ ଆସିବେ ତାହା ମଧ୍ୟ ନିଶା ବେପାରିଙ୍କୁ ସବୁକିଛି ଆଗୁଆ ଜଣାଥାଏ। ତେଣୁ ନିଶା ବେପାରି ଓ ପୋଲିସର ମଧୁଚନ୍ଦ୍ରିକା ଯୋଗୁ ରେଳ ଷ୍ଟେଶନ ଅଞ୍ଚଳ ଏବେ ହଟ୍‌ସ୍ପଟ୍ ପାଲଟିଛି।

### ଯୁବକମାନେ କଥା ଛିଣ୍ଡାନ୍ତି, ଛୋଟପିଲା ବଢ଼ାଇ ଦିଅନ୍ତି

ନିଶା କାରବାରରେ ଛୋଟପିଲାଙ୍କଠାରୁ ଆରମ୍ଭ କରି ଯୁବକ ଓ ମହିଳାମାନେ ନିୟୋଜିତ ଅଛନ୍ତି। ଯୁବକମାନେ ପ୍ଲାଟ୍‌ଫର୍ମ ଏବଂ ଷ୍ଟେଶନ ଅଞ୍ଚଳରେ ଘୁରି ବୁଲି ଟ୍ରେନ୍‌କୁ ଅପେକ୍ଷା କରିଥିବା ଲୋକଙ୍କୁ ଦେଖି କାହାର କ'ଣ ନିଶାଦ୍ରବ୍ୟ ଦରକାର ତାହା ପଢ଼ି ନିଅନ୍ତି। ପ୍ଲାଟ୍‌ଫର୍ମ ଏପଟରୁ ସମସ୍ତ କଥାବାର୍ତ୍ତା ଛିଣ୍ଡାଯାଏ। ଅର୍ଡର ପହଞ୍ଚିବା ପରେ ଛୋଟ ପିଲାମାନେ ଶାର୍ଟ ଓ ପ୍ୟାଣ୍ଟରେ ମଦ, ଗଞ୍ଜେଇ, ବ୍ରାଉନସୁଗାର ଆଦି ଗ୍ରାହକଙ୍କ ହାତକୁ ବଢ଼ାଇ ଦେଇଥାନ୍ତି।

> ଷ୍ଟେଶନ ଅଞ୍ଚଳରେ ନିଶା ବେପାର ବିଷୟରେ ଆପଣଙ୍କଠାରୁ ଜାଣିଲି। ଆମେ ଏହା ଉପରେ ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ।
>
> **-ଉମାଶଙ୍କର ଦାଶ, ଡିସିପି,ଭୁବନେଶ୍ୱର**



## ଚୋରି ସାମଗ୍ରୀ ଜବତ, ୨ ଗିରଫ

ବାରଙ୍ଗ,୧୬।୧୨(ଡି.ଏନ୍.ଏ.)

ଗତ ଅକ୍ଟୋବର ୧୭ରେ ବାରଙ୍ଗ ଥାନା ଅନ୍ତର୍ଗତ ରେଲୱେ ଓଭରବ୍ରିଜ ନିକଟରେ ଥିବା ଏକ ହୋଟେଲରୁ ଚୋରି ହୋଇଥିବା ସାମଗ୍ରୀ ସହ ୨ଟି ଗାଡ଼ିକୁ ପୋଲିସ ବୁଧବାର ଉଦ୍ଧାର କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବୈଦେଶ୍ୱର ଥାନା ଅଧୀନ କେନ୍ଦୁପଲ୍ଲୀ ଗ୍ରାମର ସୁକାନ୍ତ ଓରଫ ଜଗନ୍ନାଥ ଗୁରୁ, ବଡମ୍ବା ଥାନା ଅନ୍ତର୍ଗତ ଶଙ୍ଖମାରୀ ଗ୍ରାମର ସନ୍ତୋଷ ଓରଫ ଜ୍ଞାନରଞ୍ଜନ ଦେ। ସୂଚନାଯୋଗ୍ୟ, ଉକ୍ତ ହୋଟେଲର କବାଟ ଭାଙ୍ଗି ଚୋରମାନେ ଏଲ୍‌ଇଡି, ପ୍ରେସର କୁକର, ଗ୍ରାଇଣ୍ଡର, ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିଲେ । ଏ ନେଇ ଅକ୍ଟୋବର ୧୮ରେ ହୋଟେଲ ମାଲିକ ରଘୁନାଥପୁର ଗ୍ରାମର ରଣଜିତ ମାର୍ଥା ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୬୦/୨୦ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ। ବିଶେଷ ସୂତ୍ରରୁ ସୁକାନ୍ତ ଓ ସନ୍ତୋଷ ପାଖରେ ଚୋରି ସାମଗ୍ରୀ ଥିବା ଖବରପାଇ ପୋଲିସ ବୁଧବାର ଭୋରୁ ଚଢ଼ାଉ କରି ଗିରଫ କରିଥିଲେ। ସେମାନଙ୍କଠାରୁ ଚୋରି ହୋଇଥିବା ସାମଗ୍ରୀ ୧୦ଟି ପଙ୍ଖା, ଏକ ଏଲଇଡି, ପ୍ରେସର କୁକର, ଗ୍ରାଇଣ୍ଡର, ଇନଭର୍ଟର ବ୍ୟାଟେରି, ପ୍ୟାକିଂ ମେଶିନ ଆଦି ଜବତ କରିଛି। ଏହା ସହ ଚୋରି ସମୟରେ ବ୍ୟବହୃତ ନଂ. ଓଡି୩୩-ୟୁ-୨୦୭୩ନଂ ଏକ ବାଇକ ଓ ନଂ.ଓଡି ୩୩-ଏଏ-୬୨୭୩ନଂ ଏକ ଟାଟା ଏସିଇକୁ ଜବତ କରିଛି।



ଭର୍ଚୁଆଲ ମୋଡରେ ଦ୍ୱାଦଶ ଭରତମୁନୀ ଫେଷ୍ଟିଭାଲ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅବସରରେ ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ, ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର, ଓଡ଼ିଶୀ ସଙ୍ଗୀତ ଗୁରୁ ଡ଼. ଧୀରଜ ମହାପାତ୍ର, ଗୁରୁ ସଚ୍ଚିଦାନନ୍ଦ ଦାଶ, ଗୁରୁ ଦିବାକର ପରିଡ଼ା, ଗୁରୁ ସର୍ବେଶ୍ୱର ବଇଠାରୁ, ଆଭାଶତରୂପା, ଏମ୍ ସ୍ମାଇଲ ଏବଂ ତ୍ରଷ୍ଟି ପୁଷ୍ମିତା ମିଶ୍ରଙ୍କ ସହ ଅନ୍ୟମାନେ।

## ଆଶ୍ରା ପାଇବେ ରାଜଧାନୀର ବାସହୀନ

**ସୋସିଆଲ ଇକ୍ୟୁଟି ସେଣ୍ଟର ଶଯ୍ୟା ସଂଖ୍ୟା ବୃଦ୍ଧି**

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ରାଜଧାନୀ ରାସ୍ତା କଡ଼ରେ ଖୋଲା ଆକାଶ ତଳେ ଶୀତ କାକରରେ ରହୁଥିବା ଲୋକଙ୍କୁ ଶୀତ ପ୍ରକୋପରୁ ରକ୍ଷା କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। ଏଥିଲାଗି ସହରାଞ୍ଚଳ ଆଶ୍ରୟସ୍ଥଳୀର ସମ୍ପ୍ରସାରଣ ସହ ଭିତ୍ତିଭୂମି ବିକାଶ କରାଯିବ। ବୁଧବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ଏଥିସହ ସହରାଞ୍ଚଳ ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ଦୁଇଟି ସାମାଜିକ ଅନୁଷ୍ଠାନ ଓଡ଼ିଶା ପତିତ ଉଦ୍ଧାର ସମିତି ଓ ବିକାଶ ସଂସ୍ଥାଙ୍କୁ ଏ ଦିଗରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ବାହାରେ ଶୋଉଥିବା ଭିକ୍ଷୁକ କିମ୍ବା ବାସହୀନଙ୍କୁ ବୁଝାଇ ନିକଟ ସହରାଞ୍ଚଳ ଆଶ୍ରୟସ୍ଥଳୀ ବା ସୋସିଆଲ ଇକ୍ୟୁଟି ସେଣ୍ଟରକୁ ନେଇ ଆଶ୍ରୟ ଦେବାକୁ କୁହାଯାଇଛି। ନିଷ୍ପତ୍ତି ଅନୁସାରେ, ବାସହୀନଙ୍କ ସଂଖ୍ୟା ଅଧିକ ହେଲେ ଆଶ୍ରୟସ୍ଥଳୀର ଶଯ୍ୟା ବୃଦ୍ଧି ହେବ। ଇକ୍ୟୁଟି ସେଣ୍ଟର ନିକଟରେ ୫୦ ଶଯ୍ୟାବିଶିଷ୍ଟ ଅସ୍ଥାୟୀ ଏସ୍‌ୟୁଏଚ୍ କରାଯାଇ ଆଶ୍ରୟ ଦିଆଯିବ। ବର୍ତ୍ତମାନ ବିଏମ୍‌ସି ଅଧୀନ ଚନ୍ଦ୍ରଶେଖରପୁର, ଅଶୋକ ନଗର, ଘାଟିକିଆ, ଗଙ୍ଗନଗର, ଭିମ୍‌ପୁର, ମାଳିସାହି ଏବଂ ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ମୋଟ ୮ଟି ଏସ୍‌ୟୁଏଚ୍ ରହିଥିବାବେଳେ ଏଥିରେ ୩୨୫ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ରହିବାର ସୁବିଧା ରହିଛି। ୟୁନିଟ୍-୩ରେ ଥିବା ସୋସିଆଲ୍ ଇକ୍ୟୁଟି ସେଣ୍ଟରର କ୍ଷମତା ୫୦ ଶଯ୍ୟାବିଶିଷ୍ଟ ହୋଇଥିବାବେଳେ ଏହାକୁ ୧୦୦ ଶଯ୍ୟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେଣୁ ଶୀତ ରାତିରେ ବାହାରେ ଶୋଉଥିବା ବ୍ୟକ୍ତିଙ୍କୁ ଆଣି ଏଠାରେ ରଖିବା ସୁବିଧାଜନକ ହେବ। କୋଭିଡ୍ କଟକଣା ଯୋଗୁ ଏସ୍‌ୟୁଏଚ୍‌ରେ ରହିଥିବା ସମସ୍ତ ଅନ୍ତେବାସୀଙ୍କୁ ଦିନ ଓ ରାତିରେ ମାଗଣା ଖାଇବାର ବ୍ୟବସ୍ଥା କରାଯାଇଛି। ଏସ୍‌ୟୁଏଚ୍‌ରେ ରହିଥିବା ଖାଲି ସ୍ଥାନର ଉପଯୋଗ କରି ବାସହୀନଙ୍କୁ ରଖାଯିବାର ଦୃଢ଼ ପଦକ୍ଷେପ ନିଆଯାଇଥିବା ବିଏମ୍‌ସି ଡେପୁଟି କମିଶନର କମଳା କାନ୍ତ ବେହେରା କହିଛନ୍ତି।

## ତିଗିରିଆ ବ୍ଲକରେ ପ୍ରାଥମିକ, ନିମ୍ନ ପ୍ରାଥମିକ ବୃତ୍ତି ପରୀକ୍ଷା

ତିଗିରିଆ, ୧୬।୧୨ (ଡି.ଏନ.ଏ.)

ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ୍ରମେ ତିଗିରିଆ ବ୍ଲକରେ ପ୍ରାଥମିକ ଓ ନିମ୍ନ ପ୍ରାଥମିକ ବୃତ୍ତି ପରୀକ୍ଷା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ସରସ୍ୱତୀ କାନୁନ୍‌ଗୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପବିତ୍ର ମୋହନ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଅର୍ଜୁନ ସୁବୁଦ୍ଧ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଏବଂ ବିନ୍ଧାଣିମା ନୋଡ଼ାଲ ଉଚ୍ଚ ବିଦ୍ୟାଳୟଗୁଡିକରେ କୋଭିଡ୍ ନିୟମକୁ ଆଧାର କରି ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ସ୍ତରରେ ମୋଟ ୯୭ ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ୯୧ଜଣ ପରୀକ୍ଷା ଦେଇଥିଲେ। ସେହିଭଳି ନିମ୍ନ ପ୍ରାଥମିକ ସ୍ତରରେ ୧୦୦ ଜଣ ନାମ ପଞ୍ଜୀକୃତ କରିଥିବା ବେଳେ ୯୭ ଜଣ ପରୀକ୍ଷା ଦେଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ପରୀକ୍ଷାରେ ଅଧିକ ସ୍ୱଚ୍ଛତା ଆଣିବାକୁ ବ୍ଲକ ଶିକ୍ଷାଧିକାରୀ ଶ୍ରୀମତୀ କାନୁନ୍‌ଗୋ ଏବଂ ସହ ଶିକ୍ଷାଧିକାରୀ ରସାନନ୍ଦ ଲେଙ୍କା ଏବଂ ପ୍ରିୟରଞ୍ଜନ ହୋତାଙ୍କ ସହ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରକାନ୍ତ ମିଶ୍ର, ଗଙ୍ଗାଧର ସାମଲ ପ୍ରମୁଖ କେନ୍ଦ୍ରଗୁଡିକରେ ଉପସ୍ଥିତ ରହି ତଦାରଖ କରିଥିଲେ।

## ରାସ୍ତା ମରାମତି ଦାବିରେ ଭାଜପାର ପଦଯାତ୍ରା

ପୁରୁଣା ଭୁବନେଶ୍ୱର, ୧୬।୧୨(ଡି.ଏନ୍.ଏ.)

ଏକାମ୍ର ନିର୍ବାଚନମଣ୍ଡଳୀର ପୁନାମା ଗେଟ ଦୁର୍ଗା ମଣ୍ଡପଠାରୁ ଡ଼ାକ ବଙ୍ଗଳା ଛକ, ନାରାୟଣୀ କ୍ଲବ, ଆନିହାଉସ ଛକ, ଭୀମଟାଙ୍ଗୀ, ଭୀମକୁଣ୍ଡ ମନ୍ଦିର ଆଦି ଅଞ୍ଚଳରେ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ସ୍ଥାନୀୟବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଭାଜପା ଭୁବନେଶ୍ୱର ଜିଲା ଲିଙ୍ଗରାଜ ମଣ୍ଡଳ ପକ୍ଷରୁ ବୁଧବାର ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ ତୁରନ୍ତ ରାସ୍ତା ମରାମତି ପାଇଁ ଦାବି କରିଥିଲେ। ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଯୋରଦାର କରାଯିବ ବୋଲି ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ କହିଛନ୍ତି। ଏହି ପଦଯାତ୍ରାରେ ଖଣ୍ଡଗିରି ମଣ୍ଡଳ ସଭାପତି ରାମଚନ୍ଦ୍ର ରଣସିଂ, ରାଜାରାଣୀ ମଣ୍ଡଳ ସଭାପତି ଅମରଜ୍ୟୋତି ଜଗଦେବ, ଯୁବମୋର୍ଚ୍ଚା ସଭାପତି ଅଭିଶେକ ଆଚାର୍ଯ୍ୟ, ଶିବ ବେହେରା, ମନୋଜ ପାତ୍ର, କାର୍ତ୍ତିକ ସୁନ୍ଦରାୟ, ମନୋଜ ପଶ୍ଚିମ କବାଟ, ଇଦିଶ୍ ଭୂୟାଁ, ରଜନୀବାଳା ଦାସ, ସୁମିତ୍ରା ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଭାଜପା ପକ୍ଷରୁ ବାହାରିଥିବା ପଦଯାତ୍ରା ।

## ପିଏମ୍‌ଏୱାଇ ହିତାଧିକାରୀ ଚୟନରେ ଅନିୟମିତତା

**ଉପଜିଲାପାଳଙ୍କୁ ସ୍ମାରକପତ୍ର**

ବାଙ୍କୀ,୧୬।୧୨(ସ୍ୱ.ପ୍ର.)

ବାଙ୍କୀ ଏନ୍‌ଏସିର ୧୭ ୱାର୍ଡରେ ପ୍ରଧାନମନ୍ତ୍ରୀ ସହର ଆବାସ ଯୋଜନା (ପିଏମ୍‌ଏୱାଇ)ରେ ଯୋଗ୍ୟ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଉପଜିଲାପାଳଙ୍କ ନିକଟରେ ବୁଧବାର ଅଭିଯୋଗ କରାଯାଇଛି। ଏହି ଅଞ୍ଚଳର କେତେଜଣ କର୍ମଚାରୀ ବେଆଇନ ଭାବେ ଅଯୋଗ୍ୟ ହିତାଧିକାରୀ ନାମକୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଚୟନ ତାଲିକା ପ୍ରକାଶ କରିବାରୁ ଗରିବ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ୧୫ ତାରିଖରେ ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ଏକ ଚୂଡାନ୍ତ ତାଲିକା ପ୍ରକାଶ ପାଇଛି। ଏଥିରେ ଚଞ୍ଚକତା କରି ଅଯୋଗ୍ୟ ହିତାଧିକାରୀଙ୍କ ନାମ ରଖାଯାଇଛି। ଏହାର ତଦନ୍ତ କରି ଯୋଗ୍ୟ ବ୍ୟକ୍ତିଙ୍କୁ ସାମିଲ୍ କରିବା ସହ ଅଯୋଗ୍ୟ ହିତାଧିକାରୀ ତଥା ପକ୍କାଘର ଥିବା ବ୍ୟକ୍ତିମାନଙ୍କୁ କାର୍ଯ୍ୟାଦେଶ ଦିଆ ନ ଯାଉ ବୋଲି ଉପଜିଲାପାଳ ତଥା ଏନ୍‌ଏସିର ମୁଖ୍ୟ ପ୍ରଶାସକଙ୍କୁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି। ଯୁବନେତା ଅଶୋକ କୁମାର ରଣା, ଶ୍ରୀନିବାସ ବେହେରା, ଅନନ୍ତ ରଣାଙ୍କ ନେତୃତ୍ୱରେ କୁମାର ଶ୍ରୀକାନ୍ତ, ରବୀନ୍ଦ୍ର ନାଥ ବେହେରା, ଅଶୋକ ବେହେରା, ବିକ୍ରମ କେଶରୀ ରାଉତ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

## କଟକ, ପୁରୀ ବିଜେଡି ଜିଲା ସାଙ୍ଗଠନିକ କର୍ମକର୍ତ୍ତା ନିଯୁକ୍ତ

- କଟକ ପାଇଁ ୧୫ ଉପସଭାପତି, ୧୬ ସାଧାରଣ ସମ୍ପାଦକ, ୨୪ ସମ୍ପାଦକ
- ପୁରୀ ଲାଗି ୯ ଉପସଭାପତି, ୫ ସାଧାରଣ ସମ୍ପାଦକ, ୧୭ ସମ୍ପାଦକ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କଟକ ଓ ପୁରୀ ଜିଲା କମିଟି ଗଠନ କରାଯାଇଛି। ଏହି ଦୁଇ ସାଙ୍ଗଠନିକ ଜିଲାରେ ବିଭିନ୍ନ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦିଆଯାଇଛି। ବୁଧବାର ବିଜେଡି କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ କଟକ ଜିଲା ପାଇଁ ୧୫ ଉପସଭାପତି ନିଯୁକ୍ତ କରାଯାଇଥିବା ବେଳେ ୧୬ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଓ ୨୪ ସମ୍ପାଦକ ନିଯୁକ୍ତ କରାଯାଇଛି। ସେହିପରି ପୁରୀ ଜିଲା ପାଇଁ ୯ ଉପସଭାପତି ନିଯୁକ୍ତ କରାଯାଇଥିବା ବେଳେ ୫ ସାଧାରଣ ସମ୍ପାଦକ, ୧୭ ସମ୍ପାଦକ, ୪ ଜଣ ପୁରୀ ମ୍ୟୁନିସିପାଲିଟି, ପିପିଲି, କୋଣାର୍କ ଏବଂ ନିମାପଡା ଏନ୍‌ଏସି ପାଇଁ ସଭାପତି, ୧୧ ଜଣ ବ୍ଲକ ସଭାପତିଙ୍କୁ ନିଯୁକ୍ତି ଦିଆଯାଇଛି।

କଟକ ଜିଲାର ଆଠଗଡ ବିଧାନସଭା ମଣ୍ଡଳୀ ପାଇଁ ନୃସିଂହ ଚରଣ ମହାପାତ୍ର, ବାଙ୍କୀ ବିଜନ ସାହୁ, ବାରବାଟୀ- କଟକ ପ୍ରଫୁଲ୍ଲ ମହାପାତ୍ର, ଚୌଦ୍ୱାର-କଟକ ପ୍ରେମଚାନ୍ଦ ନାୟକ, ମାହାଙ୍ଗା ଦେବେନ୍ଦ୍ର ସାହୁ, ବାରବାଟୀ-କଟକ ଧର୍ମେଶ ନାୟକ, ନିଆଳି ବଳରାମ ପାତ୍ର, ସଦର ଲକ୍ଷ୍ମୀଧର ପଣ୍ଡାୟତ, ଚୌଦ୍ୱାର- କଟକ ଶରତ ଚନ୍ଦ୍ର ପ୍ରଧାନ, ସାଲେପୁର ଚିତ୍ତରଞ୍ଜନ ସାମଲ, ମାହାଙ୍ଗା ପ୍ରଶାନ୍ତ ପଟ୍ଟନାୟକ, ବାରବାଟୀ-କଟକ ପ୍ରଫୁଲ୍ଲ ବେହେରା, ଚୌଦ୍ୱାର- କଟକ ଶିବେନ୍ଦ୍ର ହାତୀ, ବଡ଼ମ୍ବା ସରୋଜ ପଟ୍ଟନାୟକ ଏବଂ ସଦର ପାଇଁ ସୁରେଶ ଚନ୍ଦ୍ର ସାହୁଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଚୌଦ୍ୱାରା-କଟକ ପାଇଁ ପ୍ରଶାନ୍ତ ନାୟକ, ବଡମ୍ବା ପ୍ରଫୁଲ୍ଲ ପଣ୍ଡା, ବାଙ୍କୀ ସନତ ବେହେରା, ସାଲେପୁର ରମେଶ ଜେନା, ଆଠଗଡ ରଞ୍ଜନ ଆଚାର୍ଯ୍ୟ, ପ୍ରଦୀପ୍ତ ଦାସ, କଟକ- ବାରବାଟୀ ପ୍ରଫୁଲ୍ଲ ବେହେରା, ଚୌଦ୍ୱାର କଟକ ହରିହର ପଣ୍ଡା, ସାଲେପୁର ଦିଲୀପ ଦାଶ, ମାହାଙ୍ଗା ଗିରିଶ ମହାପାତ୍ର, ସଦର ଅଚ୍ୟୁତାନନ୍ଦ ଦାସ, ନିଆଳି ଅକ୍ଷୟ ମହାନ୍ତି, ବଡ଼ମ୍ବା ନାରାୟଣ ନାୟକ, କଟକ- ବାରବାଟୀ ସୌମିତ ମିତ୍ର, ମାହାଙ୍ଗା ପ୍ରଶାନ୍ତ ଜେନା ଏବଂ ସଦର ପାଇଁ ସମର ବେହେରାଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଗଦାଧର ସାହୁଙ୍କୁ ନିଯୁକ୍ତି ଦିଆଯାଇଛି।

## ସଂକ୍ଷେପରେ

### ହାଇକୋର୍ଟଙ୍କ ବିନା ଅନୁମତିରେ ଏକାମ୍ର କ୍ଷେତ୍ରରେ ଉଚ୍ଛେଦ ହେବ ନାହିଁ

**ପୁରୁଣା ଭୁବନେଶ୍ୱର, (ଡି.ଏନ.ଏ.):** ହାଇକୋର୍ଟଙ୍କ ବିନା ଅନୁମତିରେ ଏକାମ୍ର କ୍ଷେତ୍ରରେ କୌଣସି ନିର୍ମାଣ କାର୍ଯ୍ୟ ଭଙ୍ଗା ଯିବ ନାହିଁ। ନଭେମ୍ବର ୯ରୁ ଜନ୍ମେଜୟ୍ କରଙ୍କୁ ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ସହାୟତା ଏବଂ ଥଇଥାନ ବ୍ୟବସ୍ଥା ନେଇ ପକ୍ଷଭୁକ୍ତ ବିଏମସି ସ୍ପଷ୍ଟ ତଥ୍ୟ ଉପସ୍ଥାପନ କରି ନ ପାରିବାରୁ ଅଦାଲତ କ୍ଷୁବ୍ଧ କ୍ଷୁବ୍ଧ ପ୍ରକାଶ କରିଛନ୍ତି। ଗତ ୧୫ ତାରିଖ ୩୦୧୦୫/୨୦ ରିଟ୍ ପିଟିସନ ଶୁଣାଣି କରି ମାନ୍ୟବର ଜଷ୍ଟିସ୍ ସଞ୍ଜୁ ପଣ୍ଡା ଏବଂ ଏସ.କେ.ପାଣିଗ୍ରାହୀଙ୍କ ଅଦାଲତ ପୂର୍ବ ରହିତାଦେଶ ଆଦେଶ ସହ ଏକାମ୍ର ବିକାଶ ଯୋଜନା ଅନ୍ତର୍ଗତ ୬୬ଏକର ଜମିରେ କୌଣସି ପ୍ରକାର ଉଚ୍ଛେଦ ନ କରିବା ନେଇ ପୂର୍ବ ଆଦେଶ ବଳବତ୍ତର ରଖିଛନ୍ତି।

### ୩ ବ୍ରିଜ୍‌ର ଶିଳାନ୍ୟାସ କଲେ ବିଧାୟକ

**ବାରଙ୍ଗ,୧୬।୧୨(ଡି.ଏନ.ଏ)-** ଟାଙ୍ଗୀବନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ୧୦୦ ଶଯ୍ୟା ବିଶିଷ୍ଟ ହେବ। ଏଥିପାଇଁ ଆଲୋଚନା ପ୍ରକ୍ରିୟା ଆଗେଇଛି। ଆଗାମୀ ଦିନରେ ଏହାର ସୁବିଧା ୫ ପଞ୍ଚାୟତବାସୀ ପାଇବେ ବୋଲି ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ କହିଛନ୍ତି। ବୁଧବାର ରାଜଧାନୀ ଉପକଣ୍ଠରେ ୩ଟି ବ୍ରିଜ୍‌ର ଶିଳାନ୍ୟାସ କରି ଆସନ୍ତା ବର୍ଷ ଆଉ ୩ଟି ବ୍ରିଜ ନିର୍ମାଣ ପାଇଁ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯିବ। ଏହାସହ ଟାଙ୍ଗୀବନ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ କାର୍ଯ୍ୟ ମଧ ହେବ ବୋଲି ବିଧାୟକ କହିଥିଲେ। ଜଳସମ୍ପଦ ବିଭାଗ ମୁଣ୍ଡଳି ଦ୍ୱାରା କଲ୍ୟାଣପୁରଠାରେ ୩୩ଲକ୍ଷ ଟଙ୍କା ବ୍ୟୟରେ ୧୦ମିଟର ଲମ୍ବ ଓ ୬ମିଟର ଚଉଡ଼ା, ମହାଜନ ସାହିଠାରେ୨୫ଲକ୍ଷ ଟଙ୍କା ବ୍ୟୟରେ ୮ମିଟର ଲମ୍ବ ଓ ୫ମିଟର ଚଉଡ଼ା, ଖୈରାପଡ଼ାଠାରେ ୨୨ଲକ୍ଷ ଟଙ୍କା ବ୍ୟୟରେ ୮ମିଟର ଲମ୍ବ ଓ ୬ଚଉଡ଼ାର ବ୍ରିଜ୍ କରାଯିବ। ଏହି ୩ଟି ଜାଗାରେ ଥିବା ପୁରୁଣା ବ୍ରିଜ୍ ଦୁର୍ବଳ ଅବସ୍ଥାରେ ଥିବାବେଳେ ଗ୍ରାମବାସୀ ଭୟରେ ଏହା ଉପରେ ଯାତାୟାତ କରୁଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଜଳ ସମ୍ପଦ ବିଭାଗର ଏସ୍‌ଡିଓ ଅନନ୍ତଗୋପାଳ ପଟ୍ଟନାୟକଙ୍କ ସହ ବିଜେଡି କର୍ମକର୍ତ୍ତା, ଖୈରାପଡା,ମହାଜନ ସାହି, କଲ୍ୟାଣପୁର ଗ୍ରାମବାସୀ ଉପସ୍ଥିତ ଥିଲେ।

### ରାମଲୀଳା ପ୍ରଚାର ସମିତି ପକ୍ଷରୁ ସଂକ୍ରାନ୍ତି ଉତ୍ସବ


**କଟକ ଅଫିସ, ୧୬।୧୨:**ରାମଲୀଳା ପ୍ରଚାର ସମିତି ପକ୍ଷରୁ ନୂଆପଡ଼ାସ୍ଥିତ ରାମମନ୍ଦିର ପରିସରରେ ମଙ୍ଗଳବାର ସଂକ୍ରାନ୍ତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ସଂକ୍ରାନ୍ତି ଉତ୍ସବ ଓ ସନ୍ଧ୍ୟାରେ ଭଜନ କୀର୍ତ୍ତନ କରାଯାଇଥିଲା। ଏଥିସହ ବିଡ଼ାନାସୀସ୍ଥିତ ବୀଣାପାଣି ରାମଲୀଳା ସମିତି ପକ୍ଷରୁ ବିଶିଷ୍ଟ ବ୍ୟକ୍ତି ଓ ଜନସାଧାରଣଙ୍କୁ ଧନୁମୁଆଁ ବଣ୍ଟାଯାଇଥିଲା। ସମିତିର ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମନ୍ଦିର ପ୍ରତିଷ୍ଠାତା ତଥା ଆଞ୍ଚଳିକ ରାମଲୀଳା ସମିତି ସମ୍ପାଦକ ଗୋବିନ୍ଦ ସାହୁ ଓ ତାଙ୍କ ସହଧର୍ମିଣୀ ନୟନା ସାହୁ ସମସ୍ତ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ରବିନ୍ଦ୍ର କୁମାର ସେଠୀ, ଗୋପାଳ ଚନ୍ଦ୍ର ମିଶ୍ର, କୈଳାସ ଚନ୍ଦ୍ର ଜେନା, ଉପସଭାପତି ଅଶୋକ ଦାଶ, ପୁଷ୍ପକାନ୍ତି ମହାନ୍ତି, ବୀଣାପାଣି ରାମଲୀଳା ସମିତି ସଭାପତି ରମେଶ ଚନ୍ଦ୍ର ବେହେରା, ସମ୍ପାଦକ ଉମେଶ ଚନ୍ଦ୍ର ବେହେରା, ସୁବାସ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାୟକ ମହମ୍ମଦ ମୋକିମଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ, ୧୬।୧୨:** ନିଖିଳ ଉତ୍କଳ ବାରିକ ସମିତି ପକ୍ଷରୁ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ସମିତିର ସଭାପତି ବିଜୟ କୁମାର ବାରିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବିଧାୟକ ମୋକିମଙ୍କୁ ତାଙ୍କ ବାସଭବନସ୍ଥିତ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ରବୀନ୍ଦ୍ର କୁମାର ମହାପାତ୍ର, କୋଷାଧ୍ୟକ୍ଷ ସଞ୍ଜୁକ୍ତା ବାରିକ, ସୁଶୀଲ ଦାସ, ଶ୍ରୀକାନ୍ତ ମାହାନା, ପ୍ରତାପ ଚନ୍ଦ୍ର ବାରିକ, କୁମାର ଅମ୍ଳାନ ବାରିକ, ରାମଚନ୍ଦ୍ର ବାରିକ, ଧର୍ମାନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଶ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**



- ଫେସବୁକ୍ ଲାଇଭ୍‌ରେ ମାତ୍ରାଧିକ ନିଦ ବଟିକା ଖାଇଲେ
- ନିନ୍ଦା, ଅପବାଦ ସହିହେଉ ନ ଥିବା କହିଲେ
- ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ହସ୍ପିଟାଲରେ ଭର୍ତ୍ତି

ସାମାଜିକ କର୍ମୀ ମାନବପ୍ରେମୀ ଆଦିତ୍ୟ ଦାଶଙ୍କ ମୃତ୍ୟୁ ରହସ୍ୟକୁ ନେଇ ତଦନ୍ତ ଜାରି ରହିଥିବାବେଳେ ସ୍ତ୍ରୀ ବିଦ୍ୟାଶ୍ରୀ ବୁଧବାର ଫେସ୍‌ବୁକ୍‌ରେ ଲାଇଭ କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମାତ୍ରାଧିକ ନିଦ ବଟିକା ଖାଇଦେବାରୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡିଥିଲା। କଟକସ୍ଥିତ ବାସଭବନରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଟ୍ରମା କେୟାର ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଥିବା ସୂଚନା ମିଳିଛି।

ଆତ୍ମହତ୍ୟା ଉଦ୍ୟମ ସମୟରେ ଫେସ୍‌ବୁକ୍ ଲାଇଭ୍‌ରେ ବିଦ୍ୟାଶ୍ରୀ କହିଛନ୍ତି ଯେ, ଆଦିତ୍ୟଙ୍କ ମୃତ୍ୟୁ ପାଇଁ କେତେଜଣ ସମର୍ଥକ ସିଧାସଳଖ ମୋତେ ଅଭିଯୁକ୍ତ ଦର୍ଶାଇ ସୋସିଆଲ ମିଡିଆରେ ଅପପ୍ରଚାର ଚଳାଇଛନ୍ତି। ଚରିତ୍ରକୁ ସଂହାର କରୁଛନ୍ତି। ଫଳରେ ସୋସିଆଲ ମିଡିଆରେ ଲୋକେ ଗାଳିଗୁଲଜ କରି ନିନ୍ଦା ଅପବାଦ ଦେଉଛନ୍ତି। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଚଳାଇଥିବାବେଳେ ନିନ୍ଦା ଅପବାଦକୁ ଆଉ ସହି ହେଉନି। ଆଉ ବଞ୍ଚିବାକୁ ଇଚ୍ଛାନାହିଁ। ମୁଁ ଆତ୍ମହତ୍ୟା କରିବାକୁ ଚାହେଁ। ପୂର୍ବରୁ ୩୦ଟି ସ୍ଲିପିଂ ମେଡିସିନ ଖାଇଛି। ରିଆକ୍ସନ ହେଉ ନ ଥିବାରୁ ମୁଁ ଆହୁରି ଅଧିକ ଖାଉଛି। ତେବେ ମୋ ମୃତ୍ୟୁ ପାଇଁ ଲୋକେ ଦାୟୀ ନୁହନ୍ତି। ଆଦିତ୍ୟଙ୍କ ମୃତ୍ୟୁ ପାଇଁ ଯେମିତି ମନଗଢ଼ା କାହାଣୀ କୁହାଯାଇ ମୋତେ ଦାୟୀ କରାଯାଉଛି, ମୋ ପାଇଁ ମୋ ପରିବାର ଲୋକଙ୍କୁ ଦାୟୀ କରା ନ ଯାଉ। ଏଥିପାଇଁ ଏହି ଡାଏରୀ ଛାଡ଼ି ଯାଉଛି। ଯେଉଁମାନେ ଦାୟୀ ସେମାନଙ୍କ ନାମ ଏହି ଡାଏରୀରେ ଲେଖିଛି। ଏପରିକି ସେମାନଙ୍କ ନାମ ମଧ ଉକ୍ତ ଲାଇଭ୍ ଭିଡିଓରେ ବିଦ୍ୟାଶ୍ରୀ କହୁଥିବା ଦେଖିବାକୁ ମିଳୁଛି। ଏଥିସହ ସେ କାନ୍ଦି କାନ୍ଦି କହୁଛନ୍ତି – ମୋତେ ନ୍ୟାୟ ମିଳୁ। ଅନେକ ଦିନ ହେଲା ମାନବପ୍ରେମୀ ଆଦିତ୍ୟଙ୍କ ମୃତ୍ୟୁ ମାମଲାରେ କୌଣସି ଅଭିଯୁକ୍ତ ଧରାପଡି ନ ଥିବାବେଳେ ତଦନ୍ତ ରିପୋର୍ଟରେ ଏହାକୁ ଆତ୍ମହତ୍ୟା ବୋଲି ଦର୍ଶାଯାଇଛି। ମାନସିକ ନିର୍ଯାତନା ସହି ନ ପାରି ବିଦ୍ୟାଶ୍ରୀ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇଥିବା ସେ ଫେସ୍‌ବୁକ ଲାଇଭ୍‌ରେ କହିଛନ୍ତି।

ଗତ ଜୁଲାଇ ୭ ସକାଳେ ଆଦିତ୍ୟଙ୍କ ମୃତଦେହ ଭୁବନେଶ୍ୱର ଲିଙ୍ଗରାଜ ଷ୍ଟେଶନସ୍ଥିତ ରେଳ ଧାରଣାରୁ ମିଳିଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜିଆରପି କହିଥିଲା। କିନ୍ତୁ ଆଦିତ୍ୟଙ୍କ ପିପୁଲ୍ ଫର୍ ସେବା ସଙ୍ଗଠନର କାର୍ଯ୍ୟକର୍ତ୍ତା ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ସବୁଆଡ଼ୁ ଚାପ ପଡ଼ିବା ପରେ ପୋଲିସ ହତ୍ୟା ମାମଲା ରୁଜୁ କରିଥିଲା। ବିଦ୍ୟାଶ୍ରୀ ଓ ପରିବାର ଲୋକେ ସିବିଆଇ ତଦନ୍ତ ଦାବିକରି କଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ତଦନ୍ତ ନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିବା ପରେ ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। କ୍ରାଇମବ୍ରାଞ୍ଚ ବିଦ୍ୟାଶ୍ରୀ, ତାଙ୍କ ପରିବାର ସଦସ୍ୟଙ୍କ ସମେତ ଘର ମାଲିକଙ୍କୁ ଜେରା କରିଥିଲା। ଏଥିସହ ଆଦିତ୍ୟଙ୍କ ସହଯୋଗୀ ପପୁ ଓ ବିକାଶଙ୍କୁ ମଧ ଏକାଧିକଥର ଜେରାର ସମ୍ମୁଖୀନ ହେବାକୁ ପଡିଥିଲା। ଶେଷରେ ଆଦିତ୍ୟ ଆତ୍ମହତ୍ୟା କରିଥିବା ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ହାଇକୋର୍ଟରେ ରିପୋର୍ଟ ଦାଖଲ କରାଯାଇଥିଲା। ହେଲେ ଏହି ମୃତ୍ୟୁକୁ ନେଇ ସୋସିଆଲ ମିଡିଆରେ ବିଦ୍ୟାଶ୍ରୀଙ୍କୁ ବାରମ୍ବାର ଦୋଷୀ କରାଯିବା ସହ ନିନ୍ଦାମୂଳକ ପୋଷ୍ଟ ଥମି ନ ଥିଲା। ଗତ ମାସରେ ଏ ନେଇ ବିଦ୍ୟାଶ୍ରୀ ଏୟାର ଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ।

## ବର୍ଷାଙ୍କ ଉଦ୍ୟମରେ ଆରମ୍ଭ ହେଲା 'ଆମ ପାଠାଗାର'




ଆମ ପାଠାଗାର ଶୁଭାରମ୍ଭ ଅବସରରେ ବର୍ଷା ପ୍ରିୟଦର୍ଶିନୀ ଏବଂ ଅନ୍ୟ ଅତିଥିମାନେ ।

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

ଦାଶିଆ ଅଜା ଭାବେ ପରିଚିତ ସ୍ୱର୍ଗତ ଦାଶରଥି ପଟ୍ଟନାୟକଙ୍କ ଲାଇବ୍ରେରି ଆନ୍ଦୋଳନକୁ ପୁନଃ ଜାଗ୍ରତ କରିବା ପାଇଁ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ଏଥିପାଇଁ ସେ 'ଆମ ପାଠାଗାର'ର ଶୁଭାରମ୍ଭ କରିଛନ୍ତି। ଏହା ମାଧ୍ୟମରେ ବର୍ଷା ଓଡ଼ିଶା ଓ ଦେଶର ବିଭିନ୍ନ ପ୍ରାନ୍ତର ଇଚ୍ଛୁକ ଲୋକଙ୍କଠାରୁ ପୁସ୍ତକ ସଂଗ୍ରହ କରି ସାରା ରାଜ୍ୟର ପିଲାଙ୍କୁ ଦାନ କରିବା ଓ ପ୍ରତ୍ୟେକ ଜିଲାରେ ଲାଇବ୍ରେରି ସ୍ଥାପନକୁ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ସଂଗୃହୀତ ବିଦ୍ୟାଳୟ ପାଠ୍ୟ ପୁସ୍ତକ, ରେଫରେନ୍ସ ବହି, ପ୍ରସିଦ୍ଧ ଉପନ୍ୟାସ ଏବଂ ଜୀବନୀ ପୁସ୍ତକ ଥିବା ଦୁଇଟି ପୁସ୍ତକ କ୍ୟାବିନେଟକୁ ବୁଧବାର ସେ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଜୀବନ ଜ୍ୟୋତି ଆଶ୍ରମରେ ପିଲାଙ୍କୁ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ବଲାଙ୍ଗୀର ଜିଲା ଫୁଲଝରନ ଗ୍ରାମର ଝିଅ ଦିଲେଶ୍ୱରୀ ଧାରୁଆଙ୍କୁ ସମ୍ମାନିତ କରାଯାଇଥିଲା। କୋଭିଡ୍ ମହାମାରୀ ସମୟରେ ସରକାରୀ ବିଦ୍ୟାଳୟ ବନ୍ଦ ଥିବା ଯୋଗୁ ଗ୍ରାମର ପିଲାମାନେ ଯେପରି ପାଠ ପଢାରେ ପଛରେ ନ ରୁହନ୍ତି ସେଥିପାଇଁ ଦିଲେଶ୍ୱରୀ ସେମାନଙ୍କୁ ନିଃସ୍ୱାର୍ଥପର ଶିକ୍ଷାଦାନ କରି ସାରା ଦେଶରୁ ପ୍ରଶଂସିତ ହୋଇଥିଲେ।

## ଧାରଣାରେ ବସିଲେ ଶିକ୍ଷୟିତ୍ରୀ



ଭୁବନେଶ୍ୱର ଏଜି ଛକରେ ଧାରଣାରତ ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳଙ୍କୁ ମହିଳା ପୋଲିସ ଉଠାଉଛନ୍ତି।

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

**୩୩ ବର୍ଷରେ ୨୦ଥର ବଦଳି, ଥରେ ସସ୍‌ପେଣ୍ଡ**

ମୁଁ ଭଲ କାମ କରିବା ସତ୍ତ୍ୱେ ମୋ ଉପରେ ରାଗ ରଖି ମୋ ସହ ଷଡ଼ଯନ୍ତ୍ର କରାଯାଉଛି। ପ୍ରାୟ ୩୦ମାସ ଧରି ଦରମା ନ ଦେବା ଓ ପରେ ମୋତେ ଚାକିରିରୁ ସସ୍‌ପେଣ୍ଡ କରିଦିଆଗଲା ବୋଲି ଜଣେ ଶିକ୍ଷୟିତ୍ରୀ ଅଭିଯୋଗ କରିଛନ୍ତି। ଏ ନେଇ ସେ ଏଜି ଛକରେ ବୁଧବାର ଧାରଣାରେ ବସିବା ସହ ଦାବିପୂରଣ ନ ହେଲେ ଆତ୍ମାହୂତି ଦେବେ ବୋଲି କହିଥିଲେ। ଶିକ୍ଷୟିତ୍ରୀ ଜଣକ ହେଉଛନ୍ତି, ଅନୁଗୋଳ ମ୍ୟୁନିସିପାଲିଟି ପ୍ରାଇମେରୀ ସ୍କୁଲରେ କାର୍ଯ୍ୟ କରୁଥିବା ଅନୁପମା ବିଶ୍ୱାଳ। ତାଙ୍କ କହିବା ଅନୁସାରେ , ୩୩ ବର୍ଷ ଚାକିରି କାଳ ମଧ୍ୟରେ ତାଙ୍କୁ ୨୦ଥର ବଦଳି କରାଯାଇଛି। ଏମିତିକି ୩ ବର୍ଷ ତଳେ ତାଙ୍କୁ ସସପେଣ୍ଡ ମଧ କରାଯାଇଥିଲା। ବାରମ୍ବାର ଏ ନେଇ ଅଭିଯୋଗ କରିଥିଲେ ମଧ ପ୍ରଶାସନିକ ସ୍ତରରେ ତାଙ୍କୁ ଅସହଯୋଗ କରାଯାଉଛି। ଶେଷରେ ସେ ରାଜଧାନୀ ଆସି ଧାରଣାରେ ବସିଥିଲେ ବୋଲିସ କହିଛନ୍ତି। ତେବେ ମହିଳା ପୋଲିସ ପହଞ୍ଚି ତାଙ୍କୁ କ୍ୟାପିଟାଲ ଥାନାକୁ ନେଇଥିଲେ।

## ବନ୍ଧୁକ ଦେଖାଇ ନେଇଗଲେ ୧୫ଲକ୍ଷ

**ଖୋର୍ଦ୍ଧା ଅଫିସ,୧୬।୧୨:**

ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସରେ ବୁଧବାର ସନ୍ଧ୍ୟାରେ କେତେଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ବ୍ୟବସାୟୀ ଏସ୍.ରେଡ୍ଡିଙ୍କଠାରୁ ୧୫ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ବାଣପୁର ଓ ବାଲୁଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳର ଏସ.ରେଡି ପୁରୀରେ ରହି ବ୍ୟବସାୟ କରନ୍ତି। ଘର ଛାତ ପକାଇବା ଲାଗି ଏକ ବ୍ୟାଗରେ ୧୫ଲକ୍ଷ ଟଙ୍କା ଧରି କାରରେ ଛତ୍ରପୁର ଯାଉଥିଲେ। ପଛରେ ଆସୁଥିବା ଏକ କାର ତାଙ୍କୁ ପିଛା କରିବା ସହ ବାଲଗାଁ ବାଇପାସ ନିକଟ ନିଛାଟିଆ ସ୍ଥାନରେ ତାଙ୍କ କାରକୁ ଅଟକାଇଥିଲେ। କାରରୁ କେତେଜଣ ଦୁର୍ବୃତ୍ତ ଆସି ରେଡ୍ଡିଙ୍କୁ କାରରୁ ବାହାରକୁ ଆସିବାକୁ କହିଥିଲେ। ରେଡ୍ଡି କାରରୁ ବାହାରକୁ ଆସିବା ପରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଟଙ୍କା ବ୍ୟାଗ ନେଇ ଫେରାର ହୋଇଯାଇଥିଲେ। ଏନେଇ ରେଡ୍ଡି ବାଣପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

## ଅଧକ୍ଷଙ୍କ ନାଁରେ ଦୁର୍ବ୍ୟବହାର ଅଭିଯୋଗ

**ବାରଙ୍ଗ,୧୬।୧୨(ଡି.ଏନ.ଏ)**

ବାରଙ୍ଗ ଥାନା ଅଞ୍ଚଳର ଏକ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ଅଧକ୍ଷଙ୍କ ସମେତ ୩ଜଣ ଦୁର୍ବ୍ୟବହାର କରିଥିବା ସୋମବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଶିକ୍ଷୟିତ୍ରୀ ଜଣଙ୍କ ଭୟରେ ଥିବା କହିଛନ୍ତି। ସୂଚନାଯୋଗ୍ୟ, ଶିକ୍ଷୟିତ୍ରୀଙ୍କ ଘରକୁ ଜଣେ ଯୁବତୀ ଘରକାମ କରିବାକୁ ଆସୁଥିଲା। ବିଦ୍ୟାଳୟର ରାତ୍ରିଜଗୁଆଳି ଏହି ଯୁବତୀକୁ ଖରାପ ବ୍ୟବହାର କରିବାପରେ ଅଧକ୍ଷଙ୍କ ନିକଟରେ ଶିକ୍ଷୟିତ୍ରୀ ଜଣଙ୍କ ଅଭିଯୋଗ କରିଥିଲେ ମଧ କିଛି ସୁବିଚାର ମିଳି ନ ଥିଲା। ଏ ସମ୍ପର୍କରେ ଶିକ୍ଷୟିତ୍ରୀ ଗୋଡିସାହି ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଆସି ଉଭୟପକ୍ଷଙ୍କୁ ଡକାଇ ଘଟଣାର ସମାଧାନ କରିଥିଲେ। ଏହି ଘଟଣାକୁ ନେଇ ପରେ ଅଧକ୍ଷଙ୍କ ସହ ଜଣେ ଶିକ୍ଷକ ଓ ରାତ୍ର ଜଗୁଆଳି ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ସହ ମାନସିକ ଯନ୍ତ୍ରଣା ଦେଇଥିଲେ। ଏ ନେଇ ଶିକ୍ଷୟିତ୍ରୀ ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଅଭିଯୋଗକୁ ୨ ଦିନ ବିତିଯାଇଥିଲେ ମଧ ପୋଲିସ କୌଣସି ପଦକ୍ଷେପ ନେଉ ନ ନେବା ଯୋଗୁ ଭୟରେ ରହିଥିବା କହିଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ବାରଙ୍ଗ,୧୬।୧୨(ଡି.ଏନ.ଏ)**

ନନ୍ଦନକାନନ ଥାନା ଅନ୍ତର୍ଗତ ପଦାସାହି ଗ୍ରାମରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ବୁଧବାର ଜବତ କରିଛି। ମୃତା ହେଲେ ପୁଷ୍ପା ମହାନ୍ତି(୫୩)। ଏ ନେଇ ପୋଲିସ ନଂ.୯/୨୦ରେ ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସକାଳେ ପୁଷ୍ପାଙ୍କ ସ୍ୱାମୀ ମର୍ନିଂୱାକ ସାରି ଘରକୁ ଫେରିବା ପରେ ଶୋଇବା ଘରର କବାଟ ପୁଷ୍ପା ଖୋଲି ନ ଥିଲେ। ସନ୍ଦେହରେ ସାନପୁଅକୁ ଡାକି କବାଟ ଭାଙ୍ଗିବା ପରେ ପୁଷ୍ପା ଘରର ଫ୍ୟାନ ହୁକରେ ଶାଢି ଲଗାଇ ଝୁଲୁଥିବା ଦେଖିଥିଲେ। ଖବରପାଇ ନନ୍ଦନକାନନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୋଲିସ କହିଛି। ସଂପୃକ୍ତ ମହିଳାଙ୍କର ୨ପୁଅ ଓ ଜଣେ ଝିଅ ଅଛନ୍ତି।

## 'ସର୍ଜନାର ପରିଭାଷା' ଲୋକାର୍ପିତ

**ଭୁବନେଶ୍ୱର, (ବ୍ୟୁରୋ):** ଡ. ସୁନୀତି ମୁଣ୍ଡଙ୍କ ରଚିତ ପ୍ରବନ୍ଧ 'ସର୍ଜନାର ପରିଭାଷା'ର ୨ୟ ସଂସ୍କରଣ ଓଡ଼ିଶା ସାହିତ୍ୟ ଏକାଡେମୀ ପରିସରରେ ଲୋକାର୍ପିତ ହୋଇଛି। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ୍ ଦାସ, ଉପ-ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ ଏହାକୁ ଉନ୍ମୋଚନ କରିଥିଲେ।

## ରେଲଓ୍ୱେ ପ୍ଲାଟଫର୍ମ ଟିକଟ ୫୦ ଟଙ୍କାକୁ ବୃଦ୍ଧି

**ଖୋର୍ଦ୍ଧା ଅଫିସ,୧୬।୧୨:**

କୋଭିଡ୍-୧୯ ସ୍ଥିତିରେ ନିୟନ୍ତ୍ରଣ ଆସିବା ପରେ ଦେଶର ପ୍ରମୁଖ ସ୍ଥାନକୁ ଏକ୍ସପ୍ରେସ ଟ୍ରେନ ଯାତାୟାତ କରୁଛି। ଫଳରେ ଷ୍ଟେଶନରେ ଯାତ୍ରୀଙ୍କ ଭିଡ଼ ଜମୁଛି। ଷ୍ଟେଶନରେ କରୋନା ସଂକ୍ରମଣ ରୋକିବା ତଥା ଭିଡ଼ କମାଇବାକୁ ରେଳ ବିଭାଗ ପ୍ଲାଟଫର୍ମ ଟିକେଟ ମୂଲ୍ୟରେ ୫ଗୁଣା ବୃଦ୍ଧି କରିଛି। ପୂର୍ବରୁ ପ୍ଲାଟଫର୍ମ ଟିକେଟ ମୂଲ୍ୟ ୧୦ଟଙ୍କା ରହିଥିବା ବେଳେ ଏବେ ୫୦ଟଙ୍କାକୁ ବୃଦ୍ଧି ପାଇଛି। ଏନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାଜ୍ୟର ଅନେକ ଷ୍ଟେଶନରେ ପ୍ଲାଟଫର୍ମ ଟିକେଟ କାଉଣ୍ଟରକୁ ବନ୍ଦ ରଖାଯାଇଛି। ଟିକେଟ ମୂଲ୍ୟରେ ମଧ ବୃଦ୍ଧି ହୋଇଛି। ସଂକ୍ରମଣକୁ ରୋକିବାକୁ ଏହି ପଦକ୍ଷେପ ନିଆଯାଇଛି ବୋଲି ଖୋର୍ଦ୍ଧା ରୋଡ ଏଡିଆରଏମ୍ କହିଛନ୍ତି।

# ଥଇଥାନ ପରେ ଉଚ୍ଛେଦ କରାଯାଉ

**ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ**

**କଟକ ଅଫିସ, ୧୬।୧୨**




ସିଏମ୍‌ସି କାର୍ଯ୍ୟାଳୟ ଆଗରେ ବସ୍ତିବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ବସ୍ତିବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ କଟକ ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉଚ୍ଛେଦ ପୂର୍ବରୁ ଥଇଥାନ ବ୍ୟବସ୍ଥା କରାଯାଉ, ନଚେତ ଉଚ୍ଛେଦ କାର୍ଯ୍ୟ ବନ୍ଦ ରଖାଯାଉ ବୋଲି ମଞ୍ଚ ଦାବି କରିଛି। ମଞ୍ଚ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି ଯେ, କଟକ ସଦର ବ୍ଲକ ଅଧୀନ ମଉଗଜପୁର ଗ୍ରାମ ବଗୁଲାପଡ଼ାର ୨୬ ଆଦିବାସୀ ପରିବାର ଦୀର୍ଘ ବର୍ଷ ଧରି ଉକ୍ତ ସ୍ଥାନରେ ବସବାସ କରିଆସୁଛନ୍ତି। ସେମାନେ ଭୋଟର ପରିଚୟପତ୍ର, ଆଧାର କାର୍ଡ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ମଧ ପାଇଆସୁଛନ୍ତି। ଏହାସତ୍ତ୍ୱେ ସେମାନଙ୍କୁ ଥଇଥାନ କରା ନ ଯାଇ ଉଚ୍ଛେଦ କରି ଦିଆଯାଉଛି। ତେଣୁ ମିଳିତ ମଞ୍ଚ ଏହାକୁ ବିରୋଧ କରୁଛି। ଏହି ବିକ୍ଷୋଭରେ ବସ୍ତିବାସିନ୍ଦା ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ, ଶ୍ରମିକ ନେତା ରାଜକିଶୋର ମଲ୍ଲିକ, ମହାନଗର ନାଗରିକ ମଞ୍ଚ ଆବାହକ ଚିତ୍ତରଞ୍ଜନ ମହାନ୍ତି, ବସ୍ତିନେତା ଦୀପକ ଦାସ, ସିପ୍ରା ମହାନ୍ତି, କୁନି ହେମ୍ବ୍ରମ, ରଞ୍ଜନ ନାୟକ ପ୍ରମୁଖ ସାମିଲ ଥିଲେ।

## ଫଟୋରେ ଖବର



କଟକଠାରେ ଜଷ୍ଟିସ୍ ରାଜକିଶୋର ଦାସଙ୍କ ୨୫ତମ ସ୍ମୃତି ସଭାରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ସହ ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ, ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ।




ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ମାଣ ଖଟୁଲି

ସ୍ମରଣୀୟ

କନିଷ୍କ



କନିଷ୍କଙ୍କ ଜନ୍ମ ୧୯୬୨ରେ, କେନ୍ଦ୍ରାପଡ଼ା ଅସୁରେଶ୍ୱରର ଭିତରବଞ୍ଛ ଗାଁରେ। ପ୍ରକାଶିତ ପ୍ରମୁଖ ଗଳ୍ପଗ୍ରନ୍ଥ: 'ଚଢ଼େଇର ଘର', 'ପାଳଭୂତ', 'କନିଷ୍କ କଥାକଳ୍ପ' ଓ 'ହାତିମ୍‌ତାଇର ଘୋଡ଼ା'; ଉପନ୍ୟାସ: 'ଘାଟ', 'ପାପ' ଓ 'ପିପି' ଏବଂ କବିତା: 'ମାୟା', 'ପର୍ବ' ଓ 'ମନ୍ତ୍ର'। ନିଜ ସମୟର ଆଗଧାଡ଼ିରେ ପାଠକେ ଭେଟନ୍ତି ଏଇ ଲେଖକଙ୍କୁ...

ଲୁଣାରେ ବଢ଼ି ଆସିଲେ ମୋର ମନେପଡ଼େ ଆଈମା'। ଭୀଷଣ ମନେପଡ଼େ। ମତେ ଲାଗେ ଆଈମା' ମୋ' ଆଗରେ ଛିଡ଼ା ହେଇଚି। ତା' ପାକୁଆ ପାଟିରେ ଖନେଇ ଖନେଇ କହୁଚି– ପାଇଲୁ? ଆରେ ପାଇଲୁ ନା ନାଇଁବା ?

ମୁଁ କହୁଚି: ହଁ ପାଇଚି, ପାଇଚି! ଦେବିନି, ଜମା ଦେବିନି।

କାଇଁ କୋଉଠି ରଖିଚୁ? ମୋ' ସୁନାଟା ପରା! ତୋ' ପେଇଁ ନଇନାଖି କନିଆଁଟେ ଖୋଜିଦେବି। ଚାଲିଲୁ... ଦବୁ ଚାଲେ!

ଆଉ ଠିକ୍ ଏତିକିବେଳେ ଚିଲେଇ ଚିଲେଇ ଆଈମା'କୁ ଟାପରା କରୁଚି ମୁଁ: ବୁଢ଼ୀ ପାଗଳୀ, ବାଲି ତାଡ଼ି ତାଡ଼ି ଖୋଜୁଥା ମାଣ ଖଟୁଲି!

ଆଈମା' ଚିଡ଼ିଉଠି ବାଇଜଡ଼ା ବାଡ଼ି ହାତରେ ପଡ଼ିଉଠି ଗୋଡ଼ଉଚି ମତେ। ଆଉ ମୁଁ ଦଉଡୁଚି କାଲିଦେଇ ତାଳି ମାରି ମାରି, ଆଈମା'କୁ ଆହୁରି ଆହୁରି ଟାପରା କରି କରି।

ସତରେ ଲୁଣାରେ ବନ୍ୟା ଆସିଲେ ଖାଲି ଏଇ ଦୃଶ୍ୟଟି ମୋ' ଆଖି ଆଗରେ ଭାସି ଉଠେ ନାଇଁ, ଛୁରି ହୋଇ ମୋ' କଳିଜାକୁ ଚିରି ପକାଏ।

କାହିଁ କୋଉ କାଳର କଥା! ମତେ ସେତେବେଳେ ଛଅ କି ସାତବର୍ଷ! ପନ୍ଦରଦିନ କାଳ ଲଗାତର ବର୍ଷା ହେଲା। ଲୁଣା ନଈ ଦି' କୂଳ ଖାଇ ଆମ ଘରଦ୍ୱାର ଧୋଇ ନେଇଗଲା। ହାଣ୍ଡି କୁଣ୍ଡେଇଠୁ ଘରର କଳାକନା ଛାଞ୍ଚୁଣୀ ତକାତେ ତା' ଜିଭରେ ଚାଟି ହେଇଗଲା।

ଘରବାରି, ଫସଲ କିଆରି ଚାରିଆଡ଼େ ବାଲି ଚରିଗଲା।

ବଢ଼ି ପରେ ଆମେ ଫେରିଆସିଲୁ ଆଶ୍ରୟ ଛାଉଣୀରୁ ଆମ ଗାଁକୁ। ଡିହରୁ ବାଲି ଉଠେଇ ପୁଣି ନୂଆଘର ତୋଳିଲୁ। ହେଲେ ଏଥିପ୍ରତି ଆଈମା'ର ନିଘା ନ ଥିଲା। ବେଳ ଅବେଳରେ ସେ ବାଡ଼ି, ବିଲ, ନଈପଠା ଏମିତିକି ଗାଆଁ ମଶାଣିର ବାଲି ଚଢ଼ା, ଯୋଉଠି ନାଇଁ ସେଠି ବାଲି ଆଡ଼େଇ ଆଡ଼େଇ, ଖୋଳି ଖୋଳି ତା' ଖଟୁଲି ଖୋଜୁଥିଲା ଓ ଗାଆଁର ଯାଆକୁ ନାଇଁ ତାକୁ ପଚାରୁଥିଲା: ମୋ' ମାଣ ଖଟୁଲି ଦେଖିଚୁ କି ?

କିଏ ଉପରେ ମନ ଦୁଃଖର ବାହାନା କରି କହୁଥିଲା: ନାଇଁ ଦେଖିନି।

ଆଉ କିଏ ଦାନ୍ତ ଚିପି ମୁରୁକି ମୁରୁକି ହସି ଉତ୍ତର ଦଉଥିଲା: ମୁଁ ପରା ତମ ପେଇଁ କେତେ ଖୋଜିଲିଣି! ଖୋଜିଖୋଜି ନୟାନ୍ତ ହେଲିଣି। ହେଲେ କୋଉଠି କ'ଣ ମିଳୁଚି! ସେ ସବାଖାଇ ନଈ ବୋଧେ ସମୁଦ୍ର ଆଡ଼କୁ ଭସେଇ ନେଇଚି!

ହେଲେ ଆମ ଗାଆଁ ଅରକ୍ଷିତ ଦିନେ ସକାଳୁ ଆସି କହିଲା: ହେଇଟି ଆଈ ବୁଢ଼ୀ, ମୁଁ ଆଜି ମୋ' ଭଉଣୀ ଘରକୁ ଯିବି ବୋଲି ବାହାରିଚି। ସଞ୍ଜରେ ଭିଣେଇ ସାଙ୍ଗରେ ସମୁଦ୍ରକୁ କଙ୍କଡ଼ା ଧରିବାକୁ ଯିବି! ସେଇଠି ତମ ମାଣ ଖଟୁଲିକୁ ଖୋଜିବି। ହେଲେ ମୋ' ପାଖରେ ପଇସାପତ୍ର...

ଆଉ କିଛି କହୁକହୁ ଅରକ୍ଷିତ ଅଟକିଗଲା ଅଧାରେ।

ଆଈମା' ଖୁସିରେ ଫାଟି ପଡୁପଡୁ ଖନେଇ ଖନେଇ କହିଲା: ତୋ' ପାଖରେ ପଇସା ନାଇଁ, ଏଇଆ କଉଚୁ ତ!

ତମେ ତ ସବୁ ଜାଣ! ସେ ଛୁଆଙ୍କ ପେଟକୁ ପରା ସବୁ ନିଅଣ୍ଟ! ଖଟିଖଟି ଯେତେ କମେଇଲେ ବି ସେ ନିଆଁଗିଳାଙ୍କୁ କ'ଣ କିଛି ଅଣ୍ଟୁଚି!

'ହଉ ତୁ ରହ! ମୁଁ ବୋହୂ ପାଖରୁ ଦେଖେ' କହି ଆଈମା' ବୋଉଠୁ ପାଞ୍ଚ ଟଙ୍କିଆ ନୋଟଟେ ନେଇ ଅରକ୍ଷିତକୁ ଦେଲା। ଆଉ ତାଗିଦା କରି କହିଲା: ଗାଡ଼ି ମଟରରେ ହୁସିଆରି ଯିବୁ। ବାଟରେ ଆଠଣାରେ ବରା ଗୁଲୁଗୁଲା ଖାଇ ପାଣି ମୁନ୍ଦେ ପିଇବୁ। ଆଉ ତୋ' ଭଉଣୀ ପେଇଁ ଦି' ଟଙ୍କାର ଖଜା ନେଇକି ଯିବୁ! ହଁ, ମନେ ରଖିଥା, ଭଲ କରି ଟିକେ ଖଟୁଲିଟାକୁ ଖୋଜିବୁ! ମିଳିଲେ ଧୋଇଧାଇ କିରି ହୁସିଆରି ଆଣିବୁ। ଯେମିତି ଭାଙ୍ଗି ନଯାଏ! ଆସିଲେ ମୁଁ ତତେ ଆଉ ପାଞ୍ଚ ଟଙ୍କା ଦେବି!

ଅରକ୍ଷିତ ଅଣ୍ଟାରେ ଟଙ୍କା ଖୋସୁଖୋସୁ କହିଲା: ଆଈବୁଢ଼ୀ, ତମେ ସେ ଖଲାସର ମହାଦେବକୁ ଡାକୁଥା! ମତେ ଲାଗୁଚି ସେ ବାଡ଼ିପଶା ମହାଦେବ ଏଥର ନିଶ୍ଚେ ତମ ଡାକ ଶୁଣିବ। ମତେ ନିଶ୍ଚେ ତମ ମାଣ ଖଟୁଲି ମିଳିଯିବ। ମିଳିଗଲେ ମୁଁ ଖୁବ୍ ହୁସିଆରିରେ ଆଣିବି। ତମେ ଜମା ବେସ୍ତ ହୁଅନା।

ଏତକ କହି ଅରକ୍ଷିତ ତା' ଭଉଣୀ ଘରକୁ ବାହାରିଗଲା।

ହେଲେ ସେଇଦିନ ରାତିରେ ମୋ' ଆଈମା' ଆମ ସଭିଙ୍କୁ ପର କରି, ମାଣ ଖଟୁଲିକୁ ଝୁରିଝୁରି ଆରପାରିକୁ ଚାଲିଗଲା।

ତା' ପରେ ବର୍ଷ ପରେ ବର୍ଷ କେଜାଣି କେତେ ବର୍ଷ ପାଣି ପରି ବୋହିଗଲା। ଥରେ ଲୁଣାରେ ପ୍ରବଳ ବଢ଼ି ଆସିବାରୁ ମୋର ମନେପଡ଼ିଗଲା ଆଈମା'। ମୁଁ ବୋଉକୁ ପଚାରିଲି: ବଢ଼ିରେ ଘରଦ୍ୱାରଠୁ ଖଟ ପଲଙ୍କ, କଂସାବାସନ ସବୁ ଘରକରଣା ତ ଭାସିଗଲା! ହେଲେ ସାମାନ୍ୟ ଖଟୁଲିଟାକୁ ଆଈମା' ଏମିତି କାହିଁକି ଖୋଜୁଥିଲା!

ବୋଉ କହିଲା: ବୁଝିଲୁ ସେମିତି କହନା! ସେଇଟା ସାମାନ୍ୟ ଖଟୁଲି ନୁହଁ, ମାଣ ଖଟୁଲି! ତୋ' ଜେଜେ ସେଇ ମାଣ ଖଟୁଲିଟି ନିଜ ହାତରେ ତିଆରି କରି ତୋ' ଆଈମା'ଙ୍କୁ ଦେଇଥିଲେ। ଆଈମା' ଆଖି ବୁଜିଲା ବେଳେ ମତେ ସେଇଟି ସଅଁପି ଦେଇ ଶେଷନିଃଶ୍ୱାସ ନେଇଥାନ୍ତେ। ଆଉ ମୁଁ ବି ତୋ' ବୋହୂକୁ ସେଇଟି ସଅଁପି ଦେଇ ଶାନ୍ତିରେ ଆଖି ବୁଜନ୍ତି!

କହୁକହୁ ବୋଉର ଆଖି ଲୁହରେ ଉଛୁଳି ଉଠିଲା।

ତେବେ ବି ଏ ମାଣ ଖଟୁଲି ରହସ୍ୟ ମୁଁ ସେତେବେଳେ ବୁଝିପାରି ନ ଥିଲି। ବୋଉର ଆଖିରେ ଲୁହ ଦେଖି ମୁଁ ପୁଣି ଏକ ରହସ୍ୟ ଘେରରେ ପଡ଼ିଯାଇଥିଲି।

ମାତ୍ର ଏବେ ମୁଁ ବୁଝୁଛି। ବୁଝିଲାବେଳକୁ ମୋ' ଆଈମା' ପରି ମୋ' ବୋଉ ଏପାରି ଛାଡ଼ି ଆରପାରିକି କେବେଠୁ ଚାଲିଗଲାଣି!


ଅଥଚ ବର୍ଷା ଅଛି। ଲୁଣା ନଈ ଅଛି। ନଈରେ ଫି'ସନ ବଢ଼ି ଆସୁ କି ନ ଆସୁ, ମୁଁ ନୁହେଁ, ମୋ' ଭିତରେ କିଏ ଜଣେ ମାଣ ଖଟୁଲିଟିକୁ ଖୋଜୁଚି।

ମୋ: ୯୮୬୧୮୬୯୯୧୦

## ପୁସ୍ତକ ପରିଚୟ

### ପାର୍ବଣ ବିଶେଷାଙ୍କ: ୨୦୨୦

### ଗୋକର୍ଣ୍ଣିକା



**ସମ୍ପାଦକ:** ରମାକାନ୍ତ ଜେନା

ସାଇଜ୍: ଡବଲ୍ ଡିମାଇ, ପୃ: ୪୧୨, ମୂଲ୍ୟ: ଟ.୧୦୦/–

ସ୍ନାନାନ୍ତେ ପଦ୍ମଫୁଲର ଅଞ୍ଜଳି ତୋଳିଧରିଛି ନାରୀଟିଏ, ଉର୍ଦ୍ଧ୍ୱରୁ ଅବତରିତା ଦେବୀ– କରୁଣା– ଏଇ ହେଲା ପତ୍ରିକାର ପ୍ରଚ୍ଛଦ; ଯହିଁରେ ଭରି ରହିଛି ସୃଜନଶୀଳତା। ପ୍ରବନ୍ଧରେ ବାଉରୀବନ୍ଧୁ କର, ବୈଷ୍ଣବ ଚରଣ ସାମଲ, ମଣୀନ୍ଦ୍ର କୁମାର ମେହେର; ଗଳ୍ପରେ ଅର୍ଚ୍ଚନା ନାୟକ, ସୁଲୋଚନା ଦାସ, ଆଦିକନ୍ଦ ସାହୁ; କବିତାରେ ନିତ୍ୟାନନ୍ଦ ନାୟକ, ଫନୀ ମହାନ୍ତି, ମମତା ଦାଶ, ପ୍ରଭାକର ଶତପଥୀ, ହୃଷୀକେଶ ମଲ୍ଲିକ, ରମେଶ ପତି, ଗୌତମ ଜେନା ଓ ତୁହିନାଂଶୁ ରଥ; ଗୀତି–କବିତାରେ ନନ୍ଦକିଶୋର ସିଂହ, ମନୋଜ ପଟ୍ଟନାୟକ ଓ ଗୋପାଳ କୃଷ୍ଣ ଆଚାର୍ଯ୍ୟଙ୍କ ସମେତ ଶତାଧିକ ଲେଖିକା ଲେଖକଙ୍କ ରଚନାରେ ସମୃଦ୍ଧ ପତ୍ରିକାଟି।

### ପାହାଚ



**ସମ୍ପାଦକ:** କମଳ କୁମାର ମହାନ୍ତି

ସାଇଜ୍: ଡବଲ୍ ଡିମାଇ, ପୃ: ୩୦୮, ମୂଲ୍ୟ: ଟ.୧୨୦/–

ବିଷୟ ସଜ୍ଜାରେ ଯେଉଁ ନୂତନତା ପତ୍ରିକାଟିରେ ଥାଏ, ତାହା ଅନ୍ୟ ପତ୍ରିକାଠୁଁ ସ୍ୱତନ୍ତ୍ର ଓ ଅନନ୍ୟ। ଯଥା: 'ତାରୁଣ୍ୟର ତାରକସି', 'ଫିଚର ପାହାଚ', 'ଗାଳ୍ପିକର ମର୍ମକଥା/ କବି ହୃଦୟର ଭାଷା', 'ଚିତ୍ତରଞ୍ଜନ ପ୍ରବନ୍ଧ ପାହାଚ', 'ସଚ୍ଚି ରାଉତରାୟ କବିତା ପାହାଚ', 'ସ୍ମରଣୀୟ କଥା ପାହାଚ', 'ମାନସିଂହ କବିତା ପାହାଚ', 'ଗୋଦାବରୀଶ କଥା ପାହାଚ', 'ଗଡ଼ନାୟକ କବିତା ପାହାଚ', 'ନୀଳମଣି ମିଶ୍ର ଅନୁବାଦ ପାହାଚ', 'ଜୀବନାନନ୍ଦ ଗୀତି ପାହାଚ' ଓ 'ପୁସ୍ତକ ସମୀକ୍ଷା ପାହାଚ'। ବିଭିନ୍ନ ପାହାଚରେ ଅଛନ୍ତି– ଅମରେଶ ପଟ୍ଟନାୟକ, ଭଗବାନ ଜୟସିଂହ, ଆଶୁତୋଷ ପରିଡ଼ା, କମଳାକାନ୍ତ ପଣ୍ଡା(କଳ୍ପାନ୍ତ), ହୃଷୀକେଶ ମଲ୍ଲିକ, ହୃଦାନନ୍ଦ ପାଣିଗ୍ରାହୀ, ରବି ସ୍ୱାଇଁ, ବଙ୍ଗାଳୀ ନନ୍ଦ, ନନ୍ଦକିଶୋର ସିଂହ ଓ ରମେଶ ଦାସ ପ୍ରମୁଖ।

### ଶୈଳଜା



**ସମ୍ପାଦକ:** ବିଜୟ ବଳ

ସାଇଜ୍: ଡବଲ୍ ଡିମାଇ, ପୃ: ୨୬୨, ମୂଲ୍ୟ: ଟ.୧୫୦/–

ବାସ୍ତବ ଜଗତର ଆର୍ତ୍ତି ଓ ମାନବୀୟ ସମ୍ବେଦନଶୀଳତା ହୋଇଛି ପ୍ରଚ୍ଛଦର ଆଧାର। ଗୋଟେ ମୋଟା ଦଉଡ଼ି ଛିଡ଼ିଛିଡ଼ି ଖିଏ ବାକି ଓ ତା' ଉପରେ ବିପଦସଙ୍କୁଳ ଜୀବନଯାତ୍ରା– ପାର୍ବଣର ପ୍ରତିପକ୍ଷରେ ଅଭିନବ ନିଶ୍ଚୟ। ଅତୁଳ ବଳଙ୍କ 'ମଲାଟ ମନ୍ତ୍ର'ରେ ପ୍ରଚ୍ଛଦର ଏ ଉଜ୍ଜ୍ୱଳ–ଭାଷ୍ୟ। ପ୍ରବନ୍ଧରେ ଶତ୍ରୁଘ୍ନ ପାଣ୍ଡବ, କବିତାରେ ସଚ୍ଚିଠୁଁ ସୌଭାଗ୍ୟ, ଗପରେ ତରୁଣକାନ୍ତି, ରାମଚନ୍ଦ୍ର, ସଦାନନ୍ଦ, ରବି ଓ ଅଜୟ ସ୍ୱାଇଁ, ଫିଚରରେ ନବଜ୍ୟୋତି ରାୟ ଓ ଅନୁବାଦରେ ଅରୂପାନନ୍ଦ ପାଣିଗ୍ରାହୀଙ୍କ ସମେତ ବହୁ ଯଶସ୍ୱୀ ଲେଖିକାଲେଖକଙ୍କ ରଚନାକୁ ନେଇ ପତ୍ରିକାଟି ସ୍ୱଚ୍ଛ ଓ ସୁସଂପାଦିତ।

### ପଞ୍ଚବଟୀ



**ସମ୍ପାଦକ:** ସୁଶାନ୍ତ କୁମାର ନାୟକ

ସାଇଜ୍: ଡବଲ୍ ଡିମାଇ, ପୃ: ୪୨୪, ମୂଲ୍ୟ: ଟ.୧୦୦/–

ମାସ୍କ ପରିଧିତ, ସମ୍ଭବତଃ କରୋନା ଯୋଗୁଁ ବୃତ୍ତିହରା ଜଣେ ଯୁବକର ରିକ୍ସାରେ ଦଶଭୁଜା ଦୁର୍ଗା। ଚାହାଣିରେ ରହସ୍ୟମୟ କଟାକ୍ଷ। ପ୍ରଚ୍ଛଦଟି ଭିନ୍ନ ରୁଚିର। କାହାଣୀରେ ବିଭୂତି ପଟ୍ଟନାୟକ, ସଦାନନ୍ଦ ତ୍ରିପାଠୀ, ରବି ପଣ୍ଡା, ଗଙ୍ଗାଧର ବିଶ୍ୱାଳ; ଅନ୍ତରଙ୍ଗ ଆଳାପରେ ସୁସ୍ମିତା ବାଗ୍‌ଚୀ; କବିତାରେ ହରିହର ମିଶ୍ର, ପ୍ରସନ୍ନ ପାଟଶାଣୀ, ଫନୀ ମହାନ୍ତି, ସୂର୍ଯ୍ୟ ମିଶ୍ର; ଅନୁବାଦରେ ଶଶାଙ୍କ ଚୂଡ଼ାମଣି; ଗୀତି–କବିତାରେ ଧନଞ୍ଜୟ ସ୍ୱାଇଁ ଓ ହଂସନାଥ ମୁଦୁଲି ପ୍ରମୁଖ ସ୍ଥାନିତ।

### କାବ୍ୟଲୋକ



**ସମ୍ପାଦକ:** ଭିକାରୀ ଧଳ

ସାଇଜ୍: ୧/୮ ଡିମାଇ, ପୃ: ୩୭୬, ମୂଲ୍ୟ: ଟ.୭୫/–

'କାବ୍ୟଲୋକ: ସମୟର ଶଙ୍ଖନାଦ'ର ସମ୍ପାଦକୀୟ 'ଆତ୍ମସଂଶୋଧନ ବେଳ'। 'କାବ୍ୟ ଚିନ୍ତନ'ରେ ସୃଜନ–ଅନୁଭୂତି ବଖାଣିଛନ୍ତି ହୃଷୀକେଶ ମଲ୍ଲିକ, ଅଜୟ ସ୍ୱାଇଁ, ସୌଭାଗ୍ୟବନ୍ତ ମହାରଣା, ନୃସିଂହ ଷଡ଼ଙ୍ଗୀ ଓ ସେନାପତି ପ୍ରଦ୍ୟୁମ୍ନ କେଶରୀ। 'କାବ୍ୟ ଆଲୋଚନା', 'ବିମୁଗ୍ଧ ବାଙ୍ମୟତା', 'କାବ୍ୟ ବ୍ୟକ୍ତିତ୍ୱ', 'ଗୀତି କବି ଓ କବିତା' ଆଦି ବିଭାଗରେ ବହୁ ଖ୍ୟାତ ଓ ଖ୍ୟାତମୁଖୀ ଲେଖିକାଲେଖକଙ୍କ ରଚନା ସ୍ଥାନିତ। କୃଷ୍ଣଚନ୍ଦ୍ର ବଳ ଲେଖିଛନ୍ତି– ରବୀନ୍ଦ୍ର ଜୀବନ ଓ ସାହିତ୍ୟକୁ ନେଇ ଏକ ମନୋରମ ଆଲେଖ୍ୟ। ରତ୍ନାକର ରାଉତଙ୍କ 'ପୁନର୍ନବ' କାବ୍ୟଗ୍ରନ୍ଥ–ସମୀକ୍ଷା କରିଛନ୍ତି ମଦନମୋହନ ମହାପାତ୍ର। ନିଜ ଢଙ୍ଗରେ ପ୍ରଚ୍ଛଦ।

## କାଳକାଳକୁ



"ଚେଷ୍ଟାକରି ବିଫଳ ହୋଇଛ ବୋଲି ଲଜ୍ଜାବୋଧ କରନାହିଁ। ମନେରଖ, ଯିଏ ବିଫଳ ହୋଇନାହିଁ, ସେ ଆଦୌ ଚେଷ୍ଟା ଇ କରିନାହିଁ।"

ମାର୍ଟିନ୍ ଓପିଜ୍

ମାର୍ଟିନ୍ ଓପିଜ୍(Martin Opitz)ଙ୍କ ଜନ୍ମ ୧୫୯୭ରେ ପୋଲାଣ୍ଡର ବଞ୍ଜଲାଉରେ ଓ ପରଲୋକ ୨୦ ଅଗଷ୍ଟ ୧୬୩୯ରେ ସେଇ ପୋଲାଣ୍ଡର ଡାନ୍‌ଜିଗ୍‌ରେ। ଜୀବଦ୍ଦଶାରେ ଓପିଜ୍ ଜର୍ମାନୀ ଭାଷାର ସର୍ବୋତ୍ତମ କବି ଥିଲେ, ଯାହାଙ୍କୁ ଆଧୁନିକ ଜର୍ମାନୀ କବିତାର ଜନକ କୁହାଯାଏ। ଜର୍ମାନୀ କବିତାରେ ସେ ପ୍ରଥମେ ବାହ୍ୟ ସାହିତ୍ୟଧାରାର ପ୍ରବେଶ ଘଟାଇଥିଲେ। ଜର୍ମାନ୍‌ର ଜାତୀୟ ସାହିତ୍ୟ ନିର୍ମାଣରେ ସେ ଥିଲେ ପ୍ରମୁଖ କର୍ଣ୍ଣଧାର।

## କବିତା

### ଜୀବନେଶ୍ୱରୀ

କ୍ଷୀରୋଦ ଚନ୍ଦ୍ର ପତି

ନୀଳ–ଘନ ନୟନ ତୁମର
ନୀଳ ନଦୀ ନୀଳାମ୍ବୁରେ
ନାଏଗ୍ରା ଜଳ ହିଁ ଭରେ, କ୍ରମଶଃ ଗଭୀର...
ଖଣ୍ଡାଧାର ତୁମ ନାକ, ତିଖ
ଅଧୀର ଅସ୍ଥିର।

ତୁମର ସେ
ନାଲିନାଲି ନଧର ଅଧର
ଶୀତ୍କାରିତ ଶୀତର ସଦର!
ନିଦ ଭାଙ୍ଗି ନାରଖାର, ସ୍ୱପ୍ନଭଙ୍ଗ ବାରବାର
ଶବ୍ଦ ହଜେ ସବୁଥର, ବର୍ଣ୍ଣିବାକୁ
ଭାଷା କାହିଁ କା'ର!

ପାରିଜାତ ଫିକା ପଡ଼େ
ପ୍ରଚୁର ଲଜ୍ଜାରେ ନତ, ଶତ ପଦ୍ମଭାର!
ଚିତ୍ର ପ୍ରତିମାର ସମ
କି ଚିବୁକ ତମ, ନାଭିଚକ୍ର
ତିଳ ତୁମେ,
ଲାଗ ଲାଜବତୀ ତୁମେ!
ବିନ୍ଦୁଏ କଳଙ୍କ ବହି ଚନ୍ଦ୍ରାବତୀ ପ୍ରାୟେ
ଯେ କଳଙ୍କ ଜକଜକ ଚନ୍ଦ୍ରେ ଶୋଭାପାଏ!
ତୁମ ତନୁ ନରକ କି ତୀର୍ଥ

ଭୋଗୀ ସାଜି ଯୋଗୀ ସାଜି
ବୁଝିବାକୁ କିଏ ବା ସମର୍ଥ!

କା' ହାତରେ ଗଢ଼ା ତମେ କିଏ ଚିତ୍ରକର ?
ତୁମ ରୋଷ ଅଗନାଗ୍ନି ବନସ୍ତର
ଅହିରାଜ ବିଷ, ତୁମ ହସ
ଅଙ୍ଗେ ଅଙ୍ଗେ ଅନଙ୍ଗ ପ୍ରବେଶ
ଆଣେ ପ୍ରେମ–ଜର,
ମନ୍ଦ ମନ୍ଦ ମଳୟରେ। ମତୁଆଲା କରେ।

ଲାକ୍ଷାଦ୍ରାକ୍ଷା ରସାଣିତ ସରଳବର୍ଣିରେ ପ୍ରୀତ
ତୁମ କମ୍ର କମଳ ପୟର, କେବେ ସ୍ଥିର
କେବେ ଅବା ଭୂମି ପରେ କାଟୁଥାଏ ଗାର।

ଚାହାଣିରେ ମାର ତୀର,
ପାଷାଣେ ପ୍ରାଣ ସଞ୍ଚାର
ଚମ୍ପାକଳି ଅଙ୍ଗୁଳିରେ ଚିତ୍ର ମିଥୁନର ମୁଦ୍ରା
ଆଙ୍କିଯାଅ ଚମତ୍କାରିତାର...
ଅକଥିତ ରହିଯାଏ, ଅଥଚ
ଆକାଂକ୍ଷିତ ଅପେକ୍ଷାରେ ତୁମ
ହୃଦୟର ଅଧା ହସ୍ତାକ୍ଷର!!

ମୋ–୯୯୩୭୩୦୦୨୨୩

### ଗୀତି–କବିତା

### ମାଗିବିନି ଆଉ କିଛି

ଡ. ଦୁର୍ଯ୍ୟୋଧନ ଦାସ

କୋକିଳକୁ ଡାକି ମାଗିଲି ଦେବାକୁ
ମଧୁର ସ୍ୱରରୁ କିଛି
କୋକିଳ ରାଗରେ ମୁହଁ ଫୁଲାଇଲା
ଉଡ଼ିଗଲା ଗାଇ ଛି ଛି ॥

ପ୍ରିୟାକୁ ମାଗିଲି ପ୍ରେମରୁ କିଞ୍ଚିତ
କରିବାକୁ ଆସ୍ୱାଦନ
ମୁହଁକୁ ଫୁଲାଇ ନୟନ ନଚାଇ
ଦେଲା ମିଠା ଅପମାନ ॥

କାହ୍ନାକୁ ମାଗିଲି ସୁଖ ଶାନ୍ତି ଭକ୍ତି
ହସିଦେଲା ମୁରୁକାଇ
କହିଲାରେ ମୂର୍ଖ ସବୁ ଅଛି ତୋର
ନ ଦେଖି ହେଉଛୁ ବାଇ ॥

ଆଉ କା'ରେ କିଛି ମାଗିବିନି ବୋଲି
ଶପଥ କରୁଛି ଆଜି
ଯାହା ଅଛି ପାଶେ ତାହାହିଁ ଯଥେଷ୍ଟ
ଏହି କଥା ମନେ ହେଜି ॥

ମୋ: ୯୪୩୭୨୧୪୦୨୧

## ପ୍ରଶଂସା

ମିନି ଗପ

ରାମକୃଷ୍ଣ ମହାନ୍ତି

ହାଏ ଜିଲି କି ଫାଣ୍ଟାଷ୍ଟିକ୍ ଦିଶୁଛ ଆଜି! ଦିଶୁଛ ଗୋଟିଏ ସଜଫୁଟା ଗୋଲାପ ଫୁଲ ପରି।

ଜିଲିର ଛାତି ଏମିତି ଫୁଲି ଆସୁଥିଲା, ଯେଉଁଥିପାଇଁ ଚୁଡ଼ିଦାରର ପଛ ଚେନ୍‌ଟା ଟାଣିହୋଇ ଖସିଯିବାର ସମ୍ଭାବନା ଥିଲା ଯଥେଷ୍ଟ। ହସର ମଟ୍‌ମଟ୍ ସ୍ୱଞ୍ଚୁ ଚିପୁଡ଼ି ଚିପୁଡ଼ି ଜିଲି ପଚାରିଲା 'କେମିତି' ?

"ମାନେ ନୀଳନୀଳ ଆଖି, ସଜ ଜିନିଆର ପାଖୁଡ଼ା ପରି ଓଠ, ବିଖ୍ୟାତ କଳାକାର କୃତ ତୂଳୀରେ ଭ୍ରୂଲତା, ରେଶମୀ ଜକ୍‌ଜକ୍ ମୁଲାୟମ ଚିବୁକ, ଆଉ... ଆଉ... ମାନେ ଏମାନଙ୍କର ଏକ ସଂଯତ ସମ୍ମେଳନ ତୁମେ, ଖାସ୍ ତୁମେ।"

ଜିଲି ଆଉ ଦୁଇ ଇଞ୍ଚ ନାରୀ ସୁଲଭ–ସ୍ୱାଭାବିକ ଶୈଳୀରେ ଫୁଲି ଉଠୁଉଠୁ ନିଜକୁ ନିଜ ଭିତରେ ରଖି ନ ପାରି ଫିସ୍ ଫିସ୍ କହିଲା– 'ଧୀରେନ୍ ଆସ, ଏଇଠି ଟିକିଏ ବସିବା।'

ମାଂସ ଗନ୍ଧ ପାଇ କୁକୁର କନ୍‌କନ୍, କିନ୍ତୁ ସତର୍କତାର ସହିତ ଯେମିତି ପାଖେଇ ଆସେ, ପ୍ରାୟ ସେମିତି ଧୀରେନ୍ ପାଖେଇ ଆସିଲା। ଏହି ପର୍ଯ୍ୟାୟ ଯେ ପରିବେଶକୁ ଉଷ୍ମତର କରିବାକୁ ଯଥେଷ୍ଟ, ଧୀରେନ୍ ବୋଧେ ଯା' ଉପରେ ଡକ୍ଟରେଟ୍ କରିସାରିଥିଲା।

x x x x

'ଜିଲି, ତୁମେ ହସିଲେ ତୁମ ମୁହଁଟା ଏମିତି ଉଜ୍ଜ୍ୱଳ ଦିଶେଯେ ଦ୍ୱିତୀୟ ସୂର୍ଯ୍ୟର ଭ୍ରମ ଆପେଆପେ ମନରେ ଚରିଯାଏ।'

ଜିଲି ଧୀରେନ୍ ଆଡ଼କୁ ଆଉ ଟିକେ ଘୁଞ୍ଚିଗଲା।

'ଜିଲି, ତୁମ ଆଖି ଦିଓଟି ଠିକ୍ ଆଖି ନୁହେଁ, ବରଂ ଏକ ସୁତୀକ୍ଷ୍ଣ ଅଥଚ ଅଦୃଶ୍ୟ ଛୁରି, ଯାହା– ମୋ' ହୃଦୟକୁ ବାରମ୍ବାର ଖିନ୍‌ଭିନ୍ କରିଦିଏ।'

ଜିଲି ଆଉଜି ଆସିଲା ଧୀରେନ୍ ଦେହରେ।

'ଜିଲି' ତୁମେ ଯାହା କୁହ ପଛେ, ତୁମକୁ ଛାଡ଼ି ଏ ପୃଥିବୀରେ ପାଦେ ବି ମୁଁ ଘୁଞ୍ଚିପାରିବିନି।

ଅକସ୍ମାତ୍ ଜିଲିର ସ୍ୱପ୍ନିତ ଆଖି ମୁଦି ହୋଇଗଲା।

x x x x

କ୍ଲାସ୍ ବାରଣ୍ଡାରେ ଜିଲି ସହ ଧୀରେନ୍ ସେଦିନ ଅଚାନକ ଭେଟ ହୋଇଯିବାର ସମ୍ଭାବନାକୁ ଏଡ଼େଇ ଯିବାକୁ ଚେଷ୍ଟା କରୁକରୁ ଜିଲି ଡାକିଲା– 'ଧୀରେନ୍, ଶୁଣ ଧୀରେନ୍...।'

'ଏଇତ ତୁମକୁ ଦେଖି ମୁଁ ଏଇ ଆଡ଼କୁ ହିଁ ଆସୁଥିଲି। କେମିତି ଅଛ? ବୋଧେ ପ୍ରିପାରେସନ୍ ଖୁବ୍ ଚାଲିଛି।'



'ଆମେ ଖୁବ୍ ଶୀଘ୍ର କୋର୍ଟ ମ୍ୟାରେଜ୍ କରିନେବା ଧୀରେନ୍।'

ଚୋର ଭଳି ଛକ୍‌ପକ୍ ହେଉହେଉ ଧୀରେନ୍ ଖୋଜୁଥିଲା ରାସ୍ତା। ଯେଉଁ ବାଟରେ ଗଲେ ପାଣି ଲାଗିବନି ଅଥଚ ପଙ୍କ ଧୋଇହେଇଯିବ। କହିଲା– 'ଆଚ୍ଛା ଜିଲି ହସ୍ପିଟାଲ୍ ଦେଇ କୋର୍ଟକୁ ଗଲେ ହେବନି ?'

ମଲା ମଣିଷର ଆଖି ପରି ଢିମାଢିମା ହୋଇ ଆସୁଥିଲା ଜିଲିର ନୀଳନୀଳ ଆଖି। ତଳେ ପଡ଼ି ଶେଷ ଅସ୍ତିତ୍ୱ ଦାବି କରୁଥିବା ଜିନିଆ ପାଖୁଡ଼ା ପରି ଜିଲିର ଦୁଇ ଓଠ ଝିମ୍‌ଝିମ୍ ଥରୁଥିଲା। ତା' ହସର ଉଜ୍ଜ୍ୱଳତା ଲିଭିଯାଉଥିଲା ଗ୍ୟାସ୍ ହୋଇଯାଇଥିବା ବଲ୍‌ବ ଭଳି। ପ୍ରକୃତିସ୍ଥ ହୋଇ ଚାରିଦିଗ ଅଣ୍ଡାଳିଲା ବେଳକୁ ଧୀରେନ୍ ୟୁନିଭର୍ସିଟିର ଝାଉଁବଣ ଚୋରା ପବନରେ କୁଆଡ଼େ ମିଶି ସାରିଥିଲା।

ମୋ: ୯୪୩୯୭୧୧୭୧୩

# ଭାବନା ପ୍ରକାଶରେ ଭାଷା ମୋର ପ୍ରତିବନ୍ଧକ ନୁହେଁ

ସୃଜନ–ଆଳାପ



ପ୍ରଦୀପ ବିଶ୍ୱାଳ

ପ୍ରଦୀପ ବିଶ୍ୱାଳଙ୍କ ଜନ୍ମ ୬ ମେ ୧୯୬୦ରେ, ଯାଜପୁର ଜିଲାର ରାଛିପୁରରେ। ଭାରତୀୟ ପ୍ରଶାସନିକ ସେବାରୁ ମେ ୨୦୨୦ରେ ଅବସର ନେଇଥିବା ଦ୍ୱିଭାଷୀ କବି ବିଶ୍ୱାଳଙ୍କର ଏଯାବତ୍ ଓଡ଼ିଆରେ ପ୍ରକାଶିତ ୬ଟି କବିତାଗ୍ରନ୍ଥ ଯଥା: 'ଧୂସର ଧ୍ରୁପଦୀ' (୧୯୯୧), 'ଭୂମିସ୍ପର୍ଶ' (୧୯୯୪), 'ଶେଷ ଲୋକ' (୨୦୦୨), 'ପ୍ରେମ କବିତା' (୨୦୦୭), 'ଫେରିବା ବାଟରେ' (୨୦୧୦) ଓ 'ସଚିତ୍ର ସମୟ' (୨୦୧୯) ଏବଂ ଇଂଲିଶ୍‌ରେ ପ୍ରକାଶିତ ୨ଟି କାବ୍ୟଗ୍ରନ୍ଥ ଯଥା: 'A House Within' (2018) ଓ 'Pilgrimage to Ayodhya' (2019)। କବିତା ପାଇଁ 'ଗୋକର୍ଣ୍ଣିକା' ଓ 'ଶିଳାଲିପି' ପୁରସ୍କାରରେ ପୁରସ୍କୃତ। କବିଙ୍କୁ ଭେଟି ଏଇ 'ସୃଜନ-ଆଳାପ'ଟି ପ୍ରସ୍ତୁତ କରିଛନ୍ତି ସୁଲେଖିକା ଚିନ୍ମୟୀ ପଣ୍ଡା।

**ପ୍ର:** କବିତା ସହ ଆପଣଙ୍କ ସମ୍ପର୍କ କେବେଠାରୁ ?

**ଉ:** ପିଲାଟିବେଳୁ କବିତା ସହ ମୋର ସମ୍ପର୍କ। ହାଇସ୍କୁଲ୍‌ରେ ପଢ଼ିଲାବେଳକୁ ଜଣେ କବି ଭାବେ ମୋର ପରିଚିତି ସୃଷ୍ଟି ହୋଇଥିଲା। କଲେଜରେ ପଢ଼ିଲାବେଳକୁ କଟକ ଆକାଶବାଣୀର ଯୁବବାଣୀ କାର୍ଯ୍ୟକ୍ରମରେ ମୋ' କବିତା ପ୍ରସାରିତ ହୋଇଥିଲା ଏବଂ ସ୍ଥାନୀୟ ପତ୍ରପତ୍ରିକାରେ ମଧ୍ୟ ପ୍ରକାଶିତ ହେଉଥିଲା। ୧୯୭୯ରେ ବାଣୀବିହାରରେ ପାଦ ଦେବା ପରେ ଏହାର ପରିସର ବଢ଼ିଲା।

**ପ୍ର:** ସାଂପ୍ରତିକ ସମୟରେ କବିତାର ଭୂମିକା କ'ଣ ହେବା ଉଚିତ ବୋଲି ଆପଣ ମନେକରନ୍ତି ?

**ଉ:** କବିତାର ପ୍ରାସଙ୍ଗିକତା ଜୀବନ ପାଇଁ ଓ ସମାଜ ପାଇଁ ସବୁବେଳେ ରହିଆସିଛି। କବିତା ଜୀବନର ବିଭିନ୍ନ ଭାବକୁ ପରିପ୍ରକାଶ କରେ ନାନ୍ଦନିକ ଭାବେ। ଅଧିକନ୍ତୁ ସମାଜର ବିଭିନ୍ନ ବ୍ୟବସ୍ଥାଗତ ତ୍ରୁଟି ଓ ଋଗ୍‌ଣତା ବିରୁଦ୍ଧରେ କବିତା ତା'ର ପ୍ରତିବାଦୀ ସ୍ୱରକୁ ଶାଣିତ ଭାବେ ଉପସ୍ଥାପନ କରିବାର କ୍ଷମତା ରଖେ। ଜଣେ କବି ଭାବେ କବିତାଠାରୁ ମୁଁ ଏହା ଆଶା କରେ।

**ପ୍ର:** 'ସଚିତ୍ର ସମୟ' ଆପଣଙ୍କର ସଦ୍ୟତମ କବିତା ସଂକଳନ। ଏଥିରେ ଥିବା ଅନେକ କବିତା ଖୁବ୍ ବାସ୍ତବବାଦୀ। ତେବେ ତା' ଭିତରୁ କେଉଁଟିକୁ ଆପଣ ଆପଣଙ୍କର ପ୍ରିୟ କବିତା କହିବେ ?

**ଉ:** ଏଥିରେ ସନ୍ନିବିଷ୍ଟ 'ପୁଅ ପ୍ରତି' କବିତାଟି ମୋର ଅନ୍ୟତମ ପ୍ରିୟ କବିତା, ଯାହା ମୋର ମାନସିକ ଅନଗ୍ରସର ପୁଅ ତଥା ମୋ' ନିଜର ଅସହାୟତାକୁ ନେଇ ଲେଖାଯାଇଛି। ଏହି କବିତାଟିର ନାଟ୍ୟରୂପ ରବୀନ୍ଦ୍ରମଣ୍ଡପରେ ଅଭିନୀତ ହୋଇଥିଲା। ଏ କବିତାଟିକୁ ମୁଁ ଯେତେଥର ପଢ଼ିଛି ମୋ' ଆଖିକୁ ଲୁହ ଆସିଯାଇଛି। ଅନେକ ପାଠିକାପାଠକ ମଧ୍ୟ କବିତାଟିରୁ ସମାନ ଅନୁଭୂତି ପାଇଥିବା କହିଛନ୍ତି।

**ପ୍ର:** ଆପଣ ଜଣେ ଦ୍ୱିଭାଷୀ କବି। ଇଂଲିଶ୍ ଓ ଓଡ଼ିଆ ଭାଷାରେ କବିତା ଲେଖନ୍ତି। ତେବେ କେଉଁ ଭାଷାରେ ଆପଣ ସ୍ୱଚ୍ଛନ୍ଦ ଭାବରେ ନିଜକୁ ବ୍ୟକ୍ତ କରିପାରନ୍ତି ?

**ଉ:** ମୂଳତଃ ମୁଁ ଓଡ଼ିଆରେ କବିତା ଲେଖେ। ବେଳେବେଳେ ଇଂଲିଶ୍‌ରେ ଲେଖେ। ଉଭୟ ଭାଷାରେ ଯେତେବେଳେ ଯେଉଁ ଭାବରେ କବିତା ଆସେ, ମୁଁ ସ୍ୱଚ୍ଛନ୍ଦରେ ଲେଖିପାରେ। ଭାଷା ମୋର ଭାବନାକୁ ପ୍ରକାଶ କରିବା କ୍ଷେତ୍ରରେ କେବେ ପ୍ରତିବନ୍ଧକ ହୋଇନାହିଁ। ଇଂଲିଶ୍‌ରେ ପ୍ରକାଶିତ ମୋର ଦୁଇଟି ସଂକଳନ "A House within" ଓ "Prilgrimage to Ayodhya" ଜାତୀୟ ସ୍ତରରେ ଆଦୃତି ଲାଭ କରିଛି।

**ପ୍ର:** ସାମାଜିକ ଗଣମାଧ୍ୟମର ବ୍ୟାପକତା ଏବେ କବିତା ପାଇଁ କିଛି ସମସ୍ୟା ସୃଷ୍ଟି କରୁଛି ବୋଲି ଆପଣଙ୍କର ହୃଦ୍‌ବୋଧ ହୁଏ କି ?

**ଉ:** ସାମାଜିକ ଗଣମାଧ୍ୟମ କବିତା ରଚନା ଓ ପ୍ରସାରଣ କ୍ଷେତ୍ରରେ ଏକ ଭଲ ମାଧ୍ୟମ ହୋଇପାରିଛି। ଏହା ଯୁବ ଲେଖକମାନଙ୍କର ଏକ ସହଜ ମଞ୍ଚ। ସମସ୍ୟା ହେଉଛି, ଯେ ଯାହା ଚାହୁଁଛି ଲେଖୁଛି ଓ ପ୍ରକାଶ କରୁଛି। ଅନେକ ସମୟରେ କବିତାର ମାନରକ୍ଷା ହୋଇ ପାରୁନି। କବିତା ଏବେ ଏକ ଗଣତାନ୍ତ୍ରିକ ବିଡ଼ମ୍ବନାର ଶିକାର। ଏହାର ପରିଣତି ଭବିଷ୍ୟ କହିବ।

**ପ୍ର:** ଓଡ଼ିଆ କବିତାର ଭବିଷ୍ୟତ ତଥା ତରୁଣ ପିଢ଼ିର କବିଙ୍କ ସଂପର୍କରେ କ'ଣ କହିବେ ?

**ଉ:** ଓଡ଼ିଆ କବିତାର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ। ଯେ କୌଣସି ପ୍ରାନ୍ତୀୟ ଭାଷାରେ ତଥା ହିନ୍ଦୀ ଓ ଇଂଲିଶ୍‌ରେ ଲେଖା ଯାଉଥିବା ସମସାମୟିକ କବିତା ସହ ଏହା ସମକକ୍ଷ। ଆମ ତରୁଣ କବିମାନେ ପ୍ରତିଭାବାନ୍। ଓଡ଼ିଆ କବିତାକୁ ଏକ ନୂତନ ଉଚ୍ଚତା ନେଇଯିବାର କ୍ଷମତା ସେମାନଙ୍କ ଭିତରୁ ବେଶ୍ କେତେକଙ୍କର ରହିଛି। ସେମାନଙ୍କୁ ମୋର ଏକମାତ୍ର ପରାମର୍ଶ ରହିବଯେ ସେମାନେ ଜାତୀୟ ଓ ଅନ୍ତର୍ଜାତୀୟ କବିତା ସହ ସଂପର୍କ ରଖିବା ସହ ପୂର୍ବଜମାନଙ୍କର କାଳଜୟୀ ସୃଷ୍ଟି ସଙ୍ଗେ ନିଜକୁ ପରିଚିତ କରାନ୍ତୁ ଏବଂ ନିଜ ଦୃଷ୍ଟିର ଦିଗ୍‌ବଳୟକୁ ଆହୁରି ପ୍ରଶସ୍ତ କରନ୍ତୁ।

ମୋ: ୯୪୩୭୧୭୧୫୮୫

# ଚାଷୀଙ୍କ ନିକଟତର ହୁଅ: କୃଷିମନ୍ତ୍ରୀ

**କୃଷି ଉତ୍ପାଦନରେ ଓଡ଼ିଶାକୁ ବଳକା ରାଜ୍ୟରେ ପରିଣତ କରିବାକୁ ଗୁରୁତ୍ୱ**

ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

ଚାଷୀ ଏବଂ ଚାଷର ଉନ୍ନତି ଲାଗି ରାଜ୍ୟ ସରକାର ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଚାଷୀଙ୍କ ନିକଟତର ହୋଇ ସେମାନଙ୍କୁ ଉନ୍ନତ ଜ୍ଞାନ କୌଶଳ ସମ୍ପର୍କରେ ସଚେତନ କରିବାକୁ ପଡ଼ିବ। ଫଳରେ କୃଷକ ଏହାର ଲାଭ ପାଇପାରିବେ। ତୃଣମୂଳସ୍ତରରେ କାମ କରୁଥିବା ଗ୍ରାମ୍ୟ କୃଷିକର୍ମୀମାନେ ଏ ଦିଗରେ ଅଧିକ ତତ୍ପରତା ଦେଖାଇବା ଜରୁରୀ ବୋଲି କହିଛନ୍ତି କୃଷିମନ୍ତ୍ରୀ ଅରୁଣ କୁମାର ସାହୁ। ବୁଧବାର କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧୀନରେ ଥିବା ଜିଲାଗୁଡ଼ିକରେ କାର୍ଯ୍ୟରତ ଗ୍ରାମ୍ୟ କୃଷିକର୍ମୀ ଦକ୍ଷତା ବିକାଶ ନିମନ୍ତେ ଆୟୋଜିତ ଏକ ଭର୍ଚୁଆଲ ବୈଠକରେ ଯୋଗ ଦେଇ ମନ୍ତ୍ରୀ ଏପରି ଆହ୍ୱାନ ଦେଇଥିଲେ। ମନ୍ତ୍ରୀ ସାହୁ ଆହୁରି ମଧ୍ୟ କହିଲେ, ରାଜ୍ୟରେ ଖାଦ୍ୟଶସ୍ୟ, ମାଛ, ମାଂସ, ଅଣ୍ଡା, ଦୁଗ୍ଧ ଉତ୍ପାଦନରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି। ରାଜ୍ୟ ସରକାର ସର୍ବଦା କୃଷିକ୍ଷେତ୍ରକୁ ପ୍ରାଥମିକତା ଦେଇ ଆସୁଥିବା ବେଳେ ସାମ୍ପ୍ରତିକ ସ୍ଥିତି, ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି କୃଷି ନୀତି-୨୦୨୦ 'ସମୃଦ୍ଧି' ପ୍ରଣୟନ କରିଛନ୍ତି। ରାଜ୍ୟକୁ ଖାଦ୍ୟଶସ୍ୟ ଉତ୍ପାଦନରେ ବଳକା ରାଜ୍ୟରେ ପରିଣତ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏଥିସହ କୃଷି ଯୋଜନା ଓ ମାର୍ଗଦର୍ଶିକା ସମ୍ପର୍କିତ ପୁସ୍ତିକା ପ୍ରସ୍ତୁତ, କାର୍ଯ୍ୟକ୍ଷେତ୍ରରେ '୫ଟି' ଓ 'ମୋ ସରକାର'କୁ କଡାକଡ଼ିଭାବେ ଅନୁପାଳନ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ କହିଲେ, ଚାଷୀଙ୍କ ସମସ୍ୟା ସମାଧାନ ଲାଗି ପଞ୍ଚାୟତ ଓ ବ୍ଲକସ୍ତରରେ ନିୟମିତ ବୈଠକ ଅନୁଷ୍ଠିତ ହେଉଛି। ଟୋଲ ଫ୍ରି ମୋବାଇଲ ସେବା 'ଆମ କୃଷି' ମାଧ୍ୟମରେ ଚାଷୀଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଉଛି। ଏଥିରେ ପ୍ରାୟ ୧୦ ଲକ୍ଷ ଚାଷୀ ସାମିଲ ହୋଇଥିବା ସେ ସୂଚନା ଦେଇଥିଲେ। ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପୃଥ୍ୱୀ କୁମାର ଗ୍ରାମ୍ୟ କୃଷି କର୍ମୀଙ୍କ ଦକ୍ଷତା ବିକାଶ ନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

# ବଢୁଛି ଖାଦ୍ୟ ଅପମିଶ୍ରଣ

- ■ ନିରାପଦ ଖାଦ୍ୟ ସୂଚକାଙ୍କରେ ୧୩ ତମ ସ୍ଥାନକୁ ଓଡ଼ିଶା ଉନ୍ନୀତ
- ■ ପାଠ୍ୟକ୍ରମରେ ସାମିଲ ହେବ ଖାଦ୍ୟ ନିରାପତ୍ତା
- ■ ସଚେତନତା ବୃଦ୍ଧି ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ
- ■ ୨୦୧୯-୨୦ରେ ୭.୭୦ କୋଟି ରାଜସ୍ୱ ଆଦାୟ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ରାଜ୍ୟରେ ଖାଦ୍ୟ ପଦାର୍ଥରେ ଅପମିଶ୍ରଣର ମାତ୍ରା ବଢ଼ିଚାଲିଛି। ୨୦୧୮-୧୯ରେ ୧,୯୨୬ ଖାଦ୍ୟ ନମୁନା ସଂଗ୍ରହ କରାଯାଇଥିବାବେଳେ ୨୦୧୯-୨୦ବର୍ଷରେ ଏହା ୨,୯୦୨କୁ ବୃଦ୍ଧି ପାଇଛି। ଏହି ୨୯୦୨ ଖାଦ୍ୟ ନମୁନା ମଧ୍ୟରୁ ୫୯୬ ଅପମିଶ୍ରଣ ବା ନକଲି ଜଣାପଡ଼ିବାପରେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗତ ୪ବର୍ଷ ମଧ୍ୟରେ ଖାଦ୍ୟ ଅପମିଶ୍ରଣକାରୀଙ୍କ ବିରୋଧରେ ୫୮ଟି ଫୌଜଦାରୀ ଏବଂ ୧୬୫ଟି ଦେୱାନୀ ମାମଲା ରୁଜୁ କରାଯାଇଛି ଏହାଛଡ଼ା ଜରିମାନା ବାବଦରେ ୪.୨୪ ଲକ୍ଷ ଟଙ୍କା ଆଦାୟ ହୋଇଛି। ବୁଧବାର ଲୋକସେବା ଭବନଠାରେ ମୁଖ୍ୟଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ନିରାପଦ ଖାଦ୍ୟ ପରାମର୍ଶଦାତା ବୈଠକରୁ ଏହା ଜଣାପଡ଼ିଛି। ନିରାପଦ ଖାଦ୍ୟ ସମ୍ବନ୍ଧିତ ବିଷୟକୁ ଏବେଠାରୁ ପାଠ୍ୟ ଖସଡ଼ାରେ ସାମିଲ କରାଯିବ। ଫଳରେ ପିଲାମାନେ ଖାଦ୍ୟ ଅପମିଶ୍ରଣ ବିଷୟରେ ସଚେତନ ହୋଇପାରିବେ। ଏଥିସହିତ କୃଷି ଓ କୃଷକ ସଶକ୍ତୀକରଣ, ଜଳସମ୍ପଦ ବିଭାଗ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଥିବା ପରୀକ୍ଷାଗାରରେ ଖାଦ୍ୟ ନମୁନା ପରୀକ୍ଷା ବ୍ୟବସ୍ଥା କରାଯିବ। ଏକ ବୈଷୟିକ କମିଟି ମାଧ୍ୟମରେ ଆବଶ୍ୟକ ସରଞ୍ଜାମ ଓ ଆନୁଷଙ୍ଗିକ ବ୍ୟବସ୍ଥାର ଅନୁଧ୍ୟାନ କରିବା ନିମନ୍ତେ ମୁଖ୍ୟଶାସନ ସଚିବ ଅସିତ୍ ତ୍ରିପାଠୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ନିରାପଦ ଖାଦ୍ୟ ସୂଚକାଙ୍କ( ଫୁଡ୍ ସେଫ୍ଟି ଇଣ୍ଡେକ୍ସ)ରେ ଓଡ଼ିଶା ୨୦୧୯-୨୦ରେ ୧୩ତମ ସ୍ଥାନକୁ ଉନ୍ନୀତ ହୋଇଛି। ୨୦୧୮-୧୯ ସୂଚକାଙ୍କରେ ଓଡ଼ିଶାର ସ୍ଥାନ ୨୬ ଥିଲା। ନିରାପଦ ଖାଦ୍ୟ କାର୍ଯ୍ୟକ୍ରମର ସମୀକ୍ଷା କରି ଖାଦ୍ୟ ବ୍ୟବସାୟୀ ଏବଂ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ମଧ୍ୟ କୁହାଯାଇଛି। ବିଭିନ୍ନ ସହର, ଶିଳ୍ପାଞ୍ଚଳ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ କେନ୍ଦ୍ରଗୁଡ଼ିକରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ବୃଦ୍ଧିରୁ ନିରାପଦ ଖାଦ୍ୟ ସାଧାରଣ ସ୍ୱାସ୍ଥ୍ୟ ନିମନ୍ତେ ଅଧିକ ଗୁରୁତ୍ୱପୂର୍ଣ୍ଣ। ଖାଦ୍ୟ ଅପମିଶ୍ରଣ ବିରୁଦ୍ଧ କାର୍ଯ୍ୟକ୍ରମକୁ ଏକ ମୁଖ୍ୟ କାର୍ଯ୍ୟ ଭାବେ ବିଚାର କରିବାକୁ ମୁଖ୍ୟ ଶାସନ ସଚିବ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷେତ୍ରସ୍ତରୀୟ ଯାଞ୍ଚ ଏବଂ ପରିଦର୍ଶନ କାର୍ଯ୍ୟକୁ ଅଧିକ ବ୍ୟାପକ କରିବା ନିମନ୍ତେ ମଧ୍ୟ ଖାଦ୍ୟ ନିରାପତ୍ତା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଇଡ୍କୋ ଶିଳ୍ପାଞ୍ଚଳଗୁଡ଼ିକରେ ଗଢ଼ିଉଠୁଥିବା ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପାନୁଷ୍ଠାନଗୁଡ଼ିକ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିମଳ ମାନକ ନିର୍ଦ୍ଧାରଣ କରିବା ଲାଗି ଇଡ୍କୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂ କହିଛନ୍ତି। ଫୁଡ୍ ସେଫ୍ଟି କମିଶନର ଯାମିନୀ ଷଡ଼ଙ୍ଗୀ କହିଥିଲେ, ଅଧିକ ବିପଦ ଆଶଙ୍କା ଥିବା ଖାଦ୍ୟଦ୍ରବ୍ୟଗୁଡ଼ିକର ଯାଞ୍ଚ ପାଇଁ ମୋବାଇଲ୍ ଆପ୍ କୌଶଳ ପ୍ରୟୋଗ କ୍ଷେତ୍ରରେ ଓଡ଼ିଶା ଜାତୀୟସ୍ତରରେ ୫ମ ସ୍ଥାନ ହାସଲ କରିଛି। ଇତିମଧ୍ୟରେ ରାଜ୍ୟର ଖାଦ୍ୟ ଯାଞ୍ଚ ପରୀକ୍ଷାଗାର ଭାରତୀୟ ଫୁଡ୍ ସେଫ୍ଟି ଷ୍ଟାଣ୍ଡାର୍ଡ କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ହାସଲ କରିଛି। ଖାଦ୍ୟ ବ୍ୟବସାୟୀମାନଙ୍କ ପଞ୍ଜୀକରଣ ଏବଂ ଲାଇସେନ୍ସ ବ୍ୟବସ୍ଥାକୁ ଅନ୍‌ଲାଇନ୍ କରାଯାଇଛି। ଏହା ଫଳରେ ଉଭୟ ପଞ୍ଜୀକରଣ ସଂଖ୍ୟା ଓ ରାଜସ୍ୱ ସଂଗ୍ରହରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ସମୁଦାୟ ୨.୧୮ କୋଟି ରାଜସ୍ୱ ସଂଗ୍ରହ ହୋଇଥିଲା। ୨୦୧୯-୨୦ବର୍ଷରେ ଏହା ସରଦା ୮୨ ଭାଗ ବୃଦ୍ଧି ପାଇ ପ୍ରାୟ ୭.୭୦ କୋଟି ଟଙ୍କାରେ ପହଞ୍ଚିଛି। ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶକ ପ୍ରଦୀପ କୁମାର ମହାପାତ୍ର କହିଥିଲେ, ଯାତ୍ରା, ମେଳା ଓ ମହୋତ୍ସବରେ ଖାଦ୍ୟ ମାନ ଯାଞ୍ଚ ନିମନ୍ତେ 'ଚଳନ୍ତି (ମୋବାଇଲ)ପରୀକ୍ଷାଗାର' ବ୍ୟବସ୍ଥା କରାଯାଇଛି। ଏବେ ସୁଦ୍ଧା ଏହି ପରୀକ୍ଷାଗାର ମାଧ୍ୟମରେ ୧୬୭୮ଟି ଖାଦ୍ୟ ନମୁନା ପରୀକ୍ଷା କରାଯାଇଛି। ଭୁବନେଶ୍ୱରରେ ରାସ୍ତାପାର୍ଶ୍ୱ ଖାଦ୍ୟ ପରିଯୋଜନାରେ ୩୦ ଜଣ ଖାଦ୍ୟ ବ୍ୟବସାୟୀ ପଞ୍ଜୀକରଣ କରିଛନ୍ତି ଏବଂ ଏମାନଙ୍କୁ ତାଲିମ ଦିଆଯାଉଛି। ଏହି ଆଲୋଚନାରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ରାଜ କୁମାର ଶର୍ମା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବଙ୍କ ସମେତ ପରାମର୍ଶଦାତା ବୋର୍ଡର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

# ରାସ୍ତାରୁ ପାଇଥିବା ୩୦ ହଜାର ଫେରାଇଲେ ବୃଦ୍ଧା



ଗୋପ,୧୬।୧୨(ଡି.ଏନ୍.ଏ.)

ରାସ୍ତାରେ ପଡ଼ିଥିବା ଏକ ଟଙ୍କା ଭର୍ତ୍ତି ମନିପର୍ସ ପାଇବା ପରେ ଗୋପ ବ୍ଲକ ଖୋଳପୁର ଗ୍ରାମର ଗୀତାଞ୍ଜଳି ସ୍ୱାଇଁ ହଜିଥିବା ପୁରୀ ଚନ୍ଦନପୁର ଅଞ୍ଚଳର ବିଜୟ କୁମାର ଗୋଲ୍ଛାଇତଙ୍କୁ ଫେରାଇଛନ୍ତି। ସୂଚନା ଥାଉ କି, ମଙ୍ଗଳବାର ପୂର୍ବାହ୍ନରେ ଚନ୍ଦନପୁରର ବିଜୟ କୌଣସି କାମରେ ତାରିଣୀ ଯାଉଥିଲେ। ତାଙ୍କୁ ଭୋକ ହେବାରୁ ଗୋପ ବିଦ୍ୟୁତ ଅଫିସ ନିକଟରେ ଏକ ଜଳଖିଆ ଦୋକାନରେ ଖାଇଥିଲେ। ଖାଇ ସାରି ମନିପର୍ସରୁ ଟଙ୍କା ଦେଇ ଫେରିବାବେଳେ ଅଜାଣତରେ ମନିପର୍ସଟି ପଡ଼ିଯାଇଥିଲା। ସେହି ରାସ୍ତା ଦେଇ ଖୋଳପୁର ଗ୍ରାମର ୫୦ ବର୍ଷୀୟା ବୃଦ୍ଧା ଗୀତାଞ୍ଜଳି ଏହି ଟଙ୍କା ଥିବା ମନିପର୍ସଟି ପାଇଥିଲେ। ପରେ ବୃଦ୍ଧା ଏହି ଟଙ୍କା ପାଇବା ସମ୍ପର୍କରେ ପଚାରିବାରେ ସେଠାରେ ଉପସ୍ଥିତ ସାଧାରଣ ଲୋକେ ମନିପର୍ସ ଖୋଲି ଦେଖିବାରେ ଚନ୍ଦନପୁର ଅଞ୍ଚଳର ଚିହ୍ନଟ ଥିବା ସହ ଟେଲିଫୋନ ନମ୍ବର ପାଇଥିଲେ। ସେହି ଟେଲିଫୋନ ନମ୍ବରରେ ଫୋନ କରାଯିବାରୁ ବିଜୟ ଗୋପ ବିଦ୍ୟୁତ ଅଫିସ ନିକଟରେ ଥିବା କହିଥିଲେ। ପରେ ହୋଟେଲ ନିକଟକୁ ଆସିବାରୁ ବୃଦ୍ଧା ଜଣଙ୍କ ପାଇଥିବା ମନିପର୍ସ ଟିକୁ ଫେରାଇ ଥିଲେ। ଏହି ମନିପର୍ସରେ ୩୦ ହଜାର ଟଙ୍କା ସହ କେତେକ ଦରକାରୀ କାଗଜପତ୍ର ଥିଲା। ଯୁବକ ଜଣଙ୍କ ଖୁସିରେ ମିଠା ଖାଇବା ଲାଗି ବୃଦ୍ଧାଙ୍କୁ ୫ ଶହ ଟଙ୍କା ଦେଇଥିଲେ।

# ଫେସ୍‌ବୁକ୍, ଟୁଇଟରରେ ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବେ ଚାଷୀ

**ଖରିଫ୍ ଧାନ ସଂଗ୍ରହ ସମସ୍ୟା ସମାଧାନ ପାଇଁ ପଦକ୍ଷେପ**

ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

ଚଳିତ ଖରିଫ୍ ଧାନ ସଂଗ୍ରହକୁ ଅଧିକ ସୁବ୍ୟବସ୍ଥିତ କରାଯିବ। ଏକ୍ଷେତ୍ରରେ ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ହେବ। ଏଥିପାଇଁ ଚାଷୀମାନେ ଫେସ୍‌ବୁକ୍ ଓ ଟୁଇଟର ଜରିଆରେ ମନ୍ତ୍ରୀଙ୍କୁ ସିଧାସଳଖ ଅବଗତ କରାଇବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଧାନ ସଂଗ୍ରହଜନିତ ସମସ୍ୟା ନେଇ ଚାଷୀଙ୍କ ପ୍ରଶ୍ନର ଲାଇଭ୍ ଉତ୍ତର ରଖିବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଆସନ୍ତା ୧୯ ତାରିଖ ସୁଦ୍ଧା ଚାଷୀ/ପ୍ୟାକ୍ସ/ଲ୍ୟାମ୍ପସ/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଏଥିରେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଧାନ ସଂଗ୍ରହ ସମ୍ପର୍କରେ ସେମାନଙ୍କ ପ୍ରଶ୍ନ ମନ୍ତ୍ରୀଙ୍କୁ ପଚାରି ପାରିବେ। ମନ୍ତ୍ରୀଙ୍କ ଟୁଇଟର #AskOdisha-FoodMinister ଏବଂ ଫେସ୍‌ବୁକ୍ ପେଜ୍ https://www.facebook.com/Ranedra Pratap Swain ବ୍ୟବହାର କରି ଏହି ପ୍ରଶ୍ନ ପଚାରିପାରିବେ । ମନ୍ତ୍ରୀଙ୍କ ପ୍ରଶ୍ନୋତ୍ତର ଅଧିବେଶନ ୨୨ ତାରିଖ ଅପରାହ୍ନ ୩ଟାରୁ ୪ଟା ମଧ୍ୟରେ ଫେସ୍‌ବୁକ୍ ଓ ୟୁଟ୍ୟୁବ୍‌ରେ ସିଧା ପ୍ରସାରଣ ହେବ। ଜନସାଧାରଣ ୟୁଟ୍ୟୁବ୍ ଲିଙ୍କ୍ (http://www.youtube.com/c/rajaswain) ଜରିଆରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିପାରିବେ। ଧାନ ସଂଗ୍ରହ କାର୍ଯ୍ୟକୁ ଅଧିକ ପାରଦର୍ଶୀ ଓ ସ୍ୱଚ୍ଛ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତ୍ତିତ 'ମୋ ସରକାର' ଓ ୫-'ଟି' ଆଧାରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସୂଚନାଯୋଗ୍ୟ, ମନ୍ତ୍ରୀ ନିୟମିତ ତାଙ୍କର ଫେସ୍‌ବୁକ୍ ଏବଂ ଟୁଇଟର ଜରିଆରେ ବିଭିନ୍ନ ଅଞ୍ଚଳର ଚାଷୀ ଓ ଖାଉଟିଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହିତ ଏହାର ଆଶୁ ସମାଧାନ ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଏହି ପ୍ରଶ୍ନୋତ୍ତର ଅଧିବେଶନରେ ଚାଷୀଭାଇମାନେ ଯୋଗଦାନ କରି ଚଳିତ ଖରିଫ ଧାନକିଣା ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ପାଇବା ନିମନ୍ତେ ମନ୍ତ୍ରୀ ଅନୁରୋଧ କରିଛନ୍ତି।

# ସତ୍ୟପାଠ ଦାଖଲ କଲେ କ୍ରାଇମବ୍ରାଞ୍ଚ ଏଡିଜି

**■ ଇନ୍‌ଫୋସିଟି ନାବାଳିକା ବଳାତ୍କାର ମାମଲା**

କଟକ ଅଫିସ, ୧୬।୧୨: ଭୁବନେଶ୍ୱର ଇନ୍‌ଫୋସିଟି ଅଞ୍ଚଳର ନାବାଳିକା ବଳାତ୍କାର ମାମଲାରେ ବୁଧବାର ହାଇକୋର୍ଟରେ କ୍ରାଇମବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସତ୍ୟପାଠ ମାଧ୍ୟମରେ ଷ୍ଟାଟସ ରିପୋର୍ଟ ଦାଖଲ କରିଛନ୍ତି। ରିପୋର୍ଟରେ ୪ଜଣଙ୍କୁ ଗିରଫ କରାଯାଇଥିବା ଦର୍ଶାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଓଟିଭିର କର୍ମଚାରୀ ଅନିରୁଦ୍ଧ ପଣ୍ଡା, କୃଷ୍ଣ ବେହେରା ଏବଂ ୨ଜଣ ସୁରକ୍ଷାକର୍ମୀ ରହିଛନ୍ତି। ମୁଖ୍ୟବିଚାରପତି ମହମ୍ମଦ ରଫିକ ଏବଂ ବିଚାରପତି ବି.ଆର୍.ଷଡ଼ଙ୍ଗୀଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୧୩ତାରିଖରେ ହେବ। ସୂଚନାଯୋଗ୍ୟ, ଏହି ମାମଲାକୁ ୪ ମାସ ବିତି ଯାଇଥିବାବେଳେ ତଦନ୍ତ ବିଳମ୍ବ ହେବା ନେଇ ପୂର୍ବ ଶୁଣାଣିରେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ହାଇକୋର୍ଟଙ୍କ ତାଗିଦ୍ ପରେ କ୍ରାଇମବ୍ରାଞ୍ଚ ଅଧିକ ତତ୍ପର ହୋଇଉଠିଥିଲା। ତଦନ୍ତକୁ ତ୍ୱରାନ୍ୱିତ କରିବାସହ ୪ ଜଣଙ୍କୁ ଗିରଫ କରିଥିଲା।


## DIRECTORATE GENERAL FIRE SERVICES, HOME GUARDS & CIVIL DEFENCE, ODISHA

**TENDER CALL NOTICE NO.-2/2020-21.**

1. Sealed tenders are invited from the original equipment manufacturer (OEM) or their authorized agent/ dealer for purchase of different types of equipment and vehicle during 2020-21. The details of equipments with requirement are as follows.

| Sl No. | Name of the item | Approximate Quantity |
|---|---|---|
| 1 | Advance Rescue Tender | 01 No. |
| 2 | Mechanical Power Saws. | --- |
| | i) Mechanical Power Saws (Bar Length- 36") | 100 Nos |
| | ii) Mechanical Power Saws (Bar Length- 24") | 200 Nos |
| 3 | Fireman Helmet Fitted With Head Lamp | 1700 Nos |
| 4 | Safety Gloves (Medan) | 1700 Prs |

2. Sale of tender document w. e. f. dt.17-12-2020.
3. Last date for sale of tender document dt.06-01-2021, 5.30 P.M.
4. Last date for receipt of tender document dt.06-01-2021, 5.30 P.M.
5. Date for opening of tenders/Technical Bids dt.07-01-2021, 11.30 AM. onwards.
6. The tender document with detail technical specification, condition may be seen from the state website www.odisha.gov.in and Odisha Fire Service website www.odishafshgscd.gov.in. The tender document may be obtained by depositing ₹500/- (Rupees five hundred) only between 11.00 A.M. to 5.30 P.M. on each working day from 17.12.2020 to 06.01.2021.
7. Address:
Directorate General of F.S, H.Gs & C.D,
At-3rd Floor of Vigilance Directorate, Nuapatna, Cuttack, Pin-753001
FAX-0671-2300201/ 2303387.

Sd./- I.G. of Police, Fire Service, Home Guards & Civil Defence, Odisha, Cuttack

No. D-124 OIPR-12006/11/0004/2021

GOVT. OF ODISHA No. O-744

## OFFICE OF THE SUPERINTENDING ENGINEER RURAL WORKS CIRCLE, SUNDARGARH

E-mail ID: serw_sundargarh@gmail.com

Bid Identification No. Online- PMGSY/RWSESNG-03 of 2020-21

No. 2464 Date: 15.12.2020

1. Name of the Work : Construction of Road & CD works under PMGSY Programme
2. Total No. of Packages : 2 Nos. individual packages
3. Estiamted Cost of individual packages : Varies from Rs.131.83 lakh to Rs.149.73 lakh
4. Period of Completion : 12 calendar months for works above Rs.5.00 Cr. & 11 calendar months for works below Rs.5.00 Cr. upto Rs.3.00 Cr. and 9 calendar months for works below Rs.3.00 Cr. as specified in DTCN.
5. Other details :

| Procurement Officer | Bid Identification No. | No. of Pacakges | Availability of tender Online for Bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, Rural Works Circle, Sundargarh | PMGSY/ RWSESNG - 03 of 2020-21 | 2 Nos. | 18.12.2020 at 11.00 A.M. | 07.01.2021 upto 5.00 P.M. |

- Further details can be seen from the website: www.pmgsytenders.gov.in.

Superintending Engineer
Rural Works Circle, Sundargarh
OIPR-25133/11/0012/2021

## OFFICE OF THE SR. GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA

OHPC

DIST.: KALAHANDI - 766026, Ph. No. 7328840415, E-mail: sgmel_uihep@ohpcltd.com

## ODISHA HYDRO POWER CORPORATION LTD.

(A GOVERNMENT OF ODISHA UNDERTAKING)

Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER**

No. CAD-916: Separate sealed tenders are invited for the following 02 (Two) separate groups of procurements in two parts i.e. (i) Techno Commercial Bid & (ii) Price bid in a separate sealed envelope for each group of procurement from the reputed manufacturers/authorized dealers/channel partners/reputed suppliers for supply of the materials as mentioned below.

| Tender Call Notice No. & Date | Description of Work | Cost of Tender Paper (Non-refundable) in Rs. | EMD in shape of DD/ Banker's Cheque (Refundable) in Rs. | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|---|
| 35/2020-21 Dated 11.12.2020 | Procurement of Rubber and Gasket Materials for UIHEP, Mukhiguda | 2,360/- (Inclusive of GST) | 4,436/- | From 18.12.2020 to 31.12.2020 upto 13.00 hrs. | 31.12.2020 13.00 hrs. | 31.12.2020 16.00 hrs. |
| 36/2020-21 Dated 11.12.2020 | Procurement of Hardware, Chemical & Compound Consumable Materials for UIHEP, Mukhiguda | 2,360/- (Inclusive of GST) | 4,690/- | From 18.12.2020 to 31.12.2020 upto 16.00 hrs. | 31.12.2020 16.00 hrs. | 01.01.2021 12.30 hrs. |

For details of the tender documents, terms and conditions please visit our website www.ohpcltd.com.
Sd./- Unit Head, UIHEP, Mukhiguda
OIPR-32136/11/0031/2021

## GOVERNMENT OF ODISHA OFFICE OF THE SUPERINTENDING ENGINEER, NORTHERN (R&B) CIRCLE, SAMBALPUR

No. B-531:- Mail ID:- sepwdsbp@rediffmail.com

**e-Procurement**

**BID IDENTIFICATION No. SENC (R&B) / 09/2020-21**

No. 4146 Dtd. 07.12.2020

1. The **Superintending Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Building works** as detailed in the DTCN from the eligible class of contractors.
2. No. of works = **06 (Six) (Buildings- 06 Nos.).**
3. Tender Cost: Rs.10,000/-
4. Class of contractor: "**B**" **Class, "A" Class & "Special" Class**
5. Date & Time of available in website & receipt of Bids from **21.12.2020** to **17.00 hours of 05.01.2021.**
6. Date of opening of Technical Bid **06.01.2021 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in

Sd./- (S.N. Acharya), Superintending Engineer
OIPR-34035/11/0010/2021 Northern (R&B) Circle, Sambalpur

## ODISHA LIFT IRRIGATION CORPORATION LTD.

(A Govt. of Odisha Undertaking)

OFFICE OF THE EXECUTIVE ENGINEER, L.I. DIVISION, BALANGIR

E-mail: www.eeolicbgr@rediffmail.com

**"E" Procurement Notice**

BID IDENTIFICATION NO. OLIC-BLGR-06/2020-21, DT.10.12.2020

No. CAD-919: Bids are invited from intending tenderers having valid licence as specified against the work for installation & energisation of new R.L. Projects & revival of defunct R.L. Projects with supply of all materials under Percentage rate contract on turn-key basis.
**1. Name of Works:** Installation & Energisation of River Lift Projects & revivial of defunct R.L. Projects with supply of all materials on Turnkey basis. **2. Total Nos. of Packages:** 39, **3. Approximate Estimated Cost:** Rs.06.77 lakhs to 40.56 lakhs, **4. Class of Contractor:** As mentioned in packages. **5. Period of Completion:** 90 days for all projects from the date of issue of work order. **6. Other details as follows:**

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of opening of tender in the Office of the Executive Engineer, L.I. Division, Balangir |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Balangir | OLIC-BLGR-06/ 2020-21 | 24.12.2020 at 11 hrs. | 05.01.2021 upto 17 hrs. | 04.01.2021 upto 17 hrs. | 07.01.2021 at 11 hrs. |

- Details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above website only.

Sd./- Executive Engineer, L.I. Division, Balangir
OIPR-32154/11/0006/2021

## ODISHA LIFT IRRIGATION CORPORATION LIMITED (A GOVERNMENT OF ODISHA UNDERTAKING) OFFICE OF THE EXECUTIVE ENGINEER LIFT IRRIGATION DIVISION, KENDRAPARA

E-mail- eeolickdp@yahoo.in Tel. No. 06727 220393

**e-Procurement Notice**

**Bid Identificaton No.: 1571/LID.KDP/2020-21, Date 10.12.2020**

1. Name of the O.I.T. : Executive Engineer, Lift Irrigation Division, Kendrapara
2. Name of the Work : Installation and Energisation of 39 Nos. CLIPs on "Turnkey" and percentage rate basis.
3. No. of Packages : 39 Nos.
4. Tender Amount : Varies from 16.73 lakh to 32.34 lakh
5. Date and time of availability of bid documents in the portal for online bidding: From 11.00 hours dt.20.12.2020 to 17.00 hours dt. 29.12.2020
6. Date of seeking clarification : 24.12.2020 up to 17.00 hours
7. Last date and time of receipt of bids in the portal: : Upto 17.00 hours dt.29.12.2020
8. Date of opening of Technical & Financial Bids : 11.00 hours dt. 30.12.2020
9. Further details can be seen from the e-procurement portal of Govt. of Odisha, i.e. www.tenders odisha.gov.in
10. Corrigendum/addendum, if required shall be available in the above portal.

Sd./- Executive Engineer, L.I. Division, Kendrapara
No. CAD-918 OIPR-32147/11/0002/2021

## OFFICE OF THE EXECUTIVE ENGINEER CUTTACK (R&B) DIVISION NO.I, CUTTACK

E-Mail I.D.-eepwdcuttack@gmail.com
Tel./ Fax No.(0671)-2304128

GOVERNMENT OF ODISHA "e" procurement Notice

No.B-525 **e-procurement Notice for Building work**

**Bid Identification No. E.E. CTC(R&B)-17 of 2020-21**

1. Name of the work :- Pilgrim Amenities and Community Centre at Mount House Church, Chandi Chhak, Cuttack such as Construction of Community Hall for the year 2020-21 (Civil & E.I.).
2. Estimated Cost :- Rs.86,59,929/-
3. Period of completion :- 5(Five) calendar Months
4. Date & time of sale & receipt of bid document :- From 18.12.2020 to 5PM of 04.01.2021
5. Last date / time of receipt of bids :- 5 PM of 04.01.2021
6. Date & time of Opening of Bids :- 11AM of 05.01.2021
7. Name and address of the Officer Inviting Bid :- Executive Engineer, Cuttack (R&B) Division No.I, Cuttack

Further details can be seen from the State Govt. portal "https://tendersodisha.gov.in"

Sd./- (Er. P.K. Majhi)
Executive Engineer, Cuttack (R&B) Division No.I
OIPR-34091/11/0008/2021

GOVERNMENT OF ODISHA No. A-377

## DEPARTMENT OF WATER RESOURCES OFFICE OF THE EXECUTIVE ENGINEER, JAGATSINGHPUR IRRIGATION DIVISION

Ph. No. 06724-220038, E-mail: eejspurirr@gmail.com

**"e" Procurement Notice No. JSD-06 of 2020-21**

| | | | | |
|---|---|---|---|---|
| 1 | Name of the Works | : | Sl No. 1: | Construction cross drain road over Disty. No. 10 from Rashmi Hall to Deuligrameswar |
| | | : | Sl. No. 2: | Widening of road, soil conservation work and plantation from Hata Plola to Ankulchandra Ashrama adjacent to Machhagaon Canal embankment in Ward No. 14 of Jagatsinghpur Municipality |
| 2 | Tender Cost (Approx.) | : | Sl. No. 1: Rs.88.21 lakhs & Sl. No. 2: Rs.17.70 lakhs | |
| 3 | Tender Paper Cost | : | Sl. No. 1: Rs.10,000/- & Sl. No. 2: Rs.6,000/- (Online payament) (Non-refundable) | |
| 4 | Bid Security | : | Sl. No. 1: Rs.88,300/- & Sl. No. 2: Rs.17,700/- (Online Payament) | |
| 5 | Class of Contractor | : | Sl. No. 1: 'B' & 'A' & Sl. No. 2: 'D' & 'C' Class Contractor | |
| 6 | Period of Completion | : | 6 (Six) months | |
| 8 | Other details are as follows | | | |

| Procurement Officer | Bid Identification No. | Availability of Tender | | Last date & time for seeking tender clarification in e-Procurement portal | Date & time of opening of Technical Bid (Cover-I) (Sl. No. 1 & 2) | Date & time of opening of Financial Bid (Cover-II) (Sl. 1) | Date of Lottery (if required) | Place of Opening of Technical, Financial and Lottery |
|---|---|---|---|---|---|---|---|---|
| | | From | To | | | | | |
| Executive Engineer, Jagatsinghpur Irr. Division, Jagatsinghpur | JSD-06/ 2020-21 | 21.12.2020 at 10.00 hours | 04.01.2021 at 17.00 hours | From 21.12.2020 10.00A.M. to 31.12.2020 upto 5.00 P.M. during office hours | 06.01.2021 at 11.30 hours | To be intimated later | 15.01.2021 at 11.30 hours | O/o. the Executive Engineer, Jagatsinghpur Irr. Division, Jagatsinghpur |

Further details can be seen from the Govt. website "https://tendersodisha.gov.in".

Sd./- Executive Engineer
Jagatsinghpur Irrigation Division, Jagatsinghpur
OIPR-32050/11/0002/2021

## OFFICE OF THE EXECUTIVE ENGINEER RWS&S DIVISION, BHANJANAGAR - 761126

No. O-745

Phone No. 06821-241026(O)/241079(R), Fax No. 06821-241026/240056
e-mail: eerwss_bnj@nic.in<eerwssbnj2009@gmail.com>

**Govt. of Orissa "e" Procurement Notice**

**Bid Identification No. E.E._RWS&S_48/2020-21**

1. The Executive Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate bid in Single Cover System according to the norm of "e" Procurement system in Online mode for providing 100% functional TAP connection for different PWS Schemes in Ganjam district from the eligible contractors as per DTCN.
2. Nature of Work : Supplying all labour T&P and materials for construction, testing, Commissioning of RCC ESR construction of valve chamber, 100% house connection laying of distribution of pipe line etc. for different PWS schemes in the Ganjam District.
3. No. of Tender : 14 Nos.
4. Tender Paper Cost : Rs.4000/- to 6000/-
5. Tender Cost : 9.32 lakhs to 40.20 lakhs
6. Class of Contractor : D, C & B
7. Date and time of availability of bid document in the portal : Dt.17.12.2020 at 11.00 A.M. to 23.12.2020 upto 5.00 P.M.
8. Date of Opening of Bid : Dt.24.12.2020 at 11.00 A.M.
9. Period of Completion : 90 (Ninety) to 180 (One hundred eighty) days.
10. The bidders have to participate in Online bidding only. Further details can be seen from the website https://tendersorissa.gov.in.

Sd./- Executive Engineer
RWS&S Division, Bhanjanagar
OIPR-25021/11/0026/2021

## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE EXECUTIVE ENGINEER MECHANICAL DIVISION , BHUBANESWAR-3

e-mail I.D. smdivisionbbsr@yahoo.com

**e-PROCUREMENT NOTICE NO.3 W/2020-2021**

No.A-370:- The Executive Engineer, Mechanical Division, Bhubaneswar on behalf of the Governor of Odisha invites online percentage rate basis bid in single cover system through e-procurement for the work mentioned below.

| | | |
|---|---|---|
| 1 | Total No. of Works | 6(Six) Nos of Mechanical gate works |
| 2 | Estimate cost put tender | Approximately Rs 6,80,100.00 to 8,72,664.00 (Excluding GST) |
| 3 | Tender paper cost | Rs 4000/- (Non refundable) |
| 4 | Class of Contractor | SSI Units registered under DIC / NSIC/ MSME for Irrigation shutter / Hydro Mechanical gates. |
| 5 | Period of Completion | 30 (Thirty) days |
| 6 | Available of Bid Documents and receipt of bid through online | From 21.12.2020 (11.00 A.M) to 30.12.2020 (5.00 P.M) |
| 7 | Date, time and place for opening of online tender | 31.12.2020 at 11.00 A.M. in the office of the Executive Engineer, Mechanical Division, BBSR |
| 8 | Lottery | If required the date of lottery to be intimated to the Qualified Bidders after evaluation of Bid. |
| 9 | Digital Signature Certificate | The bidders must possess compatible Digital Signature Certificate (DSC) |
| 10 | Name and Address of Officer Inviting Tender | Executive Engineer, Mechanical Division, BBSR-3 |

Further details can be seen from the Government of Odisha Web-site - www.tendersorissa.gov.in

Executive Engineer, Mechanical Division, Bhubaneswar -3
OIPR-32385/11/0009/2021

# ଆଜିଠାରୁ ଟେଷ୍ଟ ସିରିଜ୍

**ଭାରତ ବନାମ ଅଷ୍ଟ୍ରେଲିଆ**
- ମ୍ୟାଚ୍ ଆରମ୍ଭ: ସକାଳ ୯.୩୦
- ଭେନ୍ୟୁ: ଆଡିଲେଡ ଓଭାଲ
- ପ୍ରସାରଣ: ସୋନି ନେଟ୍‌ୱର୍କ

ଆଡିଲେଡ୍,୧୬।୧୨(ପି.ଟି.)

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ଦଳ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଥିବା ପ୍ରଥମ ଟେଷ୍ଟରେ ମୁହାଁମୁହିଁ ହେବେ। ସ୍ଥାନୀୟ ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ଆୟୋଜନ ହେବାକୁ ଥିବା ଏହି ମ୍ୟାଚ ଦିବାରାତ୍ରିଭିତ୍ତିକ ହେବ। ପିଙ୍କ୍ ବଲରେ ଖେଳାଯିବାକୁ ଥିବା ଏହି ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିଛି। ପ୍ରଥମଥର ପାଇଁ ଦୁଇ ଦେଶ କୌଣସି ଦିବାରାତ୍ରି ଟେଷ୍ଟ ମ୍ୟାଚରେ ପରସ୍ପରକୁ ଭେଟିବେ। ତେଣୁ ଉଭୟ ଦଳ ପାଇଁ ଯଥେଷ୍ଟ ଚ୍ୟାଲେଞ୍ଜ ରହିଛି। ଗତ ସିରିଜରେ ଭାରତ ଘରୋଇ ଅଷ୍ଟ୍ରେଲିଆକୁ ୨-୧ରେ ପରାସ୍ତ କରି ଇତିହାସ ସୃଷ୍ଟି କରିଥିଲା। ତେଣୁ ଏଥର ଅଷ୍ଟ୍ରେଲିଆ ଏହି ପରାଜୟର ପ୍ରତିଶୋଧ ନେବାକୁ ପ୍ରୟାସ କରିବ। ଉଭୟ ଦଳରେ ବିଶ୍ୱସ୍ତରୀୟ ଖେଳାଳିମାନେ ରହିଛନ୍ତି। ଅଷ୍ଟ୍ରେଲିଆର ତାରକା ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍‌ଙ୍କ ସ୍ଥିର ପ୍ରଦର୍ଶନ ଓ କୋହଲିଙ୍କ ଆକ୍ରମଣାତ୍ମକ ପ୍ରଦର୍ଶନ ଓ ନେତୃତ୍ୱ ମଧ୍ୟରେ କଡ଼ା ମୁକାବିଲା ହେବ। ଗତ ସିରିଜରେ ଭାରତୀୟ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଅଷ୍ଟ୍ରେଲିଆ ଦଳକୁ ନିଜ ସ୍ଥିର ପ୍ରଦର୍ଶନ ମାଧ୍ୟମରେ ବେଶ୍ ସମସ୍ୟାରେ ପକାଇଥିଲେ। ଏଥର ପୂଜାରାଙ୍କ ସହ ଅଷ୍ଟ୍ରେଲୀୟ ଯୁବ ପ୍ରତିଭା ସମ୍ପନ୍ନ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସେନଙ୍କ ମଧ୍ୟରେ କଡ଼ା ଟକ୍କର ହେବ। କେବଳ ଗୋଟିଏ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ପୂଜାରା ସନ୍ତୁଷ୍ଟ ହେବେ ନାହିଁ। ତେଣୁ ଆଡିଲେଡ୍ ଓଭାଲର ଲାଇଟ ତଳେ କଡ଼ା ମୁକାବିଲା ହେବ ବୋଲି ଆଶା କରାଯାଉଛି।

ଗୋଧୂଳି ବା ସନ୍ଧ୍ୟା ସମୟରେ ପିଙ୍କ୍ ବଲ ଖେଳିବାରେ ବ୍ୟାଟ୍ସମ୍ୟାନମାନେ ସମସ୍ୟାରେ ପଡିଥାନ୍ତି। ଉଭୟ ଦଳରେ ବିଶ୍ୱସ୍ତରୀୟ ଦ୍ରୁତ ବୋଲର ରହିଛନ୍ତି। ତେଣୁ ଏହି ସମୟରେ ବ୍ୟାଟ୍ସମ୍ୟାନଙ୍କ ପାଇଁ ଚ୍ୟାଲେଞ୍ଜ ରହିବ। ଜୋଶ ହାଜେଲଉଡ୍ ଓ ମହମ୍ମଦ ସାମିଙ୍କ ମଧ୍ୟରେ ଜବରଦସ୍ତ ମୁକାବିଲା ହେବ। ସେହିପରି ଯଶପ୍ରୀତ ବୁମ୍‌ରାଙ୍କ ୟର୍କର ଓ ପ୍ୟାଟ୍ସ କୁମିନ୍ସଙ୍କ ବାଉନ୍ସର ମଧ୍ୟରେ ଟକ୍କର ଦେଖିବାକୁ ମିଳିବ। ଅଭିଜ୍ଞ ଦ୍ରୁତ ବୋଲର ଇଶାନ୍ତ ଶର୍ମା ଭାରତୀୟ ଦଳରୁ ବାଦ୍ ପଡିଥିବା ବେଳେ ତାରକା ଓପନର ଡେଭିଡ୍ ୱାର୍ନର ଘରୋଇ ଦଳରୁ ବାଦ୍ ପଡିଛନ୍ତି। ତେଣୁ ଉଭୟ ଦଳ ବରାବର ସ୍ଥିତିରେ ଅଛନ୍ତି ବୋଲି ଧରି ନେବାକୁ ହେବ। ତେବେ ଘରୋଇ ପରିବେଶ ଅଷ୍ଟ୍ରେଲିଆ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିଛି। ପୁଣି ଡେ/ନାଇଟ୍ ଟେଷ୍ଟ ଖେଳିବାର ଅଷ୍ଟ୍ରେଲୀୟ ଖେଳାଳିଙ୍କ ପାଖରେ ଅଧିକ ଅଭିଜ୍ଞତା ରହିଛି। ଡେ/ନାଇଟ୍ ଟେଷ୍ଟରେ ବ୍ୟାଟ୍ସମ୍ୟାନମାନେ ପ୍ରଥମ ସେସନରେ ପ୍ରଭାବ ବିସ୍ତାର କରି ଖେଳିଥାନ୍ତି। ସେହିପରି ସନ୍ଧ୍ୟା ହେବା ପରେ ବୋଲରମାନେ ଶ୍ରେଷ୍ଠତା ପ୍ରତିପାଦନ କରିଥାନ୍ତି। ଏଭଳି ସ୍ଥିତିରେ ପିଙ୍କ୍ କୋକାବୁରା ବଲ ନିର୍ଣ୍ଣାୟକ ସାବ୍ୟସ୍ତ ହେବା ନିଶ୍ଚିତ।

ବ୍ୟାଟିଂକ୍ରମରେ ଅଦଳ ବଦଳ କରିବାରେ ଭାରତ ସେତେଟା ଅଭ୍ୟସ୍ତ ନୁହେଁ। ଯୁବ ଓପନର ଶୁବମନ ଗିଲ୍ ଓ ଅଭିଜ୍ଞ ଲୋକେଶ ରାହୁଲଙ୍କୁ ସୁଯୋଗ ପାଇବା ପାଇଁ ଅପେକ୍ଷା କରିବାକୁ ହେବ ବୋଲି କୋହଲି ପୂର୍ବରୁ କହିସାରିଛନ୍ତି। ଦୁର୍ବଳ ଫର୍ମ ଦେଇଗତି କରୁଥିଲେ ମଧ୍ୟ ପୃଥ୍ୱୀ ଶଙ୍କୁ ମ୍ୟାନେଜମେଣ୍ଟ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ପୃଥ୍ୱୀ ଟେଷ୍ଟ ଫର୍ମାଟ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। ତେବେ ସେ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆରେ ଖେଳିବାକୁ ଯାଉଛନ୍ତି। ତେଣୁ ତାଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି। ତେବେ ରାହୁଲ ଜଣେ କ୍ୱାଲିଟି ଖେଳାଳି ହୋଇଥିବାରୁ ତାଙ୍କୁ ଦଳରେ ସାମିଲ କରିବାର ଯଥାର୍ଥତା ରହିଛି। ତେବେ ଦଳୀୟ ସନ୍ତୁଳନକୁ ଦୃଷ୍ଟିରେ ରଖି ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି କୋହଲି କହିଛନ୍ତି। ହନୁମା ବିହାରୀ ଜଣେ କ୍ୱାଲିଟି ବ୍ୟାଟ୍ସମ୍ୟାନ ହୋଇଥିବା ବେଳେ ସେ ପାର୍ଟ ଟାଇମ ଅଫ୍‌ସ୍ପିନ ବୋଲିଂ କରନ୍ତି। ତେଣୁ ବର୍ତ୍ତମାନ ପାଇଁ ସେ ପ୍ରଥମ ପସନ୍ଦ ବୋଲି ସେ କହିଛନ୍ତି।

ସେହିପରି ଉଇକେଟକିପର ସ୍ଥାନ ପାଇଁ ଅସ୍ଥିର ପ୍ରଦର୍ଶନ କରୁଥିବା ବିସ୍ଫୋରକ ରିଷଭ ପନ୍ତଙ୍କୁ ପଛରେ ପକାଇ ରିଦ୍ଧିମାନ ଶାହାଙ୍କୁ ଦଳରେ ସାମିଲ କରାଯାଇଛି।


ଭାରତୀୟ ଦଳର ଅଭ୍ୟାସ।

ପ୍ରଥମ ଅଭ୍ୟାସ ମ୍ୟାଚରେ କଷ୍ଟକର ପରିସ୍ଥିତିରେ ରିଦ୍ଧିମାନ ଅର୍ଦ୍ଧଶତକ ହାସଲ କରି ସ୍ଥିତି ସମ୍ଭାଳିଥିଲେ। ସେହିପରି ଦ୍ୱିତୀୟ ୱାର୍ମ- ଅପ୍‌ରେ ପନ୍ତ ୭୩ ବଲରୁ ଫ୍ଲଡ୍ ଲାଇଟ୍‌ରେ ଶତକୀୟ ପାଳି ଖେଳିଥିଲେ। ସେହିପରି ଅଭ୍ୟାସ ମ୍ୟାଚରେ ଭଲ ପ୍ରଦର୍ଶନ କରି ଅଭିଜ୍ଞ ଦ୍ରୁତ ବୋଲର ଉମେଶ ଯାଦବ ତୃତୀୟ ପେସର ଭାବେ ଦଳରେ ସ୍ଥାନ ପାଇଛନ୍ତି।

ମଙ୍ଗଳବାର ନେଟ୍ସରେ ଭାରତୀୟ ଟପ୍‌ଅର୍ଡର ବ୍ୟାଟ୍ସମ୍ୟାନ ପିଙ୍କ୍ ବଲରେ ଟି. ନଟରାଜନଙ୍କ ଇନ୍‌କମିଙ୍ଗ୍ ବଲକୁ ସାମ୍ନା କରିବାରେ ସମସ୍ୟାରେ ପଡିଥିଲେ। ତେଣୁ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ନିଶ୍ଚିତ ଭାବେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ ବୋଲି କୁହାଯାଇପାରେ। ପ୍ରଥମ ଟେଷ୍ଟ ଖେଳିବା ପରେ କୋହଲି ପିତୃତ୍ୱ ଛୁଟିରେ ଘରକୁ ଫେରିବେ। ଏପରିସ୍ଥଳେ ଅଜିଙ୍କ୍ୟ ରାହାନେ ଦାୟିତ୍ୱ ସୁଚାରୁରୂପେ ସମ୍ଭାଳିବେ ବୋଲି କୋହଲି ହୃଦୟଙ୍ଗମ କରିଥିଲେ।

**ଭାରତୀୟ (ପ୍ଲେଇଙ୍ଗ୍ ଇଲେଭେନ୍):** ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ (ଉପ- ଅଧିନାୟକ), ହନୁମା ବିହାରୀ, ରିଦ୍ଧିମାନ ଶାହା, ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା ଓ ଉମେଶ ଯାଦବ।

**ଅଷ୍ଟ୍ରେଲିଆ ଦଳ:** ଟିମ୍ ପେନ୍ (ଅଧିନାୟକ ଓ ଉଇକେଟକିପର), ଜୋ ବର୍ନ୍ସ, ପ୍ୟାଟ କୁମିନ୍ସ, କାମେରିନ ଗ୍ରୀନ, ମାର୍କସ ହାରିସ୍, ଜୋଶ ହାଜେଲଉଡ, ଟ୍ରାଭିସ୍ ହେଡ, ମୋଇସେସ୍ ହେନେରିକ୍ସ, ମାର୍ନସ ଲାବୁସେନ, ନାଥନ ଲିୟନ, ମାଇକେଲ ନେସେର, ଜେମ୍ସ ପାଟିନସନ, ଷ୍ଟିଭ୍ ସ୍ମିଥ୍, ମିଚେଲ ଷ୍ଟାର୍କ, ମିଚେଲ ସ୍ୱେପଶନ ଓ ମାଥ୍ୟୁ ୱେଡ।

## ଦିଆସିଲି କାଠିରେ ବର୍ଡର-ଗାଭାସ୍କର ଟ୍ରଫି

**ଭୁବନେଶ୍ୱର, ୧୬।୧୨ (କ୍ରୀଡ଼ା ପ୍ରତିନିଧି):** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟେଷ୍ଟ କ୍ରିକେଟ ସିରିଜ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ସିରିଜର ପ୍ରଥମ ମ୍ୟାଚ ଆଡିଲେଡରେ ଦିବାରାତ୍ର ବିଶିଷ୍ଟ ହେବ। ଏହି ସିରିଜ ଦୁଇ ଦେଶର କିମ୍ବଦନ୍ତୀ ଖେଳାଳି ଅଷ୍ଟ୍ରେଲିଆର ଆଲାନ ବର୍ଡର ଓ ଭାରତର ସୁନୀଲ ଗାଭାସ୍କରଙ୍କ ନାମରେ ନାମିତ। ସିରିଜ ଆରମ୍ଭ ହେବା ପୂର୍ବରୁ ଭାରତୀୟ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ପୁରୀ କୁମ୍ଭାରପଡ଼ାର ଯୁବଶିଳ୍ପୀ ଶାଶ୍ୱତ ରଞ୍ଜନ ସାହୁ ୧୦୦ ପ୍ୟାକେଟ ଦିଆସିଲି କାଠିକୁ ନେଇ ବର୍ଡର-ଗାଭାସ୍କର ଟ୍ରଫିର ଏକ ପ୍ରତିକୃତି ନିର୍ମାଣ କରିଛନ୍ତି। ଏହାର ଲମ୍ବ ୨୩ ଇଞ୍ଚ ଏବଂ ଚଉଡ଼ା ୯ ଇଞ୍ଚ। ''ପାଖାପାଖି ୩୫୦୦ ଦିଆସିଲି କାଠିକୁ ନେଇ ଏହି ଟ୍ରଫି ପ୍ରତିକୃତି ପ୍ରସ୍ତୁତ ହୋଇଛି। ଏଥିପାଇଁ ୬ ଦିନ ସମୟ ଲାଗିଛି'' ବୋଲି ସମ୍ପ୍ରତି ଯୁକ୍ତ ୩ରେ ଅଧ୍ୟୟନରତ ୧୭ ବର୍ଷୀୟ ଶାଶ୍ୱତ ପ୍ରକାଶ କରିଛନ୍ତି। ଏହା ମାଧ୍ୟମରେ ଶାଶ୍ୱତ ଉଭୟ ଭାରତ ଓ ଅଷ୍ଟ୍ରେଲିଆ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ରଶ୍ମି ଓ ସୁଦର୍ଶନ ସାହୁଙ୍କ ପୁଅ ଶାଶ୍ୱତ ପୂର୍ବରୁ ୭,୮୮୧ ଦିଆସିଲି କାଠି ଓ ଅଠା ବ୍ୟବହାର କରି ୧୭ ଇଞ୍ଚ ଉଚ୍ଚତା ଓ ୧୫ ଇଞ୍ଚ ଚଉଡ଼ା ବିଶିଷ୍ଟ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ତିଆରି କରି ପ୍ରଶଂସା ସାଉଁଟିଥିଲେ। ଏଥିପାଇଁ ତାଙ୍କୁ ୨୧ ଦିନ ସମୟ ଲାଗିଥିଲା ବୋଲି ସେ କହିଛନ୍ତି।



ନିଜ କଳାକୃତି ସହ ଶାଶ୍ୱତ ରଞ୍ଜନ ସାହୁ।

## 'ନୂଆ ଭାରତର ପ୍ରତିନିଧିତ୍ୱ କରୁଛି'


ବିରାଟ କୋହଲି

**ଆଡିଲେଡ୍,୧୬।୧୨(ପି.ଟି.):** ଅଷ୍ଟ୍ରେଲୀୟ ପୂର୍ବତନ କ୍ରିକେଟର ଗ୍ରେଗ୍ ଚାପେଲଙ୍କୁ କଡ଼ା ଜବାବ୍ ଦେଇଛନ୍ତି ଭାରତୀୟ ଅଧିନାୟକ ବିରାଟ କୋହଲି। ଚାପେଲ କୋହଲିଙ୍କୁ 'ଅଣ ଅଷ୍ଟ୍ରେଲୀୟ ଖେଳାଳିଙ୍କ ମଧ୍ୟ ସର୍ବକାଳୀନ ଶ୍ରେଷ୍ଠ ଅଷ୍ଟ୍ରେଲିଆ କ୍ରିକେଟର ବା ଅଷ୍ଟ୍ରେଲୀୟ ମାନସିକତା ରଖୁଥିବା ଖେଳାଳି' ବୋଲି କହିଥିଲେ। ଏକ ନୂଆ ଭାରତ ପାଇଁ ପ୍ରତିନିଧିତ୍ୱ କରୁଛି। ପରିସ୍ଥିତି ଅନୁସାରେ ଆଶା ଅନୁରୂପ ଭାବେ ସବୁ ପ୍ରକାର ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛି ବୋଲି ନିଜର ଜବାବ ରଖି କୋହଲି ପ୍ରଥମ ଟେଷ୍ଟର ଅବ୍ୟବହିତ ପୂର୍ବରୁ କହିଛନ୍ତି। ନିଜର ଆକ୍ରମଣାତ୍ମ ଆଭିମୁଖ୍ୟ ଓ ଲଢୁଆ ମନୋବୃତ୍ତି ସଂକ୍ରାନ୍ତରେ କୋହଲିଙ୍କୁ ପ୍ରଶ୍ନ କରାଯାଇଥିଲା। ଅଷ୍ଟ୍ରେଲୀୟ ଖେଳାଳିମାନେ ମଧ୍ୟ ସମାନ ପ୍ରକାର ଆଭିମୁଖ୍ୟ ଓ ଲଢୁଆ ଖେଳ ପ୍ରଦର୍ଶନ କରିଥାନ୍ତି। ତେଣୁ ଚାପେଲ ଦେଇଥିବା ମନ୍ତବ୍ୟ ନେଇ କୋହଲିଙ୍କୁ ଏକ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ ଏ ନେଇ ପ୍ରଶ୍ନ କରାଯାଇଥିଲା। ମୋର ଚରିତ୍ର ଓ ବ୍ୟକ୍ତିତ୍ୱ ଅନୁସାରେ ଏକ ନୂଆ ଭାରତକୁ ପ୍ରତିନିଧିତ୍ୱ କରୁଛି। ଅଷ୍ଟ୍ରେଲିଆ ଖେଳାଳିଙ୍କ ସହିତ ମୋତେ ତୁଳନାର ଆବଶ୍ୟକତା ନାହିଁ। ପ୍ରଥମରୁ ମୋର ବ୍ୟକ୍ତିତ୍ୱ ଠିକ୍ ଏହିପରି। ନୂଆ ଭାରତ ଏବେ ସବୁ ପ୍ରକାର ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛି ଓ ଏଥରେ ପଛ ଘୁଞ୍ଚା ଦେବା କିମ୍ବା ଭୟଭୀତ ହେବାର କାରଣ ନାହିଁ। ଏଥିରେ ଆଶା ଓ ସକାରାତ୍ମକତା ରହିଛି। ସବୁ ଆହ୍ୱାନ ଓ ସମସ୍ୟାକୁ ସାମ୍ନା କରିବାକୁ ଆମେ ପ୍ରସ୍ତୁତ । ମୋର ମଧ୍ୟ ବ୍ୟକ୍ତିତ୍ୱ ଆରମ୍ଭରୁ ଏହିପରି ରହିଆସିଛି ବୋଲି କୋହଲି ସ୍ପଷ୍ଟ କରିଛନ୍ତି।

## କାତାରରେ ୨୦୩୦ ଏସିଆନ ଗେମ୍ସ

**ମସ୍କାଟ (ଓମାନ), ୧୬।୧୨(ଏପି):** କାତାରର ଦୋହାକୁ ୨୦୩୦ ଏସିଆନ ଗେମ୍ସ ଆୟୋଜନ ଅଧିକାର ମିଳିଛି। ୨୦୩୪ ଇଭେଣ୍ଟ ସାଉଦି ଆରବର ରିୟାଧରେ ହେବ ବୋଲି ବୁଧବାର ଘୋଷଣା କରାଯାଇଛି। ଅଲିମ୍ପିକ୍ କାଉନ୍ସିଲ ଅଫ୍ ଏସିଆର ବାର୍ଷିକ ଅଧିବେଶନ ଅବସରରେ ୨୦୩୦ ଗେମ୍ସ ପାଇଁ ହୋଇଥିବା ଭୋଟିଂରେ ଦୋହା ପ୍ରତିଦ୍ୱନ୍ଦ୍ୱୀ ରିୟାଧକୁ ପରାସ୍ତ କରିଥିଲା। ସାଉଦି ଆରବ ଏବଂ କାତାର ମଧ୍ୟରେ ରାଜନୈତିକ ବିବାଦ ଥିବାରୁ ଭୋଟିଂର ଆବଶ୍ୟକ ପଡ଼ିଥିଲା। ୨୦୧୭ରୁ କାତାରକୁ ବେପାର ବଣିଜ ଏବଂ ଭ୍ରମଣକୁ ବାସନ୍ଦ କରିଥିବା ୪ ରାଷ୍ଟ୍ର ମଧ୍ୟରୁ ସାଉଦିଆରବ ଅନ୍ୟତମ। ତେବେ ନିକଟରେ ଏହି ଉଭୟ ଦେଶ ମଧ୍ୟରେ ବିବାଦର ସମାଧାନ ହେବାନେଇ ସୂଚନା ମିଳିଛି। ଭୋଟିଂରେ ପରାସ୍ତ ହୋଇଥିବା ରିୟାଧକୁ ୨୦୩୪ ଗେମ୍ସ ଆୟୋଜନ ପାଇଁ ଅଧିକାର ଦିଆଯାଇଛି। ପ୍ରକାଶ ଯୋଗ୍ୟ ଯେ, କାତାରକୁ ୨୦୨୨ ଫିଫା ବିଶ୍ୱକପ ଆୟୋଜନ ଅଧିକାର ମଧ୍ୟ ମିଳିଛି।

DOHA 2030
21ST ASIAN GAMES

## ହୋଲ୍ଡିଂ ଓ ଇବୋନୀଙ୍କୁ ଫ୍ରିଡମ୍ ଅଫ୍ ଦି ସିଟି ଅଫ୍ ଲଣ୍ଡନ ପୁରସ୍କାର

ଲଣ୍ଡନ,୧୬।୧୨(ପି.ଟି.)

ୱେଷ୍ଟଇଣ୍ଡିଜ୍ କ୍ରିକେଟ ଲିଜେଣ୍ଡ ମାଇକେଲ ହୋଲ୍ଡିଂ ଓ ପୂର୍ବତନ ଇଂଲଣ୍ଡ ମହିଳା କ୍ରିକେଟର ଇବୋନୀ ରେନଫୋର୍ଡ- ବ୍ରେଣ୍ଟଙ୍କୁ ଫ୍ରିଡମ୍ ଅଫ୍ ଦି ସିଟି ଅଫ୍ ଲଣ୍ଡନ ପୁରସ୍କାର ପ୍ରଦାନ କରାଯାଇଛି। ବର୍ଣ୍ଣବୈଷମ୍ୟ ବିରୋଧରେ ଏହି ଦୁଇ ପୂର୍ବତନ ଖେଳାଳି ଦୃଷ୍ଟାନ୍ତମୂଳକ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। 'ବ୍ଲାକ୍ ଲାଇଭ୍ସ ମ୍ୟାଟର' ଆନ୍ଦୋଳନକୁ ସମର୍ଥନ କରି ହୋଲ୍ଡିଂ ଆଗକୁ ବାହାରିଥିଲେ।

ନିଜନିଜ କ୍ଷେତ୍ରରେ ସଫଳତା ଓ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ବର୍ଣ୍ଣବୈଷମ୍ୟବାଦ୍ ବିରୋଧରେ ଏହି ଦୁଇ ଖେଳାଳି ସାହସିକ ଆଭିମୁଖ୍ୟ ପୋଷଣା କରିଛନ୍ତି ବୋଲି ସିଟି ଅଫ୍ ଲଣ୍ଡନର ଲର୍ଡ ମେୟର ୱିଲିୟମ ରସେଲ କହିଛନ୍ତି। ସାରା ବିଶ୍ୱରେ ଦେଖାଦେଇଥିବା ଏହି ଆନ୍ଦୋଳନକୁ ଏହି ଦୁଇ ଖେଳାଳି ଅକୁଣ୍ଠିତ ଭାବେ ସମର୍ଥନ କରିଛନ୍ତି। କିଛିଦିନ ତଳେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯାଇଥିବା ଟେଷ୍ଟ ସିରିଜ ଅବସରରେ ହୋଲ୍ଡିଂ ବର୍ଣ୍ଣବୈଷମ୍ୟ ବିରୋଧରେ କଡ଼ା ବାର୍ତ୍ତା ଦେଇଥିଲେ। ସେହିପରି ରେନଫୋର୍ଡ- ବ୍ରେଣ୍ଟ ପ୍ରଥମ କୃଷ୍ଣକାୟ ମହିଳା ଭାବେ ଇଂଲଣ୍ଡ ପାଇଁ କ୍ରିକେଟ ଖେଳିଥିଲେ। ସେ ୨୨ଟି ଦିନିକିଆ ଓ ୭ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଉଲ୍ଲେଖଥାଉ କି, ଗତ ମେ ମାସରେ ଆମେରିକାରେ ଜର୍ଜ ଫ୍ଲଏଡ ନାମକ ଜଣେ କୃଷ୍ଣକାୟ ବ୍ୟକ୍ତିଙ୍କୁ ଜଣେ ଗୋରା ପୋଲିସ ଅଫିସର ମାରିଦେଇଥିଲେ। ଏହାପରେ 'ବ୍ଲାକ ଲାଇଭ୍ସ ମ୍ୟାଟର' ଆନ୍ଦୋଳନ ସାରା ବିଶ୍ୱରେ ଆରମ୍ଭ ହୋଇଥିଲା।

## ୨୦୨୩ ବିଶ୍ୱକପ୍ କ୍ୱାଲିଫାୟର୍ସ ଆୟୋଜନ କରିବ ଜିମ୍ବାୱେ

**ଦୁବାଇ,୧୬।୧୨(ପି.ଟି.):** ଭାରତରେ ଆୟୋଜନ ହେବାକୁ ଥିବା ୨୦୨୩ ଦିନିକିଆ ବିଶ୍ୱକପ୍‌ର କ୍ୱାଲିଫାୟର୍ସ ଜିମ୍ବାୱେରେ ଖେଳାଯିବ। କୋଭିଡ୍-୧୯ ମହାମାରୀ ପାଇଁ ଟୁର୍ନାମେଣ୍ଟ ଘୁଞ୍ଚାଇବାକୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ ବାଧ୍ୟ ହୋଇଥିଲା। ଫଳରେ ପରିବର୍ତ୍ତିତ କାର୍ଯ୍ୟସୂଚୀ ଅନୁସାରେ ଏହି କ୍ୱାଲିଫାୟର୍ସ ଟୁର୍ନାମେଣ୍ଟ ଜୁନ୍ ୧୮ରୁ ୯ ତାରିଖ ମଧ୍ୟରେ ଆୟୋଜନ ହେବ ଆଇସିସି ସୂଚନା ଦେଇଛି। ଅୟୋଜକ ଭାରତ ସମେତ ଅନ୍ୟ ୭ ସୁପର ଲିଗ୍ ଦଳଗୁଡିକ ସିଧାସଳଖ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିବେ। ବିଶ୍ୱକପ୍ ଅକ୍ଟୋବର- ନଭେମ୍ବରରେ ଆୟୋଜନ ହେବ। ତେବେ ସୁପର ଲିଗ୍‌ରେ ନିମ୍ନରେ ଥିବା ୫ଟି ଦଳ ୨୦୨୩ ବିଶ୍ୱକପ୍ କ୍ୱାଲିଫାୟରରେ ଅବତୀର୍ଣ୍ଣ ହେବେ। ଆଇସିସି ଏଥି ସହିତ ୱାର୍ଲ୍ଡ ଲିଗ୍ ୨ ଓ ଚ୍ୟାଲେଞ୍ଜ ଲିଗ୍ କାର୍ଯସୂଚୀ ମଧ୍ୟ ଘୋଷଣା କରିଛି। ୱାର୍ଲ୍ଡକପ୍ ଲିଗ୍ ୨ ଆସନ୍ତାବର୍ଷ ମାର୍ଚ୍ଚରୁ ଆରମ୍ଭ ହେବ। କ୍ରିକେଟ ୱାର୍ଲ୍ଡକପ୍ ଚ୍ୟାଲେଞ୍ଜ ଲିଗ୍ ବି ଆସନ୍ତାବର୍ଷ ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇ ୧୪ରେ ଶେଷ ହେବ। ଏଥିରେ ୧୫ଟି ମ୍ୟାଚ ଖେଳାଯିବ ଓ ବରମୁଡା, ହଂକଂ, ଇଟାଲୀ, କେନିୟା ଓ ଉଗାଣ୍ଡା ଏଥିରେ ଅଂଶଗ୍ରହଣ କରିବେ।

## ୱିଲିୟମସନ ବାପା ହେଲେ, କୋହଲିଙ୍କ ଶୁଭେଚ୍ଛା


କେନ୍ ୱିଲିୟମ୍‌ସନ୍ ଓ ତାଙ୍କ ନବଜାତ ସନ୍ତାନ।

ନୂଆଦିଲ୍ଲୀ,୧୬।୧୨

ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ଓ ସ୍ତ୍ରୀ ସାରା ରହିମ ଏକ କନ୍ୟାସନ୍ତାନର ପିତାମାତା ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏ ନେଇ ୱିଲିୟମସନ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ସୂଚନା ଦେଇଛନ୍ତି। କନ୍ୟାସନ୍ତାନର ଫଟୋ ମଧ୍ୟ ସେ ଶେୟାର କରିଛନ୍ତି। ଏହାପରେ ୱିଲିୟମସନଙ୍କ ପାଖକୁ ଶୁଭେଚ୍ଛାର ଶୁଅ ଛୁଟିଛି। ଭାରତୀୟ ଅଧିନାୟକ ବିରାଟ କୋହଲି ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସାଥୀ ଖେଳାଳି ଭୁବନେଶ୍ୱର କୁମାର, ଡେଭିଡ୍ ୱାର୍ନର, ରସିଦ ଖାଁ, ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ ଓ ସୁରେଶ ରାଇନା ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।

ପୂର୍ବରୁ ୱିଲିୟମସନ ରହିମଙ୍କ ପାଖରେ ଉପସ୍ଥିତ ରହିବା ପାଇଁ ପିତୃତ୍ୱ ଛୁଟି ନେଇଥିଲେ। ଏଥିପାଇଁ ସେ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳିପାରି ନ ଥିଲେ। ତାଙ୍କ ଅନୁପସ୍ଥିତିରେ ଟମ୍ ଲାଥମ ନ୍ୟୁଜିଲାଣ୍ଡର ନେତୃତ୍ୱ ନେଇଥିଲେ। ପ୍ରଥମ ଟେଷ୍ଟରେ ୱିଲିୟମସନ କ୍ୟାରିୟର ଶ୍ରେଷ୍ଠ ୨୫୧ ରନର ଦ୍ୱିଶତୀକୟ ପାଳି ଖେଳି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## କଟକ-ଏ, ଭଦ୍ରକ, ସୁନ୍ଦରଗଡ଼ ୧୦ ଉଇକେଟରେ ବିଜୟୀ

**ଓସିଏ ଆନ୍ତଃ ଜିଲା ସିନିୟର ଟି୨୦ ଲିଗ୍ କ୍ରିକେଟ**
- ଇକୋର୍ସା, ଖୋର୍ଦ୍ଧାର ବୃହତ୍ ବିଜୟ
- ଜୟନ୍ତ ବେହେରାଙ୍କୁ ୬ ଉଇକେଟ

ଭୁବନେଶ୍ୱର, ୧୬।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଭୁବନେଶ୍ୱର ଓ କଟକର ୯ଟି ଭେନ୍ୟୁରେ ଚାଲିଥିବା ଆନ୍ତଃଜିଲା ସିନିୟର ପୁରୁଷ ଟି୨୦ କ୍ରିକେଟ ଲିଗ୍‌ରେ ବୁଧବାର ମଧ୍ୟ ୧୮ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏହା ମଧ୍ୟରେ କଟକ-ଏ, ଭଦ୍ରକ, ସୁନ୍ଦରଗଡ଼ ୧୦ ଉଇକେଟରେ ବିଜୟୀ ହୋଇଛନ୍ତି। ସେହିପରି ଇକୋର୍ସା ୧୪୫ ରନରେ ରାୟଗଡ଼ାକୁ ଏବଂ ଖୋର୍ଦ୍ଧା ୧୬୦ ରନରେ କଳାହାଣ୍ଡିକୁ ହରାଇ ବୃହତ୍ ବିଜୟ ହାସଲ କରିଛନ୍ତି।

ନିମପୁର ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ କଟକ-ଏ ୧୦ ଉଇକେଟରେ ଜଗତସିଂହପୁରକୁ ପରାସ୍ତ କରିଛି। ଜଗତସିଂହପୁରର ଶାମସୁଲ ଖାଁ ୫୯ ଓ କଟକ-ଏର ରାଜେଶ ଧୂପର ୬୩* ରନ ସ୍କୋର କରିଥିଲେ। ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ବାଲେଶ୍ୱର ୨୪ ରନରେ ରାଉରକେଲାକୁ ହରାଇଛି। ବିଜୟୀ ଦଳର ନିର୍ବିଶଙ୍କର ବାରିକ ସର୍ବାଧିକ ୫୪ ରନ କରିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡ ମ୍ୟାଚରେ କେନ୍ଦୁଝର ୫୯ ରନରେ ମାଲକାନଗିରିକୁ ଏବଂ ଭଦ୍ରକ ୧୦ ଉଇକେଟରେ ଗଜପତିକୁ ହରାଇ ଦେଇଛି। ମାଲକାନଗିରିର କେ. ସନ୍ଦୀପ ୫୧ ରନ କରିଥିଲେ। ବାରବାଟୀ ଷ୍ଟାଡିୟମରେ ଆୟୋଜିତ ମ୍ୟାଚରେ ନୟାଗଡ଼ ୭ ରନରେ ସୋନପୁରକୁ ଏବଂ ଯାଜପୁର ୪୪ ରନରେ ମୟୂରଭଞ୍ଜକୁ ହରାଇ ଦେଇଛି। ଯାଜପୁରର ନିଶିକାନ୍ତ ରାଉତ ୭୯ ରନ ସ୍କୋର କରିଥିଲେ। ବିକାଶ ଗ୍ରାଉଣ୍ଡ ମ୍ୟାଚରେ ଭୁବନେଶ୍ୱର-ଏ ୩ ଉଇକେଟରେ ସମ୍ବଲପୁରକୁ ଏବଂ ଭୁବନେଶ୍ୱର-ବି ୨୬ ରନରେ ବଲାଙ୍ଗୀରକୁ ପରାସ୍ତ କରିଛି। ସେଞ୍ଚୁରିଅନ ପଡ଼ିଆରେ ଅନୁଷ୍ଠିତ ୨ ମ୍ୟାଚରେ ବୌଦ୍ଧ ୩୮ ରନରେ ପୁରୀକୁ ଏବଂ ଝାରସୁଗୁଡ଼ା ୯ ଉଇକେଟରେ କନ୍ଧମାଳକୁ ପରାସ୍ତ କରିଛି।

ରେଭେନ୍ସା ଗ୍ରାଉଣ୍ଡ ମ୍ୟାଚରେ ସୁନ୍ଦରଗଡ଼ ୧୦ ଉଇକେଟରେ କିଟ୍‌କୁ ଏବଂ ବରଗଡ଼ ୯ ଉଇକେଟରେ ନୂଆପଡ଼ାକୁ ହରାଇ ଦେଇଛି। ସୁନ୍ଦରଗଡ଼ ପକ୍ଷରୁ ଅଙ୍କିତ ସିଂ ୭୦*, ଆଶିଷ ପରିଜା ୫୪* ଏବଂ ବରଗଡ଼ର ରୂପକ ପ୍ରଧାନ ୫୭ ରନ ସ୍କୋର କରିଥିଲେ। କିଟ୍ ପଡ଼ିଆରେ ଅନୁଷ୍ଠିତ ମ୍ୟାଚଦ୍ୱୟରେ ଯଥାକ୍ରମେ ଇକୋର୍ସା ୧୪୫ ରନରେ ରାୟଗଡ଼ାକୁ ଏବଂ ଢେଙ୍କାନାଳ ୬୫ ରନରେ ଦେବଗଡ଼କୁ ପରାସ୍ତ କରିଛି। ଅଭିଷେକ ଯାଦବଙ୍କ ୮୮ ଓ ଅଙ୍କିତ ଯାଦବଙ୍କ ୭୦ ରନ ସହାୟତାରେ ଇକୋର୍ସା ୬ ଉଇକେଟ ହରାଇ ୨୧୨ ରନ କରିଥିବାବେଳେ ରାୟଗଡ଼ା ୬୭ ରନରେ ଅଲଆଉଟ ହୋଇ ଯାଇଥିଲା। ଇକୋର୍ସାର ଜୟନ୍ତ ବେହେରା ୧୩ ରନ ବିନିମୟରେ ୬ ଉଇକେଟ ସଫଳତା ପାଇଥିଲେ। ଦ୍ୱିତୀୟ ମ୍ୟାଚରେ ଢେଙ୍କାନାଳର ବିକାଶ ରାଉତ ୫୦ ରନରେ ଅପରାଜିତ ରହିଥିଲେ। ଟାଉନ୍ କ୍ଲବ ପଡ଼ିଆରେ ଖୋର୍ଦ୍ଧା ୧୬୦ ରନରେ କଳାହାଣ୍ଡିକୁ ହରାଇଛି। ରାକେଶ ପଟ୍ଟନାୟକଙ୍କ ୯୬, ସିଦ୍ଧାନ୍ତ ଜେନାଙ୍କ ୮୪ ଓ ଇନ୍ଦ୍ରୁ ଗିରିଙ୍କ ୫୦ ରନ ସହାୟତାରେ ଖୋର୍ଦ୍ଧା ୫ ଉଇକେଟ ହରାଇ ୨୯୧ ରନ କରିଥିଲା। ଜବାବରେ କଳାହାଣ୍ଡି ୮ ଉଇକେଟ ହରାଇ ୧୩୧ ରନ କରିବାକୁ ସମର୍ଥ ହୋଇଥିଲା। ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ କଟକ-ବି ୧୮ ରନରେ ନବରଙ୍ଗପୁରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅବିନାଶ ନାୟକ ୬୫* ଏବଂ ନବରଙ୍ଗପୁରର ସୁକେଶ ହୀରା ୬୭ ରନ ସ୍କୋର କରିଥିଲେ। ବିଡାନାସୀ ପଡ଼ିଆ ମ୍ୟାଚରେ ଯଥାକ୍ରମେ ଗଞ୍ଜାମ ୭୩ ରନରେ କୋରାପୁଟକୁ ଏବଂ କେନ୍ଦ୍ରାପଡ଼ା ୮ ଉଇକେଟରେ ପାରାଦୀପକୁ ହରାଇ ଦେଇଛି। ଅଜୟ ଗୌରଙ୍କ ୮୯ ଓ ଈଶ୍ୱର ପ୍ରସାଦଙ୍କ ୬୯* ରନ ବଳରେ ଗଞ୍ଜାମ ୩ ଉଇକେଟ ହରାଇ ୨୦୧ ରନ କରିଥିଲା। ଜବାବରେ କୋରାପୁଟ ୭ ଉଇକେଟ ହରାଇ ୧୨୮ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଜି.ସି. ଶେଖର ସର୍ବାଧିକ ୫୫ ରନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ପାରାଦୀପ ପକ୍ଷରୁ ଇଲୁ ଗୋଚ୍ଛାୟତ ୭୬ ଏବଂ କେନ୍ଦ୍ରାପଡ଼ାର ବିଶ୍ୱଭୂଷଣ ବିହାରୀ ୫୫* ରନ ସ୍କୋର କରିଥିଲେ।


ଜଗତ୍‌ସିଂହପୁର ଓ ପୁରୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**କୋଟିପତି ଶିକ୍ଷକଙ୍କ ଘରେ ଭିଜିଲାନ୍ସ ଚଢାଉ**

ବରଗଡ଼ ଅଫିସ୍: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବରଗଡ଼ ଜିଲା ବିଜେପୁର ବ୍ଲକ ଗଣ୍ଡିଆପାଲି ପଞ୍ଚାୟତ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପାଣିଗ୍ରାହୀଙ୍କ ଘରେ ଭିଜିଲାନ୍ସ ଚଢାଉ କରିଛି। ବୁଧବାର ଭିଜିଲାନ୍ସ ପକ୍ଷରୁ ପାଣିଗ୍ରାହୀଙ୍କ ତିଲେଇମାଲ, ବରପାଲି ଏବଂ ଡୁଙ୍ଗୁରିପାଲି ବାସଭବନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ତାଙ୍କର ସମୁଦାୟ ୪କୋଟି ୪ଲକ୍ଷ ୩୮ ହଜାର ଟଙ୍କାର ସ୍ଥାବର, ଅସ୍ଥାବର ସମ୍ପତ୍ତି ଠାବ ହୋଇଥିବା ବରଗଡ଼ ଭିଜିଲାନ୍ସ ଡିଏସ୍‌ପି ପରମେଶ୍ୱର କିଶାନ କହିଛନ୍ତି। ଡିଏସ୍‌ପି କିଶାନଙ୍କ ତତ୍ତ୍ୱାବଧାନରେ ଭିଜିଲାନ୍ସର ୩ଟି ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର କମ୍ପ୍ୟୁଟର ଖତ ଖାଉଛି

ଖଣ୍ଡପଡା,୧୬।୧୨(ସ୍ୱ.ପ୍ର.)

**ନୟାଗଡ଼ ଜିଲାରେ ଇ-ବିଦ୍ୟାଳୟ ଯୋଜନା ପ୍ରହସନ**
- ୧୧୯ଟି ସ୍କୁଲରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିଲା
- ଶିକ୍ଷା ସଂଯୋଜକଙ୍କୁ ୫ବର୍ଷିଆ ଚୁକ୍ତିନାମାରେ ନିଯୁକ୍ତି ମିଳିଥିଲା
- ଚୁକ୍ତିନାମା ସମୟ ସରିବା ପରେ କମ୍ପ୍ୟୁଟର ଶିକ୍ଷା ବନ୍ଦ

କମ୍ପ୍ୟୁଟର ଶିକ୍ଷା ମାଧ୍ୟମରେ ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ୨୦୧୩ରେ କେନ୍ଦ୍ର ଓ ରାଜ୍ୟ ସରକାର ଇ-ବିଦ୍ୟାଳୟ ଯୋଜନା ଆରମ୍ଭ କରିଥିଲେ। ଏଥିପାଇଁ ପ୍ରତି ହାଇସ୍କୁଲରେ ଜଣେ ଲେଖାଏ ଶିକ୍ଷା ସଂଯୋଜକଙ୍କୁ ୫ବର୍ଷିଆ ଚୁକ୍ତିନାମାରେ ନିଯୁକ୍ତି ମିଳିଥିଲା। ଚୁକ୍ତିନାମା ଅନୁଯାୟୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷା ସଂଯୋଜକଙ୍କଠାରୁ କମ୍ପ୍ୟୁଟର ଜ୍ଞାନ ଆହରଣ କରିବେ, ଶିକ୍ଷା ସଂଯୋଜକମାନଙ୍କ କାର୍ଯ୍ୟ ଅବଧି ସମ୍ପନ୍ନ ହେବା ପରେ ସଂପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରିବେ। ହେଲେ ନୟାଗଡ଼ ଜିଲାର ଅଧିକାଂଶ ହାଇସ୍କୁଲରେ ତା'ର ବ୍ୟତିକ୍ରମ ଦେଖାଦେଇଛି। ଶିକ୍ଷା ସଂଯୋକମାନଙ୍କ ଚୁକ୍ତିନାମା ଅବଧି ସରିବା ପରେ ସେମାନେ ସ୍କୁଲ ଛାଡିଛନ୍ତି। ସେଦିନଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ ଏବେ ବିଭିନ୍ନ ସ୍କୁଲରେ ପଡି ଖତ ଖାଉଛି ବୋଲି ଅଭିଯୋଗ ହୋଇଛି।

ସଂପ୍ରତି କରୋନା କଟକଣା ପାଇଁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ରାଜ୍ୟ ସରକାର ଅନ୍‌ଲାଇନ୍ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଯୋଜନାର କୌଣସି ସୁଫଳ ମିଳିନାହିଁ ବୋଲି ଅଭିଭାବକମାନେ କହିଛନ୍ତି। ନୟାଗଡ ଜିଲାର ୧୧୯ ସରକାରୀ ହାଇସ୍କୁଲରେ ଏହି ଇ-ବିଦ୍ୟାଳୟ ଯୋଜନା ଚାଲିଥିଲା। ଏଥିରେ ନିଯୁକ୍ତି ପାଇଥିବା ଶିକ୍ଷା ସଂଯୋଜକମାନଙ୍କ ଚାକିରି ଅବଧି ସରିବା ପରେ ସେମାନେ ଗତ ଏକ ବର୍ଷ ତଳେ ସ୍କୁଲ ଛାଡ଼ିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ଆଗ୍ରହ ଥିଲେ ମଧ୍ୟ କମ୍ପ୍ୟୁଟର ଶିକ୍ଷା ପାଇପାରୁ ନାହାନ୍ତି। ନୟାଗଡ଼ ଜିଲାରେ ୨୦୧୪ ଏପ୍ରିଲ ୨ରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୧୯ ମାର୍ଚ୍ଚ ୩୧ରେ ବନ୍ଦ ହେବା ପରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାର ବିଭିନ୍ନ ହାଇସ୍କୁଲର ଆଇସିଟି ଲ୍ୟାବ୍‌ରେ ଶତାଧିକ କମ୍ପ୍ୟୁଟର, ପ୍ରିଣ୍ଟର, ଇଲେକ୍‌ଟ୍ରୋନିକ ଧଳା ପଟା(ଇଣ୍ଟରଆକ୍‌ଟିଭ ହ୍ୱାଇଟ ବୋର୍ଡ), ଇନ୍‌ଭର୍ଟର, ପ୍ରୋଜେକ୍ଟର, ଅଗ୍ନି ନିର୍ବାପକ, ଜେନେରେଟର, ଟେବୁଲ, ଚୌକି ପ୍ରଭୃତି ନଷ୍ଟ ହେବାକୁ ବସିଛି। ଏ ସଂକ୍ରାନ୍ତରେ ଖଣ୍ଡପଡା ଆର.ସି.ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ କୁହନ୍ତି, କୋଭିଡ୍ ସମୟରେ ପିଲାମାନେ ଯେହେତୁ ଅନ୍‌ଲାଇନ ପାଠପଢାକୁ ଗୁରୁତ୍ୱ ଦେଉଛନ୍ତି ସେଥିପାଇଁ ନିଶ୍ଚିତ ଭାବେ ଇ-ବିଦ୍ୟାଳୟ ଯୋଜନାର ଆବଶ୍ୟକତା ରହିଛି। ମାତ୍ର ସଂଯୋଜକମାନେ ଛଟେଇ ହେବା ପରେ ଆଇସିଟି ଲ୍ୟାବ୍‌ଗୁଡିକ ଅକାମୀ ହୋଇପଡିଛି। ତେବେ ଭୋକେଶନାଲ ଶିକ୍ଷକ ଥିବା ହାତଗଣତି କିଛି ସ୍କୁଲରେ କମ୍ପ୍ୟୁଟରଗୁଡିକ ଚାଲୁଛି। ପୂର୍ବରୁ ଥିବା କମ୍ପ୍ୟୁଟର ଶିକ୍ଷକମାନଙ୍କୁ ପୁନଃନିଯୁକ୍ତି କରାଗଲେ ଛାତ୍ରୀଛାତ୍ରମାନେ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ଖଣ୍ଡପଡା ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ରଥ କୁହନ୍ତି, ସରକାର ଯୋଗାଇ ଦେଇଥିବା କମ୍ପ୍ୟୁଟରଗୁଡିକୁ ସମ୍ପୃକ୍ତ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ କାମରେ ଲଗାଉଛନ୍ତି। ଛାତ୍ରୀଛାତ୍ରମାନେ ଯଦି ଏହି ଯୋଜନାରେ ସାମିଲ ହୋଇପାରନ୍ତେ ତେବେ କମ୍ପ୍ୟୁଟରଗୁଡିକ ଉପଯୋଗ ହୋଇପାରନ୍ତା। ସଂପ୍ରତି କରୋନା କଟକଣା ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିଛି। ସମସ୍ତ କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ ଠିକ୍ ଥିବା ରଥ କହିଛନ୍ତି। ରାମଚନ୍ଦ୍ର ହାଇସ୍କୁଲର ଛାତ୍ର ଆଶୁତୋଷ ସିଂହ ସାମନ୍ତ କୁହନ୍ତି, ସରକାର ଏହି ଯୋଜନାରେ ବହୁ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ହେଲେ ନିୟୋଜିତ କମ୍ପ୍ୟୁଟର ଶିକ୍ଷକମାନଙ୍କୁ ବିଦା କରିଦେବା ପରେ ଛାତ୍ରୀଛାତ୍ରମାନେ ସେହି ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏ ସଂକ୍ରାନ୍ତରେ ସରକାର ଆଉ ଥରେ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।


ଲ୍ୟାବ୍‌ରେ ଅଚଳ ହୋଇ ପଡ଼ିଥିବା କମ୍ପ୍ୟୁଟର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଉଦର ନାଲି ଟିଣି**
**ଭରିଏ ରୁପାକୁ ଯୋଡ଼େ ହିରପିନ୍**
**ମାରିବା ଦି' ଭଉଣୀ।**

ସାଧାରଣତଃ ମହିଳାମାନେ ଅଳଙ୍କାର ପ୍ରିୟ। ଅଳଙ୍କାରରେ ନିଜକୁ ସଜେଇ ଅନ୍ୟ ଆଗରେ ଦେଖାଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଅଳଙ୍କାର ପ୍ରତି ବିଶେଷ ଦୁର୍ବଳତା ଭାବ ରହିଥିବା ସ୍ଥଳେ ସାମାନ୍ୟ ହିରପିନ୍‌କୁ ପିନ୍ଧିବା ନେଇ ଦୁଇ ଭଉଣୀଙ୍କ ମଧ୍ୟରେ ଟଣାଓଟରା ଲାଗି ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାର ବରତ ତେର ଓଷା**
**ତେବେ କରିବୁ ପୁଅ ଆଶା।**

ପୁଅ ଝିଅ ଉଭୟେ ସମାନ। କେହି କାହାରିଠୁ କୌଣସି ଗୁଣରେ ଊଣା ନୁହଁନ୍ତି। ତେବେ ଆଗକାଳରେ ସଭିଏଁ ପୁଅକୁ ଅଧିକ ପ୍ରାଧାନ୍ୟ ଦେଉଥିଲେ। ବୁଢ଼ାକାଳରେ ସାହା ହେବ ବୋଲି ପୁଅ ପ୍ରତି ଅଧିକ ମନ ବଳାଉଥିଲେ। ଫଳ ସ୍ୱରୂପ ପୁଅଟିଏ ପାଇବା ପାଇଁ ନାନା ପ୍ରକାରର ଓଷା ବାର ବ୍ରତ କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ**

## କଟକରେ ସ୍ୱାତୀଙ୍କ ମୃତଦେହ ବ୍ୟବଚ୍ଛେଦ

**ନୟାଗଡ଼ ଅଫିସ/ରଣପୁର, ୧୬।୧୨(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ବଧିପାଟଣା ଗାଁର ସ୍ୱାତୀଙ୍କୁ ପରୀ ଢ଼ାଞ୍ଚାରେ ଅପହରଣ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ନିଖୋଜର ୫ ଦିନ ପରେ ଅର୍ଥାତ୍ ମଙ୍ଗଳବାର ତହଁଲାସାହି ପରିତ୍ୟକ୍ତ ଗାଡିଆରୁ ତାଙ୍କ ମୃତଦେହ ଜବତ କରାଯାଇଥିଲା । ବୁଧବାର ମୃତଦେହ କଟକ ବଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି। ସ୍ୱାତୀଙ୍କ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ରସୁଲଗଡ଼ସ୍ଥିତ ଫରେନସିକ ଲ୍ୟାବ୍‌କୁ ପଠାଯାଇଛି। ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସ୍ୱାତୀଙ୍କ ମୃତଦେହ ଗାଡ଼ିଆରେ କେବେ ପଡ଼ିଲା ଜଣାପଡ଼ି ନାହିଁ। ଡଗ୍ ସ୍କ୍ୱାଡ୍ କେବଳ ବଧିପାଟଣା ପୋଖରୀ ନିକଟରେ ବୁଲିଥିଲା । ମୃତଦେହ ମିଳିଥିବା ସେହି ପରିତ୍ୟକ୍ତ ପୋଖରୀ ନିକଟକୁ ଡଗ୍ ସ୍କ୍ୱାଡ୍ ଯାଇ ନ ଥିବାରୁ ତଦନ୍ତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ଗ୍ରାମବାସୀ କହିଛନ୍ତି।

## ଅପହୃତ ଶିଶୁଙ୍କୁ ଖୋଜିବା ଦାବିରେ ଡିଜିପିଙ୍କୁ ଭେଟିଲା ଭାଜପା ଟିମ୍

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ):** ଚଳିତବର୍ଷ ଜୁଲାଇରେ ନୟାଗଡ଼ ଜିଲା ଯଦୁପୁର ଗାଁର ୫ ବର୍ଷର ନାବାଳିକା ପରୀକୁ କିଛି ଦୁର୍ବୃତ୍ତ ହତ୍ୟା କରି ତା'ର ଅଙ୍ଗ ତସ୍କରୀ କରିଛନ୍ତି। ଏହା ବିରୋଧରେ ପରୀର ପରିବାରବର୍ଗ ଘଟଣାର ମୁଖ୍ୟ ଅଭିଯୁକ୍ତ ବାବୁଲି ନାଏକ ନାଁରେ ଅଭିଯୋଗ କରିଥିଲେ ସୁଦ୍ଧା ପୋଲିସ ଶାସକ ଦଳ ଚାପରେ ଅପରାଧୀଙ୍କୁ ଗିରଫ କରୁନାହିଁ। ପରୀକୁ ନ୍ୟାୟ ଏବଂ ରାଜ୍ୟରେ ଅପହରଣ କରାଯାଇଥିବା ୪୪୭୬ ଶିଶୁଙ୍କୁ ଖୋଜିବା ସହ ପୋଲିସ ତଦନ୍ତକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଭାଜପାର ଏକ ପ୍ରତିନିଧି ଦଳ ବୁଧବାର ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ଭେଟି ଦାବି କରିଛି। ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ ୪୬୦୪ ଜଣଙ୍କୁ ଅପହରଣ କରାଯାଇଛି ଏବଂ ଆଇପିସି ଧାରା ୩୬୩ ଅନୁଯାୟୀ ୪୪୭୬ ଜଣ ନାଁରେ ଏତଲା ଦିଆଯାଇଛି। ୨୦୧୯ରେ ୩୧୫୧ ଜଣ ପିଲା ନିଖୋଜ ଅଛନ୍ତି। ଯଦି ୨୦୧୮ରେ ନିଖୋଜ ଶିଶୁ ୨୩୫୨ଜଣଙ୍କୁ ଏହି ତାଲିକାରେ ସାମିଲ କରାଯାଏ ତେବେ ଗତ ୨ ବର୍ଷରେ ରାଜ୍ୟରେ ୫୫୦୩ ଶିଶୁ ନିଖୋଜ ଅଛନ୍ତି। ଏଯାବତ୍ କେଉଁ ଜିଲାରୁ କେତେ ଶିଶୁ ନିଖୋଜ ହୋଇଛନ୍ତି ତାହାର ତଥ୍ୟ ପୋଲିସ ସର୍ବସାଧାରଣରେ ରଖୁ। ଏହା ସହ ନିଖୋଜ ଶିଶୁଙ୍କୁ ଖୋଜିବା ଲାଗି କି ବ୍ୟବସ୍ଥା କରାଯାଉଛି ତାହା ସାର୍ବଜନୀନ କରାଯାଉ ବୋଲି ପ୍ରତିନିଧି ଦଳ ଦାବି କରିଛି। ପ୍ରତିନିଧି ଦଳରେ ରାଜ୍ୟ ଉପ ସଭାନେତ୍ରୀ ଅନିତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, କସ୍ତୁରୀ ମିଶ୍ର, କଳ୍ପନା ପଟ୍ଟନାୟକ, ପ୍ରଭାସିନୀ ମହାପାତ୍ର, ରଶ୍ମିରେଖା ଦାସଙ୍କ ସମେତ କଟକ ଜିଲା ସଭାପତି ଲଲାଟେନ୍ଦୁ ବଡୁ ପ୍ରମୁଖ ସାମିଲ ଥିଲେ।

## ମଦ ନ ଦେବାରୁ ବରକୁ ମାରିଦେଲେ ସାଙ୍ଗ

**ଆଲିଗଡ଼, ୧୬।୧୨**

ବାହାଘର ପାର୍ଟି ପାଇଁ ମନ ମୁତାବକ ମଦ ନ ମିଳିଥିବାରୁ ବରକୁ ତାଙ୍କ ସାଙ୍ଗମାନେ ହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଉତ୍ତରପ୍ରଦେଶର ଆଲିଗଡ଼ସ୍ଥିତ ପଲ୍ଲିମୁକିମପୁର ଗାଁରେ ଘଟିଛି। ମୃତକ ହେଲେ ବବ୍‌ଲୁ (୨୮)। ସେ ବାହାଘରର ଗୋଟିଏ ଦିନ ପରେ ତାଙ୍କ ସାଙ୍ଗମାନଙ୍କୁ ଭେଟିବାକୁ ଯାଇଥିଲେ। ବିବାହ ଦିନ ମଦ ନିଅଣ୍ଟ ପଡ଼ିଥିବା ତାଙ୍କ ସାଙ୍ଗମାନେ କହିବା ସହ ଅଧିକ ମଦ ଦେବାକୁ କହିଥିଲେ। ହେଲେ ବବ୍‌ଲୁ ଅକ୍ଷମତା ପ୍ରକାଶ କରିବାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଅଭିଯୁକ୍ତମାନେ ବବ୍‌ଲୁଙ୍କ ପେଟରେ ଛୁରି ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୁଖ୍ୟ ଅଭିଯୁକ୍ତ ରାମ ଖିଲାଡିଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୫ ଜଣ ଫେରାର ଥିବା ପୋଲିସ କହିଛି।

## ୧୪୭ ବିଧାନସଭା କ୍ଷେତ୍ରରେ ଜନଜାଗରଣ କରିବ ମହିଳା ମୋର୍ଚ୍ଚା

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

ନୟାଗଡ଼ ଜିଲା ପରୀ ହତ୍ୟା ଘଟଣାରେ ପୀଡିତାଙ୍କ ପରିବାରକୁ ନ୍ୟାୟ ମିଳି ନ ଥିବାବେଳେ ସମାନ ଢଙ୍ଗରେ ସେହି ଜିଲାରେ ଆଉ ଜଣେ ୩ ବର୍ଷର ଝିଅ ସ୍ୱାତୀର ଅପହରଣ ଓ ହତ୍ୟା ସରକାରଙ୍କ ନିଷ୍କ୍ରିୟତାକୁ ପ୍ରମାଣିତ କରିଛି। ପରୀକୁ ନ୍ୟାୟ ଦେବା ପାଇଁ ଭୁବନେଶ୍ୱରରୁ ଡିସେମ୍ବର ୨୦ରୁ ବିଶାଳ ପଦଯାତ୍ରା ଆରମ୍ଭ କରାଯିବ। ରାଜ୍ୟର ନିଖୋଜ ଶିଶୁଙ୍କୁ ନ୍ୟାୟ ଦେବା ପାଇଁ ୧୪୭ ବିଧାନସଭା କ୍ଷେତ୍ରରେ ଜନଜାଗରଣ କରାଯିବ ବୋଲି ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି। ବୁଧବାର ରାଜ୍ୟ କାର୍ଯ୍ୟାଳୟରେ ପଟ୍ଟନାୟକ କହିଛନ୍ତି ଯେ, ନାବାଳିକା ସ୍ୱାତୀକୁ କେତେଜଣ ଦୁର୍ବୃତ୍ତ ଯୋଜନାବଦ୍ଧ ଭାବେ ହତ୍ୟା କରିଛନ୍ତି। ଏହି ଘଟଣାର ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ସେ ଦାବି କରିଛନ୍ତି।

## ଗଞ୍ଜାମର ୨ କୋଭିଡ୍ ହସ୍ପିଟାଲ ବନ୍ଦ ହେବ

**ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ):** କରୋନା ମୁକାବିଲା ପାଇଁ ଖୋଲାଯାଇଥିବା କୋଭିଡ୍ ହସ୍ପିଟାଲ ମଧ୍ୟରୁ ୨ଟି ବନ୍ଦ ହେବ। ଗଞ୍ଜାମ ଜିଲା ବ୍ରହ୍ମପୁରର ଶୀତଳାପଲ୍ଲୀସ୍ଥିତ ଟାଟା କୋଭିଡ୍ ହସ୍ପିଟାଲକୁ ଆସନ୍ତା ୨୦ରୁ ଓ ଗୋଳନ୍ଥରାସ୍ଥିତ ଅଶ୍ୱିନୀ କୋଭିଡ୍ ହସ୍ପିଟାଲକୁ ୩୧ରୁ ବନ୍ଦ କରିବା ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଏ ନେଇ ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଉଭୟ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ବର୍ତ୍ତମାନ ଗଞ୍ଜାମରେ ବହୁତ କମ୍ ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହେଉଥିବାରୁ ଅଧିକାଂଶ ବେଡ୍ ଖାଲି ପଡୁଛି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

## ଜୟପୁର ଏୟାରଷ୍ଟ୍ରିପ ସମ୍ପ୍ରସାରଣ ନେଇ ଚୁକ୍ତି

**ଜୟପୁର, ୧୬।୧୨ (ନି.ପ୍ର.)**

ଜୟପୁର ଏୟାରଷ୍ଟ୍ରିପର ସମ୍ପ୍ରସାରଣ ହେବ। ଏ ନେଇ ବୁଧବାର ୪୨ କୋଟିର ଏକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ଗୁରୁ ମହାରାଜ କନ୍‌ଷ୍ଟ୍ରକ୍ସନର ଏକ ୩ ଜଣିଆ ଟିମ୍ ଆସି ଚୁକ୍ତି କରି ଫେରିଛନ୍ତି। ଏୟାରଷ୍ଟ୍ରିପର ରନ ୱେ ସମ୍ପ୍ରସାରଣ, ଆପ୍ରୋଚରୋଡ୍, ଷ୍ଟାଫ୍ କ୍ୱାର୍ଟର୍ସ, ପୋଲିସ ବାରାକ, ଟର୍ମିନାଲ ବିଲ୍ଡିଂ, ଓାର୍କଶପ ବିଲ୍ଡିଂ, ପେରିଫେରି ରୋଡ୍, ପାଚେରି ଆଦି ସମ୍ପ୍ରସାରଣ କରାଯିବ। କନ୍‌ଷ୍ଟ୍ରକଶନ ଟିମ୍ ସହ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀଯନ୍ତ୍ରୀ ଭାସ୍କର ସାମନ୍ତରାୟ, ସହକାରୀ ଯନ୍ତ୍ରୀ ବିଜୟ କୁମାର ବେହେରା ଏୟାରଷ୍ଟ୍ରିପ ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କରିଥିଲେ। ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଜୟପୁର ଏୟାରଷ୍ଟ୍ରିପର ବର୍ତ୍ତମାନ ରନୱେ ୯୧୫ ମିଟର ଲମ୍ବା ଏବଂ ୨୩ ମିଟର ଚଉଡା ରହିଛି। ଏହି ରନୱେରେ ଛୋଟ ବିମାନ ଚାଲିପାରିବ। ମାତ୍ର ରାଜ୍ୟ ସରକାର ଏଠାରେ ଟି-୭୨ ସିଟ୍ ବିଶିଷ୍ଟ ବିମାନ ଚାଲିବା ନେଇ ବ୍ୟବସ୍ଥା କରିଛନ୍ତି। ରନୱେ ସମ୍ପ୍ରସାରଣ ଓ ଭିତ୍ତିଭୂମି ବିକାଶ ପାଇଁ ୪୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଯାବତ୍ ୯ ଶହ ମିଟର ପାଇଁ ବାଉଣ୍ଡାରି କାର୍ଯ୍ୟ ସରିଥିବା ବେଳେ ୧୨ ଶହ ମିଟର ରନୱେ କାର୍ଯ୍ୟ ହେବ। ଜାତୀୟ ରାଜପଥ ୨୬ଠାରୁ ଏୟାରଷ୍ଟ୍ରିପକୁ ସଂଯୋଗ ରାସ୍ତାର ମଧ ବିକାଶ କରାଯିବ। ଏଥିପାଇଁ ୩.୨ ଏକର ଘରୋଇ ଜମି ଅଧିଗ୍ରହଣ ହୋଇଛି ବୋଲି ନିର୍ବାହୀଯନ୍ତ୍ରୀ ସାମନ୍ତରାୟ କହିଛନ୍ତି। ସୂଚନାଯୋଗ୍ୟ, ୧୯୬୨ରେ ୬୦ ଏକର ଜମିରେ କାର୍ଯ୍ୟକ୍ଷମ ହୋଇଥିବା ଏହି ବିମାନବନ୍ଦର ଏବେ ୧୧୩ ଏକର ଜମିରେ ସମ୍ପ୍ରସାରଣ ହେଲାଣି।


ଜୟପୁର ଏୟାରଷ୍ଟ୍ରିପ୍ ଅନୁଧ୍ୟାନରେ ଆସିଥିବା ଟିମ୍ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ପଦବୀ ପୂରଣ ନିମନ୍ତେ କମିଟି ଗଠନ ନିର୍ଦ୍ଦେଶ

**କଟକ ଏସ୍‌ସିବି ମେଡିକାଲରେ ମନ୍ତ୍ରୀଙ୍କ ସମୀକ୍ଷା**

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ):** କଟକ ଏସ୍‌ସିବି ମେଡିକାଲ ନିଦାନ ବିଭାଗରେ ରୋଗୀଙ୍କୁ ନିର୍ଭୁଲ ତଥା ଠିକ୍ ସମୟରେ ସେବା ଯୋଗାଇ ଦେବା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ଲୋକସେବା ଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିଦାନ ବିଭାଗ ପାଥୋଲୋଜି, ମାଇକ୍ରୋ ବାୟୋଲୋଜି, ରେଡିଓଲୋଜି ଓ ବାୟୋକେମେଷ୍ଟ୍ରି ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ବିଭିନ୍ନ ବିଭାଗରେ ଆବଶ୍ୟକ ଯନ୍ତ୍ରପାତି ବ୍ୟବସ୍ଥା ଓ ଖାଲି ପଡ଼ିଥିବା ବିଭିନ୍ନ ପଦବୀ ପୂରଣ ନିମନ୍ତେ ଅଗ୍ରାଧିକାର ଭିତ୍ତିରେ ଡିଏମ୍‌ଇଟିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ତ୍ୱରିତ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରୋଗୀଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ପରୀକ୍ଷଣ ତଥା ରିପୋର୍ଟ ପ୍ରଦାନ ନିମନ୍ତେ ସେ ଗୁରୁତ୍ୱ ଦେବା ସହ ଅଭିଯୋଗ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି କଟକ ଶିଶୁ ଭବନକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଅଧିକ ଆଇସିୟୁ ବେଡ୍ ସହିତ ଖାଲି ପଡ଼ିଥିବା ଡାକ୍ତର, ଲାବୋରେଟୋରି ଟେକ୍ନିସିଆନ, ବିଭ ଅଧିକାରୀ ପ୍ରଭୃତି ପଦବୀ ପୂରଣ କରାଯିବ। ନୂତନ ହସ୍ପିଟାଲ ନିର୍ମାଣକୁ ତ୍ୱରାନ୍ୱିତ କରିବା ସହିତ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ଉପକରଣ ତୁରନ୍ତ ଯୋଗାଇ ଦେବାକୁ ମନ୍ତ୍ରୀ କହିଛନ୍ତି। ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର, ରାଜ୍ୟ ଔଷଧ ନିଗମ ଅଧ୍ୟକ୍ଷ, ଡିଏମ୍‌ଇଟି, ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଧାନ କିଣାରେ ଖିଲାପ: ସମବାୟ ସମିତି ସମ୍ପାଦକ ନିଲମ୍ବିତ

**ବାଲେଶ୍ୱର ଅଫିସ,୧୬।୧୨:** ଧାନ କିଣାରେ ଖିଲାପ ଅଭିଯୋଗରେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅନ୍ତର୍ଗତ ଚଣ୍ଡିଘର ପ୍ରାଥମିକ କୃଷି ସମବାୟ ସମିତି ଲିଃ.ର ସମ୍ପାଦକ ରବିନାରାୟଣ ବାରିକଙ୍କୁ ବୁଧବାର କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଚାଷୀମାନଙ୍କର ଟୋକନ ଥିଲେ ମଧ୍ୟ ଚଣ୍ଡିଘର କୃଷି ସମବାୟ ସମିତି ପକ୍ଷରୁ ଧାନ କିଣା ହୋଇପାରି ନ ଥିଲା। ଡିସେମ୍ବର ୨, ୪, ୭, ୯ ଓ ୧୧ ତାରିଖରେ ଧାନ ବିକ୍ରି ପାଇଁ ଯେଉଁ ଚାଷୀମାନଙ୍କୁ ଟୋକନ ମିଳିଥିଲା ସେମାନଙ୍କଠାରୁ ଧାନ କିଣା ହୋଇ ନ ପାରିବା ଫଳରେ ୯୫ଜଣ ଚାଷୀ ନିର୍ଦ୍ଧାରିତ ଦିନରେ ସେମାନଙ୍କ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ଚଣ୍ଡିଘର ସମବାୟ ସମିତି ସମ୍ପାଦକ ବାରିକଙ୍କୁ ଗତ ୧୫ ତାରିଖରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଜିଲା ଯୋଗାଣ ଅଧିକାରୀ ଚଣ୍ଡିଘର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟକୁ ଯାଇ ପ୍ରକୃତ ସ୍ଥିତିର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଧାନ କ୍ରୟରେ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ଏ ନେଇ ଜିଲା ଯୋଗାଣ ଅଧିକାରୀ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ଜିଲାପାଳ ସମିତି ସମ୍ପାଦକଙ୍କୁ ନିଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଚଣ୍ଡିଘର କୃଷି ସମବାୟ ସମିତି ପ୍ରଶାସକଙ୍କ ଆଦେଶ ସଂଖ୍ୟା ୨୭/୧୬।୧୨।୨୦ ଅନୁଯାୟୀ ସମିତି ସମ୍ପାଦକ ବାରିକ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

**OFFICE OF THE OTELP PLUS-KORAPUT, DIST.-KORAPUT**
No.1690 Date:14.12.2020
**QUOTATION CALL NOTICE**
Sealed quotation is invited from CAG Empanelled Chartered Accountant Firms for audit of ITDA, FNGOs & VDCs under OTELP Plus, ITDA, Koraput. The detail in formations of which are made available in Koraput Dist. Website i.e. www.koraput.nic.in. The last date of receipt of quotation is 29.12.20 by 3.00 P.M.
Sd./- Programme Administrator
OTELP Plus, ITDA, Koraput

**GOVERNMENT OF ODISHA**
**PANCHAYATIRAJ & DRINKING WATER DEPARTMENT**
**OFFICE OF THE PANCHAYAT SAMITI, NANDAHANDI**
AT/P.O.: DANGARABHEJA, DIST: NABARANGPUR, PIN - 764078
Ph.: 06858-229720/229711, e-mail: ori-nandahandi@nic.in
Letter No. 2223/20 **TENDER CALL NOTICE No. 01/2020-21** Dated: 16.12.2020
The Block Development Officer, Nandahandi invites sealed tenders in conformity with Detailed Tender Call Notice to be drawn up in State P.W.D. "P-1" contract from the eligible registered contractors of State P.W.D./Irrigation/R.W./R.W.S.S. and P.H.E.D. having valid licence from competent authority for civil works as detailed below.

| Sl. No. | Name of the Work | Amount put to tender (Rs.) | EMD to be deposited 1% (Rs.) | Cost of tender documents (Non refundable) (Rs.) | Class of Contractor | Time of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Labour Room at PHC Ekamba of Nandahandi GP | 31,00,000.00 | 31,000.00 | 6,000.00 | B & C | 05 (Five) Calendar Months |

Further more details can be seen and the tender documents can be downloaded from Official website www.nabarangpur.nic.in from Dt.19.12.2020 to 28.12.2020.
Sd./- Block Development Officer, Nandahandi

**OFFICE OF THE EXECUTIVE ENGINEER**
**RURAL WATER SUPPLY AND SANITATION DIVISION, CUTTACK**
**MAHANADIBIHAR, CUTTACK-753004**
Telephone: 0671-2441619, e-mail: eerwss_ctc1@nic.in
Govt. of Odisha e-procurement Notice
**Bid Identification No. rwssctc-07/2020-21**
No.O-719:- The Executive Engineer, RWS&S Division, Cuttack on behalf of Governor of Odisha invites lump sum bid through e-procurement double cover system according to norm of e-procurement.
1. Nature of work: Rural piped W/S Schemes.
2. No. of tenders: 8 Nos.
3. Tender paper cost; Rs.10,000/-
4. Value of work: Rs.56.08 lakhs to Rs.95.94 lakhs
5. Class of contractor: 'B' & 'A' Class
6. Date and time of availability of bid document in portal: 11 hour of 18.12.2020 to 28.12.2020 upto 17 hours.
7. Date & time of seeking tender clarification: 24.12.2020 upto 17 hours.
8. Date & time of opening of tender: 29.12.2020 at 11.30 hours in the Office of the Executive Engineer, RWS&S Division, Cuttack.
9. Time of completion: 180 days.
10. The bidders have to participate in online bidding only. Further details can be seen from the website https://www.tendersorissa.gov.in

Sd./- EXECUTIVE ENGINEER, RWSS DIVISION, CUTTACK
OIPR-25022/11/0014/2021

**ତହସିଲଦାରଙ୍କ କାର୍ଯ୍ୟାଳୟ, ଆସିକା, ଜିଲ୍ଲା: ଗଞ୍ଜାମ**
ବିଜ୍ଞାପନ ସଂଖ୍ୟା: ୩୪୧୬/ସୈରାତ ତାରିଖ: ୧୫।୧୨।୨୦
**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ନିଲାମ ନିମନ୍ତେ ବିଜ୍ଞାପନ**
ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଆସିକା ତହସିଲ ଇଲାକାରେ ନିମ୍ନରେ ଦିଆଯାଇଥିବା ୮ ଗୋଟି ପଥର ସୈରାତ ଉତ୍ସ ଓ ୨ ଗୋଟି ବାଲି ସୈରାତ ଉତ୍ସଗୁଡ଼ିକର ଆଗାମୀ ପାଞ୍ଚବର୍ଷ ନିମନ୍ତେ (ଦୀର୍ଘ ମିଆଦୀ) ଲିଜ୍ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ। ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବସାଇଟ୍ www.ganjam.nic.inରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ଆସିକା ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି। ଦରଖାସ୍ତ ରେଜେଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର, ଆସିକାଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା୧୬।୧୨।୨୦୨୦ରିଖ ଠାରୁ ତା୩୦।୧୨।୨୦୨୦ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ।
ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା୩୧।୧୨।୨୦୨୦ରିଖ ୧୧.୦୦ ଘଟିକାରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡ଼ାନ୍ତ କରାଯିବ। କୌଣସି କାରଣରୁ ନିଲାମ ନ ହୋଇପାରିଲେ ଦ୍ୱିତୀୟ ତା୦୩।୦୧।୨୦୨୧ରିଖ ଏବଂ ଦ୍ୱିତୀୟ ତାରିଖରେ ନ ହୋଇ ପାରିଲେ ତୃତୀୟ ତା୧୫।୦୧।୨୦୨୧ରିଖରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ।
ଉପର ଲିଖିତ ଯେ କୌଣସି ସର୍ତ୍ତକୁ ଯେ କୌଣସି ସମୟରେ ନିମ୍ନ ସ୍ୱାକ୍ଷରକାରୀ ପରିବର୍ତ୍ତନ କରିପାରିବେ।
ସ୍ୱା./– ତହସିଲଦାର, ଆସିକା

**OFFICE OF THE NOTIFIED AREA COUNCIL, BOUDHGARH**
**"e" Procurement Notice**
TENDER CALL NOTICE NO.3945/NAC/4/2020-21, Date:16.12.2020
1. Name of work: Civil works as mentioned in website.
2. No. of works: 1 No. of Civil works.
3. Bid value: Rs.73,87,970.00
4. Date and time of availability, received of the bid documents in the portal: From 10.00 A.M. of dt.17.12.2020 to dt.28.12.2020 upto 5.00 P.M. only.
5. Bids received online shall be opened on Dt.31.12.2020 at 11.00 A.M.
6. Submission of original documents on or before 10.00 A.M. of Dt.31.12.2020. 7. Name & address of the officer inviting bid: EXECUTIVE OFFICER, BOUDHGARH NAC.

For further details can be seen from the procurement portal: www.tendersorissa.gov.in
Sd./- Executive Officer
Boudhgarh NAC

No. B-529
Government of Odisha
**OFFICE OF THE SUPERINTENDING ENGINEER CUTTACK (R&B) CIRCLE, CUTTACK**
E-mail ID: sectcrb_2006@yahoo.co.in, Tel/Fax: 0671-2301751/2302751
**('e' - PROCUREMENT NOTICE)**
Bid Identification No. S.E.Ctc. (R&B) 18/2020-21
1. The Superintending Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road and Building works as mentioned below.
2. No. of work : 3 Nos.
3. Nature of work : Building works
4. Class of contractor : 'A' & Special Class.
5. Tender paper cost : Rs.10000/- (Online)
6. Available of bid documents in the website. : From 28.12.2020 to 16.00 hours of 13.01.2021
7. Date of opening of bid : Dt. 15.01.2021 at 11.00 hours.
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- T.P. Mishra
Superintending Engineer
Cuttack(R&B) Circle
OIPR-34012/11/0019/2021

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, BARIPADA**
e_mail : rw_mayurbhanj @yahoo.co.in
**e_Procurement Tender Call Notice No. Online 05/RWD/BPD/2020-21**
No.O-726:-1. Name of the work: Road Works. 2. Total No.of works: 49 Nos. 3. Estimated cost: Approx estimated cost Rs.0.90 lakhs to Rs.12.77 lakhs. 4. Class of contractor: 'D' & 'C'. 5. Period of completion: 1(One) Month.
6. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in the office of the Executive Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Baripada | 05 (Online)/ RWD-BPD of 2020-21 | Dt.21.12.20 at 11.00 A.M. | Dt.30.12.20 upto 5.00 P.M. | Dt.29.12.20 upto 5.00 P.M. | Dt.03.01.21 at 11.00 A.M. |

Further details can be seen from the website www.tendersorissa.gov.in
Sd./- N.V. Harihar Rao, Executive Engineer, R.W. Division, Baripada
OIPR-25057/11/0007/2021

**OFFICE OF THE CHIEF DISTRICT MEDICAL & PHO- cum-DMD, CUTTACK**
**Department of Health & Family Welfare**
Adv. No 15412 Government of Odisha Date:10.12.2020
**TENDER CALL NOTICE FOR SUPPLY OF EQUIPMENT INSTRUMENT FOR HWC**
Sealed tenders are invited from authorized distributers for supply of EQUIPMENT INSTRUMENT FOR HWC under CDM&PHO, Cuttack. The details of term and conditions of tender are available at the official website www.cuttack.nic.in. The bidders have to download the tender paper from website to participate in the tender. The undersigned reserves the right to reject any or all the tenders without assigning any reason. Available of tender paper 10/12/2020 to 21/12/2020, Last date of submission of paper 21/12/2020, Time: 2.00 PM, Opening of tender (Technical Bid) 21/12/2020, 3.30PM. Submission of tender paper through Speed post / Registered post only.
Sd./- District Medical &PHO cum DMD, Cuttack

**ଚା'ର ନାଁ 'ଧୋକା'**

ସୋସିଆଲ ମିଡିଆରେ ଏଭଳି ଏକ ଚା' ଦୋକାନ ଭାଇରାଲ ହେଉଛି ଯାହାର ମେନୁ ବିଷୟରେ ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ। ମଧ୍ୟପ୍ରଦେଶରେ ଥିବା ଏହି ଦୋକାନର ନାଁ ହେଉଛି 'କାଲୁ ବେୱଫା ଚାୟ ବାଲା'। ଏଠାରେ ଧୋକା ଚା', ପ୍ରେମୀ ଯୁଗଳଙ୍କ ପାଇଁ ସ୍ପେଶାଲ ଚା', ଏକଲାପଣ ଚା' ଆଦି ବିଭିନ୍ନ ବର୍ଗର ଲୋକଙ୍କ ପାଇଁ କୌତୁହଳପୂର୍ଣ୍ଣ ଭାବେ ଚା'ର ନାଁ ରହିଛି। ନାଁ ଅନୁସାରେ ଚା'ର ଦାମ୍ ସର୍ବନିମ୍ନ ୫ରୁ ସର୍ବାଧିକ ୪୯ ଟଙ୍କା ପର୍ଯ୍ୟନ୍ତ ରହିଛି।



# ଭୋଜନରେ ମଠୁଆ ଫ୍ରାନ୍ସ

**'ଆପ୍ ରୁଚି ଖାନା, ପର୍ ରୁଚି ପେହେନା'। ଅର୍ଥାତ୍ ଖାଇବା ନିଜ ପସନ୍ଦର ଏବଂ ବେଶପୋଷାକ ଅନ୍ୟମାନଙ୍କ ପସନ୍ଦ ହେବା ଉଚିତ। ଦୈନନ୍ଦିନ ଜୀବନରେ ସମସ୍ତେ କିଛି ନା କିଛି ଖାଦ୍ୟ ଗ୍ରହଣ କରିଥା'ନ୍ତି। ଭୌଗୋଳିକ ପରିସ୍ଥିତି, ପାଣିପାଗ ଅନୁଯାୟୀ ଖାଇବାର ସ୍ୱତନ୍ତ୍ର ସମୟ ନିର୍ଘଣ୍ଟ ମଧ ନିର୍ଦ୍ଧାରଣ ହୋଇଛି। ଖାଦ୍ୟ ପାଇଁ ସମୟ ବିନିଯୋଗ କରିବାରେ ପ୍ରଥମ ସ୍ଥାନରେ ରହିଛି ଫ୍ରାନ୍ସ। ଏଠାରେ ଜଣେ ଖାଦ୍ୟପେୟ ଲାଗି ଦୈନିକ ହାରାହାରି ୨ ଘଣ୍ଟା ୧୩ ମିନିଟ୍ ଦେଉଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି।**



**ପ୍ୟାରିସ୍:** ଆଉ ଦିନ କେଇଟା ଭିତରେ ବିଦାୟ ନେବ ୨୦୨୦। କରୋନା କଟକଣା ପାଇଁ ପର୍ଯ୍ୟଟନ ଋତୁରେ ଯଦିଓ ପାର୍ଟି, ଫଙ୍କଶନ୍ ଫିକା ପଡ଼ିଛି, ତଥାପି ପରିବାର ସହିତ ସମୟ ବିତାଇବା, ଘର ଭିତରେ ସ୍ୱତନ୍ତ୍ର ଦିନକୁ ସ୍ମୃତିମଧୁର କରିବା ସୁଯୋଗ କେହି ହାତଛଡ଼ା କରିବେ ନାହିଁ। ମହାମାରୀ ଭିତରେ ନବବର୍ଷକୁ ସ୍ୱାଗତ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇସାରିଥିବାବେଳେ ଏଥିରେ ସର୍ବାଗ୍ରେ ରହିଛି ସୁସ୍ୱାଦୁ ଭୋଜନର ଲମ୍ବା ତାଲିକା। ଏ କ୍ଷେତ୍ରରେ ଫ୍ରାନ୍ସ ଗୋଟିଏ ପାଦ ଆଗରେ ରହିଛି। ଖାଦ୍ୟପେୟ ମାମଲାରେ ଜଣେ ଫ୍ରାନ୍ସବାସୀ ଦୈନିକ ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବ୍ୟୟ କରିଥାନ୍ତି। ଅର୍ଗାନାଇଜେଶନ ଫର ଇକୋନୋମିକ୍ କୋଅପରେଶନ ଡେଭଲପ୍‌ମେଣ୍ଟ (ଓଇସିଡି) ପକ୍ଷରୁ ବିଭିନ୍ନ ଦେଶର ଜନସାଧାରଣଙ୍କ ଜୀବନଶୈଳୀ, ପ୍ରବୃତ୍ତି ସମ୍ପର୍କିତ ସଂଗ୍ରହ କରାଯାଇଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି।

### ଭାରତୀୟଙ୍କ ପାକ ପ୍ରସ୍ତୁତି ବିଳମ୍ବିତ

ଭୋଜନରେ ସମୟ ବ୍ୟୟ କରୁଥିବା ଦେଶ ତାଲିକାରେ ଭାରତର ସ୍ଥାନ ନବମ। ଏଠାରେ ଜଣେ ଭୋଜନ ଲାଗି ହାରାହାରି ୧ ଘଣ୍ଟା ୨୪ ମିନିଟ୍ ଦେଇଥାନ୍ତି। ଦେଶରେ ଖାଇବା ଅପେକ୍ଷା ଖାଦ୍ୟ ପ୍ରସ୍ତୁତିରେ ଅଧିକ ସମୟ ଦିଆଯାଇଥାଏ। ସାଧାରଣତଃ ମହିଳାମାନେ ରୋଷେଇ କରିଥା'ନ୍ତି। ତେବେ ଏଭଳି ଅବୈତନିକ କାମରେ ମହିଳାମାନେ ପୁରୁଷଙ୍କଠାରୁ ଆଗୁଆ।

ଫ୍ରାନ୍ସବାସୀ ପୁଷ୍ଟିକର ଭୋଜନକୁ ବେଶି ପ୍ରାଧାନ୍ୟ ଦେଇଥାନ୍ତି। ତଟକା ପରିବା, ପାଚିଲା ଫଳ, ଟମାଟୋ ସେମାନଙ୍କ ପ୍ରିୟ। ଏଠାକାର ପରିବାର ସଦସ୍ୟଙ୍କ ଡାଏଟ୍ ଭିନ୍ନ ଭିନ୍ନ। ଶାରୀରିକ ଏବଂ ମାନସିକ ଆବଶ୍ୟକତା ଅଭିବୃଦ୍ଧି ଅନୁଯାୟୀ ସେମାନେ ଏହାକୁ ଚୟନ କରିଥାନ୍ତି। ଫ୍ରାନ୍ସବାସୀ ସାମୁଦ୍ରିକ ଖାଦ୍ୟକୁ ମଧ୍ୟ ଗୁରୁତ୍ୱ ଦେଇଥାନ୍ତି। ହୃଦ୍‌ରୋଗ ହ୍ରାସ ଲାଗି ୧୯୬୦ରୁ ଆରମ୍ଭ ହୋଇଥିବା ମେଡିଟେରିଆନ ଡାଏଟ୍ ଆଜି ବି ଲୋକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଫ୍ରାନ୍ସ ସମେତ ଅନେକ ୟୁରୋପୀୟ ଦେଶରେ ଏକାଥରକେ ଅଧିକ ଭୋଜନ ପରିବର୍ତ୍ତେ ନିୟମିତ ବ୍ୟବଧାନରେ ଅଳ୍ପ ଅଳ୍ପ ଭୋଜନ କରାଯାଇଥାଏ।

ଫ୍ରାନ୍ସ ପରେ ଭୋଜନରେ ମଠୁଆ ଦେଶ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି ଇଟାଲୀ। ଏଠାରେ ଜଣେ ଦୈନିକ ହାରାହାରି ଖାଦ୍ୟ ଖାଇବା ଲାଗି ୨ ଘଣ୍ଟା ୭ମିନିଟ୍ ବ୍ୟୟ କରିଥାନ୍ତି। ଏହି ଛୋଟିଆ ଦେଶର କୌଣସି ନା କୌଣସି ଅଞ୍ଚଳରେ ପ୍ରତିଦିନ ଫୁଡ୍ ଫେଷ୍ଟିଭାଲ ଆୟୋଜିତ ହୋଇଥାଏ। ଏହି ଧାରାରେ ୩ୟ ସ୍ଥାନରେ ରହିଛି ସ୍ପେନ୍। ଦେଶବାସୀଙ୍କ ଭାବନାରେ ଖାଦ୍ୟ ଈଶ୍ୱରଙ୍କ ବରଦାନ। ତେଣୁ ଖାଦ୍ୟ ନଷ୍ଟ କରିବା ଏଠାରେ ଖରାପ ମାନସିକତା ଭାବେ ବିବେଚନା କରାଯାଏ।

ଭୋଜନ ପାଇଁ ସମୟ ଖର୍ଚ୍ଚ କରୁଥିବା ଦେଶ ତାଲିକାରେ ଦକ୍ଷିଣ କୋରିଆର ସ୍ଥାନ ୪ର୍ଥ। ଏଠାରେ ଜଣେ ବ୍ୟକ୍ତି ଦିନକୁ ୧ ଘଣ୍ଟା ୪୫ ମିନିଟ କେବଳ ଖାଇବାରେ ବ୍ୟୟ କରିଥାନ୍ତି। ଉତ୍ତର କୋରିଆ-ଦକ୍ଷିଣ କୋରିଆ ମଧ୍ୟରେ ଦୀର୍ଘ ଦଶନ୍ଧିର ଶତ୍ରୁତା ମଧ୍ୟରେ ଖାଦ୍ୟପାନୀୟ ଅନେକ ସମୟରେ ସମ୍ପର୍କର ସେତୁ ଭାବେ କାମ କରିଛି। ଚାଇନାର ଖାଦ୍ୟ ଶୈଳୀ ସବୁଠାରୁ ନିଆରା। କେତେକ ଡିଶ୍‌ର ସାମଞ୍ଜସ୍ୟ କୋରିଆ ସହିତ ରହିଥିବାବେଳେ ପାରମ୍ପରିକ ପଦ୍ଧତିରେ ମଧ୍ୟ ଅନେକ ଖାଦ୍ୟ ତିଆରି କରାଯାଇଥାଏ। ଅନ୍ୟ ଦେଶରେ ପାକ ପ୍ରସ୍ତୁତିରେ ଅଧିକ ସମୟ ବ୍ୟୟ କରାଯାଉଥିବାବେଳେ ଚାଇନା ଏହାର ବିପରୀତ। କମ୍ ସମୟରେ ବ୍ୟଞ୍ଜନ ପ୍ରସ୍ତୁତ କରିବାକୁ ଏଠାରେ ବୁଦ୍ଧିମାନର କାମ ବୋଲି ମନେ କରାଯାଏ। ଏଠାରେ ଜଣେ ବ୍ୟକ୍ତି ଭୋଜନ ପାଇଁ ଦୈନିକ ହାରାହାରି ୧ ଘଣ୍ଟା ୪୦ ମିନିଟ୍ ଦେଇଥାନ୍ତି। ଏହି ତାଲିକାରେ ୫ମରେ ଚାଇନା, ୬ଷ୍ଠରେ ଜର୍ମାନୀ, ୭ମରେ ଜାପାନ, ୮ମରେ ଅଷ୍ଟ୍ରେଲିଆ ରହିଛି।

### ଜାପାନର ଖାଦ୍ୟ ନିୟମ 'ସୁକୁ ଆଇକୁ'

ଜାପାନବାସୀଙ୍କ ଭୋଜନ ଏବଂ ରନ୍ଧନ ପ୍ରକ୍ରିୟା ନିଆରା। ଏଠାରେ ବାଙ୍ଗକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଏ। ସପରିବାର ଏକାଠି ବସି ଖାଇଥାନ୍ତି। ଖାଦ୍ୟକୁ ତୁରନ୍ତ ନ ଖାଇ ଧୀରେ ଧୀରେ ଖାଇବାକୁ ପସନ୍ଦ କରନ୍ତି। ଏଥିସହ ଦୈନିକ ଦୀର୍ଘପଥ ପାଦରେ ଚାଲିଥାନ୍ତି, ଯାହା ସେମାନଙ୍କ ଦୀର୍ଘାୟୁ ହେବାର ରହସ୍ୟ। ୨୦୦୫ରେ ଏଠାରେ 'ସୁକୁ ଆଇକୁ' ନିୟମ ଲାଗୁ କରାଯାଇଥିଲା। ଯେଉଁଥିରେ ଖାଦ୍ୟପେୟ, ଭୋଜନ ଅଭ୍ୟାସ ସହିତ ବୌଦ୍ଧିକ, ନୈତିକ ଏବଂ ଶାରୀରିକ ଶିକ୍ଷାକୁ ଏଥିରେ ଯୋଡ଼ାଯାଇଛି।

ପ୍ରଥମ ଜନ୍ମଦିନର ଶୁଭେଚ୍ଛା



ଦୁର୍ଗାଚରଣ ମହାପାତ୍ର (ଓ)
ସାକ୍ଷୀଗୋପାଳ, ସେବକସାହି, ପୁରୀ
ତୋର ଜୀବନର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏହା ହିଁ କାମନା କରି ପ୍ରଭୁ ଶ୍ରୀସାକ୍ଷୀଗୋପାଳଙ୍କ ଚରଣରେ ପ୍ରଣାମ କରୁଛୁ।
ଶୁଭେଚ୍ଛା ସହ: ଜେଜେବାପା, ମା', ପିଉସୀ, ପିଉସା, ନନା, ବୋଉ, ଚନ୍ଦନ, ସୁମନ, କ୍ରାସ, ଡୁଡୁଲି, ଲଭଲି, ରୋମି ଭାଇ ଓ ଭଉଣୀମାନେ ଏବଂ ବନ୍ଧୁବର୍ଗ।
ଧ-୬୦୮୯୦

### ଚୋରି କଲେ ଶିଶୁ ମା'ବାପାଙ୍କୁ ଜେଲ

**ଲଣ୍ଡନ:** ଜଣେ ଛଅ ବର୍ଷର ଶିଶୁ ୬୭ ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି କରି ଚର୍ଚ୍ଚାକୁ ଆସିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି ଏହି ଚୋରି ପାଇଁ ମାତାପିତା ତାଙ୍କୁ ତାଲିମ ଦେଇଥିଲେ। ଟ୍ରେନିଂ ପାଇ ପୁଅ ଦୋକାନରୁ ୧୮ କ୍ୟାରେଟ ସୁନା ଘଣ୍ଟା ଚୋରି କରିଥିଲା। ଏହି ଘଟଣା ବ୍ରିଟେନରେ ଘଟିଛି। ଚୋରି ପୂର୍ବରୁ ଇଲି ପାରା ଏବଂ ମାର୍ଟା ପାରା ନାମକ ଏହି ଦମ୍ପତି ପୁଅକୁ ଏକ ନକଲି ଘଣ୍ଟା ଦେଇଥିଲେ, ଯାହାକୁ ସେ ଚୋରି ହୋଇଥିବା ଘଣ୍ଟା ସ୍ଥାନରେ ରଖିଥିଲେ। ଫଳରେ ଷ୍ଟୋର୍‌ର କର୍ମଚାରୀମାନେ ଚୋରିକୁ ଧରିପାରି ନ ଥିଲେ। ପରଦିନ ଜଣେ କର୍ମଚାରୀ ଘଣ୍ଟା ପରିବର୍ତ୍ତନ ଦେଖି ପୋଲିସକୁ ସୂଚନା ଦେଇଥିଲେ। ରୋମାନିଆରୁ ଆସିଥିବା ଏହି ଦମ୍ପତି ବ୍ରିଟେନ ଛାଡିବାକୁ ଚାହୁଁଥିଲେ। କିନ୍ତୁ ଖସିଯିବା ପୂର୍ବରୁ ପୋଲିସ ସେମାନଙ୍କୁ ଗିରଫ କରିଥିଲା। କୋର୍ଟ ସମ୍ପୃକ୍ତ ଶିଶୁଙ୍କ ପିତାଙ୍କୁ ୧୮ ମାସ ଓ ମାତାଙ୍କୁ ୮ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି।

## ୧୬ କୋଟିର ଇଞ୍ଜେକ୍ସନ




**ନୂଆଦିଲ୍ଲୀ:** ମାତ୍ର ୮ ସପ୍ତାହର ଝିଅକୁ ଦିଆଯାଇଛି ବିଶ୍ୱର ସବୁଠୁ ମହଙ୍ଗା ଇଞ୍ଜେକ୍ସନ, ଯାହାର ଦାମ୍ ୧୬ କୋଟି ଟଙ୍କା। ଏ କଥା ଶୁଣିବା ମାତ୍ରେ ଯେ କେହି ବି ଆଶ୍ଚର୍ଯ୍ୟ ହୋଇପାରେ। ବ୍ରିଟେନର ଏଡ୍‌ୱାର୍ଡ ନାମକ ଜଣେ ୮ ମାସର ଶିଶୁକନ୍ୟାକୁ ଏହି ଇଞ୍ଜେକ୍ସନ ଦିଆଯାଇଥିବା ଘଟଣାକୁ ନେଇ ଏବେ ଜୋରଦାର ଚର୍ଚ୍ଚା ହେଉଛି। ଶିଶୁଟି ଜେନେଟିକ୍ ସ୍ପାଇନଲ ମସ୍କୁଲାର ଆଟ୍ରୋଫୀ ବା ଏସ୍ଏମ୍ଏ ରୋଗର ଶିକାର ହୋଇଛି। ଶିଶୁର ଶରୀରରେ ଏସ୍ଏମ୍ଏମ୍-୧ ଜିନ୍ କମ୍ ହୋଇଥିବା କାରଣରୁ ମାଂସପେଶୀ ଦୁର୍ବଳ ହେବା ସହିତ ନିଃଶ୍ୱାସ ନେବାରେ ଅସୁବିଧା ହୋଇଥିଲା। ସାଧାରଣତଃ ବ୍ରିଟେନରେ ହିଁ ଏହି ରୋଗ ଅଧିକ ଦେଖାଯାଉଥିବାବେଳେ ସେଠାରେ ଔଷଧ ଉପଲବ୍ଧ ନ ଥିବାରୁ ଆମେରିକା, ଜର୍ମାନୀ ଓ ଜାପାନରୁ ଇଞ୍ଜେକ୍ସନ ମଗା ଯାଇଥାଏ। ଏଥିପାଇଁ ଏହା ଏତେ ମହଙ୍ଗା ହୋଇଥାଏ। ଏହି ରୋଗର ଚିକିତ୍ସା ପାଇଁ ୨୦୧୭ରେ ଡାକ୍ତର ବିଶେଷଜ୍ଞଙ୍କୁ ସଫଳତା ପୂର୍ବକ ଏହି ଇଞ୍ଜେକଶନ ପ୍ରସ୍ତୁତ କରିଥିଲେ। ତେବେ ବ୍ରିଟେନରେ ଏଡ୍‌ୱାର୍ଡଙ୍କୁ ଏହି ଇଞ୍ଜେକ୍ସନ ଦିଆଯିବା ପରେ ତାଙ୍କ ମା'ବାପା କହିଛନ୍ତି, ବିଭିନ୍ନ ଅଞ୍ଚଳରୁ ଚାନ୍ଦା ମାଗି ଟଙ୍କା ସେମାନେ ଏତେଗୁଡ଼ିଏ ଟଙ୍କା ଏକାଠି କରିଥିଲେ।

## ଘଣ୍ଟାରେ ୧୨ଟା କେବେ ବାଜେନି



**ନୂଆଦିଲ୍ଲୀ:** ସାଧାରଣତଃ ସମୟକୁ ୧୨ ଘଣ୍ଟା ହିସାବରେ ହିଁ ଗଣନା କରାଯାଏ। ଏଥିପାଇଁ ପ୍ରତି ଘଣ୍ଟାରେ ୧ରୁ ୧୨ଘଣ୍ଟାର ହିସାବ ରହିଥାଏ। କିନ୍ତୁ ଏମିତି ଏକ ଘଣ୍ଟା ଅଛି ଯେଉଁଥିରେ କେବେ ବି ୧୨ଟା ବାଜେ ନାହିଁ। ଅର୍ଥାତ୍ ଘଣ୍ଟାରେ ୧୨ ସଂଖ୍ୟାଟି ଆଦୌ ନାହିଁ। ଏମିତି ଭିନ୍ନ ଧରଣର ଘଣ୍ଟା ରହିଛି ସୁଇଜରଲାଣ୍ଡରେ। ସୁଇଜରଲାଣ୍ଡର ସୋଲୋଥର୍ଣ୍ଣ ସହରର ଟାଉନ ସେକ୍ଟର ଅଞ୍ଚଳରେ ଏକ ବିରାଟ ଘଣ୍ଟା ରହିଛି, ଯେଉଁଥିରେ କେବଳ ୧୧ ପର୍ଯ୍ୟନ୍ତ ଅଙ୍କ ରହିଛି। ତେଣୁ ସେଥିରେ କେବେହେଲେ ୧୨ଟା ବାଜେ ନାହିଁ। ପ୍ରକୃତ କଥା ହେଉଛି ଏହି ସହରରେ ଲୋକଙ୍କର ବିଶ୍ୱାସ ରହିଛି ଯେ ୧୧ ନମ୍ବର ହିଁ ବହୁତ ଶୁଭ ଏବଂ ୧୨ ନମ୍ବରଟି ବହୁତ ଅଶୁଭ। ସେଥିପାଇଁ କେବଳ ଘଣ୍ଟାରେ ନୁହେଁ ଏହି ସହରରେ ଅଧିକାଂଶ ଜିନିଷ ୧୧ ନମ୍ବରରେ ରହିଥାଏ। ଏଠାରେ ଚର୍ଚ୍ଚ, ମ୍ୟୁଜିୟମ୍, ଐତିହାସିକ ଝରଣା ଏବଂ ଟାୱାର ଆଦି ସବୁକିଛି ୧୧ ନମ୍ବରରେ ହିଁ ରହିଛି। ଏଠାରେ ଥିବା ସେଣ୍ଟ ଉର୍ସୁସ୍ ମୁଖ୍ୟ ଚର୍ଚ୍ଚରେ ୧୧ ନମ୍ବରର ମହତ୍ତ୍ୱ ଅଧିକ। ଚର୍ଚ୍ଚଟି ୧୧ ବର୍ଷରେ ହିଁ ସମ୍ପୂର୍ଣ୍ଣ ତିଆରି ହୋଇଛି। ଏଠାରେ ତିନୋଟି ଶିଡ଼ି ସେଟ୍ ରହିଛି, ଯେଉଁଠି ପ୍ରତି ସେଟ୍‌ରେ ୧୧ଟି ଲେଖାଏଁ ପାହାଚ ରହିଛି। ଏହା ବ୍ୟତୀତ ଏଠାରେ ୧୧ଟି କବାଟ ମଧ୍ୟ ରହିଛି। ଏଠାରେ ଲୋକେ ୧୧ ସଂଖ୍ୟାକୁ ଏତେ ଭଲ ପାଆନ୍ତି ଯେ ପିଲାମାନଙ୍କର ୧୧ତମ ଜନ୍ମଦିନକୁ ସ୍ୱତନ୍ତ୍ର ଭାବେ ପାଳନ କରନ୍ତି।



## ଚର୍ଚ୍ଚାରେ ଈଶାଙ୍କ ବାଥ୍‌ରୁମ୍ ସେଲ୍‌ଫି

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ତଥା ମଡେଲ ଈଶା ଗୁପ୍ତା ବେଶ୍ ଜଣାଶୁଣା। ଈଶାଙ୍କ ହଟ୍ ଏବଂ ବୋଲ୍ଡ ଅନ୍ଦାଜ୍ ପାଇଁ ଫ୍ୟାନ୍‌ମାନେ ପାଗଳ। ସେ ଦେଖିବାକୁ ଯେମିତି ସୁନ୍ଦରୀ ଫିଗର୍ ମଧ୍ୟ ସେମିତି ମେଣ୍ଟେନ୍ କରି ରଖିଛନ୍ତି। କେହି କେହି ତାଙ୍କୁ ହଲିଉଡ୍ ଅଭିନେତ୍ରୀ ଆଞ୍ଜେଲିନାଙ୍କ ସହ ତୁଳନା ମଧ୍ୟ କରିଥାନ୍ତି। ଈଶା ସୋସିଆଲ ମିଡିଆରେ ଭାରି ସକ୍ରିୟ। ସବୁବେଳେ ତାଙ୍କର ବୋଲ୍ଡ ଫଟୋକୁ ଫ୍ୟାନ୍‌ମାନେ ପସନ୍ଦ କରିଥାନ୍ତି। ନିକଟରେ ପୁଣି ଥରେ ଈଶାଙ୍କ କିଛି ଫଟୋ ଇଣ୍ଟରନେଟ୍‌ରେ ଧୁମ୍ ମଚାଇଛି। ଏହାହେଉଛି ଏକ ମିରର୍ ସେଲ୍‌ଫି। ସେ ତାଙ୍କ ବାଥ୍‌ରୁମ୍‌ରେ ଥିବା ଏକ ମିରର୍ ସାମ୍ନାରେ ଗ୍ଲାମର୍ସ ଅନ୍ଦାଜ୍‌ରେ ସେଲ୍‌ଫି ଉଠାଇ ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ଏହାକୁ ଦେଖି ଫ୍ୟାନ୍‌ମାନେ ଲାଇକ୍ କରିବା ସହ ଶେୟାର ମଧ୍ୟ କରିଛନ୍ତି। ସେ ଏକ ପିଙ୍କ୍ କ୍ରପ୍ ଟପ୍ ଏବଂ ହ୍ୱାଇଟ୍ ଇନର୍‌ୱେର ପିନ୍ଧିଛନ୍ତି। ଫ୍ୟାନ୍‌ମାନେ ଏହାକୁ ଦେଖି କମେଣ୍ଟ କରିଛନ୍ତି ଯେ, ଏହା ଇଣ୍ଟର୍‌ନେଟ୍‌ରେ ନିଆଁ ଲଗାଇଦେଇଛି। ସେ ସବୁବେଳେ ବିଭିନ୍ନ ଫଟୋଶୁଟ୍ ଫଟୋ ଶେୟାର କରି ଫ୍ୟାନ୍‌ମାନଙ୍କ ସହ କନେକ୍ଟ ରହିଥାନ୍ତି। ଏହାପୂର୍ବରୁ ସେ ହ୍ୱାଇଟ୍ ମନୋକିନିରେ ମଧ୍ୟ ନଜର୍ ଆସିଥିଲେ। ୨୦୦୭ ମସିହାରେ ସେ ଫେମିନା ମିସ୍ ଇଣ୍ଡିଆ କଣ୍ଟେଷ୍ଟ ଜିତିବା ପରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ୨୦୧୨ ମସିହାରେ ଇମ୍‌ରାନ୍ ହାସମୀଙ୍କ ସହ ଜନତ୍-୨ ମୁଭି କରି ସେ ବେଷ୍ଟ ଫିମେଲ ଡେବ୍ୟୁ ଆୱାର୍ଡ ହାସଲ କରିଥିଲେ। ଏବେ ଈଶା ଦିଲ୍ଲୀରେ ନିଜ ଫ୍ୟାମିଲି ସହ ସମୟ ବିତାଉଛନ୍ତି।

## ୫୮ ମିନିଟ୍‌ରେ ୪୬ ବ୍ୟଞ୍ଜନ



**ଚେନ୍ନାଇ:** ତାମିଲନାଡୁର ଜଣେ ବାଳିକା ୫୮ ମିନିଟରେ ୪୬ ବ୍ୟଞ୍ଜନ ପ୍ରସ୍ତୁତ କରି ୟୁନିକୋ(ୟୁଏନ୍ଆଇସିଓ)ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛନ୍ତି। ସେ ହେଲେ ଚେନ୍ନାଇର ଏସ୍. ଏନ୍. ଲକ୍ଷ୍ମୀ ସାଇଶ୍ରୀ। ଆଗରୁ ରୋଷେଇ ଜାଣି ନ ଥିବା ଲକ୍ଷ୍ମୀ ଲକ୍‌ଡାଉନ୍ ସମୟରେ ମା' ଏନ୍. କଲାଇମଗଲ୍‌ଙ୍କଠାରୁ ରୋଷେଇ ଶିଖିଥିଲେ। ତାଙ୍କର ରୋଷେଇ ପ୍ରତି ଆଗ୍ରହ ଦେଖି କଲାଇମଗଲ୍ ଏ ବିଷୟରେ ସ୍ୱାମୀଙ୍କୁ ଜଣାଇଥିଲେ। ଏହା ଜାଣି ବାପା ଲକ୍ଷ୍ମୀଙ୍କୁ ବିଶ୍ୱ ରେକର୍ଡ ନିମନ୍ତେ ଉତ୍ସାହିତ କରିଥିଲେ। କେରଳର ୧୦ ବର୍ଷୀୟା ସାନ୍‌ଭି ପୂର୍ବରୁ ୩୦ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ବିଶ୍ୱ ରେକର୍ଡ କରିଥିବାବେଳେ ତାଙ୍କ ରେକର୍ଡ ଭାଙ୍ଗିବାକୁ ବାପା ପ୍ରେରଣା ସାଜିଥିଲେ। ଏହାପରେ ଲକ୍ଷ୍ମୀ ଆଉ ପଛକୁ ଫେରି ନ ଥିଲେ। ମାତ୍ର କିଛି ମାସ ମଧ୍ୟରେ ସେ ମା'ଙ୍କ ନିକଟରୁ ସମସ୍ତ ରୋଷେଇ ଶିଖିବାରେ ସଫଳ ହୋଇଥିଲେ। ଶେଷରେ ସେ ୫୮ ମିନିଟରେ ୪୬ ବ୍ୟଞ୍ଜନ ପ୍ରସ୍ତୁତ କରି ନୂଆ ରେକର୍ଡ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି। ଏହି ସଫଳତା ନେଇ ଲକ୍ଷ୍ମୀ କୁହନ୍ତି, ମା'ଙ୍କ ସହଯୋଗରେ ସେ ରୋଷେଇ ଶିଖିପାରିଛନ୍ତି। ଏହି ସଫଳତା ତାଙ୍କ ପାଇଁ ଏକ ବଡ଼ ଉପଲବ୍ଧି ବୋଲି ସେ କହିଛନ୍ତି।

ମନେ ପଡ଼ନ୍ତି

ସପ୍ତମ ଶ୍ରାଦ୍ଧବାର୍ଷିକୀ
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



୰ ଅନୁପମା ସାହୁ
ସ୍ୱାମୀ - ୰ ମଦନମୋହନ ସାହୁ
ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୧୭.୧୨.୨୦୧୩
ମାଆ,
ଜୀବନର ଋଣ ଶୁଝି ଆରପାରିକୁ ଚାଲିଗଲ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ଆମର ପାଥେୟ ହେଉ।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲାଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ପରିଜନ
ଧ-୧୯୨୫୨

ଶ୍ରଦ୍ଧାଞ୍ଜଳି



୰ଦମୟନ୍ତୀ ଦେଈ
ଆବିର୍ଭାବ: ୦୭।୦୨।୧୯୪୭
ତିରୋଧାନ: ୦୬।୧୨।୨୦୦୨
ଦେଈ,
ତୋର ୧୯ତମ ଶ୍ରାଦ୍ଧ ଦିବସରେ ତୋତେ ପ୍ରଣିପାତ କରି ତୋର ଅମର ଆତ୍ମାର ସଦ୍‌ଗତି କାମନା କରୁଛି।
ତୋର ଝିଅ: ପିଙ୍କୁ ଓ ନାତି ରିୟାନ
ଧ-୧୯୨୫୫

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତା କୁମୁଦିନୀ ତ୍ରିପାଠୀ
ସ୍ୱାମୀ: କିଶୋର ଚନ୍ଦ୍ର ତ୍ରିପାଠୀ
ଅବସରପ୍ରାପ୍ତ ଶିକ୍ଷକ
ଏଲ୍ଆଇସି କଲୋନୀ, ଭଞ୍ଜନଗର
ଆବିର୍ଭାବ: ୦୪।୦୩।୧୯୩୭
ତିରୋଧାନ: ୦୬।୧୨।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ: କିଶୋର ଚନ୍ଦ୍ର ତ୍ରିପାଠୀ, ପୁତ୍ର: ସନ୍ତୋଷ, ମନୋଜ, ବୋହୂ: ସୁଷମା, କବିତା, କନ୍ୟା: ଇନ୍ଦିରା, ଜ୍ୱାଇଁପୁଅ: ପୂର୍ଣ୍ଣଚନ୍ଦ୍ର, ନାତୁଣୀ: ଜିନ୍ନୁ, ହୋମି, ଈଶାନ, ନାତି: ଚିନ୍ନୁ, ଆରାଧ, ପରିବାର ଓ ବନ୍ଧୁବର୍ଗ।
ଧ-୧୯୨୪୮

ଏକାଦଶାହ ଉପଲକ୍ଷେ



୰ମୋହନ ଚରଣ ପଟ୍ଟନାୟକ
କର୍ମସ୍ଥାନ: କିରିବୁରୁ (ଅବସର ପ୍ରାପ୍ତ ସେଲ୍ ଅଧିକାରୀ)
ଗ୍ରାମ: ଡେଣ୍ଟୋଇ, ନାଉଗାଁ ହାଟ, ଜଗତ୍‌ସିଂହପୁର
ଆବିର୍ଭାବ: ୦୧।୧୧।୧୯୩୫
ତିରୋଧାନ: ୦୮।୧୨।୨୦୨୦
ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି
ଆମମାନଙ୍କୁ ଶୋକସାଗରରେ ଭସାଇ ଦେଇ ସେ ଇହଧାମ ତ୍ୟାଗ କରିଛନ୍ତି। ତାଙ୍କର ଅମରଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ, ବନ୍ଧୁ ଓ ଗ୍ରାମବାସୀ ବୃନ୍ଦ
ଧ-୧୯୨୪୦

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



୰ଶ୍ୟାମସୁନ୍ଦର ସାହୁ
ଲିଙ୍ଗିପୁର, ଭୁବନେଶ୍ୱର
ତିରୋଧାନ: ୧୫।୧୨।୨୦୧୨
ମନେ ପକାଉଛୁ କେତେ ଯେ ତୁମକୁ ଆଜି ଏ ପବିତ୍ର ଦିନେ, ସ୍ୱର୍ଗେ ଥାଇ ତୁମେ ଆଶିଷ ଦିଅ ହେ ରହିବୁ ଆନନ୍ଦମନେ, ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ: ଶକୁନ୍ତଳା ଦେଈ, ପୁତ୍ର: ଅମୂଲ୍ୟ, ଗଣେଶ, ଝିଅ: ସବିତା, ନାତି: ଆଦିତ୍ୟ, ବନ୍ଧୁ ଓ ପରିବାରବର୍ଗ
ଧ-୧୯୨୫୪

# ପରିଣିତୀଙ୍କ ଫିଟ୍‌ନେସ ମନ୍ତ୍ର



ପରିଣିତୀଙ୍କ ଫିଟ୍‌ନେସ୍ ମନ୍ତ୍ରକୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଏବେ ସେ କାମରେ ବ୍ୟସ୍ତ ଅଛନ୍ତି। ତା'ସହ ନିଜେ କିପରି ଫିଟ୍ ରହିବେ ସେ ନେଇ ମଧ୍ୟ ସତର୍କ ରହୁଛନ୍ତି। କଥା କ'ଣ କି ନିକଟରେ ତାଙ୍କର କେତେ ଜଣ ସାଙ୍ଗମାନଙ୍କ ସହ ପରିଣିତୀ ଚୋପ୍ରାଙ୍କର ଭେଟ ହୋଇଥିଲା। ଢିଙ୍କିଶାଳରୁ ଢେଙ୍କାନାଳ ଯାଏ କଥା ଆଲୋଚନା ହେବା ପରେ ସେ ଫିଟ୍‌ନେସ ପ୍ରତି କିପରି ଆମେ ସତର୍କ ରହିବା ସେ ନେଇ ସୂଚନା ଦେବା ଆରମ୍ଭ କରିଥିଲେ। 'ବେଶ୍ କିଛି ମାସ ପରେ ମୋ ସାଙ୍ଗମାନଙ୍କ ସହ ମୋର ଭେଟ ହେଲା। ତେଣୁ ଏତେ ଗ୍ୟାପ୍ ପରେ ଗୁଲିଖଟି ହେବାର ସ୍ୱାଭାବିକ। ହେଲେ ତା' ଭିତରେ ସେମାନେ ନିଜକୁ କିପରି ଫିଟ୍ ରଖିବେ ସେ ନେଇ କହିଥିଲି। ଆଉ ମୋର କଥାଗୁଡିକୁ ସେମାନେ ବେଶ୍ ଧ୍ୟାନର ସହ ଶୁଣି ମୋତେ ପ୍ରଶଂସା କରିଥିଲେ ବୋଲି କହନ୍ତି ସେ।' ନିକଟରେ ପରିଣିତୀଙ୍କୁ ୨-୩ଟି ନୂଆ ଅଫର ମିଳିଛି ଏବଂ ସେଗୁଡ଼ିକୁ ଭଲ ଭାବରେ ତର୍ଜମା କରିବା ପରେ ଯାହା ଡିସିସନ ନେବେ ବୋଲି ସୂଚନା ଦେଇଛନ୍ତି ଏହି ଅଭିନେତ୍ରୀ।

# ମମି କସମ୍

ଚଳିତ ମାସ ୨୫ରେ ଓଟିଟି ଫର୍ମାଟରେ ରିଲିଜ ହେଉଛି 'କୁଲି ନଂ. ୱାନ୍'। ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶନାରେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ବରୁଣ ଧାୱନ ଏବଂ ସାରା ଅଲ୍ଲୀ ଖାଁ। ହେଲେ ରିଲିଜ ପୂର୍ବରୁ ଏହାର 'ମମି କସମ୍' ଗୀତଟି ବେଶ୍ ଭାଇରାଲ ହୋଇଛି। ଉକ୍ତ ଗୀତ ପାଇଁ କଣ୍ଠଦାନ କରିଛନ୍ତି ଉଦିତ ନାରାୟଣ, ଇକ୍କା ଏବଂ ମୋନାଲି ଠାକୁର। ଗୀତଟିକୁ ସ୍ୱର ଦେଇଛନ୍ତି ତନିଷ୍କ ବାଗ୍‌ଚୀ ଏବଂ କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଆଗଧାଡ଼ିର କୋରିଓଗ୍ରାଫର ଗଣେଶ ଆଚାର୍ଯ୍ୟ। 'ଏହି ଗୀତଟି ଯେତେବେଳେ କମ୍ପୋଜ କରାଗଲା ସେତେବେଳେ ମୁଁ ପୂର୍ବାନୁମାନ କରିଥିଲି ଯେ, ଏହା ନିଶ୍ଚୟ ଶ୍ରୋତାଙ୍କ ମନକୁ ଛୁଇଁବ। ମୋର ଅନୁମାନ ମଧ୍ୟ ଠିକ୍ ହୋଇଛି। ଫିଲ୍ମଟି ରିଲିଜ ହେବା ପୂର୍ବରୁ ଏହି ଗୀତଟି ବେଶ୍ ଭାଇରାଲ ହୋଇଛି ବୋଲି କହନ୍ତି ବରୁଣ।' ସୂଚନାଯୋଗ୍ୟ ଡେଭିଡ୍‌ଙ୍କ ନିର୍ଦ୍ଦେଶନାରେ ପୂର୍ବରୁ ନିର୍ମିତ ଫିଲ୍ମ 'କୁଲି ନଂ. ୱାନ୍' (ଗୋବିନ୍ଦା, କରିସ୍ମା କପୁର) ମଧ୍ୟ ସୁପରହିଟ୍ ହୋଇଥିଲା।



'କୁଲି ନଂ. ୱାନ୍'ର ଏକ ଦୃଶ୍ୟ

# ଯଦି ରାଜି ହୋଇଥାଆନ୍ତେ..

ବୋହିଗଲା ପାଣି ଏବଂ ଧନୁରୁ ତୀର କେବେ ଫେରି ଆସେନା। ଦେଖୁନାହାନ୍ତି, ସେତେବେଳେ କ'ଣ ଭାବିଲେ କେଜାଣି ଅଫରଟିକୁ ଗ୍ରହଣ କରିବାକୁ ମନା କରିଦେଲେ। ହେଲେ ଏବେ ତାକୁ ନେଇ ତର୍ଜମା କରୁଛନ୍ତି। ହଁ, ସେ ହେଲେ ତମନ୍ନା ଭାଟିଆ। କଥା କ'ଣ କି ନିକଟରେ ତାଙ୍କୁ ଏକ ଆକ୍ସନଭିତ୍ତିକ ତେଲୁଗୁ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ ଏହାର କାହାଣୀକୁ ନେଇ ଦୋଛକିରେ ପଡିଥିଲେ ତମନ୍ନା। ଏ ନେଇ ସେ କହନ୍ତି, 'ଏହି ଫିଲ୍ମର କାହାଣୀକୁ ନେଇ ମୁଁ ଅଡୁଆରେ ପଡ଼ିଥିଲି। ମୋ ମନରେ ଏପରି ଭାବନା ଆସିଥିଲା ଯେ, ଏହି କାହାଣୀ କ୍ଲିକ୍ କରିବ ନାହିଁ। ହେଲେ ଏବେ ଭାବୁଛି ସେପରି ଭାବିବା ଭୁଲ ଥିଲା ଏବଂ ଏପରି ଏକ ଅଫର ହାତଛଡ଼ା କରି ମୁଁ ବର୍ତ୍ତମାନ ଅନୁତାପ କରୁଛି। ଯଦି ସେତେବେଳେ ମୁଁ ରାଜି ହୋଇଥାଆନ୍ତି ତେବେ ସେହି ଫିଲ୍ମଟି ମୋ କ୍ୟାରିୟରର ଆଉ ଏକ ହିଟ୍ ଫିଲ୍ମ ଭାବରେ ପରିଗଣିତ ହୋଇଥାଆନ୍ତା।'



ତମନ୍ନା

## ଖ ବ ର ଟ ବ ର

- ତନୁଜା ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ପଲ୍ ପଲ୍ ତତେ ଚାହେଁ'। ଅଭିନେତା ଦୀପକ ଏହାର ପ୍ରଯୋଜନା କରିବା ସହ ନାୟକ ସାଜିଥିବା ବେଳେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ନବାଗତା ପ୍ରାଚୀ ଚୌଧୁରୀ। ସୁଧାକର ବସନ୍ତ ନିର୍ଦ୍ଦେଶନା ଦେଇଛନ୍ତି ଏବଂ ସଙ୍ଗୀତ ଦାୟିତ୍ୱରେ ଅଛନ୍ତି ଅଭିଜିତ ମଜୁମଦାର।
- ରମେଶ ବାରିକଙ୍କ ପ୍ରଯୋଜନାରେ ଏବଂ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ଦୁଇଟି ସିନେମା-'ସବୁ ଏ ଲଭ୍ ପାଇଁ' (ହରିହର ଦାଶ-ସ୍ଥିତପ୍ରଜ୍ଞା) ଏବଂ 'ଆଉ ଗୋଟେ ଲଭ୍ ଷ୍ଟୋରି' (ଜ୍ୟୋତି ନାୟକ-ଭୂମିକା ଦାଶ)ର ଶୁଟିଂ ଶେଷ ହୋଇଛି। ବର୍ତ୍ତମାନ ଏହାର ଡବିଂ କାମ ଚାଲୁ ରହିଛି।
- ନବାଗତ ନାୟକ ରାଜବୀର ଏବଂ ଏଲିନା ସାମନ୍ତରାୟଙ୍କୁ ନେଇ ନିର୍ମିତ ଓଡ଼ିଆ ସିନେମା 'ଅରୁନ୍ଧତୀ'ର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ।
- ନିର୍ଦ୍ଦେଶକ ରାଜୀବ ମହାନ୍ତିଙ୍କର ତିନୋଟି ସିନେମା-'ତୁ ମୋର ନିହାତି ଦରକାର', 'ଶହୀଦ ରଘୁ ସର୍ଦ୍ଦାର' ଏବଂ 'ଲକ୍ଷ୍ୟ' ରିଲିଜ ଅପେକ୍ଷାରେ ରହିଛି।
- ନବାଗତ ପ୍ରଯୋଜକ ତପନ ଦାସ ଏବଂ ରାଜେନ୍ଦ୍ର ମହନ୍ତ ପ୍ରସ୍ତୁତ କରିଛନ୍ତି ସସ୍‌ପେନ୍ସ ଥ୍ରୀଲର ବିଶିଷ୍ଟ ଓଡ଼ିଆ ସିନେମା 'ଚକ୍ଷୁବନ୍ଧନ'। ରାଜ ରାଜେଶ ଏହାର ନାୟକ ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ଭୂମିକା ଦାଶ।
- ନିର୍ଦ୍ଦେଶକ ନାରାୟଣ ଘଡ଼େଇ ଆଉ ଏକ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଯୋଜନା କରୁଛନ୍ତି।
- ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଥିବା ଆଉ ଏକ ଓଡ଼ିଆ ସିନେମା 'ମନ ମୋର ନେଇ ଗଲାରେ'ର ସ୍କ୍ରିପ୍ଟ ପୂଜା ଅନୁଷ୍ଠିତ ହୋଇଯାଇଛି।



ଦୀପକ-ପ୍ରାଚୀ

# ମନେ ମନେ ମନ ଖୋଜୁଥିଲା

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ମନେ ମନେ ମନ ଖୋଜୁଥିଲା।' କାହାଣୀ ଅନୁସାରେ ଅଭିମନ୍ୟୁ ଏବଂ ଦୁର୍ଯ୍ୟୋଧନଙ୍କ ଭିତରେ ଅହି ନକୁଳ ସମ୍ପର୍କ। ହେଲେ ଅଭିମନ୍ୟୁର ପୁଅ ଓମ୍ ଏବଂ ଦୁର୍ଯ୍ୟୋଧନର ଝିଅ ଗୌରୀ ପରସ୍ପରକୁ ଭଲପାଇ ବସନ୍ତି। ହେଲେ ସେମାନଙ୍କର ଏହି ପ୍ରେମ ସାମ୍ନାରେ ଦୁଇ ପରିବାର ଭିତରେ ଥିବା ଦୀର୍ଘଦିନର ଶତ୍ରୁତା ପାଚେରି ପରି ଠିଆ ହୁଏ। ତେବେ ଏଭଳି ପରିସ୍ଥିତିକୁ ସାମ୍ନା କରିବା ପରେ ସେମାନେ କିପରି ଏହାର ମୁକାବିଲା କରନ୍ତି? ସେମାନଙ୍କର ପ୍ରେମ ସଫଳ ହୁଏ କି? ଏ ସବୁର ଉତ୍ତର ରହିଛି ନିର୍ମିତ ହେବାକୁ ଯାଉଥିବା ଏହି ସିନେମାରେ। ଖାସ୍ କଥା ହେଲା, ଏହି ଫିଲ୍ମରୁ ନବାଗତ ଓମ୍‌କାର ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନମ୍ରତା ସିଂଦେଓ। ନମ୍ରତା ଏହାପୂର୍ବରୁ 'ଆଖି ଖୋଲିଲେ ତୁ ହି ତୁ'ରେ ଅଭିନୟ କରିସାରିଥିବା ବେଳେ ତାଙ୍କ ଅଭିନୀତ 'ଆସିବି ଫେରି ମୁଁ ବସୁଧା ଚିରି' ରିଲିଜ୍ ଅପେକ୍ଷାରେ ରହିଛି। ଅନନ୍ୟା ଏଣ୍ଟରଟେନ୍‌ମେଣ୍ଟ୍ସ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରଭାତୀ ଆଚାର୍ଯ୍ୟ। ଦୁର୍ଗା ଆଚାର୍ଯ୍ୟଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଡ. ଦୀପକ ଜେନା। ଖାସ୍ କଥା ହେଲା, ବେଶ୍ କିଛିବର୍ଷର ଗ୍ୟାପ୍ ପରେ ପୁଣିଥରେ ନିର୍ଦ୍ଦେଶନା ମଇଦାନକୁ ଫେରିଛନ୍ତି ଏନ୍. ପାଢ଼ୀ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଜି. ଅଶୋକ କୁମାର। ଓମ୍‌କାର-ନମ୍ରତାଙ୍କ ବ୍ୟତୀତ ମିହିର ଦାସ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ଅଞ୍ଜନା ଦାସ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।



ଓମ୍‌କାର-ନମ୍ରତା

# ଯୋଜନାବଦ୍ଧ ପ୍ରସ୍ତୁତିର ଆବଶ୍ୟକତା ରହିଛି

**ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ଶ୍ରୀଧର ମାର୍ଥା ଓଡ଼ିଆ ସିନେମା ଆଉ ନିଜ ଭବିଷ୍ୟତ ଯୋଜନା ସମ୍ପର୍କରେ ଯାହା କହନ୍ତି...**

**ଓଡ଼ିଆ ସିନେମା ଭବିଷ୍ୟତକୁ ନେଇ କ'ଣ ମତ ଦେବେ ?**

-ଯଦି ଓଡ଼ିଆ ସିନେମାଟିଏ ଠିକ୍ ଭାବରେ ନିର୍ମାଣ କରାଯାଏ, ତେବେ ତାହାକୁ ଦେଖିବାକୁ ଦର୍ଶକ ନିଶ୍ଚୟ ଆଗ୍ରହ ପ୍ରକାଶ କରିବେ। ଏବେ ଯେମିତି ଭାବରେ ଆମ ଓଡ଼ିଆ ଇଣ୍ଡଷ୍ଟ୍ରି ଚାଲିଛି, ଏପରି ସ୍ଥିତିରେ ଇଣ୍ଡଷ୍ଟ୍ରି ଆଗକୁ ଯିବା ଅସମ୍ଭବ। ସବୁକିଛି ଆମ ହାତରେ କେବଳ ସୁଚିନ୍ତିତ ଯୋଜନା ସହ ଆଗେଇଲେ ସଫଳତା ମିଳିବାର ଆଶା ରହିଛି।

**ଓଡ଼ିଆ ସିନେମା ପ୍ରତି ଦର୍ଶକଙ୍କ ମନୋଭାବରେ ପରିବର୍ତ୍ତନ ଘଟିଛି ବୋଲି ଭାବୁଛନ୍ତି କି ?**

-ନିରାଟ ସତ କଥା ହେଲା, ବେଶ୍ କିଛି ବର୍ଷ ଧରି ଆମ ଓଡ଼ିଆ ସିନେମାରେ କପି ପେଷ୍ଟ ଚାଲିଛି। ତେଣୁ ଏପରି ସିନେମା ଦେଖିବାକୁ ଦର୍ଶକ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ମତ ଦେଲେ ମୁଁ ଭାବୁଛି ଆଦୌ ଭୁଲ ହେବ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ବର୍ତ୍ତମାନ ଅଧିକାଂଶ ପ୍ରେକ୍ଷାଳୟର ଅବସ୍ଥା ନ କହିବା ଭଲ। ତେଣୁ ସିନେମା ହଲ୍‌ର ପୁନରୁଦ୍ଧାର ଦରକାର। କେବଳ ସେତିକି ନୁହେଁ, ସିନେମା ନିର୍ମାଣ କରିବାକୁ ଯୋଜନାବଦ୍ଧ ପ୍ରସ୍ତୁତିର ଆବଶ୍ୟକତା ରହିଛି।

**'ପାଟଣାଗଡ଼' ସିନେମା ସମ୍ପର୍କରେ...**

-'କଥା ଦେଲି ମଥା ଛୁଇଁ' ଏବଂ 'ଯୋଗୀ' ନିର୍ମାଣ କରିଥିଲି। ଅନେକ ଆଶା ଥିଲା। କିନ୍ତୁ ଦର୍ଶକ ଫିଲ୍ମ ଦୁଇଟିକୁ ଗ୍ରହଣ କଲେ ନାହିଁ। ସେ ସମୟର ଦୋଷତ୍ରୁଟିକୁ ଭଲ ଭାବରେ ତର୍ଜମା କରିବା ପରେ 'ପାଟଣାଗଡ଼' ସିନେମା ନିର୍ମାଣ କରିବାକୁ ଚିନ୍ତା କଲି। ଏହି ସମୟରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଛି। ମୋଟ ଉପରେ କହିବାକୁ ଗଲେ ଏହି ଫିଲ୍ମଟି ଏକ ସ୍ମରଣୀୟ ଫିଲ୍ମ ହେଉ ବୋଲି ଆଶା ରଖିଛି।

**ହିନ୍ଦୀ ସିନେମା ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ଏ ବିଷୟରେ କ'ଣ କହିବେ ?**

-ଆଶା ତ ରହିଛି ଏବଂ ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି। କେବଳ ସମୟକୁ ହିଁ ଅପେକ୍ଷା। ସେହି ଶୁଭ ବେଳା ଆସିଲେ ମୋ ତରଫରୁ ସମସ୍ତଙ୍କୁ ନିଶ୍ଚୟ ଜଣାଇ ଦେବି। ଏ ନେଇ ମୋ ପତ୍ନୀ ତଥା 'ଦିଲ୍ ମୋର ମାନେନା'ରୁ ପ୍ରଥମ ଥର ପାଇଁ ପ୍ରଯୋଜିକା ସାଜିଥିବା ଛବିତା ମାର୍ଥାଙ୍କ ପ୍ରେରଣାକୁ ମୁଁ ଆଦୌ ଭୁଲିପାରିବି ନାହିଁ।



**ନୂଆ ପ୍ରଯୋଜକ ପାଇଁ ଦି' ପଦ..**

-ନୂଆ ପ୍ରଯୋଜକମାନେ ସିନେମାଟିଏ ନିର୍ମାଣ କରିବା ପୂର୍ବରୁ ଅନେକ କଥା ବିଷୟରେ ଚିନ୍ତା କରିବାର ଅଛି। ଏ ନେଇ ସେମାନେ ପ୍ରଥମେ ଅଭିଜ୍ଞତା ହାସଲ କରିବା ଦରକାର। ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିକୁ ଆଗେଇ ନେବାକୁ ଏପରି ପ୍ଲାନିଂ କରନ୍ତୁ ଯେ ଆପଣଙ୍କର ସିନେମାକୁ ସମସ୍ତେ ମନେରଖିବେ।



ଏଟିକେ ମୋହନବାଗାନ ପକ୍ଷରୁ ଗୋଲ୍ ଦେଉଥିବା ରୟ କ୍ରିଷ୍ଣା (ମଝି)।

## କ୍ରିଷ୍ଣାଙ୍କ ଗୋଲରେ ଏଟିକେ ମୋହନବାଗାନ ବିଜୟୀ

ଫତୋର୍ଦା, ୧୬।୧୨

ରୟ କ୍ରିଷ୍ଣାଙ୍କ ବିଳମ୍ବିତ ଗୋଲ ପୁଣିଥରେ ଏଟିକେ ମୋହନବାଗାନକୁ ଫାଇଦାରେ ରଖିଛି। କ୍ରିଷ୍ଣାଙ୍କ ପେନାଲ୍ଟି ଗୋଲ ବଳରେ ଏଟିକେ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍) ମ୍ୟାଚରେ ଏଫ୍‌ସି ଗୋଆକୁ ୧-୦ ଗୋଲରେ ପରାସ୍ତ କରିଛି। ଦୁଇ ସମକକ୍ଷ ଦଳ ମଧ୍ୟରେ ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟାର୍ଦ୍ଧରେ ମଧ୍ୟ କଡ଼ା ଟକ୍କର ହୋଇଥିଲା। ମ୍ୟାଚଟି ଡ୍ର ଆଡ଼କୁ ଯାଉଥିବାବେଳେ ୮୪ତମ ମିନିଟରେ ବକ୍ସ ଏରିଆ ମଧ୍ୟରେ କ୍ରିଷ୍ଣାଙ୍କୁ ଗୋଆର ଆଇବନ୍ ଡୋହଲିଙ୍ଗ ଫାଉଲ୍ ମାରି ତଳେ ପକାଇବା ଅଭିଯୋଗରେ ରେଫରି ଏଟିକେକୁ ପେନାଲ୍ଟି ସୁଯୋଗ ଦେଇଥିଲେ। କ୍ରିଷ୍ଣା ଏହି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା ନ କରି ୮୫ତମ ମିନିଟରେ ଗୋଲ ସ୍କୋର କରିଥିଲେ। ଏଟିକେ ୬ ମ୍ୟାଚରୁ ୪ର୍ଥ ବିଜୟ ସହ ୧୪ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଗୋଆ ୬ ମ୍ୟାଚରୁ ଦ୍ୱିତୀୟ ପରାଜୟ ସହ ୬ଷ୍ଠ ସ୍ଥାନରେ ଅପରିବର୍ତ୍ତିତ ରହିଛି।

**ଇଣ୍ଡିଆନ ସୁପରଲିଗ୍**

## ଭାଗ୍ୟ ପରିବର୍ତ୍ତନ ଆଶାରେ ଓଡ଼ିଶା ଏଫ୍‌ସି

**ବାମ୍ବୋଲିମ୍, ୧୬।୧୨:** ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍)ରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ୫ଟି ମ୍ୟାଚ ଖେଳି ସାରିଥିଲେ ହେଁ ବିଜୟ ସ୍ୱାଦ ପାଇନାହିଁ। ଦଳ ଗୋଟିଏ ମ୍ୟାଚ ଡ୍ର ରଖିଥିବାବେଳେ ୪ଟି ମ୍ୟାଚ ହାରିସାରିଛି। କେବଳ ସେତିକି ନୁହେଁ ୧ ପଏଣ୍ଟ ପାଇଥିବା ଷ୍ଟୁଆର୍ଟ ବକ୍ସଟରଙ୍କ ପ୍ରଶିକ୍ଷଣପ୍ରାପ୍ତ ଏହି ଦଳ ମାତ୍ର ୨ଟି ଗୋଲ ଦେଇଥିବାବେଳେ ୭ ଗୋଲ ବରଣ କରିଛି। ଏଥିରୁ ୩ଟି ପେନାଲ୍ଟିରୁ ଏବଂ ଗୋଟିଏ ଫ୍ରି-କିକ୍‌ରୁ ଆସିଛି। ପ୍ରତି ମ୍ୟାଚରେ ଦଳ ଅତିକମ୍‌ରେ ଗୋଟିଏ ଗୋଲ ବରଣ କରିଛି। ଜାମଶେଦପୁର ଏଫ୍‌ସି ବିପକ୍ଷରେ ଓଡ଼ିଶା ଏଫ୍‌ସି ୨ଟି ଯାକ ଗୋଲ ସ୍କୋର କରିଥିଲା। ଅର୍ଥାତ୍ ଅନ୍ୟ ୪ଟି ମ୍ୟାଚରେ ଦଳ ଗୋଲ ଦେବାରେ ଅସମର୍ଥ ହୋଇଛି। ତେଣୁ ଆଗାମୀ ମ୍ୟାଚରେ ପୂର୍ବତନ ଚାମ୍ପିୟନ ଶକ୍ତିଶାଳୀ ବେଙ୍ଗାଲୁରୁ ଏଫ୍‌ସିକୁ ଭେଟିବାକୁ ଯିବାବେଳେ ଓଡ଼ିଶା ଏଫ୍‌ସି ଭାଗ୍ୟ ପରିବର୍ତ୍ତନ ଆଶାରେ ରହିଛି। ବେଙ୍ଗାଲୁରୁ ଏପର୍ଯ୍ୟନ୍ତ ଲିଗ୍‌ରେ ଅପରାଜେୟ ରହିଛି। ଏହି ଦଳ ଖେଳିଥିବା ୫ ମ୍ୟାଚରୁ ୨ଟିରେ ବିଜୟୀ ହୋଇଥିବାବେଳେ ଅନ୍ୟ ୩ଟି ଡ୍ର ରଖିଛି। ୯ଟି ଗୋଲ ସ୍କୋର କରିଛି ଏବଂ ୬ଟି ବରଣ କରିଛି। ଆଗାମୀ ମ୍ୟାଚରେ ଓଡ଼ିଶା ଦଳକୁ ଅଧିକ ଆକ୍ରମଣାତ୍ମକ ଖେଳିବାକୁ ପଡ଼ିବ ବୋଲି ବକ୍ସଟର ସ୍ୱୀକାର କରିଛନ୍ତି। ଏହାବ୍ୟତୀତ ମୋମେଣ୍ଟମ୍‌କୁ ଧରିରଖିବାକୁ ହେବ ବୋଲି ସେ କହିଛନ୍ତି।

## ବାନ୍ଧବୀଙ୍କ ହାତ ଧରିଲେ ମନପ୍ରୀତ୍


**ଜଳନ୍ଧର,୧୬।୧୨:** ଭାରତୀୟ ହକି ଅଧିନାୟକ ମନପ୍ରୀତ୍ ସିଂ ଦୀର୍ଘଦିନର ବାନ୍ଧବୀ ମାଲେସିଆର ଇଲି ନଜବା ସିଦ୍ଦିକିଙ୍କୁ ବିବାହ କରିଛନ୍ତି। ଗତ ୯ ବର୍ଷ ହେବ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ଥିଲା ଓ ଉଭୟ ଡେଟିଂ କରିଆସୁଥିଲେ। ବୁଧବାର ସ୍ଥାନୀୟ ଗୁରୁ ତେଜ୍ ବାହାଦୁର ନଗରରେ ଏହି ବବାହ ସମ୍ପୂର୍ଣ୍ଣ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଛି। ପୂର୍ବରୁ ଟୋକିଓ ଅଲିମ୍ପିକ୍ସ ପରେ ଉଭୟେ ବିବାହ କରିବେ ବୋଲି କହି ଆସୁଥିଲେ। ତେବେ କୋଭିଡ୍-୧୯ କାରଣରୁ ଅଲିମ୍ପିକ୍ସ ଘୁଞ୍ଚିଯାଇଥିଲା। ଫଳରେ ବିବାହ ହୋଇପାରି ନ ଥିଲା ଓ ଏହାକୁ ଘୁଞ୍ଚାଇବାକୁ ପଡିଥିଲା।

ଜଳନ୍ଧରର ମିଠାପୁର ଗାଁରେ ମନପ୍ରୀତ୍‌ଙ୍କ ଘର। ବିବାହ ପରେ ଇଲିଙ୍କ ନାମ ପରିବର୍ତ୍ତନ କରାଯାଇ ନବପ୍ରୀତ୍ କୌର ରଖାଯାଇଛି। ୨୦୧୨ରେ ମାଲେସିଆରେ ଅନୁଷ୍ଠିତ ସୁଲତାନ ଆଜଲାନ ଶାହ କପ୍ ଖେଳିବା ଅବସରରେ ମନପ୍ରୀତ୍‌ଙ୍କ ସହ ଇଲିଙ୍କ ପରିଚୟ ହୋଇଥିଲା। ସେତେବେଳେ ମନପ୍ରୀତ୍ ଭାରତୀୟ ଜୁନିୟର ଦଳର ନେତୃତ୍ୱ ନେଉଥିଲେ। ହକି କାରଣରୁ ଧୀରେ ଧୀରେ ସମ୍ପର୍କ ପ୍ରେମ ଓ ପରେ ବିବାହର ରୂପ ନେଇଛି। କରୋନା କାରଣରୁ ବିବାହରେ ସୀମିତ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା ଓ ସୁରକ୍ଷା ତଥା ନିରାପତ୍ତାର ବ୍ୟବସ୍ଥା କରାଯାଇଥିଲା। ମନପ୍ରୀତ୍ ଏପର୍ଯ୍ୟନ୍ତ ଭାରତ ପାଇଁ ୨୪୨ଟି ମ୍ୟାଚ ଖେଳି ୧୯ଟି ଗୋଲ ସ୍କୋର କରିଛନ୍ତି। ଅନ୍ତର୍ଜାତୀୟ ହକିରେ ସେ ଦୃଷ୍ଟାନ୍ତମୂଳକ ସଫଳତା ହାସଲ କରିଛନ୍ତି।



ସ୍ତ୍ରୀ ଇଲି ନଜବା ସିଦ୍ଦିକଙ୍କ ସହ ମନପ୍ରୀତ୍ ସିଂ।

ଗତ ୯ ବର୍ଷ ଧରି ଆମେ ପରସ୍ପରକୁ ଜାଣିଛୁ ଓ ଆମ ମଧ୍ୟରେ ବନ୍ଧୁତା ରହିଆସିଛି। ବିବାହ କରି ବେଶ୍ ଖୁସି ଅଛି। ବାହାଘର ପୂର୍ବରୁ ଇଲି ମୋତେ ସମର୍ଥନ ଦେଇଆସୁଥିଲେ। ପରେ ମଧ୍ୟ ଏହି ସମର୍ଥନ ଜାରି ରହିବ। ଇଲି ଏବେ ଆମା ଗାଁ ମିଠାପୁରରେ ମା'ଙ୍କ ପାଖରେ ରହିବେ। ଯଦି ସେ କିଛି ବ୍ୟବସାୟ କରିବାକୁ ଚାହାନ୍ତି ତା'ହେଲେ କରିପାରିବେ ବୋଲି ମନପ୍ରୀତ୍ କହିଛନ୍ତି। ଏବେ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ କରୁଛି ଓ ଏହା ଉପରେ ମୋର ସମ୍ପୂର୍ଣ୍ଣ ଲକ୍ଷ୍ୟ ରହିବ। ଏବେ ଫିଟ୍‌ନେସ୍ ଉପରେ ଧ୍ୟାନ ଦେଉଛି। ଅଲିମ୍ପିକ୍ସ ପୂର୍ବରୁ ଏକାଧିକ ଟୁର୍ନାମେଣ୍ଟ ଆୟୋଜନ ହେବ ଓ ଏଥିରେ ଫିଟ୍‌ନେସ୍‌ର ପ୍ରମାଣ ମିଳିବ। ଏବେ ଦଳ ଡିଫେନ୍ସ ଓ ଆଟାକ ଉପରେ ଅଧିକ ଧ୍ୟାନ ଦେଉଛି। ଅଲିମ୍ପିକ୍ସରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ସେ ଅଶାପ୍ରକାଶ କରିଛନ୍ତି।




## ଆବୁଧାବିରେ ଟି୧୦ କ୍ରିକେଟ

**ଆବୁ ଧାବି, ୧୬।୧୨(ପି.ଟି.):** ଆସନ୍ତା ବର୍ଷ ଆବୁଧାବିରେ ପୁଣି ହେବ ଟି୧୦ କ୍ରିକେଟ ଟୁର୍ନାମେଣ୍ଟ। ୮ ଦଳ ବିଶିଷ୍ଟ ଏହି ପ୍ରତିଯୋଗିତା ଶେଖ ଜାୟେଦ କ୍ରିକେଟ ଷ୍ଟାଡିୟମରେ ଜାନୁୟାରୀ ୨୮ରୁ ଫେବୃୟାରୀ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୭ ଡିସେମ୍ବର, ୨୦୨୦

## ୨ ଔଷଧ ଦୋକାନରେ ଚଢ଼ାଉ

ନିମାପଡ଼ା, (ଡି.ଏନ୍.ଏ.): ଚାରିଛକ ଅଞ୍ଚଳରେ ଥିବା କେତେକ ଔଷଧ ଦୋକାନ ଓ କ୍ଲିନିକରେ ଲାଇସେନ୍ସ ନ ଥିବା, ବେଆଇନ ପଞ୍ଜୀକରଣ କରିଥିବା, ଡ୍ରଗ ଲାଇସେନ୍ସ ନ ଥାଇ ଔଷଧ ବିକ୍ରି କରାଯାଉଛି। ଏ ସମ୍ପର୍କରେ ଅଭିଯୋଗ ପାଇ ବୁଧବାର ପୁରୀ ଜିଲା ଡ୍ରଗ୍ସ ଇନିସପେକ୍ଟର ସତ୍ୟବ୍ରତ ଗିରି ଚାରିଛକ ମେଡିକାଲ ଛକରେ ଥିବା ୨ଟି ଔଷଧ ଦୋକାନରେ ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ତେବେ ଚଢ଼ାଉ ପୂର୍ବରୁ କେତେକ ଦୋକାନୀ ଖବରପାଇ ଦୋକାନ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଥିଲା। ଔଷଧ ଦୋକାନୀ ଓ କ୍ଲିନିକମାନେ ଏଭଳି ବେଆଇନ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ଡ୍ରଗ୍ସ ଇନିସପେକ୍ଟର ଗିରି କଡ଼ା ତାଗିଦ କରିଛନ୍ତି।



**ସଂକ୍ଷେପରେ**

### ମା' ମଙ୍ଗଳାଙ୍କୁ ପହିଲି ଭୋଗ ଲାଗି

କାକଟପୁର,୧୬।୧୨(ଡି.ଏନ.ଏ): ପୁରୀ ଶ୍ରୀମନ୍ଦିରର ଶ୍ରୀଜୀଉଙ୍କ ପହିଲି ଭୋଗ ନୀତି ଭଳି କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କର ମଧ ରୀତିନୀତି ଅନୁଯାୟୀ ପହିଲି ଭୋଗ ଲାଗିଯାଇଛି। ପୁରୀ ଶ୍ରୀମନ୍ଦିର ଭଳି ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ମା' ମଙ୍ଗଳାଙ୍କୁ ମଧ ପହିଲି ଭୋଗ ଲାଗି କରାଯାଏ। ରାତ୍ର ୩ଘଟିକା ଠାରୁ ମା'ଙ୍କ ଦ୍ୱାର ଫିଟା ଯାଇ ମଙ୍ଗଳ ଆଳତି କରାଯାଇଥିଲା, ପରେ ସ୍ନାନ, ମାଜଣା, ବେଶ ଓ ସୂର୍ଯ୍ୟପୂଜା କରାଯାଇ ମା'ଙ୍କ ପହିଲି ଅନ୍ନ ଭୋଗ ନୀତି କରାଯାଇଥିଲା। ଏହି ନୀତି ସକାଳ ସୂର୍ଯ୍ୟୋଦୟ ପୂର୍ବରୁ ଅନୁଷ୍ଠିତ ହୋଇଥାଏ। ଏହି ପହିଲି ଧୂପରେ ମା'ମଙ୍ଗଳାଙ୍କୁ ଖେଚୁଡ଼ି, ଡାଲି, ତରକାରି, ଭଜା, ଖଟା ଓ ଖିରି ଭୋଗ ଆଦି ଲାଗି କରାଯାଏ।

### ବୃତ୍ତି ପରୀକ୍ଷା ଦେଲେ ୨୦୨ଜଣ

କଣାସ,୧୬।୧୨(ସ୍ୱ.ପ୍ର.): କଣାସ ବ୍ଲକର କଣାସରେ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଓଙ୍କାଶର ଗ୍ରାମେଶ୍ୱର ବିଶ୍ୱନାଥ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ପୃଥକ ଭାବେ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ବୁଧବାର ଅନୁଷ୍ଠିତ ହୋଇଯାଇଛି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ କୋଭିଡ୍ ନିୟମ ମାନି ୧୩୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବେଳେ ଗ୍ରାମେଶ୍ୱର ବିଶ୍ୱନାଥ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ୭୧ଜଣ ପରୀକ୍ଷା ଦେଉଥିବା ବେଳେ ୯ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଗୋଷ୍ଠୀ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟ, ସହ-ଗୋଷ୍ଠୀ ଶିକ୍ଷାଧିକାରୀ ସର୍ବେଶ୍ୱର ଜେନା ପରୀକ୍ଷା ପରିଚାଳନା କରିଥିଲେ। ମଙ୍ଗଳବାର ଉକ୍ତ ପରୀକ୍ଷା କେନ୍ଦ୍ରରେ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

### ଦକ୍ଷତା ବିକାଶ କର୍ମଶାଳା

ଡେଲାଙ୍ଗ,୧୬।୧୨(ଡି.ଏନ୍.ଏ.): ଡେଲାଙ୍ଗ ଷ୍ଟେଶନ ବଜାର ନିକଟସ୍ଥ ରାଧାକାନ୍ତ ବିଦ୍ୟାଳୟ ପରିସରରେ ବୁଧବାର ଜିଲାସ୍ତରୀୟ ପ୍ରଧାନ ଶିକ୍ଷକ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଡେଲାଙ୍ଗ ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର, ମୋ ସ୍କୁଲ ଅଭିଯାନର ସଂଯୋଜକ ପ୍ରମୋଦ କର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ ପ୍ରମୁଖ ଯୋଗଦେଇଥିଲେ। ମୋ ସ୍କୁଲ ଅଭିଯାନ, ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ, ଶ୍ରେଣୀ ଗୃହ ସଫେଇ, ଶିକ୍ଷକଙ୍କର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଛାତ୍ରୀଛାତ୍ରଙ୍କ ସୁରକ୍ଷା, ସରକାରଙ୍କ ସୁବିଧା ଯେପରି ଛାତ୍ରୀଛାତ୍ର ପାଇପାରିବେ ସେ ଦିଗରେ ଗୁରୁତ୍ୱ ଦେବା, ବିଦ୍ୟାଳୟର ଉନ୍ନତି କାର୍ଯ୍ୟ କରିବା, ପୁରାତନ ଛାତ୍ରୀଛାତ୍ରଙ୍କୁ ମୋ ସ୍କୁଲ ଅଭିଯାନରେ ସାମିଲ କରିବା ଆଦି ଦିଗରେ ପ୍ରଧାନ ଶିକ୍ଷକଙ୍କୁ ବିସ୍ତୃତ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣାସ ବ୍ଲକରୁ ୨୮ଜଣ ଓ ଡେଲାଙ୍ଗ ବ୍ଲକରୁ ୧୯ଜଣ ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକ ଶ୍ରୀଧର ପ୍ରଧାନ, ପ୍ରଶାନ୍ତ ବିଶ୍ୱାଳ, ସଂଗୀତା ମହାନ୍ତି, ସ୍ମୃତିରେଖା ଚୌଧୁରୀ, ଇତିଶ୍ରୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

### ଜମିରେ ପାଳ, ନଡ଼ା ନ ପୋଡ଼ିବା ପାଇଁ ଦାବି

କଣାସ,୧୬।୧୨(ସ୍ୱ.ପ୍ର.): କଣାସ ବ୍ଲକ ଅଞ୍ଚଳରେ ଚାଷୀମାନେ ମେଶିନ୍‌ରେ ଧାନ କାଟିବା ପରେ ଜମିରେ ରହିଯାଉଥିବା ନଡ଼ା ଓ ପାଳରେ ନିଆଁ ଲଗାଇଦେଉଥିବାରୁ ପରିବେଶ ପ୍ରଦୂଷିତ ହେବା ସହ ଜୀବଜନ୍ତୁ ଓ ମଣିଷ ଉପରେ ତାହାର ପ୍ରଭାବ ପଡୁଛି। ତେଣୁ ପାଳ, ନଡ଼ାକୁ ନ ପୋଡ଼ିବା ପାଇଁ ବୁଧବାର ବୀରକେଶରପୁର ଗ୍ରାମର ସାମାଜିକ କର୍ମୀ ଶଶିକାନ୍ତ ମିଶ୍ର କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଣାସ ତହସିଲଦାର ଦାବିପତ୍ର ପାଇବାପରେ ବ୍ଲକର ସମସ୍ତ ଆର୍‌ଆଇଙ୍କୁ ଜମିରେ ପାଳ, ନଡା, ଆବର୍ଜନା ନ ପୋଡିବା ପାଇଁ ଜନସଚେତନତା କରିବାକୁ ନିର୍ଦ୍ଦେଶ ଦେଇଥିବା ସାମାଜିକ କର୍ମୀ ମହାରଣା ପ୍ରକାଶ କରିଛନ୍ତି। ପ୍ରତି ବର୍ଷ ପାବ-ହରିୟାନା ଚାଷୀମାନେ ଜମିରେ ପାଳ, ନଡା ଓ ଆବର୍ଜନାରେ ନିଆଁ ଲଗାଇଦେଉଥିବାରୁ ତାହାର କୁପ୍ରଭାବ ଦିଲ୍ଲୀ ଉପରେ ଅଧିକ ପଡୁଥିବାରୁ ୨ ରାଜ୍ୟର ସରକାର ଚାଷୀଙ୍କୁ ଜମିରେ ନିଆଁ ଲଗାଇବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି।

# ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

**ଶ୍ରୀମନ୍ଦିର ଖୋଲିବା ନେଇ ବୈଠକ**

ପୁରୀ ଅଫିସ, ୧୬।୧୨



ଶ୍ରୀମନ୍ଦିର ଖୋଲାଯିବା ପୂର୍ବରୁ ନୂତନ ଶେଡ୍ ଓ ବ୍ୟାରିକେଡ୍ ନିର୍ମାଣ ଚାଲିଛି।

ଶ୍ରୀମନ୍ଦିର ଆସନ୍ତା ୨୩ ତାରିଖରେ ଖୋଲିବ। ଏ ନେଇ ନିକଟରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ନିଷ୍ପତ୍ତି ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ସୂଚନା ଦେଇଥିଲେ। ବର୍ତ୍ତମାନ ମନ୍ଦିର ଯଦି ଖୋଲିବ କିଭଳି କଟକଣା ରହିବ ସେ ନେଇ ବାରମ୍ବାର ଆଲୋଚନା ଚାଲିଛି। ମୁଖ୍ୟତଃ ମନ୍ଦିରରେ ଭକ୍ତଙ୍କ ଦର୍ଶନ ନେଇ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ) କ'ଣ ରହିବ ତା' ଉପରେ ଆଲୋଚନା ହୋଇଛି। ବୁଧବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ପୁଣି ବୈଠକ ବସିଥିଲା। ଏଥିରେ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି କନୱର ବିଶାଲ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ୨୩ରେ ମନ୍ଦିର ଖୋଲିବା ଉପରେ ସବୁ ଦ୍ୱାରରେ କିଭଳି ବ୍ୟବସ୍ଥା ରହିବ ସେସବୁର ଜିଲାପାଳ ତଦାରଖ କରିଛନ୍ତି। ଜିଲାପାଳ ଶ୍ରୀମନ୍ଦିର ଚାରିପାଖ ବୁଲି ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ ଦିନକୁ ମନ୍ଦିରରେ କେତେ ଲୋକ ପ୍ରବେଶ କରିବେ, ଏକକାଳୀନ କେତେ ଲୋକଙ୍କୁ ଅନୁମତି ଦିଆଯିବ, ସ୍ଥାନୀୟ ଲୋକେ କେଉଁ ଆଧାରରେ ଦର୍ଶନ କରିବେ, ମାସ୍କ, ସାନିଟାଇଜ ବ୍ୟବହାରର ତଦାରଖ କିଏ କରିବ ଆଦି ଉପରେ ଆଲୋଚନା ହୋଇଛି। କୋଭିଡ୍ କଟକଣା କିପରି ପାଳନ ହେବ ଏବଂ ଏହାକୁ କେଉଁମାନେ ନିୟନ୍ତ୍ରଣ କରିବେ ସେନେଇ ମଧ ଆଲୋଚନା କରାଯାଇଛି। ସେହିପରି ଜୋତା ଓ ମୋବାଇଲ ଫୋନ୍ ଷ୍ଟାଣ୍ଡ, ପାର୍କିଂ ବ୍ୟବସ୍ଥା ଆଦି ଉପରେ ଆଲୋଚନା ହୋଇଛି। ଖୁବଶୀଘ୍ର ଏସ୍‌ଓପି ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ ମନ୍ଦିର ଚାରିପଟେ ଶେଡ୍ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ସାଧାରଣ ଶେଡ୍ ପ୍ରସ୍ତୁତ ହୋଇଥିବା ବେଳେ ଏବେ ନୂତନ ଶେଡ୍ କାମ ଚାଲିଛି। ଏହାକୁ ନେଇ ବିରୋଧ ମଧ ହେଲାଣି। ଜନସାଧାରଣଙ୍କ ଯିବାଆସିବା ରାସ୍ତାରେ ପ୍ରଶାସନ ନିୟମ ଉଲ୍ଲଂଘନ କରି କାହିଁକି ଶେଡ୍‌କରୁଛି ବୋଲି ଜିଲାପାଳଙ୍କ ନିକଟରେ ମଧ କେତେଜଣ ଅଭିଯୋଗ କରିଛନ୍ତି।

## ବ୍ୟାରେଜ ପ୍ରକଳ୍ପ ବୁଲି ଦେଖିଲେ ମନ୍ତ୍ରୀ



ମନ୍ତ୍ରୀ ତୁଷାରକାନ୍ତି ବେହେରା ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖୁଛନ୍ତି।

କାକଟପୁର,୧୬।୧୨(ଡି.ଏନ.ଏ)

୨୦୧୪ରୁ ପ୍ରାଚୀ ନଦୀର ବାଜପୁରଠାରେ ନିର୍ମାଣାଧୀନ କୁଣ୍ଢେଇ ବ୍ୟାରେଜର ନିର୍ମାଣ କାର୍ଯ୍ୟକୁ ବୁଧବାର ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପରିଦର୍ଶନରେ ଯାଇ ଅନୁଧ୍ୟାନ କରିଛନ୍ତି। ବ୍ୟାରେଜ ନିର୍ମାଣ ହାତକୁ ନେଇଥିବା ଓସିସି ତରଫରୁ ସହକାରୀ ପରିଚାଳକ ସନାତନ ପ୍ରତିହାରୀ, ଜଳସେଚନ ବିଭାଗର ଉପ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ବିଶ୍ୱାଳଙ୍କ ସହ କାର୍ଯ୍ୟର ଅଗ୍ରଗତି ଉପରେ ଆଲୋଚନା କରିବା ସହିତ କାର୍ଯ୍ୟ ଶୀଘ୍ର ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ସହ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଜିଲା ପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତରେ ପଚାରି ବୁଝିଥିଲେ। ଉକ୍ତ ନିର୍ମାଣକୁ ୭ବର୍ଷ ବିତିଯାଇଥିବାବେଳେ କାର୍ଯ୍ୟ ସରୁ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## କ୍ରିକେଟ: ବ୍ଲାକ୍ ଟାଇଗର, ରନିଂ ରିବେଲ୍ସ ବିଜୟୀ

ଡେଲାଙ୍ଗ,୧୬।୧୨(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ହରିରାଜପୁର ପଞ୍ଚାୟତର ସୋମନାଥ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଚାଲିଥିବା ଷଷ୍ଠବାର୍ଷିକ ହରିରାଜପୁର ପଞ୍ଚାୟତ ପ୍ରିମିୟମ କ୍ରିକେଟ ମ୍ୟାଚର ବୁଧବାର ୭ମ ଦିବସରେ ବ୍ଲାକ ଟାଇଗର ଓ ରନିଂ ରିବେଲ୍ସ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚଟି ବ୍ଲାକ ଟାଇଗର ଓ ସଞ୍ଜୟ ଫାଇଟର ମଧ୍ୟରେ ଥିବାବେଳେ ବ୍ଲାକ ଟାଇଗର ଟସ ଜିତି ପ୍ରଥମେ ୨୦ ଓଭରରେ ୬ ଉଇକେଟ୍ ହରାଇ ୨୩୮ ରନ ସଂଗ୍ରହ କରିଥିଲା। ଜବାବରେ ସଞ୍ଜୟ ଫାଇଟର ୯ ଉଇକେଟ ହରାଇ ୨୩୩ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଅଶୋକ ମହାରଣା ଓ ମାନସ ବେହେରା ମ୍ୟାଚ ପରିଚାଳନା କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚଟି ସ୍ପୋର୍ଟିଂକ୍ଲବ ଓ ରନିଂ ରିବେଲ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସ୍ପୋର୍ଟିଂକ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା। ଜବାବରେ ରନିଂ ରିବେଲ୍ସ ୧୫ ଓଭରରେ ୫ ଉଇକେଟ ହରାଇ ୧୫୨ ରନ କରି ବିଜୟୀ ହୋଇଥିଲା। ଏଥିରେ ବିକ୍ରମ ସୁବୁଦ୍ଧି ଓ ଦୀପକ ମହାରଣା ମ୍ୟାଚ ପରିଚାଳନା କରିଥିଲେ।

## ଆରମ୍ଭ ହେଲା ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ

କୋଣାର୍କ, ୧୬।୧୨(ଡି.ଏନ.ଏ)

କୋଣାର୍କ ସୂର୍ଯ୍ୟମନ୍ଦିରରେ ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଯାଇଛି ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ। କରୋନା କଟକଣା ଯୋଗୁ ୯ମାସ ବନ୍ଦ ରହିଥିଲା ଏହି ଶୋ। ପ୍ରଥମ ସନ୍ଧ୍ୟାରେ ୩୨ଜଣ ପର୍ଯ୍ୟଟକ ଟିକେଟ କାଟି ଏହି ଶୋ ଉପଭୋଗ କରିଥିଲେ। ବର୍ତ୍ତମାନ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସୂର୍ଯ୍ୟମନ୍ଦିର ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ପୁନର୍ବାର ଚାଲୁ ହୋଇଛି। ସାମାଜିକ ଦୂରତ୍ୱ ରକ୍ଷା କରି ପର୍ଯ୍ୟଟକଙ୍କ ପାଇଁ ୧୫୦ଟି ଚେୟାର ରଖାଯାଇଥିଲା। ପ୍ରଥମେ ସବୁ ଚେୟାରଗୁଡ଼ିକୁ ସାନିଟାଇଜ କରାଯାଇଥିଲା। ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ନିମନ୍ତେ ଟିକେଟ ମୂଲ୍ୟ ୫୦ଟଙ୍କା ରଖାଯାଇଛି। ଶୋ ପାଇଁ ଦୈନିକ ୨୦୦ ପର୍ଯ୍ୟଟକଙ୍କୁ ଅନୁମତି ଦିଆଯିବ। ସନ୍ଧ୍ୟା ୬ଟା ୩୦ରୁ ଏହି ଶୋ ଆରମ୍ଭ ହୋଇ ୪୦ମିନିଟ ପର୍ଯ୍ୟନ୍ତ ଚାଲିବ। ଏହି ଶୋ ମାଧ୍ୟମରେ ୮ଟି ଅତ୍ୟାଧୁନିକ ପ୍ରୋଜେକ୍ଟର ସାହାଯ୍ୟରେ ମୁଖଶାଳା ଓ ନାଟ୍ୟମନ୍ଦିରରେ ଚିତ୍ତାକର୍ଷକ କାହାଣୀ ଇଂଲିଶ, ହିନ୍ଦୀ ଓ ଓଡ଼ିଆ ଭାଷାରେ ଶୁଣିବାକୁ ମିଳୁଛି। ଏଥିରେ ସୂର୍ଯ୍ୟମନ୍ଦିର ଐତିହ୍ୟ ସମ୍ପର୍କରେ ୪୦ମିନିଟର ତଥ୍ୟଭିତ୍ତିକ ବିବରଣୀ ରହିଛି।



କୋଣାର୍କ ସୂର୍ଯ୍ୟମନ୍ଦିରରେ ଆରମ୍ଭ ହୋଇଥିବା ଲାଇଟ୍ ଆଣ୍ଡ ସାଣ୍ଡ ଶୋ'।

## ପ୍ରେମ ପରେ ଅପହରଣ, ଦୀଘାରୁ ୨ ଉଦ୍ଧାର

ଗୋପ,୧୬।୧୨(ଡି.ଏନ୍.ଏ.)

ପ୍ରଥମେ ପ୍ରେମ ପରେ ବିବାହ ପାଇଁ ରାଜି ନ ହେବାରୁ ଗୋପ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ କେନ୍ଦ୍ରାପଡ଼ା ଅଞ୍ଚଳର ଯୁବକ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ତେବେ ପୋଲିସ ଯୁବକଙ୍କ ମୋବାଇଲ ଫୋନ ଟ୍ରାକିଂ କରି ଉଭୟ ଯୁବତୀ ଯୁବକଙ୍କୁ ପଶ୍ଚିମବଙ୍ଗ ଦିଘା ଅଞ୍ଚଳରୁ ଉଦ୍ଧାର କରିଛି। ପରେ ଉଭୟଙ୍କୁ ଡାକ୍ତରି ମାଇନା କରିବା ସହ ଅଭିଯୁକ୍ତ ଅପହରଣକାରୀ କେନ୍ଦ୍ରାପଡ଼ା ଅଞ୍ଚଳର ଶାନ୍ତନୁ କୁମାର ପରିଡ଼ାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହାସହ ଉଦ୍ଧାର ଯୁବତୀଙ୍କୁ ତାଙ୍କ ପରିବାର ଲୋକଙ୍କୁ ଜିମା ଦିଆଯାଇଛି। ସୂଚନା ଅନୁଯାୟୀ, କିଛି ମାସ ତଳେ ଗୋପ ଅଞ୍ଚଳର ଯୁବତୀ ଫେସବୁକରେ ଶାନ୍ତନୁ ସହ ପରିଚୟ ହୋଇ ପରେ ପ୍ରେମ ହୋଇଥିଲା। ପରେ ଶାନ୍ତନୁ ଯୁବତୀଙ୍କୁ ବିବାହ ପ୍ରସ୍ତାବ ଦେବା ପରେ ସେ ମନା କରିଥିଲା। ବାରମ୍ବାର ପ୍ରସ୍ତାବ ଦେବା ସତ୍ତ୍ୱେ ଯୁବତୀ ନ ମାନିବାରୁ ଗତ ୧୩ ତାରିଖରେ ଦେଖା କରିବା ପାଇଁ କହିଥିଲେ। ଗୋପର ନୟାହାଟ ବଜାରକୁ ଯୁବତୀ ଆସିଥିବାବେଳେ ଶାନ୍ତନୁ କାର୍‌ରେ ଆସି ତାଙ୍କୁ ଜବରଦସ୍ତ ଅପହରଣ କରିନେଇଥିଲେ। ଯୁବତୀ ପାଟି କରିବାରେ ଶାନ୍ତନୁ ବିଭିନ୍ନ ପ୍ରକାରର ଧମକ ଦେଇ କୋଲକତା ନେଇଯାଇଥିଲେ। ପରିବାର ସଦସ୍ୟ ଯୁବତୀଙ୍କୁ ଖୋଜି ପାଇ ନ ଥିବାବେଳେ ଅପହରଣର ପରଦିନ ଯୁବତୀ କୌଶଳକ୍ରମେ ଯୁବକଙ୍କ ମୋବାଇଲରୁ ଘରକୁ ଫୋନ କରି ସବୁ କଥା କହିଥିଲେ। ପରିବାର ଲୋକେ ଥାନାରେ ଜଣାଇବା ପରେ ପୋଲିସ ନଂ.୩୪୩/୨୦ ରୁଜୁ କରି ଯୁବକଙ୍କ ମୋବାଇଲ ଟ୍ରାକିଂ କରି ପଶ୍ଚିମବଙ୍ଗରୁ ଉଭୟଙ୍କୁ ଧରିଥିଲା।

# ଓଏଚ୍‌ଆର୍‌ସି ଅଧ୍ୟକ୍ଷଙ୍କୁ ଭେଟିଲେ ଏସ୍‌ପି

**ପୁରୀ ହାଜତ ମୃତ୍ୟୁ ମାମଲା**

ପୁରୀ ଅଫିସ, ୧୬।୧୨



ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଜଷ୍ଟିସ ବି.କେ. ପଟେଲ ପତିତପାବନଙ୍କ ଦର୍ଶନ ସାରି ଫେରୁଛନ୍ତି।

ରାଜ୍ୟ ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି) ଅଧ୍ୟକ୍ଷ ଜଷ୍ଟିସ ବି.କେ. ପଟେଲ ବୁଧବାର ପୁରୀ ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ଶ୍ରୀମନ୍ଦିର ସମ୍ମୁଖରେ ପତିତପାବନଙ୍କ ଦର୍ଶନ କରିଥିଲେ। ପରେ ତାଙ୍କୁ ସର୍କିଟ୍ ହାଉସରେ ପୁରୀ ଏସ୍‌ପି କନୱର ବିଶାଲ ସିଂହ ଭେଟିଥିଲେ। ପୁରୀ ହାଜତ ମୃତ୍ୟୁ ପ୍ରସଙ୍ଗରେ ଜଷ୍ଟିସ୍ ପଟେଲ ରିପୋର୍ଟ ତଲବ କରିଥିବାରୁ ଏସ୍‌ପି ସିଂ ତାଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି।

ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଜଷ୍ଟିସ୍ ପଟେଲ ଏସ୍‌ପିଙ୍କୁ ହାଜତ ମୃତ୍ୟୁ ପ୍ରସଙ୍ଗର ସବିଶେଷ ତଥ୍ୟ ମାଗିଛନ୍ତି। କେଉଁ ସମୟରେ ଅଭିଯୁକ୍ତ କେ. ରମେଶଙ୍କୁ ଗିରଫ କରାଗଲା, ସେତେବେଳେ ଆଇଆଇସି ଉପସ୍ଥିତ ଥିଲେ କି ନାହିଁ, ଯଦି ନ ଥିଲେ ତେବେ କେଉଁଠି ଥିଲେ, ତତ୍କାଳୀନ ଏସ୍‌ପି ଅଖିଳେଶ୍ୱର ସିଂ ଘଟଣା ବେଳେ କେଉଁଠି ଥିଲେ ଓ ତାଙ୍କୁ କେତେବେଳେ ଅଭିଯୁକ୍ତଙ୍କ ମୃତ୍ୟୁ ଖବର ମିଳିଲା, ପରିବାର ଲୋକଙ୍କୁ ମୃତଦେହ ନ ଦେଖାଇ ତରବରିଆ ଭାବେ କାହିଁକି ସତ୍କାର କରାଗଲା ସେ ନେଇ ପ୍ରଶ୍ନ କରିଛନ୍ତି। ସେହିଭଳି ଅଭିଯୁକ୍ତଙ୍କ ମୁଣ୍ଡରେ ଆଘାତ ଲାଗି ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ କୁହାଯାଇଥିଲା। ମାତ୍ର ଅଭିଯୁକ୍ତଙ୍କ ଶରୀରରେ ମୃତ୍ୟୁବେଳକୁ ୧୬ଟି କ୍ଷତସ୍ଥାନ ଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ଏଣୁ ଏନେଇ ଏସ୍‌ପିଙ୍କୁ କମିଶନ ସବିଶେଷ ତଥ୍ୟ ମାଗିଥିବା ଜଣାପଡ଼ିଛି। ହାଜତ ମୃତ୍ୟୁ ଓ ପୋଲିସ ନିର୍ଯାତନା ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦାଖଲ କରାଯିବ ବୋଲି କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ପଟେଲ କହିଛନ୍ତି। ଏହି ମାମଲାରେ ଏସ୍‌ପି ଗତ ୧୪ ତାରିଖରେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ପୁରୀ ବାସେଳି ସାହି ଥାନା ହାଜତରେ ୩୩ ବର୍ଷୀୟ ରମେଶଙ୍କୁ ପୋଲିସ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହାପରେ ତତ୍କାଳୀନ ଏସ୍‌ପି ଅଖିଳେଶ୍ୱର ସିଂଙ୍କୁ ନିଲମ୍ବିତ କରାଯାଇଥିଲେ ମଧ ଆଇଆଇସି ଜୀବନାନନ୍ଦ ଜେନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ପରେ ସ୍ଥାନୀୟ ଲୋକ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିରୋଧ ଜୋର ଧରିଥିଲା। ଫଳରେ କିଛିଦିନ ତଳେ ଆଇଆଇସି ଜୀବନାନନ୍ଦ ଜେନାଙ୍କୁ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଏବେ ଓଏଚ୍‌ଆର୍‌ସି ପକ୍ଷରୁ ନୂଆ ଏସ୍‌ପିଙ୍କୁ ରିପୋର୍ଟ ତଲବ କରାଯିବା ପରେ ଏହି ଘଟଣା କେଉଁ ମୋଡ଼ ନେବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

## କଟକ, ପୁରୀ ବିଜେଡି ଜିଲା ସାଙ୍ଗଠନିକ କର୍ମକର୍ତ୍ତା ନିଯୁକ୍ତ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କଟକ ଓ ପୁରୀ ଜିଲା କମିଟି ଗଠନ କରାଯାଇଛି। ବୁଧବାର ବିଜେଡି କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ କଟକ ଜିଲା ପାଇଁ ୧୫ ଉପସଭାପତି, ୧୬ ସାଧାରଣ ସମ୍ପାଦକ ଓ ୨୪ ସମ୍ପାଦକ ନିଯୁକ୍ତ କରାଯାଇଛି। ସେହିପରି ପୁରୀ ଜିଲା ପାଇଁ ୯ ଉପସଭାପତି ନିଯୁକ୍ତ କରାଯାଇଥିବା ବେଳେ ୫ ସାଧାରଣ ସମ୍ପାଦକ, ୧୭ ସମ୍ପାଦକ, ୪ ଜଣ ପୁରୀ ମ୍ୟୁନିସିପାଲିଟି, ପିପିଲି, କୋଣାର୍କ ଏବଂ ନିମାପଡା ଏନ୍‌ଏସି ପାଇଁ ସଭାପତି, ୧୧ ଜଣ ବ୍ଲକ ସଭାପତିଙ୍କୁ ନିଯୁକ୍ତି ଦିଆଯାଇଛି।

ପୁରୀ ଜିଲା କମିଟି ପାଇଁ ଉପସଭାପତି ଭାବେ ଦେବେନ୍ଦ୍ର ଦାସ ମହାପାତ୍ର, ବିଜୟ ମିଶ୍ର, ଦିବାକର ପାତ୍ର, ଭକ୍ତ ଚରଣ ଦାସ, ଦେବାଶିଷ ନନ୍ଦ, ରାମ ଚନ୍ଦ୍ର ମହାନ୍ତି, କୈଳାସ ଲେଙ୍କା, ସୁର ପ୍ରସାଦ ମହାନ୍ତି ଏବଂ ସତ୍ୟବାଦୀ ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ସାଧାରଣ ସମ୍ପାଦକ ଭାବେ ନାରାୟଣ ପଟ୍ଟନାୟକ, କିଶୋର ଛୋଟରାୟ, ଲିଙ୍ଗରାଜ ସ୍ୱାଇଁ, ରାଜୁ ମହାପାତ୍ର ଏବଂ ହେମନ୍ତ ଜେନାଙ୍କୁ ନିଯୁକ୍ତି ଦିଆଯାଇଛି। ପୁରୀ ମ୍ୟୁନିସିପାଲିଟି ସଭାପତି ଭାବେ ସବ୍ୟସାଚୀ ମହାପାତ୍ର, ପିପିଲି ଏନ୍‌ଏସି ପାଇଁ ଶରତ ଚନ୍ଦ୍ର ବେହେରା, କୋଣାର୍କ ଏନ୍‌ଏସି ଲାଗି ଗୋପାଳ ଚନ୍ଦ୍ର ବେହେରା ଏବଂ ନିମାପଡା ଏନ୍‌ଏସି ପାଇଁ ଜୀବନାନନ୍ଦ ମହାପାତ୍ରଙ୍କୁ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି।

## ଜୁଆ ଆଡ୍ଡାରେ ଚଢ଼ାଉ, ୮ ଗିରଫ

**୬୨ ହଜାର ଟଙ୍କା, କାର ଜବତ**


ପୁରୀ ଅଫିସ୍, ୧୬।୧୨

ପୁରୀ ସଦର ଥାନା ପୋଲିସ ଶାସନ ଦାମୋଦରପୁର ଗ୍ରାମ ନିକଟ କୈବଲ୍ୟ ବାଟିକାରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ମଙ୍ଗଳବାର ସନ୍ଧ୍ୟାରେ ଚଢ଼ାଉ କରି ୮ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କଟକ ହରିପୁରର ଆକାଶ ବେହେରା, ଯୋବ୍ରାର ଅଭୟ ବେହେରା, ମାଝିସାହିର ବିନାୟକ ଚନ୍ଦ୍ର ପତି, ବାଦାମବାଡ଼ିର ଛବିନ୍ଦ୍ର ରାଉତ, ଭୁବନେଶ୍ୱର ବଡ଼ଗଡ଼ ଅଞ୍ଚଳର ରାମନାଥ ପାତ୍ର, ଖଣ୍ଡଗିରି ଆଇଗିଣିଆର ମହମ୍ମଦ ରିଆଜ ଅହମ୍ମଦ, ପୁରୀ ଲୋକନାଥ ରୋଡ୍‌ର ଲକ୍ଷ୍ମୀଧର ବାରିକ ଏବଂ ଗୁଜରାଟ ଜାମନଗର ଅଞ୍ଚଳର ସନ୍ଦିପ କିଶୋର ମେହଟ୍ଟା। ଏମାନଙ୍କଠାରୁ ଏକ କାର(ନଂ. ଓଡି୦୨ଏଏକ୍ସ-୫୫୩୪), ୧୦ ମୋବାଇଲ, ନଗଦ ୬୨ ହଜାର ଟଙ୍କା ଜବତ କରାଯାଇଛି। ସଦର ଥାନା ଏସ୍‌ଆଇ ଏସ୍.ଆର୍. ବିଶ୍ୱାଳଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। କେସ୍ ନଂ. ୩୮୧/୨୦ ରୁଜୁ ହୋଇଛି।



# ବିଦ୍ୟାଶ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)



- ଫେସବୁକ୍ ଲାଇଭ୍‌ରେ ମାତ୍ରାଧିକ ନିଦ ବଟିକା ଖାଇଲେ
- ନିନ୍ଦା, ଅପବାଦ ସହିହେଉ ନ ଥିବା କହିଲେ
- ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ହସ୍ପିଟାଲରେ ଭର୍ତ୍ତି

ସାମାଜିକ କର୍ମୀ ମାନବପ୍ରେମୀ ଆଦିତ୍ୟ ଦାଶଙ୍କ ମୃତ୍ୟୁ ରହସ୍ୟକୁ ନେଇ ତଦନ୍ତ ଜାରି ରହିଥିବାବେଳେ ସ୍ତ୍ରୀ ବିଦ୍ୟାଶ୍ରୀ ବୁଧବାର ଫେସ୍‌ବୁକ୍‌ରେ ଲାଇଭ କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମାତ୍ରାଧିକ ନିଦ ବଟିକା ଖାଇଦେବାରୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡିଥିଲା। କଟକସ୍ଥିତ ବାସଭବନରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଟ୍ରମା କେୟାର ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଥିବା ସୂଚନା ମିଳିଛି।

ଆତ୍ମହତ୍ୟା ଉଦ୍ୟମ ସମୟରେ ଫେସ୍‌ବୁକ୍ ଲାଇଭ୍‌ରେ ବିଦ୍ୟାଶ୍ରୀ କହିଛନ୍ତି ଯେ, ଆଦିତ୍ୟଙ୍କ ମୃତ୍ୟୁ ପାଇଁ କେତେଜଣ ସମର୍ଥକ ସିଧାସଳଖ ମୋତେ ଅଭିଯୁକ୍ତ ଦର୍ଶାଇ ସୋସିଆଲ ମିଡିଆରେ ଅପପ୍ରଚାର ଚଳାଇଛନ୍ତି। ଚରିତ୍ରକୁ ସଂହାର କରୁଛନ୍ତି। ଫଳରେ ସୋସିଆଲ ମିଡିଆରେ ଲୋକେ ଗାଳିଗୁଲଜ କରି ନିନ୍ଦା ଅପବାଦ ଦେଉଛନ୍ତି। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଚଳାଇଥିବାବେଳେ ନିନ୍ଦା ଅପବାଦକୁ ଆଉ ସହି ହେଉନି। ଆଉ ବଞ୍ଚିବାକୁ ଇଚ୍ଛାନାହିଁ। ମୁଁ ଆତ୍ମହତ୍ୟା କରିବାକୁ ଚାହେଁ। ପୂର୍ବରୁ ୩୦ଟି ସ୍ଲିପିଂ ମେଡିସିନ ଖାଇଛି। ରିଆକ୍ସନ ହେଉ ନ ଥିବାରୁ ମୁଁ ଆହୁରି ଅଧିକ ଖାଉଛି। ତେବେ ମୋ ମୃତ୍ୟୁ ପାଇଁ ଲୋକେ ଦାୟୀ ନୁହନ୍ତି। ଆଦିତ୍ୟଙ୍କ ମୃତ୍ୟୁ ପାଇଁ ଯେମିତି ମନଗଢ଼ା କାହାଣୀ କୁହାଯାଇ ମୋତେ ଦାୟୀ କରାଯାଉଛି, ମୋ ପାଇଁ ମୋ ପରିବାର ଲୋକଙ୍କୁ ଦାୟୀ କରା ନ ଯାଉ। ଏଥିପାଇଁ ଏହି ଡାଏରୀ ଛାଡ଼ି ଯାଉଛି। ଯେଉଁମାନେ ଦାୟୀ ସେମାନଙ୍କ ନାମ ଏହି ଡାଏରୀରେ ଲେଖିଛି। ଏପରିକି ସେମାନଙ୍କ ନାମ ମଧ ଉକ୍ତ ଲାଇଭ୍ ଭିଡିଓରେ ବିଦ୍ୟାଶ୍ରୀ କହୁଥିବା ଦେଖିବାକୁ ମିଳୁଛି। ଏଥିସହ ସେ କାନ୍ଦି କାନ୍ଦି କହୁଛନ୍ତି – ମୋତେ ନ୍ୟାୟ ମିଳୁ। ଅନେକ ଦିନ ହେଲା ମାନବପ୍ରେମୀ ଆଦିତ୍ୟଙ୍କ ମୃତ୍ୟୁ ମାମଲାରେ କୌଣସି ଅଭିଯୁକ୍ତ ଧରାପଡି ନ ଥିବାବେଳେ ତଦନ୍ତ ରିପୋର୍ଟରେ ଏହାକୁ ଆତ୍ମହତ୍ୟା ବୋଲି ଦର୍ଶାଯାଇଛି। ମାନସିକ ନିର୍ଯାତନା ସହି ନ ପାରି ବିଦ୍ୟାଶ୍ରୀ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇଥିବା ସେ ଫେସ୍‌ବୁକ ଲାଇଭ୍‌ରେ କହିଛନ୍ତି।

ଗତ ଜୁଲାଇ ୭ ସକାଳେ ଆଦିତ୍ୟଙ୍କ ମୃତଦେହ ଭୁବନେଶ୍ୱର ଲିଙ୍ଗରାଜ ଷ୍ଟେଶନସ୍ଥିତ ରେଳ ଧାରଣାରୁ ମିଳିଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜିଆର୍‌ପି କହିଥିଲା। କିନ୍ତୁ ଆଦିତ୍ୟଙ୍କ ପିପୁଲ୍ ଫର୍ ସେବା ସଙ୍ଗଠନର କାର୍ଯ୍ୟକର୍ତ୍ତା ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ସବୁଆଡୁ ଚାପ ପଡ଼ିବା ପରେ ପୋଲିସ ହତ୍ୟା ମାମଲା ରୁଜୁ କରିଥିଲା। ବିଦ୍ୟାଶ୍ରୀ ଓ ପରିବାର ଲୋକେ ସିବିଆଇ ତଦନ୍ତ ଦାବିକରି କଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ତଦନ୍ତ ନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିବା ପରେ ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। କ୍ରାଇମବ୍ରାଞ୍ଚ ବିଦ୍ୟାଶ୍ରୀ, ତାଙ୍କ ପରିବାର ସଦସ୍ୟଙ୍କ ସମେତ ଘର ମାଲିକଙ୍କୁ ଜେରା କରିଥିଲା। ଏଥିସହ ଆଦିତ୍ୟଙ୍କ ସହଯୋଗୀ ପପୁ ଓ ବିକାଶଙ୍କୁ ମଧ ଏକାଧିକଥର ଜେରାର ସମ୍ମୁଖୀନ ହେବାକୁ ପଡିଥିଲା। ଶେଷରେ ଆଦିତ୍ୟ ଆତ୍ମହତ୍ୟା କରିଥିବା ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ହାଇକୋର୍ଟରେ ରିପୋର୍ଟ ଦାଖଲ କରାଯାଇଥିଲା। ହେଲେ ଏହି ମୃତ୍ୟୁକୁ ନେଇ ସୋସିଆଲ ମିଡିଆରେ ବିଦ୍ୟାଶ୍ରୀଙ୍କୁ ବାରମ୍ବାର ଦୋଷୀ କରାଯିବା ସହ ନିନ୍ଦାମୂଳକ ପୋଷ୍ଟ ଥମି ନ ଥିଲା। ଗତ ମାସରେ ଏ ନେଇ ବିଦ୍ୟାଶ୍ରୀ ଏୟାର ଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ରେଲଓ୍ୱେ ପ୍ଲାଟ୍‌ଫର୍ମ ଟିକେଟ ୫୦ ଟଙ୍କାକୁ ବୃଦ୍ଧି

**ଖୋର୍ଦ୍ଧା ଅଫିସ,୧୬।୧୨:** କୋଭିଡ୍-୧୯ ସ୍ଥିତିରେ ନିୟନ୍ତ୍ରଣ ଆସିବା ପରେ ଦେଶର ପ୍ରମୁଖ ସ୍ଥାନକୁ ଏକ୍ସପ୍ରେସ ଟ୍ରେନ ଯାତାୟାତ କରୁଛି। ଫଳରେ ଷ୍ଟେଶନରେ ଯାତ୍ରୀଙ୍କ ଭିଡ଼ ଜମୁଛି। ଷ୍ଟେଶନରେ କରୋନା ସଂକ୍ରମଣ ରୋକିବା ତଥା ଭିଡ଼ କମାଇବାକୁ ରେଳ ବିଭାଗ ପ୍ଲାଟଫର୍ମ ଟିକେଟ ମୂଲ୍ୟରେ ୫ଗୁଣା ବୃଦ୍ଧି କରିଛି। ପୂର୍ବରୁ ପ୍ଲାଟଫର୍ମ ଟିକେଟ ମୂଲ୍ୟ ୧୦ଟଙ୍କା ରହିଥିବା ବେଳେ ଏବେ ୫୦ଟଙ୍କାକୁ ବୃଦ୍ଧି ପାଇଛି। ଏନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାଜ୍ୟର ଅନେକ ଷ୍ଟେଶନରେ ପ୍ଲାଟଫର୍ମ ଟିକେଟ କାଉଣ୍ଟରକୁ ବନ୍ଦ ରଖାଯାଇଛି। ଟିକେଟ ମୂଲ୍ୟରେ ମଧ ବୃଦ୍ଧି ହୋଇଛି। ସଂକ୍ରମଣକୁ ରୋକିବାକୁ ଏହି ପଦକ୍ଷେପ ନିଆଯାଇଛି ବୋଲି ଖୋର୍ଦ୍ଧା ରୋଡ ଏଡିଆରଏମ୍ କହିଛନ୍ତି।

### ୨ ଶ୍ରେଣୀଗୃହ ଉଦ୍‌ଘାଟିତ

**ଖୋର୍ଦ୍ଧା ଅଫିସ,୧୬।୧୨:** ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଭାଲିଆବାଡ଼ିସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଟି ନୂତନ ଶ୍ରେଣୀ ଗୃହ ବୁଧବାର ଉଦ୍‌ଘାଟିତ ହୋଇଛି। ସମଗ୍ର ଶିକ୍ଷା ଅଭିଯାନ ଯୋଜନାରେ ୧୩ଲକ୍ଷ ୫୬ ହଜାର ଟଙ୍କାରେ ନିର୍ମିତ ଏହି ଦୁଇ ଗୃହକୁ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ସ୍କୁଲ ପରିଚାଳନା କମିଟି ଏହି ଗୃହ ନିର୍ମାଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ପୌରନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ , ସମଗ୍ର ଶିକ୍ଷା ଅଭିଯାନର ଯନ୍ତ୍ରୀ ଦେବଦତ୍ତ ମହାନ୍ତି, ଶିବ ନାରାୟଣ ଦାସ, ପରିଚାଳନା କମିଟି ସଭାପତି ସୌମେଶ୍ୱର ଦାସ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ମହାପାତ୍ର, ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଦିଲ୍ଲୀପ କୁମାର ହୋତା, ବିଭୁ ପ୍ରସାଦ ସାହୁ, ଲଳିତ ମୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ବାରଙ୍ଗ,୧୬।୧୨(ଡି.ଏନ.ଏ):** ନନ୍ଦନକାନନ ଥାନା ଅନ୍ତର୍ଗତ ପଦାସାହି ଗ୍ରାମରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ବୁଧବାର ଜବତ କରିଛି। ମୃତା ହେଲେ ପୁଷ୍ପା ମହାନ୍ତି(୫୩)। ଏ ନେଇ ପୋଲିସ ନଂ.୯/୨୦ରେ ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବୁଧବାର ସକାଳେ ମୃତ ମହିଳାଙ୍କ ସ୍ୱାମୀ ମର୍ନିଂଓ୍ୱାକ ସାରି ଘରକୁ ଫେରିବା ପରେ ଶୋଇବାଘରର କବାଟ ପୁଷ୍ପା ଖୋଲି ନ ଥିଲେ। ସନ୍ଦେହରେ ସାନପୁଅକୁ ଡାକି କବାଟ ଭାଙ୍ଗିବା ପରେ ପୁଷ୍ପା ଘରର ଫ୍ୟାନ ହୁକରେ ଶାଢି ଲଗାଇ ଝୁଲୁଥିବାର ଦେଖିଥିଲେ। ଖବରପାଇ ନନ୍ଦନକାନନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଙ୍କ ଜବତ କରିଥିଲେ। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୋଲିସ ପ୍ରକାଶ କରିଛି। ମୃତ ମହିଳାଙ୍କର ୨ପୁଅ ଓ ଜଣେ ବିବାହିତ ଝିଅ ଅଛନ୍ତି।

### କିନ୍ନର ସଙ୍ଗଠନର ସଚେତନତା କର୍ମଶାଳା

**ବାଲୁଗାଁ,୧୬।୧୨(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର 'ସ୍ୱୀକୃତି ଯୋଜନା' ଆବାହକତ୍ୱରେ ବୁଧବାର ବାଲୁଗାଁଠାରେ ତୃତୀୟଲିଙ୍ଗୀ ସମ୍ପ୍ରଦାୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁସ୍ଥିତ ଚେତନା ତୃତୀୟଲିଙ୍ଗୀ ସାମାଜିକ ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ, ମୁଖ୍ୟ ବକ୍ତାଭାବେ ଜିଲା ସାମାଜିକ ସୁରକ୍ଷା ପ୍ରୋଗ୍ରାମ ସହଯୋଗୀ ତପନ ସାମନ୍ତରାୟ, ଅନୁଷ୍ଠାନର ସମ୍ପାଦିକା ଚିନ୍ମୟୀ ବେହେରା ଯୋଗଦେଇଥିଲେ। ତୃତୀୟଲିଙ୍ଗୀଙ୍କ ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରଣୟନ କରିଥିବା ଆଇନ୍ ଏବଂ ଆର୍ଥିକ ସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ଆର୍ଥିକ ସୁଯୋଗ, ସୁବିଧାକୁ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ସଦ୍ ବିନିଯୋଗ କରି ଆତ୍ମନିର୍ଭରଶୀଳ ହେବାକୁ ଉପସ୍ଥିତ ତୃତୀୟଲିଙ୍ଗୀମାନେ ଶପଥ ନେଇଥିଲେ। ପାରଦର୍ଶିତା ତୃତୀୟଲିଙ୍ଗୀ ଜ୍ୟୋତି କିନ୍ନରଙ୍କୁ ମୁଖ୍ୟ ଅତିଥି ଫୁଲତୋଡ଼ା ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଜ୍ୟୋତି କିନ୍ନର ଧନ୍ୟବାଦ ଦେଇଥିଲେ ।

# ବରୁଣେଇରେ ସ୍ମାର୍ଟ ପାର୍କ, ଟିଏଲ୍‌ସିରେ ଆଦର୍ଶ ଶ୍ମଶାନ

**ଖୋର୍ଦ୍ଧା ଅଫିସ,୧୬।୧୨**



- ୨ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ୩ ମାସରେ କାର୍ଯ୍ୟ ସରିବ

ଖୋର୍ଦ୍ଧା ପୌରାଞ୍ଚଳରେ ଦୁଇଟି ପ୍ରକଳ୍ପ ନିର୍ମାଣ ଲାଗି ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବରୁଣେଇ ପାଦଦେଶରେ ସ୍ମାର୍ଟ ପାର୍କ ଏବଂ ଟିଏଲ୍‌ସି ରୋଡ୍‌ରେ ଆଦର୍ଶ ଶ୍ମଶାନ ନିର୍ମାଣ ଲାଗି ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଏହାର ଶିଳାନ୍ୟାସ କରିଛନ୍ତି। ମାର୍ଚ୍ଚ ଶେଷ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସାରିବାକୁ ସମୟ ଧାର୍ଯ୍ୟ ହୋଇଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଯୋଜନାରେ ବରୁଣେଇ ପାଦଦେଶରେ ୧.୮୪ ଏକର ଜମିରେ ସ୍ମାର୍ଟ ପାର୍କ ନିର୍ମାଣ କରାଯିବ। ସ୍ମାର୍ଟ ପାର୍କରେ ଅତ୍ୟାଧୁନିକ ବ୍ୟବସ୍ଥା ରହିବ। ଲାଇଟ ଆଣ୍ଡ ସାଉଣ୍ଡ ସହ ମ୍ୟୁଜିକାଲ ଫାଉଣ୍ଟେନ, ପାଦଚଲା ରାସ୍ତା, ଉଦ୍ୟାନ, ଶୌଚାଳୟ, ଟିକେଟ କାଉଣ୍ଟର ରହିବ। ପର୍ଯ୍ୟଟକଙ୍କ ଗାଡ଼ି ପାର୍କିଂ ଲାଗି ବ୍ୟବସ୍ଥା କରାଯିବ। ପାର୍କ ମଧ୍ୟରେ ଗୋଟିଏ ଲେଖାଏ ପ୍ରବେଶ ଓ ପ୍ରସ୍ଥାନ ରହିବ। ଏଥିସହିତ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ରହିବା ନେଇ ଯୋଜନା ରହିଛି। ବରୁଣେଇର ପ୍ରାକୃତିକ ମନୋରମ ଦୃଶ୍ୟକୁ ଦେଖିବା ଲାଗି ଏଠାରେ ବର୍ଷସାରା ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ମା' ବରୁଣେଇ ଓ କରୁଣେଇଙ୍କ ଭକ୍ତଙ୍କ ଉପରେ ଅଶେଷ ମହିମା ରହିଛି। ପାଇକ ବିଦ୍ରୋହର ମୂକସାକ୍ଷୀ ହେଉଛି ବରୁଣେଇ ପାହାଡ଼। ଏହାର ନିକଟରେ ରହିଛି ଐତିହ୍ୟ ଗଡ଼ଖୋର୍ଦ୍ଧାର କୀର୍ତ୍ତି। ଏଠାରେ ସ୍ମାର୍ଟ ପାର୍କ ନିର୍ମାଣ ହେଲେ ବରୁଣେଇ ପୀଠର ମାହାତ୍ମ୍ୟ ବୃଦ୍ଧି ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ପୂର୍ବରୁ ପୌର ପ୍ରଶାସନ ପକ୍ଷରୁ ପିଲାଙ୍କ ଲାଗି ଏକ ଶିଶୁଉଦ୍ୟାନ ବ୍ୟବସ୍ଥା ରହିଛି। ପର୍ଯ୍ୟଟନ ମାନଚିତ୍ରରେ ବରୁଣେଇର ଗୁରୁତ୍ୱ ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ସେହିପରି ଟିଏଲ୍‌ସି ଠାରେ ଏକ କୋଟି ବ୍ୟୟ ଅଟକଳରେ ୨.୫୩ ଏକର ପରିମିତ ଜମିରେ ଆଦର୍ଶ ଶ୍ମଶାନ ନିର୍ମାଣ ହେବ। ଶବଦାହ ଲାଗି ୩ଟି ପିଣ୍ଡି, କାଠ ଗଚ୍ଛିତ ରଖିବା ଲାଗି ଏକ କୋଠରି, ମନ୍ଦିର, ଉଦ୍ୟାନ, ପାର୍କ, ଶୌଚାଳୟ, ପାଦଚଲା ରାସ୍ତା, ଆଲୋକୀକରଣ ବ୍ୟବସ୍ଥା, ସିକ୍ୟୁରିଟ ଗାର୍ଡ ଲାଗି ଏକ କୋଠରି ବ୍ୟବସ୍ଥା କରାଯିବ। ଅତ୍ୟାଧୁନିକ ଶୈଳୀରେ ଏହି ଶ୍ମଶାନ ନିର୍ମାଣ ହେବ। ଏହି ଶ୍ମଶାନ ନିର୍ମାଣ ହେଲେ ଲୋକେ ଗୋଟିଏ ସ୍ଥାନରେ ସମସ୍ତ ସୁବିଧା ପାଇବେ। ଉକ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ, କନିଷ୍ଠଯନ୍ତ୍ରୀ ନିହାର ରଞ୍ଜନ ସାହୁଙ୍କ ସମେତ ପୌର ପ୍ରଶାସନର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଧାୟକଙ୍କ ପ୍ରତିନିଧି ବିଭୁପ୍ରସାଦ ସାହୁ, ଯୁବନେତା ଦିଲୀପ ହୋତା, ଲଳିତ ମୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଭର୍ଚୁଆଲ ମୋଡରେ ଦ୍ୱାଦଶ ଭରତମୁନୀ ଫେଷ୍ଟିଭାଲ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅବସରରେ ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ, ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର, ଓଡ଼ିଶୀ ସଙ୍ଗୀତ ଗୁରୁ ଡ଼. ଧୀରଜ ମହାପାତ୍ର, ଗୁରୁ ସଚିଦାନନ୍ଦ ଦାଶ, ଗୁରୁ ଦିବାକର ପରିଡ଼ା, ଗୁରୁ ସର୍ବେଶ୍ୱର ବଇଠାରୁ, ଆଭାଶତରୂପା, ଏମ୍ ସ୍ମାଇଲ ଏବଂ ତ୍ରଷ୍ଟି ପୁଷ୍ପିତା ମିଶ୍ରଙ୍କ ସହ ଅନ୍ୟମାନେ।

## ୩୪୬ ବିଦ୍ୟାର୍ଥୀ ଦେଲେ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା

**ବେଗୁନିଆ/ଯାଁଳା,୧୬।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବୁଧବାର ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ଆୟୋଜିତ ହୋଇଥିଲା। ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ଏହି ବ୍ଲକର ୧୭୦ଜଣ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଆବେଦନ କରିଥିଲେ। ଅସୁସ୍ଥତା କାରଣରୁ ୫ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ଛତ୍ରପଡ଼ା ଉଚ୍ଚବିଦ୍ୟାଳୟ, ବେଗୁନିଆ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, ସିମୋର କୁଞ୍ଜବିହାରୀ ଦେବ ଏବଂ ଡାଳତୋଳା ଉଚ୍ଚ ବିଦ୍ୟାଳୟରେ ମୋଟ୍ ୧୬୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବିଇଓ ବିଷ୍ଣୁପ୍ରସାଦ ମିଶ୍ର ଏବଂ ଏବିଇଓ ଦିଲ୍ଲୀପ କୁମାର ମହାପାତ୍ର ପରୀକ୍ଷାକେନ୍ଦ୍ର ପରିଦର୍ଶନ କରି ଶୃଙ୍ଖଳାର ସହ ସମ୍ପାଦନ କରିଥିଲେ। ସେହିପରି ଜଟଣୀ ବ୍ଲକର ପ୍ରାଣନାଥ ଉଚ୍ଚ ବିଦ୍ୟାଳୟ, ଲବଣଗିରି ବିଦ୍ୟାପୀଠ, କୃଷ୍ଣଚନ୍ଦ୍ର ବିଦ୍ୟାପୀଠ, ସୁଶୀଳାଦେବୀ ପ୍ରଗତି ବିଦ୍ୟାପୀଠରେ ମୋଟ୍ ୧୮୧ ଛାତ୍ରୀଛାତ୍ର ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଥିଲେ। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ପ୍ରତ୍ୟେକ କକ୍ଷରେ ୧୦ଜଣ ଲେଖାଏ ବସି ପରୀକ୍ଷା ଦେଇଥିଲେ। ଜଟଣୀ ବ୍ଲକ ଶିକ୍ଷାଧିକାରୀ ନିରୂପା ବେହେରା, ଏବିଇଓ ମଦନମୋହନ ଭୂୟାଁଙ୍କ ତତ୍ତ୍ୱାବଧାନରେ ପରୀକ୍ଷାକେନ୍ଦ୍ର ପରିଦର୍ଶନ କରିଥିଲେ।

## ରାସ୍ତା ମରାମତି ଦାବିରେ ଭାଜପାର ପଦଯାତ୍ରା

**ପୁରୁଣା ଭୁବନେଶ୍ୱର,୧୬।୧୨(ଡି.ଏନ୍.ଏ.)**




ଏକାମ୍ର ନିର୍ବାଚନମଣ୍ଡଳୀର ପୁନାମା ଗେଟ ଦୁର୍ଗା ମଣ୍ଡପଠାରୁ ଡ଼ାକ ବଙ୍ଗଳା ଛକ, ନାରାୟଣୀ କ୍ଲବ, ଆନିହାଉସ ଛକ, ଭୀମଟାଙ୍ଗୀ, ଭୀମକୁଣ୍ଡ ମନ୍ଦିର ଆଦି ଅଞ୍ଚଳରେ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ସ୍ଥାନୀୟବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଭାଜପା ଭୁବନେଶ୍ୱର ଜିଲା ଲିଙ୍ଗରାଜ ମଣ୍ଡଳ ପକ୍ଷରୁ ବୁଧବାର ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ ତୁରନ୍ତ ରାସ୍ତା ମରାମତି ପାଇଁ ଦାବି କରିଥିଲେ। ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଯୋରଦାର କରାଯିବ ବୋଲି ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ କହିଛନ୍ତି। ଏହି ପଦଯାତ୍ରାରେ ଖଣ୍ଡଗିରି ମଣ୍ଡଳ ସଭାପତି ରାମଚନ୍ଦ୍ର ରଣସିଂ, ରାଜାରାଣୀ ମଣ୍ଡଳ ସଭାପତି ଅମରଜ୍ୟୋତି ଜଗଦ୍ଦେବ, ଯୁବମୋର୍ଚ୍ଚା ସଭାପତି ଅଭିଶେକ ଆଚାର୍ଯ୍ୟ, ଶିବ ବେହେରା, ମନୋଜ ପାତ୍ର, କାର୍ତ୍ତିକ ସୁନ୍ଦରାୟ, ମନୋଜ ପଶ୍ଚିମ କବାଟ, ଇଦିଶ୍ ଭୂୟାଁ, ରଜନୀବାଳା ଦାସ, ସୁମିତ୍ରା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅଧ୍ୟକ୍ଷଙ୍କ ନାଁରେ ଦୁର୍ବ୍ୟବହାର ଅଭିଯୋଗ

**ବାରଙ୍ଗ,୧୬।୧୨(ଡି.ଏନ.ଏ)**

ବାରଙ୍ଗ ଥାନା ଅଞ୍ଚଳର ଏକ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମେତ ୩ଜଣ ଦୁର୍ବ୍ୟବହାର କରିଥିବା ସୋମବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଶିକ୍ଷୟିତ୍ରୀ ଜଣଙ୍କ ଭୟରେ ଥିବା କହିଛନ୍ତି। ସୂଚନାଯୋଗ୍ୟ, ଶିକ୍ଷୟିତ୍ରୀଙ୍କ ଘରକୁ ଜଣେ ଯୁବତୀ ଘରକାମ କରିବାକୁ ଆସୁଥିଲା। ବିଦ୍ୟାଳୟର ରାତ୍ରିଜଗୁଆଳି ଏହି ଯୁବତୀକୁ ଖରାପ ବ୍ୟବହାର କରିବାପରେ ଅଧ୍ୟକ୍ଷଙ୍କ ନିକଟରେ ଶିକ୍ଷୟିତ୍ରୀ ଜଣଙ୍କ ଅଭିଯୋଗ କରିଥିଲେ ମଧ କିଛି ସୁବିଚାର ମିଳି ନ ଥିଲା। ଏ ସମ୍ପର୍କରେ ଶିକ୍ଷୟିତ୍ରୀ ଗୋଡିସାହି ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଆସି ଉଭୟପକ୍ଷଙ୍କୁ ଡକାଇ ଘଟଣାର ସମାଧାନ କରିଥିଲେ। ଏହି ଘଟଣାକୁ ନେଇ ପରେ ଅଧ୍ୟକ୍ଷଙ୍କ ସହ ଜଣେ ଶିକ୍ଷକ ଓ ରାତ୍ର ଜଗୁଆଳି ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ସହ ମାନସିକ ଯନ୍ତ୍ରଣା ଦେଇଥିଲେ। ଏ ନେଇ ଶିକ୍ଷୟିତ୍ରୀ ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଅଭିଯୋଗକୁ ୨ ଦିନ ବିତିଯାଇଥିଲେ ମଧ ପୋଲିସ କୌଣସି ପଦକ୍ଷେପ ନେଉ ନ ନେବା ଯୋଗୁ ଭୟରେ ରହିଥିବା କହିଛନ୍ତି।

## ସାମାଜିକ କର୍ମୀଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୧୬।୧୨**

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତର ସାମାଜିକ କର୍ମୀ ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କୁ ୬୫ ବର୍ଷ ହୋଇଥିଲା। ଗତ କିଛିଦିନ ଧରି ସେ କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ ବିଭବ ପ୍ରକାଶ ମହାପାତ୍ର, ୩ ଝିଅ ବିଜୟଲକ୍ଷ୍ମୀ, ରାଜଲକ୍ଷ୍ମୀ ଓ ପ୍ରିୟଦର୍ଶିନୀ ମହାପାତ୍ର ଉପସ୍ଥିତ ଥିଲେ।

## ବନ୍ଧୁକ ଦେଖାଇ ନେଇଗଲେ ୧୫ଲକ୍ଷ

**ଖୋର୍ଦ୍ଧା ଅଫିସ,୧୬।୧୨**

ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସରେ ବୁଧବାର ସନ୍ଧ୍ୟାରେ କେତେଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ବ୍ୟବସାୟୀ ଏସ୍.ରେଡ୍ଡିଙ୍କଠାରୁ ୧୫ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ବାଣପୁର ଓ ବାଲୁଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳର ଏସ.ରେଡି ପୁରୀରେ ରହି ବ୍ୟବସାୟ କରନ୍ତି। ଘର ଛାତ ପକାଇବା ଲାଗି ଏକ ବ୍ୟାଗରେ ୧୫ଲକ୍ଷ ଟଙ୍କା ଧରି କାରରେ ଛତ୍ରପୁର ଯାଉଥିଲେ। ପଛରେ ଆସୁଥିବା ଏକ କାର ତାଙ୍କୁ ପିଛା କରିବା ସହ ବାଲଗାଁ ବାଇପାସ ନିକଟ ନିଛାଟିଆ ସ୍ଥାନରେ ଦୁର୍ବୃତ୍ତମାନେ ତାଙ୍କ କାରକୁ ଅଟକାଇଥିଲେ। କାରରୁ କେତେଜଣ ଦୁର୍ବୃତ୍ତ ଆସି ରେଡ୍ଡିଙ୍କୁ କାରରୁ ବାହାରକୁ ଆସିବାକୁ କହିଥିଲେ। ରେଡ୍ଡି କାରରୁ ବାହାରକୁ ଆସିବା ପରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଟଙ୍କା ବ୍ୟାଗ ନେଇ ଫେରାର ହୋଇଯାଇଥିଲେ। ଏନେଇ ରେଡ୍ଡି ବାଣପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି ।

## ଟେଣ୍ଟ ଆଣ୍ଡ ସାଉଣ୍ଡ୍ ଲାଇଟ ମାଲିକ ସଂଘର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ବାଲୁଗାଁ,୧୬।୧୨(ଡି.ଏନ୍.ଏ.)**

ମା' କାଳିଜାଇ ଟେଣ୍ଟ ଆଣ୍ଡ ସାଉଣ୍ଡ୍ ଲାଇଟ୍ ମାଲିକ ମଙ୍ଗଳ ସଂଘର ୩୦ତମ ବାର୍ଷିକ ଉତ୍ସବ ବୁଧବାର ମା' ଉତ୍ତରାୟଣୀ କଲ୍ୟାଣ ମଣ୍ଡପ, ବାଲୁଗାଁଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ପରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପୂର୍ବତନ ସଭାପତି ଦିଲ୍ଲୀପ କୁମାର ମହାନ୍ତି ଓ ତାଙ୍କ କମିଟି ଗତ ଦୁଇ ବର୍ଷ ଧରି ନିଷ୍ଠାପରଭାବେ ଦାୟିତ୍ୱ ତୁଲାଇ ଆସିଥିବାରୁ ପୁନର୍ବାର ଆଗାମୀ ବର୍ଷ ନିମନ୍ତେ କାର୍ଯ୍ୟ କରିବାକୁ ସୁପାରିସ୍ କରାଯାଇଥିଲା। ପରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଦିଲ୍ଲୀପ କୁମାର ମହାନ୍ତି, ଉପସଭାପତି କବିରାଜ ସାହୁ, ସମ୍ପାଦକ ଲକ୍ଷ୍ମୀଧର ପ୍ରଧାନ, ସହସମ୍ପାଦକ ପ୍ରଭାତ କୁମାର ନନ୍ଦ, କୋଷାଧ୍ୟକ୍ଷ ଶୁଭେନ୍ଦୁ କୁମାର ଜେନା ଓ ସରୋଜ ସାସମଲ, ଉପଦେଷ୍ଟା ଅଶୋକ କୁମାର ସାହୁ, ସୁରେନ୍ଦ୍ର କୁମାର ପାତ୍ର ଓ ଭରତ କୁମାର ପୃଷ୍ଟିଙ୍କୁ ସଂଘର ନୂତନ କର୍ମକର୍ତ୍ତାଭାବେ ଚୟନ କରାଯାଇଥିଲା। ଏହି ଅବସରରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମସ୍ତ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସଂଘର ଅନ୍ୟ ସଭ୍ୟମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଠିକା ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ



ଧାରଣା ସ୍ଥଳରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ଜଟଣୀ,୧୬।୧୨(ଡି.ଏନ୍.ଏ.)**

ବିଭିନ୍ନ ଦାବି ନେଇ ଜଟଣୀ ପୌରପରିଷଦର ଠିକା ସଫେଇ କର୍ମଚାରୀଙ୍କ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ବୁଧବାର ପ୍ରତ୍ୟାହୃତ ହୋଇଛି। ଗତ ୧୧ ତାରିଖରୁ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଆଗରେ ଏହି ଆନ୍ଦୋଳନ ଚାଲିଥିଲା। ୬ଦିନ ସଫେଇ କାର୍ଯ୍ୟ ବନ୍ଦ ରହିବା ଯୋଗୁ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଅଳିଆ ପଡ଼ିରହିଛି। ଜଣେ ପୌର କର୍ମଚାଚରୀଙ୍କୁ ମାଡ଼ ପ୍ରତିବାଦରେ ମଙ୍ଗଳବାର ପୌର କର୍ମଚାରୀମାନେ ଥାନା ଘେରାଉ କରିଥିଲେ। ଏନେଇ ଅଭିଯୋଗ ପରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏପରିକି ସ୍ଥାୟୀ ଏବଂ ଠିକା କର୍ମଚାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଥିଲା। ସ୍ଥାୟୀ ସଫେଇ କର୍ମଚାରୀ ବୁଧବାର କେତେକ ଅଞ୍ଚଳରେ କାମ କରୁଥିବା ବେଳେ ଠିକା କର୍ମଚାରୀମାନେ ସେମାନଙ୍କୁ ବିରୋଧ କରିଥିଲେ। ଅଳିଆ ବୋହିବା ଟ୍ରାକ୍ଟରକୁ ଛାଡ଼ି ନ ଥିଲେ। ସଫେଇ କରୁଥିବା କର୍ମଚାରୀଙ୍କଠାରୁ ଝାଡୁ, ଅନ୍ୟ ସାମଗ୍ରୀ ଛଡ଼ାଇ ନେଇଥିଲେ। ଫଳରେ କିଛି ସମୟ ପାଇଁ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଓ ଗୋପବନ୍ଧୁ ବଜାର ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଘରୋଇ ସଂସ୍ଥା ଦ୍ୱାରା ପୌରାଞ୍ଚଳର ସଫେଇ କାର୍ଯ୍ୟ କରାଯାଉଛି। ଏହି ସଂସ୍ଥା ଅଧୀନରେ ୧୯୨ ଜଣ କାର୍ଯ୍ୟ କରୁଛନ୍ତି। ତେବେ ନିୟମିତ ବେତନ ନ ମିଳିବା, ଇପିଏଫ୍ ଓ ଇଏସ୍‌ଆଇ ବାବଦ ଅର୍ଥ ବେତନରୁ କଟୁଥିଲେ ମଧ ସମ୍ପୃକ୍ତ କାର୍ଯ୍ୟାଳୟରେ ପୈଠ ନ ହେବା ଆଦି ବିଭିନ୍ନ ଦାବି ନେଇ ଏହି ଆନ୍ଦୋଳନ ଚାଲିଥିଲା। ମ୍ୟୁନିସିପାଲିଟି ପ୍ରଶାସକ ଦାୟିତ୍ୱରେ ଥିବା ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁଙ୍କ ହସ୍ତକ୍ଷେପ ପରେ ଏହାର ସମାଧାନ ହୋଇଛି। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଦିଲ୍ଲୀପ ମହାନ୍ତି ସନ୍ଧ୍ୟାରେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ରହିଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଚାଷୀଙ୍କୁ ମିଳୁନି ଖରିଫ ଫସଲ କ୍ଷତିପୂରଣ

**ବେଗୁନିଆ,୧୬।୧୨(ଡି.ଏନ୍.ଏ.)**

**ତହସିଲ ଅଫିସ୍ ଆଗରେ ଅନଶନ**




ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା କେତେଜଣ ହିତାଧିକାରୀଙ୍କୁ ଅଦ୍ୟାବଧି ଇନ୍‌ପୁଟ ସବ୍‌ସିଡ ମିଳିନାହିଁ। ଏଥିସହ ଅକ୍ଟୋବରରେ ହୋଇଥିବା ଲଗାଣ ବର୍ଷାରେ ଖରିଫ ଫସଲ ନଷ୍ଟ ହୋଇଥିଲେ ମଧ ଚାଷୀଙ୍କୁ କ୍ଷତିପୂରଣ ମିଳିନାହିଁ। ଏନେଇ କ୍ଷତିଗ୍ରସ୍ତ ଚାଷୀମାନେ ଜିଲା ଓ ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ ସୁଫଳ ମିଳିଲା ନାହିଁ। ଏନେଇ ବୁଧବାର ମଶାଣିଆ ଗ୍ରାମର ଚାଷୀ ଜୟକୃଷ୍ଣ ସାହୁ ସ୍ଥାନୀୟ ତହସିଲ ସମ୍ମୁଖରେ ଅନଶନ କରିଛନ୍ତି। ଜୟକୃଷ୍ଣଙ୍କ ଚଳିତ ଖରିଫ ଋତୁରେ ଲଗାଣ ବର୍ଷାରେ ଧାନ ଫସଲ ନଷ୍ଟ ହୋଇଥିଲା। ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇ ତାଙ୍କ ନାଁ କ୍ଷତିପୂରଣ ତାଲିକାରେ ରହିଥିଲା। ଏଥିସହ ସେ ଇନ୍‌ପୁଟ ସବସିଡ ବାବଦକୁ ୨୭୨୦ଟଙ୍କା ପାଇବାକୁ ବିବେଚିତ ହୋଇଥିଲେ ମଧ ତାଙ୍କ ପ୍ରାପ୍ୟ ମିଳିନାହିଁ। ଏ ସମ୍ପର୍କରେ ତହସିଲଦାର ପୃଥିରାଜ ମଣ୍ଡଳ କହିଛନ୍ତି, ଏଠାରେ ନୂତନ ଭାବେ ଯୋଗଦେଇଛି। ଜୟକୃଷ୍ଣଙ୍କ ଅଭିଯୋଗ ପାଇବା ପରେ ନିୟମାନୁସାରେ ଟଙ୍କା ତାଙ୍କ ଆକାଉଣ୍ଟକୁ ପଠାଇ ଦିଆଯିବ ବୋଲି ସେ କହିଛନ୍ତି।

# ଜଙ୍କିଆ ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

**ନିରାକାରପୁର,୧୬।୧୨(ଡି.ଏନ୍.ଏ.)**

- ମାମଲା ରୁଜୁକରି ଚୁପ୍ ବସିଛି ପୋଲିସ
- ରାହାଜାନି, ଡକାୟତି, ଚୋରି, ହତ୍ୟା ବଢ଼ୁଛି

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ଏହି ଅଞ୍ଚଳରେ ଦିନକୁ ଦିନ ହତ୍ୟା, ଲୁଟ୍, ଚୋରି ଘଟଣା ବଢ଼ିବାରେ ଲାଗିଛି। ଏହାକୁ ରୋକିବାରେ ଜଙ୍କିଆ ପୋଲିସ ସଫଳ ହୋଇପାରି ନାହିଁ। ଅନେକ ସମୟରେ ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଏଥିସହ ପୋଲିସ ମାମଲା ରୁଜୁ କରି ଚୁପ୍ ବସି ପଡୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଡିସେମ୍ବର ୯ରେ ନିରାକାରପୁର ଥାନା ଅନ୍ତର୍ଗତ ଡ଼ିଆ ଗ୍ରାମର ବିକାଶ ସାହୁଙ୍କୁ ଜଙ୍କିଆ ଥାନା ଅଧୀନ ରମାବିଲି ଗ୍ରାମରେ ହତ୍ୟା କରାଯାଇଥିଲା। ବିବାହ ବରଯାତ୍ରୀରେ ଯାଇ ସେ ନିଖୋଜ ଥିଲେ। ଦୁଇ ଦିନ ପରେ ତାଙ୍କ ମୃତଦେହ ରମାବିଲି ଗ୍ରାମର ଏକ କୂଅରୁ ପୋଲିସ ଜବତ କରିଥିଲା। ଏହି ଘଟଣାରେ ଜଙ୍କିଆ ଥାନାର କର୍ତ୍ତବ୍ୟରେ ଅବହେଳା ନେଇ ଗ୍ରାମବାସୀ ଥାନାଧିକାରୀଙ୍କ ବଦଳି ଦାବି କରିଥିଲେ। ସେହିପରି ଗତ ୧ ତାରିଖରେ ଏହି ଥାନା ଅନ୍ତର୍ଗତ କମାଗୁରୁ ରାସ୍ତାପାର୍ଶ୍ୱରୁ ନୟାଗଡ ଜିଲା ଚମ୍ପାଗଡ଼ ଗ୍ରାମର ବିଶ୍ୱଜିତ ମହାରଣା (୪୨)ଙ୍କୁ କ୍ଷତବିକ୍ଷତ ମୃତଦେହ ଜବତ ହୋଇଥିଲା। ମୃତକଙ୍କ ସାନଭାଇ ବିଦ୍ୟାଧର ମହାରଣା ହତ୍ୟା ଅଭିଯୋଗ ଆଣିଥିଲେ। ଏନେଇ ଥାନାରେ ନଂ.୨୮୪/୨୦ରେ ମାମଲା ରୁଜୁ ରହିଛି। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ। ଡିସେମ୍ବର ୧ ରେ ଭୁବନେଶ୍ୱର ନୟାପଲ୍ଲୀ ପୋଲିସ ଜଙ୍କିଆ ଥାନା ଅଞ୍ଚଳରୁ ୨୩ଟି ଚୋରା ବାଇକ ଜବତ କରି ୨ଜଣଙ୍କୁ ଗିରଫ କରିଥିଲା । ତେବେ ଜଙ୍କିଆ ପୋଲିସ ଏହି ର୍‍ୟାକେଟ ସମ୍ପର୍କରେ କୌଣସି ଟେର ପାଇନଥିଲା। ଏନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନଭେମ୍ବର ୨୨ରେ ଗୟାବନ୍ଧ ଛକ ନିକଟରୁ ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ସୁନା ଅଳଙ୍କାର, ଟଙ୍କା ଓ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ପୋଲିସ ଅଭିଯୋଗ ଗ୍ରହଣ କରିଥିଲା। ନଭେମ୍ବର ୩ରେ ଛଣଗିରି ପଞ୍ଚାୟତ ପାଣି ଟାଙ୍କି ନିକଟରୁ ଉକ୍ତ ଗ୍ରାମର ସୁଲେମାନ(୨୮)ଙ୍କ ମୃତଦେହ ଜବତ ହୋଇଥିଲା। ଏନେଇ ଥାନାରେ ୨୩/୨୦ରେ ମାମଲା ରୁଜୁ ହୋଇଥିଲା । ତେବେ ଏହି ଘଟଣାରେ ମଧ୍ୟରେ ପୋଲିସ କାହାରିକୁ ଧରିପାରି ନାହିଁ। ଅକ୍ଟୋବର ୨୮ରେ ଗୋଡିପଡା ପଞ୍ଚାୟତରେ ମା' ଝିଅଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏନେଇ ଥାନାରେ ପୋଲିସ ନଂ.୨୨୦/୨୦ରେ ମାମଲା ରୁଜୁ କରି ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଅକ୍ଟୋବର ୩୦ରେ ଓଳସିଂହ ଗ୍ରାମର ସୁଶାନ୍ତ ବେହେରା ନିଖୋଜ ନେଇ ତାଙ୍କ ବାପା ଭୀମସେନ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ନିରୁଦ୍ଦିଷ୍ଟ ଥିବା ଦର୍ଶାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ନିଖୋଜ ଘଟଣା ରହସ୍ୟ ଘେରରେ ରହିଛି। ସେପ୍ଟେମ୍ବର ୧୯ରେ ଛଣଗିରିରେ ଜଣଙ୍କୁ ଗୁଳିମାଡ଼ ହୋଇଥିଲା।ଏନେଇ ଥାନାରେ ନଂ.୧୯୩/୨୦ରେ ମାମଲା ରୁଜୁ ହୋଇଥିଲା। ଗ୍ରାମରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା।